
ଇଂଲଣ୍ଡ ବିପକ୍ଷରେ ବୁମରାଙ୍କୁ ୫ ୱିକେଟ୍
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17







Vol. 33 | ISSUE 92 | ଭାଗ ୩୩ | ସଂଖ୍ୟା ୯୨ | Bhubaneswar | Monday 23 June 2025 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୨୩ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ପହଲଗାମ୍ ଆତଙ୍କୀ ହମ୍ଲା

## ସହଯୋଗ ଅଭିଯୋଗରେ ୨ ଗିରଫ



**ନୂଆଦିଲ୍ଲୀ,୨୨।୬(ସଂଚାର ବ୍ୟୁରୋ):** ଧୀରେ ଧୀରେ ଖୋଲୁଛି ପହଲଗାମ ଆତଙ୍କୀ ହମ୍ଲାର ଅଡୁଆ ସୂତା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଆଜି ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି। ଏହି ଦୁଇ ଜଣଙ୍କୁ ଗତ ଏପ୍ରିଲ୍ ୨୨ ତାରିଖରେ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଗୁଳି ବର୍ଷା କରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୩ ଜଣଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଗିରଫ କରାଯାଇଛି। ଏମାନେ ଆତଙ୍କୀମାନଙ୍କୁ ଘର ଓ ଖାଇବା ପିଇବା ଆଦି ଯୋଗାଇଦେବା ସହ ସେମାନଙ୍କ ଯାତାୟାତ ସୁବିଧା ମଧ୍ୟ କରିଥିଲେ ବୋଲି ଏନଆଇଏ ପକ୍ଷରୁ କୁହାଯାଇଛି।

ଗିରଫ ହୋଇଥିବା ଏହି ଦୁଇ ଅଭିଯୁକ୍ତ ହେଲେ ପହଲଗାମ ବାଟକୋଟର ପରଭେଜ ମହମ୍ମଦ ଜୋଥାର ଓ ହିଲପାର୍କର ବସୀର ଅହମ୍ମଦ ଜୋଥାର। ଉଭୟ ଉକ୍ତ ତିନି ଜଣ ଆତଙ୍କବାଦୀଙ୍କ ପରିଚୟ ମଧ୍ୟ ପ୍ରକାଶ କରିଛନ୍ତି। ଉକ୍ତ ୩ ଜଣ ଆତଙ୍କବାଦୀ ପାକିସ୍ତାନର ନାଗରିକ ହୋଇଥିବା ବେଳେ ସେମାନେ ପ୍ରତିବନ୍ଧିତ ସଙ୍ଗଠନ ଲସ୍କର-ଇ ତୋଇବାର ସଦସ୍ୟ ବୋଲି ଗିରଫ ହୋଇଥିବା ଦୁଇ ଅଭିଯୋଗ କରିଛନ୍ତି। ଅଧିକନ୍ତୁ ପରଭେଜ ଓ ବସୀର୍ ଉକ୍ତ ୩ ଆତଙ୍କୀମାନଙ୍କ ହୀନ ଉଦ୍ଦେଶ୍ୟ ନେଇ ପୂର୍ବରୁ ଅବଗତ ଥିବା ସତ୍ତ୍ୱେ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିବା ଏନଆଇଏ ପ୍ରକାଶ କରିଛି। ଏନଆଇଏ ଏହି ଦୁଇ ଜଣଙ୍କୁ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ, ୧୯୬୭ର ଦଫା ୧୯ରେ ଗିରଫ କରିବା ସହ ଅଧିକ ତଥ୍ୟ ହାସଲ ପାଇଁ ତଦନ୍ତ ଜାରି ରଖିଥିବା ମୁଖପାତ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଉଥିବା ବେଳେ ଏହି ଆତଙ୍କୀମାନେ ସେମାନଙ୍କୁ ଧର୍ମ ପଚାରି କେବଳ ପୁରୁଷମାନଙ୍କୁ ଟାର୍ଗେଟ୍ କରିଥିଲେ। ଏଥିରେ ଜଣେ ଓଡ଼ିଆ ସମେତ ମୋଟ ୧୬ ଜଣ ପ୍ରାଣ ହରାଇଥିଲେ। ଏହାର ଜବାବ ଦେବାକୁ ଯାଇ ଭାରତର ତିନି ➪ପୃଷ୍ଠା-୬

ପୁରୀରେ ଟିମ୍ ମୋହନ

# ଫୋକସ୍‌ରେ ଅଘଟଣଶୂନ୍ୟ ରଥଯାତ୍ରା

- ଭକ୍ତଙ୍କ ଆଧ୍ୟାତ୍ମିକ ଅନୁଭବ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ
- ପୁରୀକୁ ଜଗିବ ୨୭୫ ଏଆଇ କ୍ୟାମେରା

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷର ରଥଯାତ୍ରାକୁ ଆଉ ସପ୍ତାହେରୁ ବି କମ୍ ସମୟ ବାକି ଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ପୌରସଂସ୍ଥାର ଟାଉନ ହଲଠାରେ ଏହି ବିଶ୍ୱପ୍ରସିଦ୍ଧ ଯାତ୍ରାର ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା ବେଳେ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣ-ମୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପୁଲିସ୍ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ଏକ ଦିବ୍ୟ ଅନୁଭବ ନେଇ ଘରକୁ ଫେରିବେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଯାତ୍ରା ସହ ଜଡ଼ିତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପିଥିବାରୁ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗ ରଥଯାତ୍ରାଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନଜର ରଖିବା ସହ କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ କିମ୍ବା ପାଣି ବିକ୍ରି ନହେବ, ତା' ସ୍ଥାନୀୟ ପ୍ରଶାସନ ସୁନିଶ୍ଚିତ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଉପଲବ୍ଧ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଓ ସଠିକ୍ ସମୟରେ ସମ୍ପନ୍ନ ହେବ, ସେ ଦିଗରେ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ରଥଯାତ୍ରା ସହ ଜଡ଼ିତ ଥିବାରୁ ଏହାର ସୁପରିଚାଳନା କୌଣସି

### 'ଜୈବିକ' ଅମୃତ ଅନ୍ନରେ ହେବ କୋଠଭୋଗ

ଚଳିତ ବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କୁ କୋଠଭୋଗରେ ଲାଗିହେବ ଅମୃତ ଅନ୍ନ (ଜୈବିକ ଚାଉଳ)। ଏନେଇ ପୂର୍ବରୁ ଆଲୋଚନା ହୋଇଥିବା ବେଳେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠାନିକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବଡୁ ସୁଆର ଓ ସୁଆର ମହାସୁଆର ନିଯୋଗ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ମଧ୍ୟ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହିତ ପରୀକ୍ଷାମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ଏବେ କୋରାପୁଟର ପ୍ରଗତି ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢ଼ାଇଛି।




ସରକାରଙ୍କ ପାଇଁ କେବଳ ଏକ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବେସରକାରୀ ସଂସ୍ଥା ନିଜ ନିଜ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ ଏହାର ସଫଳ ପରିଚାଳନା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ ନିଆଯାଇଥିବା ପଦକ୍ଷେପ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଓ ପୁଲିସ୍ ମହାନିର୍ଦ୍ଦେଶକ (ଡିଆଇଜି) ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥିମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା 'ରୂପରେଖ' ଉନ୍ମୋଚନ କରିଥିଲେ। ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନର ଅଧିକାରୀ, ସେବାୟତ ଓ ମଠାଧୀଶମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ସେଠାରେ ହୋଇଥିବା ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ କରିଥିଲେ।

ସେହିପରି ରଥଯାତ୍ରା ସମୟରେ ➪ପୃଷ୍ଠା-୬

## ଏନକାଉଣ୍ଟରରେ ୭ ନକ୍ସଲ ନିହତ



**ମାଲକାନଗିରି, ୨୨।୬ :** ବିଜାପୁର ଜିଲ୍ଲାରେ ସୁରକ୍ଷାବାହିନୀ ଦ୍ୱାରା ୭ ଆତଙ୍କବାଦୀ ନିହତ । ଜାତୀୟ ଉଦ୍ୟାନରେ ଆତଙ୍କବାଦୀ ଅଭିଯାନରେ ବଡ଼ ସଫଳତା ହାସଲ କରିଛନ୍ତି ସୁରକ୍ଷାକର୍ମୀ । ଉଭୟଙ୍କ ମଧ୍ୟରେ ଏନକାଉଣ୍ଟର ପରେ ନିହତ ଆଙ୍କବାଦୀଙ୍କୁ ଉଦ୍ଧାର କରାଯାଇଛି।

ସୂଚନାନୁଯାୟୀ, ଏହି ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଦୁଇ ମାଓ ନେତା ଏବଂ ବିଜାପୁରର ଜଣେ ବାସିନ୍ଦା ଆତଙ୍କବାଦୀ ସଂଗଠନରେ ସାମିଲ ଥିଲେ । ଚିହ୍ନଟ ପରେ ଜଣାପଡିଛି ଯେ, ସିପିଆଇ କେନ୍ଦ୍ରୀୟ କିମିଟିର ସଦସ୍ୟ ଗୌତମ ଓରଫ୍ ସୁଧାକର ଏବଂ ଅନ୍ୟ ଜଣେ ହେଲେ ରାଜ୍ୟ କିମିଟିର ସଦସ୍ୟ ଭାସ୍କର ରାଓ । ଯାହା ସଂଗଠନ ପାଇଁ ବଡ଼ ଆଘାତ ବୋଲି କୁହାଯାଇଛି । ଏମାନଙ୍କ ବ୍ୟତୀତ ବିଜାପୁରର ଇର୍ପାଗୁଟ୍ଟା ଗାଁର ବାସିନ୍ଦା ମହେଶ କୋଡିୟାନ ମଧ୍ୟ ➪ପୃଷ୍ଠା-୬

## ବରଗଡ଼କୁ ଡେଇଁଲା ଡାଇରିଆ, ଗୋପରେ ୨୦ ଆକ୍ରାନ୍ତ

**ଭୁବନେଶ୍ୱର/ଗୋପ,୨୨।୬(ସଂଚାର ବ୍ୟୁରୋ):** ପାଖାପାଖି ଦୁଇ ସପ୍ତାହ ତଳେ ସର୍ବପ୍ରଥମେ ଯାଜପୁର ଜିଲ୍ଲାରେ ଡାଇରିଆ ସଂକ୍ରମଣ ଆରମ୍ଭ ହୋଇଥିବା ବେଳେ ପରେ ଏହା ଆହୁରି ୫ଟି ଜିଲ୍ଲାକୁ ବ୍ୟାପିଥିଲା। ତେବେ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ପରେ ପ୍ରଭାବିତ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବା ନେଇ ସୂଚନା ଦିଆଯାଇଥିଲା। କିନ୍ତୁ ଏବେ ଏହି ସଂକ୍ରମଣ ଉତ୍ତର ଓଡ଼ିଶାରୁ ପଶ୍ଚିମ ଓଡ଼ିଶାକୁ ଡେଇଁଛି। କାରଣ ଆଜି ବରଗଡ଼ ଜିଲ୍ଲାରେ ୨୦ରୁ ଉର୍ଦ୍ଧ୍ୱ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଜିଲ୍ଲାର ଅମ୍ବାଭୋନା ଭାଲୁତାଲା ଗାଁରେ



୨୨ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭ ଜଣ ଘରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ବରଗଡ଼ ମୁଖ୍ୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୨ ଜଣ ଭୁକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଜିଲ୍ଲାରେ ସଂକ୍ରମଣର କାରଣ ଜଣାପଡ଼ିନାହିଁ। ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି ଛାନଭିନ୍ ଚଳାଇଥିବା ଜଣାପଡ଼ିଛି। ଏଥିସହ ଗାଁରେ ଥିବା ନଳକୂପ ପାଣି ସହ ସଂକ୍ରମିତଙ୍କ ମଳକୁ ଆଇପିଏଚ୍‌ଏଲ୍ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଏହି ସଂକ୍ରମଣର କାରଣ ଜଣାପଡ଼ିବ ବୋଲି ବରଗଡ ସିଡିଏମ୍‌ଓ କହିଛନ୍ତି। କିଛି ଦିନ ତଳେ ପଦ୍ମପୁର ଅଞ୍ଚଳରେ ୫୦ରୁ ଅଧିକ ଲୋକେ ଭୋଜି ଖାଇ ଛାଡ଼ବାନ୍ତିରେ ପଡ଼ିଥିଲେ। କିନ୍ତୁ ସେମାନେ ଇତିମଧ୍ୟରେ ସୁସ୍ଥ ହୋଇସାରିଥିବା ସିଡିଏମ୍‌ଓ କହିଛନ୍ତି।

ପୂର୍ବରୁ ଯାଜପୁର ବ୍ୟତୀତ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଢେଙ୍କାନାଳ ଓ ପୁରୀ ଆଦି ଜିଲ୍ଲାରେ ➪ପୃଷ୍ଠା-୬

## ଗୁରୁ ନମ୍ବରୀ, ଚେଲା ଦଶ ନମ୍ବରୀ

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ଯାଜପୁର ବିଜେଡିରେ ଗୁରୁଙ୍କ ପଦାଙ୍କ ଅନୁସରଣ କରୁଛନ୍ତି ଚେଲା। ଗୁରୁଙ୍କ ନାଁରେ ଯେମିତି ମାଳମାଳ ଅଭିଯୋଗ, ଚେଲାମାନେ ବି ତହୁଁବଳି। ଭାତହାଣ୍ଡିରୁ ଗୋଟିଏ ଭଳି ଯାଜପୁର ଜିଲ୍ଲା ବଡଚଣା ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ମିଳିଥିବା ସୂଚନାନୁଯାୟୀ, ଏହି କରିତକର୍ମା ବ୍ୟକ୍ତିଙ୍କ ବିରୋଧରେ ୨୦୧୮ରେ ଆସିଥିଲା ଦୁଷ୍କର୍ମ ଉଦ୍ୟମ ଭଳି ସଙ୍ଗିନ ଅଭିଯୋଗ। ନାରୀ ସଶକ୍ତିକରଣ ଓ ମହିଳାଙ୍କ ସମାନତା କଥା କହୁଥିବା ଦଳରେ ଏଭଳି ଜଣେ ଦୁରାଚାରୀଙ୍କୁ କରାଯାଇଛି ବ୍ଲକ ସଭାପତି।

- ଦୁଷ୍କର୍ମ ଅଭିଯୁକ୍ତ ଏବେ ବ୍ଲକ ସଭାପତି
- ଯୌନପିପାସୁ ସରପଞ୍ଚ ଆଗଧାଡ଼ିର ନେତା

ଗତ ୨୦୧୮ ଏପ୍ରିଲ ୬ ତାରିଖରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍‌ର ମଝିପଡ଼ା ସରପଞ୍ଚ ଥିବା ସମୟରେ ତାପସଙ୍କ ବିରୋଧରେ ଆସିଥିଲା ଦୁଷ୍କର୍ମ ଉଦ୍ୟମ ଅଭିଯୋଗ। ବନମାଳିପୁର ଗାଁର ଜଣେ ବିବାହିତା ମହିଳାଙ୍କୁ ଘରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲେ ସରପଞ୍ଚ ମହୋଦୟ। ମହିଳାଙ୍କୁ ତାପସ ସବୁବେଳେ ଅଶ୍ଳୀଳ



ଇଙ୍ଗୀତ କରୁଥିଲେ। ଏନେଇ ଉକ୍ତ ମହିଳା ଜଣଙ୍କ ତାଙ୍କ ➪ପୃଷ୍ଠା-୬

## ପଦାରେ ପଡ଼ିଲା ବିଜେଡିର ମିଛ ପ୍ରଚାର

- ଏବେ ବି ୪୨% ଲୋକଙ୍କୁ ମିଳୁନି ପାଇପ ପାଣି
- ଦିନକୁ ମିଳୁଛି ୪ଘଣ୍ଟାର ପିଇବା ପାଣି

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ ୨୦୨୪ ପର୍ଯ୍ୟନ୍ତ ବିଜେଡି ସରକାର ଶାସନରେ ଥିଲା। ବିଜେଡି ସରକାରରେ ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରାଯାଇଥିବା ଦାବି କରାଯାଉଥିଲା। ହେଲେ ସରକାର ବଦଳିବା ପରେ ଧରାପଡୁଛି ରାଜ୍ୟ ବିକାଶର ଅସଲ ଚିତ୍ର। କେବଳ ଭ୍ରମାତ୍ମକ ତଥ୍ୟ ଜରିଆରେ ଲୋକଙ୍କୁ ଭ୍ରମିତ କରୁଥିବା ସରକାରର ପ୍ରକୃତ ଦକ୍ଷତା ଏବେ ଧରାପଡୁଛି। ବିଜେଡି ସରକାରରେ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାକୁ ନେଇ ଏତେ ହାଇପ କରାଯାଇଥିଲା। ହେଲେ ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ଦିନକୁ ୪ଘଣ୍ଟାର ଜଳ ଯୋଗାଣ କରାଯାଉଛି। ସେହିଭଳି ରାଜ୍ୟର ମାତ୍ର ୫୮ ପ୍ରତିଶତ ଘରକୁ ଯାଇଛି ପାଇପ ପାଣି। ୭୯ ପ୍ରତିଶତ ପରିବାର ପାଖରେ ପକ୍କା ଘର ଥିବା ବେଳେ ୯୭ ➪ପୃଷ୍ଠା-୬

## ସରିଲା ଅପରେସନ, ସୁସ୍ଥ ଅଛନ୍ତି ନବୀନ

### ୨ ଘଣ୍ଟାର ଅପରେସନ ପରେ କଥା ହେଉଛନ୍ତି ନବୀନ



**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ଆଜି ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର ହୋଇଛି। ନବୀନଙ୍କ ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିବା ସୂଚନା ଦେଇଛନ୍ତି ତାଙ୍କର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା। ସେ କହିଛନ୍ତି, ନବୀନଙ୍କ ସର୍ଭାଇକାଲ ଆର୍ଥାଇଟିସ୍‌ର ଅସ୍ତ୍ରୋପଚାର ହୋଇଛି। ତାଙ୍କୁ ଦୁଇ ଦିନ ପାଇଁ ଅବଜରଭେସନରେ ରଖାଯିବ ଓ ତା'ପରେ ସେ ରୁମକୁ ଆସିବେ ବୋଲି ଡାକ୍ତର ପଣ୍ଡା କହିଛନ୍ତି।

କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେଶାଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ତାଙ୍କ ଅପରେସନ କରିଛନ୍ତି। ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ବି ଅପରେସନ ଥିଏଟରରେ ଉପସ୍ଥିତ ଥିଲେ। ଅପରେସନ ପରେ ନବୀନ ଭଲ ଭାବେ କଥା ହୋଇପାରୁଛନ୍ତି। ଅପରେସନ ପରେ ସେ ପଚାରିଲେ, ସବୁ ଠିକ ଥିଲା ତ, ସବୁ ଠିକ ହୋଇଥିବା ଆମେ କହିଥିଲୁ ବୋଲି ଡାକ୍ତର ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ ବୟସ ବଢ଼ିଲେ ସର୍ଭାଇକାଲ ଆର୍ଥାଇଟିସ ହୁଏ। ଏଥିପାଇଁ ତାଙ୍କୁ ଯଥେଷ୍ଟ ଯନ୍ତ୍ରଣା ହେଉଥିଲା। ଅପରେସନରେ ସ୍କ୍ରୁ ଦେଇ ଫିକ୍ସ କରାଗଲା ପରେ ଆଉ କଷ୍ଟ ହେବନି। ୫ରୁ ୭ ଦିନ ପରେ ଷ୍ଟିଚ ଖୋଲାଯିବ।

ଅପରେଶନ ନେଇ ପୂର୍ବରୁ ନବୀନ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ ➪ପୃଷ୍ଠା-୬



### କାନ ଡେରିଥା

ବିକାଶକୁ ଯଦି ପରଖିବା ଏଠି
ଗାଁ କୁ ସଭିଏଁ ଚାଲ
ଗରୀବ ଲୋକଟା ଭତ୍ତା ପାଉନାହିଁ
ଭଲ କହିବା ନା ଭେଲ
ରାସ୍ତା ସାରା ପୁରା ଖାଲ...
ଲୋକଟିଏ ଏଠି ବୁଡି ମଲା ପରେ
ପରିବାର ହୁଲସ୍ଥୁଲ
ନେତାଙ୍କ ଆଖିଟା ଖୋଲ ।

■ ଦେବାଶିଷ

## ପୁଲିସ୍ ପାଇଁ ସରକାରଙ୍କ ମୁଣ୍ଡରେ ବଦନାମ ବୋଝ

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ପୁଲିସ୍ ପ୍ରଶାସନର ଉଦାସୀନା ଓ ଅବହେଳା ପାଇଁ ରାଜ୍ୟ ସରକାର ଏବେ ବଦନାମ ମୁଣ୍ଡାଇବାରେ ଲାଗିଛନ୍ତି। ମହିଳାଙ୍କ ସୁରକ୍ଷା ନେଇ ଆମେରିକା ସରକାର ଦେଶର ନାଗରିକମାନଙ୍କୁ ଭାରତର ଯେଉଁ କେତୋଟି ରାଜ୍ୟକୁ ଯିବା ପାଇଁ ସତର୍କତା ଜାରି କରିଛନ୍ତି, ତା' ଭିତରେ ଓଡ଼ିଶା ଅନ୍ୟତମ। ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶାର ଏଭଳି ବଦନାମ ପାଇଁ ଏବେ ଅନେକ ପୁଲିସ୍ ପ୍ରଶାସନ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି।



- କାଠଗଡ଼ାରେ ଛିଡ଼ା କଲାଣି ଆମେରିକା
- ବିରୋଧୀଙ୍କୁ ମିଳିଗଲା ସମାଲୋଚନା ଅସ୍ତ୍ର

ରାଜ୍ୟରେ ନୂଆ ସରକାର କ୍ଷମତା ହାସଲ କରିବା ପରେ ଅପରାଧୀଙ୍କ ପ୍ରତି କଠୋର ମନୋଭାବ ପୋଷଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ଭାବେ ନିର୍ଦ୍ଦେଶ ଦେଇଆସିଛନ୍ତି। କିନ୍ତୁ ପୁଲିସ୍ ଏପରି ନିର୍ଦ୍ଦେଶନାମାକୁ ହେୟଜ୍ଞାନ କରୁଥିବା ଲକ୍ଷ୍ୟ କରାଯାଉଛି। ନିକଟରେ ଗୋପାଳପୁର ବେଳାଭୂମିରେ ଜନୈକା ଯୁବତୀ ଗଣଦୁଷ୍କର୍ମର ଶିକାର ହେବା ପରେ ପୁଲିସ୍‌ର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ପର୍ବପର୍ବାଣି ସମୟରେ ପର୍ଯ୍ୟଟକମାନେ ରୁଣ୍ଡ ହେଉଥିବା ବେଳାଭୂମିକୁ ପୁଲିସ୍ କିଭଳି ମୁକୁଳା ଛାଡ଼ିଦେଲା, ତାହାକୁ ନେଇ ପୂର୍ବତନ ପୁଲିସ୍ ଅଧିକାରୀମାନେ ବି ଆଶ୍ଚର୍ଯ୍ୟ ହେଉଛନ୍ତି।

ସେହିଭଳି ଏହା ସାଙ୍ଗକୁ କେନ୍ଦୁଝର ଓ ମୟୂରଭଞ୍ଜରେ ମହିଳାଙ୍କ ପ୍ରତି ପାଶବିକ ହତ୍ୟାଚାର ଓ ହତ୍ୟା ଘଟଣା ମଧ୍ୟ ଚର୍ଚ୍ଚାରେ ରହିଛି। ଏହିସବୁ ଘଟଣା ଘଟିବା ପରେ ଯଦିଓ ପୁଲିସ୍ ତତ୍କାଳ ପଦକ୍ଷେପ ନେଇ ଦୋଷୀମାନଙ୍କୁ ଧରିବାରେ ସଫଳ ହେଉଛି, ତଥାପି ଏଭଳି କାଣ୍ଡ ପାଇଁ ଅନେକ ପୁଲିସ୍‌କୁ ହିଁ ଦାୟୀ କରିବାକୁ ପଛାଉନାହାନ୍ତି।

କିଛିଦିନ ତଳେ ରାଜଧାନୀର ଛାତି ଉପରେ ଥିବା ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ଥାନାରେ ଯେଭଳି ବ୍ୟବହାର ପ୍ରଦର୍ଶନ କରାଗଲା, ତାହାକୁ ସାରା ଦେଶ ଦେଖିଛି। ଏହି ଘଟଣା ପାଇଁ ବି ରାଜ୍ୟ ପୁଲିସ୍ ସମେତ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡିଥିଲା।

ରାଜ୍ୟ ଭିତରେ ଘଟିଥିବା ଏଭଳି କିଛି ଘଟଣା ପାଇଁ ବିରୋଧୀଦଳ ନିଜର ଅପକର୍ମକୁ ଭୁଲି ସରକାରଙ୍କୁ ସମାଲୋଚନା କରିବାରେ ଲାଗିଥିବା ବେଳେ ଏବେ ଆମେରିକା ସରକାରଙ୍କ ନିଜ ନାଗରିକଙ୍କ ପାଇଁ ଜାରି ମାର୍ଗଦର୍ଶିକା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀଦଳ ସରକାରଙ୍କୁ ଘେରିବା ଆରମ୍ଭ କରିଥିବା ବେଳେ ରାଜ୍ୟ ଆଇନ୍ ମନ୍ତ୍ରୀ କିନ୍ତୁ ଏହାର କଡା ଜବାବ ଦେଇଛନ୍ତି। ଆମେରିକାରେ ହେଉଥିବା ନାରୀ ନିର୍ଯାତନା ଓ ଆଇନ୍‌ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ଜଟିଳ ରହିଥିବା ବେଳେ ➪ପୃଷ୍ଠା-୬

## ସମୁଦ୍ରରେ ବୁଡ଼ିଗଲା ଟ୍ରଲର, ବର୍ତ୍ତିଲେ ୨୯ ମତ୍ସ୍ୟଜୀବୀ



**ବାଲେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ସମ୍ପ୍ରତି ବଙ୍ଗୋପସାଗର ଉତ୍ତାଳ ଥିବାରୁ ଇଲିସି ଧରିବାକୁ ଯାଇଥିବା ଦୀଘା ସମୁଦ୍ରଠାରୁ ୧୦୦ ମାଇଲ ଦୂରବର୍ତ୍ତୀ ଜମ୍ବୁ ଦ୍ୱୀପ ନିକଟରେ ୨ଟି ବଙ୍ଗୀୟ ମାଛଧରା ଟ୍ରଲର ଗତକାଲି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମୁଦ୍ର ଗର୍ଭରେ ଟ୍ରଲର ୨ଟି ବୁଡିଯାଉଥିଲେ ହେଁ ଏନେଇ ସୂଚନା ପାଇ ଅନ୍ୟ ଏକ ଟ୍ରଲର୍ ମଝି ସମୁଦ୍ରରୁ ୨୯ ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିବା ଫଳରେ ସେମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସମସ୍ତ ବଙ୍ଗୀୟ ମତ୍ସ୍ୟଜୀବୀ ସୁସ୍ଥ ଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଜମ୍ବୁ ଦୀପ ନିକଟରେ ଏଫ୍‌ବି ସାକିଲା ଓ ଏଫ୍‌ବି ମା' ଦୁର୍ଗା ନାମକ ଦୁଇଟି ➪ପୃଷ୍ଠା-୬



## ଏମିତି ମରଣଟେ ମୋତେ ଦିଅ ମହାବାହୁ

ଲକ୍ଷ୍ମୀକାନ୍ତ ଦାସ (ନବିନ)

ଏମିତି ମରଣଟେ ମୋତେ
ଦିଅ ମହାବାହୁ
ନୂଆ ପୁଣି ସ୍ୱପ୍ନଟିଏ ଦେଖିବା ଆଗରୁ
ପୁରୁଣା ସ୍ୱପ୍ନ ର ସଂଘର୍ଷ ସାଥେ
ଏ ଜୀବ ଚାଲି ଯାଉ
ଏମିତି ମରଣ ମୋତେ
ଦିଅ ମହାବାହୁ...
ମୋ ମରଣ ର କଥା ଶୁଣି
କିଏ ବରଂ ଖୁସି ହେଉ
ମୋ ଯିବା କଥା ଶୁଣି
କେହି ଜମା ଦୁଃଖି ନ ହେଉ
ମୁଁ ଗଲା ପରେ ମୋ ପଛରେ
କେହି କହୁ କିଛି ଦୁଃଖ ନାହିଁ
ହେଲେ ମୋ କୋକେଇକୁ
ମଶାଣୀ କୁ ନେବା ପାଇଁ
ଦଶ କାନ୍ଧ ଊଣା ନ ହେଉ
ମୋତେ ଏମିତି ମରଣ ଟେ
ଦିଅ ମହାବାହୁ...

ମୁଁ ଗଲା ପରେ
କେହି ଯଦି ଖୁସି ହୁଏ
ତା ଖୁସିର ପୁଣ୍ୟ ଫଳ ମୋତେ ଦିଅ
ମୋ କର୍ମ ର ପାପ ଫଳେ
ସେ ସୌଭାଗ୍ୟବତୀ ହେଉ
ତା କର୍ମ ର ପାପ ଫଳେ
ମୋ ଜୀବନଟା ଜିଇଁ ଯାଉ
କେହି ଯଦି ଶୁଣେ କେବେ
ମୋ ଯିବାର ପୁରୁଣା କଥା
ସେ କଥା ସବୁ ତାର ମନେ ନ ପଡୁ
ମନେ ପଡ଼ି କେହି ଜଣେ ଦୁଃଖି ହେଲେ
ତା ଦୁଃଖ ପାଇଁ ମୋର ମରଣ ହେଉ
ମୋତେ ଏମିତି ମରଣ ଟେ
ଦିଅ ମହାବାହୁ...

ମୋ କର୍ମ କା ମନରେ
ଦୁଃଖ ନ ଦେଉ
କା କର୍ମକୁ ନେଇ ମୋ ମନରେ
ହୀନ ଭାବ କେବେ ନ ଆସୁ
କା କର୍ମ ର ସୁଫଳେ
ଜୀବନ ମୋ ଫଳବତୀ ହେଉ
କା କର୍ମ ର ବିଫଳତା
ମୋ ଜୀବନ କୁ ମୁକ୍ତି ଦେଉ
ମୋ କର୍ମ ର ସଫଳତା କାହା ପାଇଁ
ଫୁଲ ଫୁଟା ଗଛ ଟିଏ ହେଉ
ମୋତେ ଏମିତି ମରଣ ଟେ
ଦିଅ ମହାବାହୁ....
ମୋତେ ଏମିତିକା ମରଣଟେ
ଦିଅ ମହାବାହୁ
ଜୀବନ ର ବାଟ ଚାଲୁ ଚାଲୁ
ନିଃଶ୍ୱାସ ମୋ ଚାଲି ଯାଉ
ମୋ ନିଃଶ୍ୱାସ ପଡ଼ି କାର
ଜୀବନ ନ ଯାଉ
ଆଉ କାହା ଜୀବନର
ବିଶ୍ୱାସ ହେବା ପାଇଁ
ଏ ଜୀବ ଛାଡ଼ି ଯାଉ
ମୋ ମରଣଟା କା ଜୀବନର
ସାଧନା ର ପଥ ଟିଏ ହେଉ
ମୋତେ ଏମିତି ମରଣ ଟେ
ଦିଅ ମହାବାହୁ...

**ନାହାଳ ପୁର, ବେଣୀରାମ ପୁର, କଟକ, ମୋବାଇଲ୍: ୯୪୩୯୬୧୪୬୭୭**



ପୁଷ୍ପଲତା ମିଶ୍ର



# ଏ ମୋତେ ଭୁଲି ଯିବନି ତ

ଉଦୁଉଦିଆ ଦ୍ୱିପ୍ରହର ଖରା ଛାଇ ଛାଇକା ଖେଳୁଛି କେତେବେଳେ ଖରା ତ କେତେବେଳେ ଛାଇ। ବର୍ଷା ଦିନିଆ ଖରା ଟାଇଁ ଟାଇଁ ମାରୁଛି, ଖରା ଯେତେ ବଢୁଛି ମନର କୋହ ସେତେ ଉବୁଟୁବୁ ହେଉଛି ସୁର ଆଉ ମାନସୀଙ୍କ ମନରେ । କିଏ କଣ କହିବ କିଛି ଭାବି ପାରୁ ନାହାନ୍ତି ଦୁହେଁ। ହଠାତ୍ ଖରା ମଉଳି ଥଣ୍ଡା ପବନ ଦଲକାଏ ଆସିଗଲା । ବାଦଲ ଖଣ୍ଡେ ଭାସି ଆସିଲା ,ନୀରବ ରେ ଆଉ ବସି ପାରିଲା ନାହିଁ ସୁର କହିଲା ମାନୁ ତୁ କଣ ଆଜି କିଛି କହିବୁନି ? ମୋର କଣ ଭୁଲ ରହିଲା ମୁଁ ଜାଣି ପାରୁନି ତୁ ସେମିତି ମନ ଦୁଃଖ କରି ବସିଲେ ମୁଁ ଜମା ସହି ପାରୁନି ଲୋ ମାନୁ ।ସେ ଦିନ ମୋ ବାପା କଣ ଟିକେ ତୋତେ କହିଦେଲେ ବୋଲି ସେଇ କଥା କୁ ଧରି ମନ କଷ୍ଟ କରି ମୋ ସହିତ କଥା ହେଉନୁ ତୁ ପରା ମୋ ଜୀବନ। ନାଇଁ ସୁର ଭାଇ ସେ ତ ଆମ ଗୁରୁଜନ ଯାହା କହିଲେ ଆମ ଭଲ ପାଇଁ ହିଁ କହିଛନ୍ତି ମୁଁ ସେ କଥା ଭାବୁନି ସୁର ଭାଇ !ଆଉ ତୁ କଣ ଭାବୁଛୁ, ମତେ କହ ତୁ ନୀରବ ହୋଇଗଲେ ନା ମୁଁ ଜମା ସହି ପାରୁନି ଲୋ ମାନୁ !ଏମିତି ପରିସ୍ଥିତି ତ ଆସିବ ହେଲେ .......। ହେଲେ ଆଉ କଣ ? ମତେ ଭାରି ଡର ଲାଗୁଛି ସୁର ଭାଇ ଏ ତୁମେ ମତେ ଭୁଲି ଯିବନି ତ! ତୁମେ ଧନୀ ଘର ର ପୁଅ ଆଉ ମୁଁ ଗୋଟିଏ ଗରିବ ଚାଷୀ ଘର ର ଝିଅ । ମୋ ବାପା ଜଣେ ଚାଷୀ ବିଲ ରେ ନ ଖଟିଲେ ଆମ ଘରେ ଚୁଲି ଜଳିବନି। ମୋ ବାପା ଏ କଷ୍ଟ ବି ସହି ପାରିବନି ବାପା ମୋର ଆତ୍ମହତ୍ୟା କରିଦବ।ମୋ ବାପା ମୁଣ୍ଡ ଝାଳ ତୁଣ୍ଡରେ ମାରି ଯାହା ରୋଜଗାର କରନ୍ତି ସେଥିରେ ମୋର ପଠା ପଢ଼ା, ଖର୍ଚ୍ଚ ରେ ଲଗେଇ ଦିଅନ୍ତି ।ବାପା ଙ୍କ ର ଆଶା ମୁଁ ଭଲ

ପାଠ ପଢ଼ିଲେ ଭଲ ଚାକିରୀ କଲେ ସାନ ଭାଇ କଥା ବୁଝିବାକୁ ପଡ଼ିବ କିନ୍ତୁ ତୁମ ସହ ଭଲ ପାଇବା ଏ ପରିସ୍ଥିତି ରେ ମୁଁ କାହାକୁ ଛାଡ଼ିବି କାହାକୁ ଧରିବି କିଛି ବି ମୁଁ ବୁଝି ପାରୁନି ସୁର ଭାଇ । ଏ ଆକାଶ ର ବାଦଲ ଯେମିତି ଲୁଚକାଳି ଖେଳୁଛି ମୋ ମନ ବି ସେମିତି ଲୁଚକାଳି ଖେଳୁଛି । ମୁଁ ବାପା ଙ୍କୁ ବୁଝେଇ ଦେବି ମାନୁ ହେଲେ ମୁଁ କଣ କହିବାକୁ ଆସିଥିଲି ତୋର ନିରବତା ମୋ ମନ ଟା କୁ ଚହଲେଇ ଦେଲା ଏଥର କଣ କହିବାର ଥିଲା କୁହ ସୁର ଭାଇ, ମୁଁ ଭୁବନେଶ୍ୱର ଯିବି ବାଣୀ ବିହାର ରେ ପି.ଜି କରିବା କୁ ତୁମେ ଯାଅ ସୁର ଭାଇ ମଝିରେ ମଝିରେ ଗାଁ କୁ ଆସିଲେ ଦେଖା ନିହାତି କରିବ ସମୟ ପାଇଲେ ନିଶ୍ଚିନ୍ତ ଫୋନ କରିବ ମତେ ଭୁଲି ଯିବନି ସୁର ଭାଇ । ତୁ ମତେ କଥା ଦେ ମାନୁ ମୁଁ ପିଜି ସାରି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥିବୁ ମାନୁ ମତେ ଭୁଲି ଯିବୁନି ମାନୁ । ନାଇଁ ସୁର ଭାଇ ପୃଥିବୀ ଏପଟ ସେପଟ ହେଇ ଗଲେ ବି ମୁଁ ତ ତୁମକୁ ଭୁଲି ପାରିବିନି କିନ୍ତୁ ତୁମେ ଭୁବନେଶ୍ୱର ଯାଇ ମତେ ଭୁଲି ଯିବନି ତ ! ଆଗକୁ କୁମାର ପୂର୍ଣ୍ଣିମା ଆସୁଛି ସେତେବେଳ କୁ ଯେମିତି ହେଲେ ଆସିବ । ତୁମେ ନ ଥିଲେ କୁମାର ପୂର୍ଣ୍ଣିମା ପୂଜା ,ପୂଜା ଭଳି ଲାଗିବନି । ମୋ ମାନସୀ ରାଣୀ ର କୁମାର ପୂର୍ଣ୍ଣିମା ମୁଁ କେମିତି ଆସିବିନି ତୁ ଭାବୁଛୁ? ହଁ ସୁର ଭାଇ ବର୍ଷା ଉଠେଇ ଆସିଲାଣି ଏବେ ଯିବା । ସମୟ ପାଇଲେ ଫୋନ କରିବା।

ଶରତ ର ସ୍ପର୍ଶ ରେ ଖିଲି ଖିଲି ହସୁଛି କାଶତଣ୍ଡି ! ମାଆଙ୍କ ଆଗମନ ହେଲେ ନା ମାଆ ଙ୍କ ଆସିବାର ସମୟ ଆସିଲେ ଧରଣୀ ରାଣୀ ହସି ଉଠେ କାଶତଣ୍ଡି ର ଗ୍ଲାମର ରେ।ସେ ଯାହା ବି ହେଉ କାଶତଣ୍ଡି ସୁଚେଇ ଦିଏ ମା' ଙ୍କ ଆଗମନ। ନିର୍ମଳ ଆକାଶରେ ଠାଏ ଠାଏ ଭସା ବାଦଲ ର ପଟୁଆର। ସ୍ୱଚ୍ଛ ସରୋବର ରେ କଇଁ ଫୁଲର ସମ୍ଭାର, କଇଁ ଫୁଲର ଅପରୁପ ଶୋଭା ଦେଖି ପ୍ରକୃତି ରାଣୀ ଆନନ୍ଦ ରେ ନାଚୁଛି । ସତେ ଯେପରି ପ୍ରକୃତି ସଜ୍ଜିତ କରିଛି ଏ ସାରା ସୃଷ୍ଟି କୁ ଚାନ୍ଦ ଉଇଁଲେ କଇଁ ଯେମିତି ଖିଲି ଖିଲି ହସି ଉଠେ ସେପରି ମନକୁ ମନ ହସୁଛି ମାନସୀ । ଆସୁଛି ଦଶହରା ମା ଙ୍କ ଆଗମନ ରେ ହସୁଛି ସାରା ପୃଥିବୀ ଘଣ୍ଟ,ମୃଦଙ୍ଗ ସହିତ ମାଆ ଙ୍କ ଆବାହନୀ ମନ୍ତ୍ର ରେ ତରଙ୍ଗାୟିତ ହେଉଛି ସାରା ଗାଁ ଠାରୁ ସହର ପର୍ଯ୍ୟନ୍ତ। ଦଶହରା ର ବାଜା , ବାଣ ରେ ଦୁଲୁକୁଛି ସାରା ପୃଥିବୀ କିନ୍ତୁ ମନ ଖୁସି ନ ଥାଏ ମାନସୀ ର । ଛୁଟି ରେ ଆସିଲେନି ସୁର ଭାଇ ବୋଧେ ଏଥର ଭୁବନେଶ୍ୱର ରେ ପୂଜା ଦେଖିବାକୁ ରହିଗଲେ କହିତ ଯାଇଛନ୍ତି କୁମାର ପୂର୍ଣ୍ଣିମାକୁ ଆସି ନିଶ୍ଚୟ ପହଁଚିବେ।

ବଡ଼ି ସକାଳୁ ଉଠି ଗାଧୁଆ ସାରି ଖଇ ଅଞ୍ଜୁଳା ଟେକି ସନ୍ଧ୍ୟାକୁ ଅପେକ୍ଷା କରନ୍ତି ଚାନ୍ଦ ପୂଜା ପାଇଁ କୁଆଁରୀ ଝିଅ ମାନେ। ଝିଅ ମାନଙ୍କ ପାଇଁ ଏଇ ଦିନଟି ଅତି ମନଲୋଭା ପ୍ରେମୟର ପୂଲକର ପ୍ରତିକ୍ଷା । ଚାନ୍ଦ ପରି ବର ମନାସି କୁମାର ପୂର୍ଣ୍ଣିମା ରେ ଚାନ୍ଦ ପୂଜା କରନ୍ତି କୁଆଁରୀ ଝିଅ ମାନେ ସେଥିରୁ ବାଦ ବା କେମିତି ଯିବ ମାନସୀ। ମନେମନେ ସୁର ଭାଇ କଥା ଭାବି ଭାବି ଛାଇ ନିଦ ଲାଗି ଯାଇଛି। ପରିବର୍ତ୍ତିତ ପରିବେଶ ର ବାର୍ତ୍ତା ମନ ଭିତରେ ଉଙ୍କି ମାରୁଛି, ନିଶ୍ଚୟ ଆସିବେ ସୁର ଭାଇ। କବାଟ ରେ ଠକ୍ ଠକ୍ କରୁଛି ଯୌବନର

ଉତାଳ ତରଙ୍ଗ ଚପଳ ମତି ହୃଦୟର ଅପେକ୍ଷା ସତରେ କଣ ସୁର ଭାଇ ମୋର ହେବେ " କାହିଁ କାଣି କାହିଁ ଚନ୍ଦର କାଣି" ସୁର ଭାଇ କାହିଁ କେତେ ଦୂରେ, ସେ ଧନୀ ଘରର ପୁଅ ମୋ ଭଳି ଗୋଟେ ଦରିଦ୍ର ଘର ର ଝିଅ ସହିତ ସମ୍ବନ୍ଧ ରଖି ପାରିବେ ତ ?ତଥାପି ଆଶା ଅସୁମାରୀ ରେ ବନ୍ଧା ଏ ଜୀବନ । କୁମାର ପୂର୍ଣ୍ଣିମା ଦିନ ସକାଳୁ ଉଠି ଗାଧୁଆ ତୁଠ କୁ ଯାଉ ଯାଉ ଦେଖିଲା ପୋଖରୀ ରେ ହସୁଛି କଇଁ ଫୁଲ! ସୁର ଭାଇ ଥିଲେ କଇଁ ଫୁଲ ତୋଳି ଦେଇ ଥାଆନ୍ତେ କିନ୍ତୁ.. ମନ ଦୁଃଖ ମନରେ ମାରି ଘରକୁ ଆସିଲା ମାନସୀ।

ସନ୍ଧ୍ୟା ଆଗତ ଗାଁ ର ସବୁ କୁଆଁରୀ ଝିଅ ମାନେ ଆସି ମାନସୀ କୁ ଟାଣି ଟାଣି ନେଇଗଲେ ପୂଜା କୋଠି ପଖକୁ ପୂଜା ଆଳତୀ ଧରି ଚାନ୍ଦ କୁ ଆଳତୀ କରୁ କରୁ ଗାଁ ମୁଣ୍ଡ ରୁ ପାଟି ଗୋଳ ଶୁଣି ମାନସୀ ହାତରୁ ଖସି ପଡିଲା ପୂଜା ଥାଳି ସେଇଠି ବସି ପଡ଼ିଲା ମାନସୀ ! କିଛି ସମୟ ପାଇଁ ଚେତା ନ ଥିଲା ମାନସୀ ର ,ମଟର ସାଇକେଲ ର ଶବ୍ଦ ରେ ପ୍ରକୃସ୍ଥିତ ହେଇଗଲା ମାନସୀ ଆଖି ଖୋଲି ଦେଖେ ତ ! ତା ଆଗରେ ସୁର ଭାଇ ଠିଆ ହେଇ ହସୁଛନ୍ତି । ସ୍ୱପ୍ନ କି ସତ୍ୟ ବୁଝି ପାରିଲାନି ମାନସୀ । ହାତ ଧରି ଉଠେଇ ଆଣିଲା ସୁର (ସୁରଞ୍ଜନ ମହାପାତ୍ର) ବିକଳ ହେଇ ମାନସୀ କହିଲା ଗାଡ଼ି ଧକ୍କା .......। ନା ମାନୁ ମୁଁ ସେ ଗାଡ଼ି ରେ ଆସିନି । ମୁଁ ବସ ପାଖକୁ ଆସିଲା ବେଳକୁ ଗାଡ଼ି ରେ ସିଟ୍ ନଥିଲା। ତେଣୁ ହଷ୍ଟେଲ କୁ ଫେରି ଗୋଟେ ସାଙ୍ଗ ର ମଟର ସାଇକେଲ ଆଣି ଆସିଲି ଏବେ ତୁ ଖୁସି ତ! ଏ ସୁର ଭାଇ ତୁମେ ମତେ ଭୁଲି ଯିବନି ତ!! ନାଁ ଲୋ ହୁଣ୍ଡି ତୋରି ପୁଣ୍ୟ ଫଳ ରେ ଏ ବସ ରେ ଆସି ନାହିଁ।ଆସି ଦେଖେ ତ ଗାଡ଼ି ଧକ୍କା ହେଇଯାଇଛି । ଚାଲ ମାନୁ ମତେ ଚାନ୍ଦ ଭୋଗ ଦବୁନି କି ? ଏ ଦୁଇ ଜଣ ଙ୍କ ର ମିଳନ ଦେଖି ଆକାଶ ରେ ଚାନ୍ଦ ଖିଲି ଖିଲି ହସୁ ଥିଲା। ଆଉ ପ୍ରତିଧ୍ୱନି ତ ହେଉ ଥିଲା " ଏ ମୋତେ ଭୁଲି ଯିବନି ତ !!

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

ଜୟଶ୍ରୀ ପଟ୍ଟନାୟକ



# ପ୍ରେମର ଛାଇ



ମଧୁ ଓ ଶାନ୍ତା ଦୁଇଜଣ ଥିଲେ ଓଡିଶୀ ନୃତ୍ୟ ଶିଳ୍ପୀ। ଖୁବ ନାମକରା। ମଧୁ ଚାକିରୀ କରେ ଓଡ଼ିଆ ମାଧ୍ୟମ ହାଇସ୍କୁଲ ରେ ଆଉ ଶାନ୍ତା କେନ୍ଦ୍ରୀୟ ବିଦ୍ୟାଳୟ ରେ। ନୃତ୍ୟ ଶିକ୍ଷକ ଭାବରେ ଦୁହେଁ ଚାକିରୀ କରନ୍ତି ଚୁକ୍ତି ଭିତ୍ତିକ ଦରମାରେ। ବାହାରେ ପୋଗ୍ରାମ କରିବା ପାଇଁ ଅନେକ ସ୍ଥାନରୁ ଡାକରା ଆସେ ସ୍ୱାମୀ ସ୍ତ୍ରୀ ଦୁହେଁ ନୃତ୍ୟ ଶିଳ୍ପୀ ହୋଇଥିବାରୁ ପ୍ରାୟ ଯୁଗ୍ମ ଭାବରେ ରାଧାକୃଷ୍ଣ ହେଉ କି ଅନ୍ୟାନ୍ୟ ନୃତ୍ୟ ଦୁହିଁଙ୍କର ଅଙ୍ଗଭଙ୍ଗୀ, ହସ୍ତ ମୁଦ୍ରା ଏବଂ ଛନ୍ଦା ଛନ୍ଦି ନୃତ୍ୟାଭିନୟ ବାନ୍ଧିରଖିଥାଏ ଦର୍ଶକ ମନକୁ। ଗୋଟିଏ କାର୍ଯ୍ୟକ୍ରମ କଲେ ଟଙ୍କାର ବର୍ଷାରେ ଦୁହେଁ ଭିଜି ଯାଆନ୍ତି। ସେମାନେ ମଧ ଦର୍ଶକଙ୍କ ମନକୁ ମଜେଇ ରଖିଲା ପରି ତାଙ୍କ ନୃତ୍ୟ କଳା ପାଟବ ରେ ବାନ୍ଧି ରଖନ୍ତି ସଭିଙ୍କର ମନ। ତା ସହିତ ଘରେ ଖୋଲିଥାନ୍ତି ନୃତ୍ୟ ଶିକ୍ଷା କ୍ଲାସ। ଅନେକ ପିଲା ଆସି ନୃତ୍ୟଶିକ୍ଷା କରନ୍ତି। ଚଳିଯାଏ ସଂସାର। ସେମାନଙ୍କ କୋଳ ମଣ୍ଡନ କରି ଆସିଥାଏ ଶିଶୁକନ୍ୟା। ସେ ମଧ କୋଉ ଗୁଣରେ କମ ନ ଥାଏ। ପିଲାଟି ଦିନରୁ ପାଠ, ନୃତ୍ୟ, ଚିତ୍ରକଳା ପ୍ରତି ତାର ଥାଏ ଅନେକ ରୁଚି।

ହେଲେ ସବୁ ଖୁସି ଭିତରେ ମଧୁର ବଡ଼ ଦୁଃଖ ଯେ ଶାନ୍ତା ମଦ ପିଇ ତାକୁ ନିର୍ଯାତନା ଦିଏ, ସବୁ ଟଙ୍କା ଉଡାଇଦିଏ ମଦ ପାଣିରେ। ଘରକାମ ସାରି ବିଦ୍ୟାଳୟ ପିଲାଙ୍କୁ ନୃତ୍ୟ ଶିଖାଇବା, ମଞ୍ଚ ମାନଙ୍କରେ ନୃତ୍ୟ କରିବା, ଦୂରଦର୍ଶନ ରେ ନୃତ୍ୟ କରିବା ସହିତ ଘରେ ପିଲାମାନଙ୍କୁ ନୃତ୍ୟ ଶିଖାଇବା, ଝିଅର ଯତ୍ନ ନେଇ ପାଠ ପଢ଼ାଇବା ସବୁ କାମ ମଧୁ ବୁଝେ। ଶାନ୍ତା ଖାଲି ସ୍କୁଲ ଓ ଘରେ ପିଲାଙ୍କୁ ନୃତ୍ୟ ଶିଖାଏ । ଯାହା ରୋଜଗାର ହୁଏ ତାକୁ ନିଶାପାଣି ରେ ସାରିବାକୁ ଖୁବ ଭଲ ପାଏ। ଘରେ ପରିବା ପତର ଦେବା, ସୌଦା ଦେବା, ଝିଅକୁ ସ୍କୁଲରେ ଛାଡିବା, ଚିତ୍ରାଙ୍କନ ପାଇଁ ରଙ୍ଗ କିଣିବା କୌଣସି ଥିରେ ତାର ଦାୟିତ୍ୱ ବୋଲି ଶବ୍ଦ ଟିଏ ନାହିଁ।

ସେଦିନ ଖୁବ ଜ୍ୱର ହୋଇଥିଲା ଶାନ୍ତାକୁ। ପ୍ରତିବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ ର ଚୁକ୍ତି ଭିତ୍ତିକ ନିଯୁକ୍ତି ରେ ସାକ୍ଷାତକାର ପରୀକ୍ଷା ଦେବାକୁ ପଡେ ଅନ୍ୟ ଅନ୍ୟ ବିଦ୍ୟାଳୟ ରେ। ସେବର୍ଷ ଶାନ୍ତା କୋଉ ସ୍କୁଲରେ ବି ପାଇଲା ନାହିଁ। ଆର୍ଥିକ ଅଭାବ ଯୋଗୁଁ ଭଲ ଚିକିତ୍ସା ବି କରି ପାରିଲା ନାହିଁ। ଡାକ୍ତର କହିଲେ ଲିଭର ସିରୋସିସ ହୋଇଛି। ନିଶା ପାଣି ଛାଡ଼। ଚିକିତ୍ସା ପାଇଁ ଅବହେଳା କରନାହିଁ। ଔଷଧ ରୀତିମତ ଖାଅ। ଘର ସଂସାରକୁ ଦେଖ। ତୁମ ସହିତ ବାନ୍ଧି ହୋଇଥିବା ମଣିଷ ଙ୍କ କଥା ବୁଝ। ଡାକ୍ତରଙ୍କ କଥା ବୋଧେ ମନକୁ ପାଇଲା ନାହିଁ ଶାନ୍ତାର। ଧୂମ ପିଇଦେଇ ଆସିଲା ଡାକ୍ତରକୁ ବହେ ଗାଳିଦେଲା। ସୌଦା ପତ୍ର ଭଲ ମନ୍ଦ ସବୁ ବୁଝିଲା। ସ୍ତ୍ରୀ ଝିଅକୁ କହିଲା ଯା ଟିକେ ମା ଘର ଆଡେ ବୁଲି ଆସିବ। ବହୁତ ଦିନ ହେଲା ଯାଇନ ତ। ମଧୁ ବି ତା କଥା ଶୁଣି ଝିଅକୁ ଧରି ଗଲା ମା ଘରକୁ। ଖାଇଲା, ପିଇଲା ରାତିରେ ଘରେ ଏକୁଟିଆ ଶୋଇଲା। ସକାଳେ ଘର ପାଖରେ ଭିଡ଼ ହୋଇଥିବାର ଦେଖି ଜଣେ ଚିହ୍ନା ଲୋକ ଫୋନ କଲେ ମଧୁକୁ। ପଚାରିଲେ ତୁମର ସ୍ୱାମୀଙ୍କ ସହିତ କିଛି ଝଗଡା ହୋଇଥିଲା କି? ମନେ ପକାଇ କହିଲା ମଧୁ। ମାସକ ତଳେ ତା ମଦ ପିଇବାକୁ ନେଇ ଗାଳି କରିଥିଲି ଉତ୍ତରରେ ସେ କହିଥିଲା ତୋ ବାପା ପଇସାରେ ମୁଁ ପିଉନି, ହକ କଷ୍ଟ କରୁଛି ଦେହକୁ ବାଧା ହେଲେ ପିଉଛି। ତାପରେ ଆଉ କଥାଟାକୁ ଢାଙ୍କି କଣ ଲାଭ କହି ବ୍ୟକ୍ତି ଜଣକ କହିଲେ ଶୀଘ୍ର ଆସ ଘରକୁ ତୁମ ସ୍ୱାମୀ ଆଉ ଜୀବନରେ ନାହାଁନ୍ତି। ଏତକ ଶୁଣିଦେଇ ଆଶ୍ଚର୍ଯ୍ୟ ହୋଇଗଲା ମଧୁ। ହେ ପ୍ରଭୁ! ସକାଳୁ ସକାଳୁ ଏ ଅଶୁଭ ଖବର! ହେଲା କଣ ତାଙ୍କର କାହିଁକି ଆତ୍ମହତ୍ୟାକୁ ବାଛି ନେଲେ। ଯଦି ରୋଗ ହୋଇଥିଲା ଔଷଧ ଖାଇଥିଲେ ଭଲ ହୋଇଯାନ୍ତେ ତ। ପୋଲିସ କେଶ ହେବା ପୂର୍ବରୁ ସେଠାକାର ଲୋକ ମାନଙ୍କ ସହାୟତାରେ ଶବ ଉଠିଲା, ଦଶାହ, ଏକାଦଶାହ ହେଲା। ଝିଅ କାନ୍ଦୁଥିଲା ବହୁତ।ଏହି ସମୟରେ କିଏ ଜଣେ ବ୍ୟକ୍ତି ଆସି ଝିଅକୁ ବୁଝାଇଲେ ଆଉ କାନ୍ଦିଲେ କଣ ବାପା ଫେରିଆସିବେ। ମୁହଁ ଉଠାଇ ଦେଖେ ମା। ମୋ ପୁଅର ମା ନାହିଁ। ତାର ସବୁ କାମ ପିଲାଟି ଦିନରୁ ମୁଁ କରିଆସୁଛି। ତୁ ତ ତା ଠାରୁ ବୟସରେ ବଡ଼ ହେବୁ ଆଉ ତୋତେ କଣ ମୁଁ ବୁଝେଇବି। ତୁ ଯଦି ହଁ କରୁ ତେବେ ତୋ ସହିତ ମୁଁ ଆଉ ମୋ ପୁଅ ବି ମିଶିକି ରହିବା। କଣ କହୁଛୁ? ତାକୁ ଜଣେ ବାପାର ସାହାରା ଦରକାର। କାରଣ ସେ ଏବେ ବହୁତ ଛୋଟ। ଆଗରେ ତାର ଅଦେଖା ଭବିଷ୍ୟତ ର ହି ଛି । ଝିଅଟି କଣ ବୁଝିଲା କେଜାଣି ଖୁସି ହୋଇଗଲା ସେ ଲୋକର କଥାରେ।ତା ଆଖିର ଲୁହକୁ ପୋଛିଦେଇ କହିଲେ ବ୍ୟକ୍ତି ଜଣକ - ତୋତେ ଗୋଟିଏ ଦାୟିତ୍ୱ ଦେଲି ରେ ଝିଅ। ଏକଥା ମା କୁ କହିବୁ। ମା ଯଦି ରାଜିହୁଏ ତେବେ ପୁନର୍ବାର ଆମେ ଏକାଠି ଖୁସିରେ ରହିବା। ତୁମେ ଦୁଇଜଣ ଭାଇ ଭଉଣୀ ପରିକା ରହିବ ଆଉ ଆମେ ତୁମର ବାପା ମା ଭଳି ଯତ୍ନ ନେବୁ। ଏପଟେ ମଧୁ ର ମନ ବହୁତ ଦୁଃଖ କାରଣ ସେ ଆଉ ନାଚ କରିପାରିବ ନାହିଁ କାରଣ ନାଚ କରିବାକୁ ହେଲେ ତାକୁ ଚୁଡ଼ି,ଅଳତା,ଟିକିଲି ଲଗେଇ ନାଚିବାକୁ ହେବ। ଜଣେ ବିଧବା ପକ୍ଷେ ଏସବୁ କଥା ସମାଜରେ ବାରଣ। ଏହି ସମୟରେ ମଧୁ ର ମା ନାତୁଣୀ ଠାରୁ ପ୍ରସ୍ତାବ ବିଷୟରେ ଶୁଣି ଖୁବ ଖୁସି ହୁଅନ୍ତି ଏବଂ ମଧୁ କୁ କୁହନ୍ତି ତୋର ମନ ପରିବର୍ତ୍ତନ କଲେ ଯାଇ ତୁ ବାହାହୋଇ ପୁଣି ସଂସାର କରିବୁ।ତୋ ଝିଅ ସାଙ୍ଗକୁ ନୂଆ ବାବୁ ର ପୁଅ ଭାଇ ଭଉଣୀ ପରିକା ରହିବେ ଏବଂ ତୁ ମଧ ଶାଢ଼ୀ, ଶଙ୍ଖା, ଅଳତା। ପିନ୍ଧି ନୂଆଜୀବନ ଗଢିବା ସହ ନୃତ୍ୟ ବି କରିପାରିବୁ। ଏବେ ମଧୁ ପୁଣିଥରେ କୂଳ ବଧୂ ସାଜିଛି ଶଙ୍କର ର। ଶଙ୍କର ଦୋକାନ ଟିଏ କରିଛି ଆଉ ପୁଅକୁ ପାଖ ସ୍କୁଲରେ ପଢାଉଛି। ଇତି ମଧରେ ମଧୁ ଝିଅର ବି ନାମ ଲେଖାହେଲା ପୁଅ ପଢୁଥିବା ସ୍କୁଲରେ। ଶଙ୍କର ବହୁତ ଭଲ ସ୍ୱଭାବର ମଣିଷ ତାର କିଛି କୁଅଭ୍ୟାସ ବି ନାହିଁ। ଭୁବନେଶ୍ୱର ରେ ଦୋକାନ କରି ଘର ଟିଏ ବି କରିଛି ନିଜର। ଚଳିବାକୁ ସେତେଟା ଅସୁବିଧା ନାହିଁ କି ଘରଭଡା ବି ଦେବାକୁ ପଡୁନାହିଁ। ମଧୁ ଯାହା ଖୋଜୁଥିଲା ବାସ୍ତବିକ ସେସବୁ ଶଙ୍କର ପୂରଣ କରିପାରିଛି। ପ୍ରେମ ଭାଗ୍ୟରେ ଥିଲେ ଆପେ ଆପେ ଧରା ପଡି ପୋଷା ମନାଏ। ସଂଘର୍ଷ ମଧ୍ୟ ଜୀବନକୁ ପ୍ରେମରେ ପରିଣତ କରେ। ଯାହା ଆଜି ମଧୁ ତାର ଦ୍ୱିତୀୟ ବିବାହ କରି ପାଇପାରିଛି।

**ଗଙ୍ଗନଗର ଛକ, ଭୁବନେଶ୍ୱର-୭**
**ମୋବାଇଲ୍: ୭୯୭୮୧୧୦୪୭୪**



## ଅହଙ୍କାର

ଡ ଚନ୍ଦ୍ରକଳା ନାୟକ

ମାମୁଲି ଶବ୍ଦଟିଏ ମୁଁ
ସକାଳର କାକର ଟୋପାରେ
ଅନ୍ତରରୁ ବାହାରକୁ ଆସେ ।
ଭିତରୁ ନିର୍ଗତ ବିଷଜ୍ଜାଳା
ବିଛେଇ ଦିଏ ଚର୍ତୁଦିଗେ
ଗାଁ , ଦାଣ୍ଡ , ପୋଖରୀ ପୁଣି
ଗଳିକନ୍ଦି ଭିତରେ
ମୋ କର୍ମସ୍ଥଳ ଠାରୁ ପରିବାର ଯାଏ
ମୁଁ ନିଜତ୍ୱକୁ ଜାହିର କରେ ।
ଆଖିର ଆଗୋଚରରେ ତ
ବେଶି ଉଜ୍ଜିବିତ, ସଂଚାଳିତ ହୁଏ
ମୋତେ ଦେଖି ଅନ୍ୟମାନେ ବାରି ପାରନ୍ତି
ସେଇ ଗନ୍ଧମୟ ଭାବନାକୁ ।
ମୁଁ ଜାଣେନା ମୋ ଭିତରଟା
କେତେ ଅସଜଡା ପୁଣି
ପୂର୍ଣ୍ଣ ସଂକ୍ରମିତ
ଭଙ୍ଗା କାଚ ଗ୍ଲାସ ପରି
ତାହା ଅନ୍ୟ କିଛି ବି ତ ନୁହଁ ।
ତୁଚ୍ଛାଟାରେ ଦେଖେ ଖାଲି
ମନକୁ ତରାଟି, ରାତି ବଢିଗଲେ
ଅବଶ ହୋଇପଡେ ଶରୀରଟା
ଟୋପା ଟୋପା କୁହୁକମଣୀ
ଛାତି ସାରା ନେଶି ହୋଇଯାଏ ।
ଶରୀରର ପ୍ରତ୍ୟେକ ଖଣ୍ଡରେ
ଉଜ୍ଜ୍ୱଳ ଆଲୋକର କଂଟା ଖୁନ୍ଦି ହୋଇ
ମୋ ମନର କାଳିମା ଭିତରେ
ଗୁଣୁଗୁଣୁ ପ୍ରତିଧ୍ୱନୀ କରେ ।
ସିନ୍ଦୁରା ଫାଟିଲା ବେଳକୁ
କଜଳ ପାତିର କାନ୍ଦ
ପେଚାର ଅଶୁଭ ରଡି
ପୁଣି ଅଭ୍ୟସ୍ତ ହୋଇପଡେ ମୁଁ
ଆଉ ଏକ ଅହଂକାର ଭିତରେ
ପୁର୍ନବାର ବୁଡି ଯିବା ପାଇଁ ।

**ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଛତିଆ, ଯାଜପୁର, ମୋବାଇଲ୍: ୯୪୩୭୯୫୭୬୧୭**



## ବର୍ଷା

ଡଃ ତାନଶ୍ରୀ ପାଣିଗ୍ରାହୀ

ଆଷାଢ଼ର ତୁମେ ପହିଲି ବରଷା
ମରୁପଥେ ମଧୁଝରା
ଆହ୍ଲାଦିନୀ ତୁମେ ଅନିନ୍ଦ୍ୟ ସୁନ୍ଦରୀ
ଅମୀୟ ପ୍ରୀତି ପସରା...
ଛମ ଛମ ତୁମ ପାଦର ନୂପୁର
ଶବଦ କେତେ ମଧୁର
ତୁମ ଆଗମନ ଅମୃତର ଲଗ୍ନ
ହସେ ଏ ସାରା ସଂସାର...
ପ୍ରେମ ପୂଜାରିଣୀ ଆଗୋ ପ୍ରଣୟିନୀ
ପ୍ରୀତିପୁଷ୍ପ ମନ୍ଦାକିନୀ
ମହ୍ଲାର ସ୍ୱରେ ମଧୁ ଝରାଇବ
ସତେ କି ହେମହରିଣୀ...
ମନ ସରସୀରେ ଶତ ଦଳ ଫୁଟେ
ପାଇ ତୁମ ବାରିଧାରା
ବିନ୍ଦୁଟିଏ ତୁମେ ରଚ ମହାସିନ୍ଧୁ
ପୂର୍ଣ୍ଣଗର୍ଭା ହୁଏ ଧରା...
ଶାନ୍ତ କର ତୁମେ ଶୁଷ୍କ ବନଭୂଇଁ
ଦିଅ ସ୍ୱପ୍ନଭରା ରାତି
ଲକ୍ଷ୍ମୀ ସ୍ୱରୂପିଣୀ ବର୍ଷା ଗୋ ତୁମେ
ସୃଷ୍ଟିର ଚିର ସାଥୀ ॥

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

# ମଧ୍ୟବିତ୍ତର ଜୀବନ




ମୋର ଜଣେ ପୂରାତନ ଛାତ୍ରୀକୁ ଦିନେ ଏକ ନିର୍ଦ୍ଦିଷ୍ଟ ଜାଗାରେ ଅପେକ୍ଷାରତ ଥିବା ଦେଖି କାରଣ ପଚାରିବାରୁ କହିଲା ଝିଅର ଟିଉସନ୍ ସରିବାକୁ ଅପେକ୍ଷା କରିଛି। ତିନି ବର୍ଷର ଝିଅକୁ ତୁ ପଢ଼େଇ ପାରୁନା ବୋଲି ପଚାରିବାରୁ ସେ କହିଲା ଯେ ଝିଅ ଆଦୌ ତାକୁ ଡରୁ ନାହିଁ ଓ ପଢୁନାହିଁ। କଣ କହିବି ଭାବି ଚୁପ୍ ରହିଲି। ତିନି ବର୍ଷର ଛୁଆ କାହିଁକି ଡରିବା ଆବଶ୍ୟକ ଓ ଏଥିପାଇଁ ଟିଉସନ୍ ବି ଆବଶ୍ୟକ ତାହା ଚିନ୍ତାର ବିଷୟ ନୁହେଁ କି ? ଏହି ମାନସିକତା ତ ରୋଗ ପରି ବ୍ୟାପି ଗଲାଣି। ତେବେ ପିଲାଟିଏ ତାର ମା ବାପାଙ୍କ ସାନିଧ ପାଏ କେତେ ବର୍ଷ ? ତିନି ବର୍ଷରୁ ତ ସ୍କୁଲ ଆରମ୍ଭ ହେଇ ଯାଉଛି। ତାପରେ କଲେଜ୍ ଯା, ବାହାରକୁ ଯା, ଚାକିରିକୁ ଯା, ବିଦେଶକୁ ଯା କହିବାରେ ଆମେ ଲାଗିପଡୁ। ଏହା ବୋଧହୁଏ ଭାରତୀୟ ମଧବିତ୍ତ ପରିବାରର ଏକ ମୂଳ ଲକ୍ଷ୍ୟ କି ଯାହା ଯେମିତି ହେଉ ପିଲାଟିକୁ ଚାକିରୀରେ ଭର୍ତ୍ତି କରିବା। ସରକାରୀ ଚାକିରିଟିଏ ମିଳିଗଲେ ଆହୁରି ଭଲ। ମାତ୍ର ପରିସଂଖ୍ୟାନକୁ ଦେଖିଲେ ଜଣା ପଡ଼େ ୨୦୨୧ ସୁଦ୍ଧା ୩୧ ଶତକଡ଼ା ଭାରତୀୟ ମଧବିତ୍ତ ହୋଇ ଥିବା ବେଳେ ୨୦୪୭ ସୁଦ୍ଧାଏହା ୬୦ପ୍ରତିଶତକୁ ବୃଦ୍ଧି ପାଇବ।ତେବେ ଏହା କାହିଁକି ଉଚ୍ଚ ଶ୍ରେଣୀକୁ ବୃଦ୍ଧି ପାଉନାହିଁ ତାହା ଭାବିବାର କଥା। ଉଚ୍ଚ ମଧବିତ୍ତ ମାନଙ୍କ ମଧରୁ ପାଖାପାଖି ଦଶ ଭାଗ ଲୋକ ଉନ୍ନତ ଓ ସମ୍ଭ୍ରାନ୍ତ ଜୀବନ ଯାପନ କରିବା ପାଇଁ ବିଭିନ୍ନ ଋଣ ବ୍ୟବସ୍ଥାରେ ଛନ୍ଦି ହୋଇ ମାସକୁ ମାସ ସୁଧ ଗଣୁ ଥାଆନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ, ପାଖ ପଡ଼ୋଶୀ, ପାରିବାରିକ ସମ୍ପର୍କ ମଧରେ ଘଟୁଥିବା ଆର୍ଥିକ ପ୍ରତିଦ୍ୱନ୍ଦିତା ଏଥିପାଇଁ ଦାୟୀ। ସ୍ୱଚ୍ଛଳ ହେବା ଓ ସ୍ୱଚ୍ଛଳ ଦେଖାଇବା ମଧରେ ଥିବା ସୂକ୍ଷ୍ମ ସୀମା ରେଖାଟି ଏମାନେ ଅଚିରେ ପାର କରି ଯାଆନ୍ତି। ସୁଧରେ ମୂଳ ଟଙ୍କାରୁ ଯଥେଷ୍ଟ ଅଧିକ ଚାଲି ଯାଏ। ଘର, ଗାଡ଼ି, ଏ ସି, ଇତ୍ୟାଦିର ଋଣରେ ବିତି ଯାଏ ମଧବିତ୍ତର ଅଧା ଜୀବନ।ଯାହାର ଫଳରେ ଏକ ନିର୍ଦ୍ଦିଷ୍ଟ ମାନକ ମଧରେ ଏମାନଙ୍କ ଶ୍ରେଣୀ ଆବଦ୍ଧ ହୋଇ ରହି ଯାଏ। କୌଣସି ଲାଭକାରୀ ବାଣିଜ୍ୟ ବ୍ୟବସାୟ କରିବାର ବିପଦ ଏମାନେ ବରଣ କରନ୍ତି ନାହିଁ। ଅନେକେ ନିଜ ନିଜ ଅଞ୍ଚଳରେ ଗୁଡ଼ିଏ ପୈତୃକ ଜମିଜମାର ଅଧିକାରୀ ହୋଇ ସୁଦ୍ଧା ନିମ୍ନ ମଧବିତ୍ତର ଜୀବନ ବିତାନ୍ତି। ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜମିଜମା ତାର ଜୀବ ଦଶାରେ କୌଣସି କାମରେ ଆସେ ନାହିଁ। ପରବର୍ତ୍ତୀ ପିଢ଼ି ବୃଦ୍ଧି ପାଇବା ପରେ ଭାଗ ବଣ୍ଟା ଛିଡେ ନାହିଁ ଏବଂ ଏହାର ସଠିକ୍ ବିନିଯୋଗ ହୋଇ ପାରେ ନାହିଁ।

ଜଣେ କର୍ମଜୀବୀ ମଧବିତ୍ତର ଚାକିରି ଜୀବନ ଆରମ୍ଭ ହେଉ ହେଉ ସେ ସ୍ୱଚ୍ଛଳତା ପାଇଁ ଋଣ କରି ଚାଲେ। ପିଲାମାନେ ବଡ଼ ହେଉ ହେଉ ତାଙ୍କର ପାଠ ପଢା ପାଇଁ ଋଣ କରା ଯାଏ। ତେଣୁ ପିଲାମାନଙ୍କୁ ମଧ ଶୀଘ୍ର ଚାକିରୀରେ ଭର୍ତ୍ତି କରାଇବା ପାଇଁ ଚାପ ପ୍ରୟୋଗ କରାଯାଏ। ସେମାନେ ତାଙ୍କର ମନ ମୁତାବକ କ୍ୟାରିଅର କରି ପାରନ୍ତି ନାହିଁ। କିଛି ଗୋଟେରେ ନିଯୁକ୍ତ ହେଉ ହେଉ ଆସିଯାଏ ବାହାଘର ଚିନ୍ତା। ପ୍ରାୟ ଷାଠିଏ ଦଶକରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଡ ରାଜେନ୍ଦ୍ର ପ୍ରସାଦ କହିଥିଲେ ଭାରତର ମଧବିତ୍ତମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ଏକ ବଡ଼ ବାଧା ସୃଷ୍ଟି କରେ ବିବାହ ଉତ୍ସବ। ଏହା ଏବେ ମଧ ବଳବତ୍ତର ରହିଛି। ନିକଟରେ ଭାରତର ସର୍ବଶ୍ରେଷ୍ଠ ଖର୍ଚ୍ଚବହୁଳ ବିବାହ ଉତ୍ସବର ଉପଲବ୍ଧି ଥିଲା କିପରି ଏହାର ଖର୍ଚ୍ଚ ସେମାନଙ୍କ ମୂଳ ସମ୍ପତ୍ତିର ପାଞ୍ଚ ଭାଗ ମଧ ନୁହେଁ। ଏହାର ପୁର୍ବ ପ୍ରସ୍ତୁତି ବା ବ୍ୟୟ ଅଟକଳ ପାଇଁ ନିର୍ଦ୍ଦିଷ୍ଟ ପଲିସି ପ୍ରସ୍ତୁତ ଥିଲା। ପୃଥିବୀର ସବୁ ଧନୀ ବ୍ୟକ୍ତି ମାନେ ଏହି ପଲିସି ଗ୍ରହଣ କରି ଥାଆନ୍ତି। ମାତ୍ର ଭାରତୀୟ ମଧବିତ୍ତମାନେ ଏଥିପାଇଁ ମଧ ଋଣ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। ବର୍ଣ୍ଣାଢ଼୍ୟ ବିବାହ ଶୋଭା ଯାତ୍ରା, ଖର୍ଚବହୁଳ ଭୋଜି, ବିବାହ ଉପହାର ଓ ସ୍ଥଳ ବିଶେଷରେ ଦିଆ ଯାଉଥିବା ଯୌତୁକ ଜଣେ ମଧବିତ୍ତର ବାକି ଜୀବନକୁ ମଧ ଋଣଗ୍ରସ୍ତ କରି ଦିଏ। ଦୁଇ ତିନୋଟି ଝିଅ ବାହାଘର କରୁଥିବା ପିତା ସର୍ବସ୍ୱାନ୍ତ ହୋଇଯାଏ। ଅଧିକାଂଶ ଭୋଜିରେ ବହୁଳ ପରିମାଣରେ ଖାଦ୍ୟ ନଷ୍ଟ ହେବାର ଆମେ ସମସ୍ତେ ଦେଖୁ। କାହା ଘରେ ଭୋଜିରେ କଣ ଖିଆ ଯାଇଥିଲା ଏକଥାକୁ କେହି ମନେ ରଖୁ ନଥିବା ସ୍ଥଳେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଆବଶ୍ୟକତା ମନେ କରି ମଧବିତ୍ତ ମାନେ ଜୀବନର ଅଧା ପୁଞ୍ଜି ଲଗାଇ ଦିଅନ୍ତି। ଗୋଟିଏ ବିବାହରେ ଖର୍ଚ୍ଚ ହେଉଥିବା ଅଯଥା ଟଙ୍କା ଯଦି ଗୋଟିଏ ନୂଆ ବ୍ୟବସାୟରେ ଲଗା ଯାଆନ୍ତା, କିଛି ନହେଲେ କିଛି ଲାଭାଂଶ ମିଳି ପାରନ୍ତା। ମାତ୍ର ଅନ୍ୟକୁ ଦେଖାଇବା ଗୁଣ ପାଇଁ ଆମକୁ ଏହି ଆର୍ଥିକ କ୍ଷତି ସହିବାକୁ ପଡେ। ଏହି ଋଣ ବ୍ୟବସ୍ଥାରେ ନୂଆ ପିଢ଼ି ମଧ ସାମିଲ୍ ହୁଅନ୍ତି। ନିଜ ବିବାହରେ ନିଜେ ଋଣ ଗ୍ରସ୍ତ ହୁଅନ୍ତି। ପରବର୍ତ୍ତୀ ସମୟ ଏହାକୁ ସୁଝିବାରେ ଯାଏ। ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବର୍ତ୍ତମାନ ପିଢ଼ି। ସେମାନଙ୍କର ଉଚ୍ଚ ଆକାଂକ୍ଷା ଏହି ମଧବିତ୍ତର ଦୌଡ଼ରେ ପଛରେ ପଡିଯାଉଛି। ସେଥିପାଇଁ ଦିନକୁ ଦିନ ଦୁର୍ନୀତି ବଢ଼ି ଚାଲିଛି। ଅତି କମ୍ ବୟସରୁ ସରକାରୀ ଚାକିରିରେ ଥିବା ଅଫିସରମାନେ ମୋଟା ଅଙ୍କର ଲାଞ୍ଚ ନେଇ ଧରା ମଧ ପଡୁଛନ୍ତି। ମାତ୍ର ଏଥିପାଇଁ କେଉଁଠି ନା କେଉଁଠି ପରିବାରର ଉଚ୍ଚାଭିଳାସ ଦାୟୀ। ମୂଲ୍ୟବୋଧକୁ ଗୁରୁତ୍ୱ ନଦେଇ ଆମେ ଆର୍ଥିକ ସ୍ୱଚ୍ଛଳତାକୁ ପ୍ରାଧାନ୍ୟ ଦେଉଛୁ। ସେଥିପାଇଁ ଏ ଉର୍ଦ୍ଧ୍ୱ ଶ୍ୱାସ ଦୌଡ଼। ତେଣିକି ପ୍ରାଣହାନି ହେଉ କି ସମ୍ମାନହାନି।୨୦୨୪ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟ୍ ଅନୁସାରେ ଭାରତରେ ୫୩% ବ୍ୟକ୍ତି ମାନସିକ ଚାପ ର ସମ୍ମୁଖୀନ ହେଉଛନ୍ତି। ୨୫% ସହରାଞ୍ଚଳର ଲୋକ ନିରାଶ ବୋଧ ଦେଇ ଗତି କରୁଛନ୍ତି। ଦୁଃଖର କଥା ୧୮ ରୁ ୨୪ ବର୍ଷ ବୟସର ଯୁବକ ଯୁବତୀ ମାନେ ଅଧିକ ମାନସିକ ଭାବେ ଦୁର୍ବଳ ଓ ଆତ୍ମହତ୍ୟା ପ୍ରବଣତା ମଧ ବଢ଼ି ଚାଲିଛି। ଏହା ଏକ ବିରାଟ ସମସ୍ୟା ହୋଇ ଥିଲେ ମଧ ଆମେ ଏହାକୁ ଧ୍ୟାନ ଦିଅନ୍ତି ନାହିଁ। ଜୀବନର ସରଳ, ସୁନ୍ଦର ଦିଗକୁ ଛାଡି ଆମେ ନିଜ ପାଇଁ ବାଛି ନିଅନ୍ତି ଜଟିଳତା। ବିଶ୍ୱାସ, ଭରସା ଓ ସହଯୋଗ ହିଁ ଏକ ସୁସ୍ଥ ମାନସିକତାର ପରିଚୟ, ଯାହା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ।ସାମାଜିକ ସ୍ୱଚ୍ଛଳତା ନୁହେଁ ।ମଣିଷର ସଫଳତା ବା ବିଫଳତା ଏକାନ୍ତ ବ୍ୟକ୍ତିଗତ । ଏଥିରେ ସମାଜ ବା ପରିବାର ପ୍ରଭାବିତ ହେଲେ ମଧ ଅନ୍ୟ କାହାରି ପାଇଁ ଏହା ଜରୁରୀ ହୋଇ ନଥାଏ। ଆଗମନ ଓ ପ୍ରସ୍ଥାନ ନିଜକୁ ଏକା ହିଁ କରିବାକୁ ପଡେ। ଆମର ସୁଖୀ ଓ ସୁସ୍ଥ ଭବିଷ୍ୟତ ପାଇଁ ଏହାକୁ ଧ୍ୟାନ ଦେବାର ସମୟ ଆସିନି କି?

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**



## ସୁସ୍ଥ ହେଲେ ଶ୍ରୀଜିଉ, ସୁସମ୍ବାଦ ନେଇ ରାଜନଅର ଗଲେ ସେବାୟତ

**ପୁରୀ,୨୨।୬(ସଂଚାର ବ୍ୟୁରୋ):** ସୁସ୍ଥ ହେଲେ ଶ୍ରୀଜିଉ। ଗତ ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ଗାଧୋଇବା ପରେ ଜ୍ୱରରେ ପୀଡିତ ହୋଇ ଅଣସରରେ ଚିକିତ୍ସିତ ହୋଇଆସୁଥିଲେ ମହାପ୍ରଭୁ। ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ସେବା ଚାଲୁ ରହିଥିଲା। ତେବେ ଗତକାଲି ଦଶମୂଳ ମୋଦକ ସେବନ ପରେ ଚତୁର୍ଦ୍ଧାମୂର୍ତ୍ତି ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଗଜପତି ଦିବ୍ୟସିଂହ ଦେବ ମହାରାଜଙ୍କୁ ମହାପ୍ରଭୁଙ୍କ ସୁସ୍ଥତା ନେଇ ଖବର ଦିଆଯାଇଛି। ରାଜପ୍ରାସାଦ ବିଜେ ନୀତି ଭାବେ ପ୍ରଥମ ଖବର ନେଇ ରାଜନଅର ଯାଇଛନ୍ତି ସେବାୟତ। ପରମ୍ପରା ଅନୁସାରେ, ମହାପ୍ରଭୁଙ୍କ ସୁସ୍ଥତା ଖବର ନେଇ ଦଇତାପତି ସେବକମାନେ ଆଦ୍ୟ ସେବକ ଗଜପତି ମହାରାଜଙ୍କୁ ଜଣାଇଛନ୍ତି। ରୁପା ଥାଳିରେ ଶ୍ରୀଚନ୍ଦନ, କରାଳ ଚନ୍ଦନ ଓ ପାଟଡୋର ଆଦି ସଜାଇ ଦଇତାପତି ସେବକମାନେ ପାଟପଟୁଆରରେ ଶ୍ରୀନଅରରେ ପହଞ୍ଚିବା ପରେ ଏସବୁ ଦିବ୍ୟ ପଦାର୍ଥକୁ ଗଜପତିଙ୍କୁ ଭେଟି ଦେବା ସହ ସୁସମ୍ବାଦ ମଧ୍ୟ ଦେଇଛନ୍ତି। ଆସନ୍ତା ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତହେବ। ସୁସଜ୍ଜିତ ତିନି ରଥରେ ବସି ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତ ଗହଣରେ ମାଉସୀ ଘରକୁ ଯିବେ ଦାରୁଦିଅଁ। ଏଥିପାଇଁ ଜୋରସୋର୍‌ରେ ଚାଲିଛି ପ୍ରସ୍ତୁତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୁରୀରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିବା ସହ ଶାନ୍ତିଶୃଙ୍ଖଳାରେ ସବୁକିଛି ସମ୍ପନ୍ନ କରିବା ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

# ସୀମା ଟପିଲା ବର୍ବରତା, ଦୁଇ ଦଳିତଙ୍କୁ ନିର୍ଯାତନା

### ଅଧା ନଣ୍ଡା କରି ଆଣ୍ଠେଇବା ସହ ମାଡ଼ ମାରିଲେ, ନର୍ଦ୍ଦମା ପାଣି ବି ପିଆଇଲେ

**ଧରାକୋଟ,୨୨।୬(ସଂଚାର ବ୍ୟୁରୋ):** ଅମଣିଷ ପାଲଟିଗଲା ମଣିଷ । ନିର୍ଯାତନାର ଚରମ ସୀମା ପାର ହେଲା। ସତ ନ ପରଖି ଗାଁ ଦାଣ୍ଡରେ କଲେ କଙ୍ଗାରୁ କୋର୍ଟ । ଦୁଇ ଜଣ ଦଳିତ ଲୋକଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇଲେ। ପରେ ଆଣ୍ଠେଇ କରି ଦୁଇ କିଲୋ ମିଟର ଚଲେଇବା ସହ ନର୍ଦ୍ଦମା ପାଣି ପିଆଇଲେ । ଏଭଳି ଅମାନବୀୟ କାଣ୍ଡ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ଖାରିଗୁମ୍ମା ଗାଁରେ। ଏଠାରେ ଦୁଇ ଜଣ ଦଳିତ ବ୍ୟକ୍ତି ଝିଅକୁ ଯୌତୁକ ଦେବା ପାଇଁ ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଏତିକି ବେଳେ ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋ ଚାଲାଣ କରୁଥିବା କହି ଟଙ୍କା ମାଗିଥିଲେ। କିନ୍ତୁ ଉକ୍ତ ଦଳିତ ବ୍ୟକ୍ତିମାନେ ସେମାନଙ୍କୁ ପଇସା ନଦେବାରୁ ସେମାନେ ମାଡ଼ ମାରିବା ସହ ସେଲୁନରେ ଅଧା ଲଣ୍ଡା କରିଦେଇଥିଲେ। ପରେ ସେମାନେ ଦୁଇ ଦଳିତଙ୍କୁ ଅଧା ଲଣ୍ଡା କରି ଖାରିଗୁମ୍ମାରୁ ଜହାଡା ଯାଏଁ ପାଖାପାଖି ଦୁଇ କିମି ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ଅଧିକନ୍ତୁ ଦୁଇ ଦଳିତକୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମାର ମଇଳା ପାଣି ପିଇବାକୁ ବାଧ୍ୟ କରିଥିବା ଅଭିଯୋଗ ହୋଇଛି ।




ତେବେ ସୁଯୋଗ ପାଇ ଦୁଇ ଦଳିତ ସେଠାରୁ ଖସି ପଳାଇ ଆସିଥିଲେ। ଘଟଣା ନେଇ ଧରାକୋଟ ଥାନାରେ ସେମାନେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଗଭୀର ଆଘାତ ଲାଗିଛି। ଧରାକୋଟ ପୁଲିସ ଉଭୟଙ୍କୁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ସହ ଏହି ଘଟଣା ନେଇ ଅଧିକ ତଦନ୍ତ ଚଳାଇଛି। ସେପଟେ ନିର୍ଯାତନା ପୂର୍ବରୁ ଏମାନଙ୍କୁ ଟଙ୍କା ମାଗିବା ଖବର ପାଇ ଦୁଇ ପୀଡ଼ିତଙ୍କର ଜଣେ ପଡ଼ୋଶୀ ଅଭିଯୁକ୍ତମାନଙ୍କୁ ଫୋନ୍ କରିଥିଲେ। ସେମାନଙ୍କୁ ଛାଡ଼ିଦେବା ସହ ଗାଈକୁ ମଧ୍ୟ ଫେରାଇବା ପାଇଁ କହିଥିଲେ। କିନ୍ତୁ ଅଭିଯୁକ୍ତମାନେ ୩୦ ହଜାର ଟଙ୍କା ନ ଦେଲେ ଛାଡ଼ିବେ ନାହିଁ ବୋଲି କହିଥିଲେ। ଏତେଗୁଡାଏ ଟଙ୍କା ଦେଇପାରିବେ ନାହିଁ ବୋଲି ପୀଡ଼ିତ ଦୁଇ ଜଣ କହିବା ପରେ ସେମାନଙ୍କ ପ୍ରତି ଭୟଙ୍କର ନିର୍ଯାତନା ଆରମ୍ଭ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ପରିବାର ସହ ପ୍ରଭୁ ଅଲାରନାଥଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଯୁକ୍ତ ତିନି ଦ୍ୱିତୀୟ ପର୍ଯ୍ୟାୟ ମନୋନୟନ ତାଲିକା ପ୍ରକାଶିତ

### ଆଡମିଶନ୍ ପାଇଁ ୪୫୫୦୨ ଛାତ୍ରଛାତ୍ରୀ ମନୋନୀତ

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଯୁକ୍ତ ତିନି ଶ୍ରେଣୀରେ ନାମ ଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟ ମନୋନୟନ ତାଲିକା ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟରେ ଆଡମିଶନ୍ କରିବା ସକାଶେ ୪୫ ହଜାର ୫୦୨ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଏଥିରେ ୨୦ ହଜାର ୩୧ ଜଣ ଛାତ୍ର ଓ ୨୫ ହଜାର ୪୬୮ ଜଣ ଛାତ୍ରୀ ଅଛନ୍ତି। ଏହାଛଡ଼ା ୩ ଜଣ ତୃତୀୟ ଲିଙ୍ଗୀ ମଧ୍ୟ ଆଡମିଶନ୍ କରିବା ସକାଶେ ମନୋନୀତ ହୋଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମନୋନୟନ ତାଲିକାରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳାରେ ସର୍ବାଧିକ ୨୩ ହଜାର ୯୯୬ ଜଣ ରହିଥିବା ବେଳେ ବିଜ୍ଞାନରେ ୧୭ ହଜାର ୧୯୩ ଜଣ ଓ ବାଣିଜ୍ୟରେ ୨୭୫୭ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏହାଛଡ଼ା ଶାସ୍ତ୍ରୀରେ ୨୦୦, ସେଲ୍ଫ ଫାଇନାନ୍ସିଂରେ ୧୩୦୯ ଜଣ ଓ ଆଇନରେ ୪୭ ଜଣ ଛାତ୍ରଛାତ୍ରୀ ଆଡମିଶନ୍ କରିବା ସକାଶେ ମନୋନୀତ ହୋଇଛନ୍ତି ବୋଲି ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଏକ ତାଲିକାରେ ସ୍ପଷ୍ଟ କରାଯାଇଛି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆସନ୍ତାକାଲି ପୂର୍ବାହ୍ନ ୧୦ଟାଠାରୁ ୨୫ ତାରିଖ ଅପରାହ୍ନ ୫ଟା ମଧ୍ୟରେ ସେମାନଙ୍କ ମହାବିଦ୍ୟାଳୟରେ ଆଡମିଶନ୍ ସଂକ୍ରାନ୍ତରେ ଯୋଗାଯୋଗ କରିବାକୁ କୁହାଯାଇଛି। ଚଳିତ ବର୍ଷ ୨ ଲକ୍ଷ ୭୪ ହଜାର ୩୬୫ ସିଟ୍ ଉପଲବ୍ଧ ଥିବା ବେଳେ ଏଥିସକାଶେ ୨ ଲକ୍ଷ ୬୫ ହଜାର ୫୯୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଜଣ ଛାତ୍ରଛାତ୍ରୀ ଆଡମିଶନ୍ ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ୭୯ ହଜାର ୭୫୨ ଜଣ ଆଡମିଶନ୍ କରିଥିବା ବେଳେ ୫୨ ହଜାର ୧୨୬ ଜଣ ଛାତ୍ରଛାତ୍ରୀ ସ୍ଲାଇଡ୍/ଫ୍ଲୋଟ୍ ଅପ୍‌ସନକୁ ପସନ୍ଦ କରିଛନ୍ତି।

# ନବୀନଙ୍କ ସୁସ୍ଥତା କାମନା କରି ସମୂହ ପ୍ରାର୍ଥନା

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ସମ୍ପ୍ରତି ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ସର୍ଭାଇକଲ୍ ଆର୍ଥାଇଟିସ୍‌ର ଅସ୍ତ୍ରୋପଚାର କରାଇଥିବା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥତା କାମନା କରି ଆଜି ପ୍ରାତଃ ସମୟରେ ସମୂହ ପ୍ରାର୍ଥନା କରାଯାଇଛି। ଲିଙ୍ଗରାଜ ନାଗରିକ ସମାଜ ଓ ଜନପ୍ରତିନିଧିମାନେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଏହି ସମୂହ ପ୍ରାର୍ଥନା କରିଛନ୍ତି। ଏଥିସହ ସେମାନେ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଜଳାଭିଷେକ ଓ ପ୍ରଦୀପ ପ୍ରଜ୍ୱଳନ ବି କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମଟି ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ଦଳର ବହୁ ବରିଷ୍ଠ ନେତୃମଣ୍ଡଳୀ, ଯୁବଛାତ୍ର, ମହିଳା ଓ କର୍ପୋରେଟରଙ୍କ ସହ ବିଭିନ୍ନ ନାଗରିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧି ଯୋଗ ଦେଇଥିଲେ।



## ନୂଆପଡ଼ା ଜିଲ୍ଲାରେ ବାଘ ଆତଙ୍କ



**ନୂଆପଡ଼ା,୨୨।୬(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟର ଖୋଲି ଭିତର ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗାଁର ଧର୍ମୁ ଚିନ୍ଦାଙ୍କ ଗୁହାଳରେ ଏକ କଲରାପତରିଆ ବାଘ ପଶି ବାଛୁରୀକୁ ଟାଣିନେଇଥିବା ଜଣାପଡ଼ିଛି। ବାଘ ଆକ୍ରମଣରେ ଉକ୍ତ ବାଛୁରୀଟି ଗୁରୁତର ଭାବେ ଆହତ ହୋଇଛି। ଫଳରେ ଏବେ ବାଘ ଭୟରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏନେଇ ଖବର ପାଇବା ପରେ ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କୁ ସଚେତନ କରୁଥିବା ଜଣାପଡ଼ିଛି। ସେହିପରି କିଛି ଦିନ ପୂର୍ବରୁ ନୂଆପଡ଼ାରେ ବାଘ ଆତଙ୍କ ଦେଖାଯାଇଥିଲା। ଗୁହାଳରେ ପଶି ଏକ କଲରାପତରିଆ ବାଘ ଗାଈକୁ ମାରିଦେଇଥିଲା। ଧରମବନ୍ଧା ଥାନା ପଣ୍ଡରିପାଣି ଗାଁରେ ବାଘ ଆତଙ୍କ ଦେଖାଯାଇଛି। ଆଶାରାମ ରାଉତଙ୍କ ଗୁହାଳରେ ପଶି ବାଘଟି ଗାଈକୁ ମାରିଦେଇଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀଙ୍କ ହୋହଲ୍ଲା ପରେ ବାଘଟି ଗାଈକୁ ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲା।

## ବିଦ୍ୟୁତ୍ ଆଘାତରେ ଜୁନାଗଡ଼ ଆତ୍ମା ଅଧ୍ୟକ୍ଷଙ୍କ ମୃତ୍ୟୁ



**ଭବାନୀପାଟଣା,୨୨।୬(ସଂଚାର ବ୍ୟୁରୋ):** ମୃତ୍ୟୁ କେତେବେଳେ କେମିତି ଆସିବ, ସେନେଇ କେହି କିଛି ବି କହିପାରିବେ ନାହିଁ। କଳାହାଣ୍ଡି ଜିଲା ଜୁନାଗଡ଼ ଆତ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକଙ୍କ କ୍ଷେତ୍ରରେ ଏହା ସତ୍ୟ ସାବ୍ୟସ୍ତ ହୋଇଛି। ୫୫ ବର୍ଷୀୟ ଶ୍ରୀ ପଟ୍ଟନାୟକ ଆଜି ଘରର ଛାତ ଉପରକୁ ଯାଇଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଅନେକ ବ୍ୟକ୍ତିବିଶେଷ ସୋସିଆଲ ମିଡିଆରେ ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେବା ସହ ଶୋକ ପ୍ରକାଶ କରିଥିଲେ। ଶ୍ରୀ ପଟ୍ଟନାୟକ ଆତ୍ମାର ଅଧ୍ୟକ୍ଷ ରହିବା ସହ ପରିବେଶ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତିବନ୍ଧୁ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ନିୟମିତ ବ୍ୟବଧାନରେ ଗଛ ଲଗାଇବା ସହ ବନୀକରଣ ଦିଗରେ ପଦକ୍ଷେପ ନେଇ ବେଶ୍ ପ୍ରଶଂସିତ ହୋଇଥିଲେ। ଏହାଛଡ଼ା ସେ ଜଣେ ଆଇନଜୀବୀ ଓ ଅଧ୍ୟାପକ ଭାବେ ମଧ୍ୟ ବେଶ ପରିଚିତି ହାସଲ କରିଥିଲେ।

# ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ନିମନ୍ତେ ଏକତା ପଦଯାତ୍ରା

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ବାଗେଶ୍ୱର ଧାମ ପୀଠାଧୀଶ୍ୱର ବାବା ଧୀରେନ୍ଦ୍ର ନାଥ ଶାସ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଜି ରାଜଧାନୀ ଭୁବନେଶ୍ୱରରେ 'ସନାତନ ହିନ୍ଦୁ ଏକତା ପଦଯାତ୍ରା' ଅନୁଷ୍ଠିତ ହୋଇଛି। ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ଦାବିରେ ଏହି ଏକଦା ପଦଯାତ୍ରା ଲିଙ୍ଗରାଜ ମନ୍ଦିରରୁ ବାହାରି ରାମ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ଶତାଧିକ ଭକ୍ତ ଓ ଅନ୍ୟ ହିନ୍ଦୁ ସଂଗଠନର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଭାରତ ଏକ ହିନ୍ଦୁ ରାଷ୍ଟ୍ର ଓ ଏହି ଦେଶର ମୂଳ ପରିଚୟ ସନାତନ ହିନ୍ଦୁ ଧର୍ମର ଐତିହ୍ୟ ଓ ସଂସ୍କୃତିକୁ ରାଷ୍ଟ୍ରୀୟ ସ୍ୱୀକୃତି ଦେବାର ସମୟ ଆସିଛି। ସନାତନ ଧର୍ମ ହିଁ ଭାରତର ମୂଳ ଆଧାରଶିଳା ଏବଂ ଆଧ୍ୟାତ୍ମିକ ଆଦର୍ଶ, ଯାହା ଜନମାନସରେ ନୈତିକତା, ଆଶା ଓ ଏକତାର ଦୀପ ପ୍ରଜ୍ୱଳିତ କରିଥାଏ। ଏହି ପଦଯାତ୍ରା ମାଧ୍ୟମରେ ଦେଶର ଗାରିମା, ସଂସ୍କୃତି ଓ ଧର୍ମୀୟ ଚିହ୍ନକୁ ରକ୍ଷା କରିବା ସହ ଭାରତକୁ ଏକ ଗୌରବମୟ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ରାମ ମନ୍ଦିର ସମ୍ମୁଖରେ ଅନେକ ସଂଗଠନ ଓ ଧାର୍ମିକ ନେତାଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମର ଆବାହକ ଦେବାଶିଷ ନାୟକ ଏହି ଆନ୍ଦୋଳନକୁ ଭବିଷ୍ୟତରେ ଜନ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଓଡ଼ିଶା ମୁଖ୍ୟ ଜେନେରାଲ୍ ଦୀନବନ୍ଧୁ ଷଡ଼ଙ୍ଗୀ ସାରା ବିଶ୍ୱରେ ହିନ୍ଦୁ ଧର୍ମର ଐତିହ୍ୟ ଓ ସସ୍କୃତିର ସୁରକ୍ଷା ସହ ସନାତନୀ ହିନ୍ଦୁଙ୍କ ସୁରକ୍ଷା ନିମନ୍ତେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ନିତାନ୍ତ ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ। ରାଷ୍ଟ୍ରୀୟ ହିନ୍ଦୁ ମହାସଙ୍ଘ, ଓଡ଼ିଶା ପକ୍ଷରୁ ପଣ୍ଡିତ ବିଶ୍ୱେଶ୍ୱର ପାଣିଗ୍ରାହୀ ଏହି ସମାବେଶକୁ ସମର୍ଥନ କରିଥିଲେ। କାର୍ଯ୍ୟକ୍ରମରେ ଦେବସେନା ପକ୍ଷରୁ ଓଡ଼ିଶା ଯୁବ ଅଧ୍ୟକ୍ଷ ସୁଶୀଲ କୁମାର ବେହେରା, ସନାତନୀ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ପ୍ରଦ୍ୟୁମ୍ନ ଦାଶ, ସନ୍ତୋଷ କୁମାର ଭୋଳ, ରାଜୀବ ମିଶ୍ର , ଭୂପେଶ ନାୟକ, ସୌରଭ କର, ଅମରେନ୍ଦ୍ର ପ୍ରସାଦ ସାହୁ, ଉଜ୍ଜ୍ୱଳ ପଣ୍ଡା, ଜଗନ୍ ପାତ୍ର, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।




## ଦୁଇ ବଗି ଟ୍ରେନ୍‌ରୁ ଅଲଗା: ୩ ଘଣ୍ଟା ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ

**କୋରାପୁଟ/କୋଟପାଡ଼, ୨୨।୬ (ସଂଚାର ବ୍ୟୁରୋ):** ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ରବିବାର ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଟ୍ରେନ୍‌ର କପ୍ ଲିଙ୍କ୍ ଛିଣ୍ଡି ଯିବାରୁ ୨ଟି ବଗି ଟ୍ରେନ୍‌ରୁ ଅଲଗା ହୋଇଯାଇଛି। ଫଳରେ ଟ୍ରେନ୍‌ଟି ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତ ଆମଗୁଡ଼ା ଗ୍ରାମ ନିକଟରେ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ହେଲେ ଦୁଇ ବଗିର ଯାତ୍ରୀ ସୁରକ୍ଷିତ ରହିଥିବା ଜଣାପଡିଛି। ଅନ୍ୟପକ୍ଷେ ଟ୍ରେନ୍‌ଟି ଧାରଣା ଉପରେ ଅଟକି ରହିଥିବାରୁ ସେହି ଲାଇନରେ ଯାଉଥିବା ରେଳ ଚଳାଚଳ ବନ୍ଦ ରହିଥିଲା। କୋରାପୁଟ ଏବଂ ଜଗଦଲପୁରରୁ ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମରାମତି ପରେ ପୁଣି ଟ୍ରେନ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ଯାଞ୍ଚ ଠିକ୍ ଭାବେ କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଥିବାର ସାଧାରଣରେ ମତ ପ୍ରକାଶ ପାଇଛି।



## ହୋମଗାର୍ଡ ପଦବୀ ପାଇଁ ୭୯୫୩ ପରୀକ୍ଷାର୍ଥୀ



**କଟକ,୨୨।୬(ସଂଚାର ବ୍ୟୁରୋ):** ହୋମଗାର୍ଡ ପଦବୀ ପରୀକ୍ଷା ପାଇଁ ପ୍ରାର୍ଥୀଙ୍କ ଭିଡ଼। ଲିଖିତ ପରୀକ୍ଷା ପାଇଁ କଟକ ଜିଲ୍ଲାରେ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ମୋଟ ୭ ହଜାର ୯୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କଟକ ଡ୍ରିମସରେ ୧୭୦୦, ଟେଟ୍ରା ହାଇଡ୍ରୋନ୍‌ରେ ୧୩୦୦, ଟେଟ୍ରା ହାଇଡ୍ରନ୍ ନୂଆ କ୍ୟାମ୍ପସରେ ୧ ହଜାର, ୟୁଏନ୍ କଲେଜ ନିଆଳିରେ ୨୫୦୦ ଓ ସାଲେପୁର ଅଟୋନୋମସ କଲେଜରେ ୧୪୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଭିନ୍ନ କେନ୍ଦ୍ରରେ ପରୀକ୍ଷାର୍ଥୀ ପହଞ୍ଚିଥିବା ବେଳେ ସ୍ଥାନୀୟ ପୁଲିସ୍ ପକ୍ଷରୁ ସମସ୍ତ ସୁବିଧା କରାଯିବା ସହ ପରୀକ୍ଷାର୍ଥୀମାନଙ୍କ କଡ଼ା ଯାଞ୍ଚ କରାଯାଇଛି।

## ପେଟ୍ରୋଲ ଢାଳି ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ଭୁବନେଶ୍ୱର, ୨୨।୬ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଏୟାରପୋର୍ଟ ନୂଆ ରୋଡ଼ରେ ଦୁର୍ବୃତ୍ତଙ୍କ କାରନାମା । ବିଳମ୍ବିତ ରାତିରେ ଆସି ଏକ ଡ୍ରେସ୍ ଦୋକାନ ସମ୍ମୁଖରେ ଥିବା ବାଇକ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ୨ ଜଣ ଦୁର୍ବୃତ୍ତ । ଜଣେ ପେଟ୍ରୋଲ ଢାଳିଥିବା ବେଳେ ଅନ୍ୟ ଜଣେ ନିଆଁ ଲଗାଇ ଘଟଣାସ୍ଥଳରୁ ଛୁ ମାରିଥିଲେ ଉଭୟ। ସିସିଟିଭିରେ କଏଦ ହୋଇଛି ଦୁର୍ବୃତ୍ତଙ୍କ କାରନାମା । ନିଆଁରେ ବାଇକଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି ।




## ରାଇଟସ୍ ପାଳିଲା ଯୋଗ ଦିବସ

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ଭାରତୀୟ ରେଳପଥର ଔଦ୍ୟୋଗିକ ସଂଗଠନ 'ରାଇଟସ୍' ପକ୍ଷରୁ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଡିଏଲଏଫ୍ ଟାୱାରଠାରେ ଥିବା ପୂର୍ବାଞ୍ଚଳ ପ୍ରକଳ୍ପ କାର୍ଯ୍ୟାଳୟରେ ଏହାର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଦ୍ୱାରା ଯୋଗାଭ୍ୟାସ କରାଯିବା ସହ ଯୋଗ ଉପରେ ଆଲୋଚନା ହୋଇଥିଲା। ରାଇଟସ୍‌ର ମୁଖ୍ୟ ମହାପ୍ରବନ୍ଧକ ଅନୀଲ କୁମାର ଯୋଗ ଏକ ଶରୀର ବିଜ୍ଞାନ ଓ ସୁସ୍ଥ ନିରାମୟ ଜୀବନଯାପନ ପାଇଁ ନିୟମିତ ଯୋଗାଭ୍ୟାସ ଜରୁରୀ ବୋଲି ମତ ଦେଇଥିଲେ। ସେହିପରି ଅନ୍ୟ ପ୍ରବନ୍ଧକ ମହେଶ ଶର୍ମା ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ଜିତେଶ୍ କୁମାର ଯୋଗ ଶିକ୍ଷା ଦେବା ସହ ଏହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ।

## 'ଜୟ ଓଡ଼ିଶା'ର ଅଷ୍ଟମ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ):** ରକ୍ତଦାନ ଏକ ମହତ ଦାନ ହୋଇଥିବା ବେଳେ ରାଜ୍ୟରେ ରକ୍ତର ଅଭାବ ଦୂର କରିବା ଲକ୍ଷ୍ୟ ନେଇ ସ୍ୱେଚ୍ଛାସେବୀ ସଂଗଠନ 'ଜୟ ଓଡ଼ିଶା' ସହଯୋଗରେ ଆଜି ଅଷ୍ଟମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ତୃପ୍ତି ଅଟୋ ୱାର୍ଲ୍ଡ ରାଇର୍ଡସ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଏହାର କର୍ମଚାରୀ ଓ ଗ୍ରାହକମାନେ ରକ୍ତଦାନ କରିଥିଲେ। ଶିବିରରେ ରୟାଲ ଏନଫିଲଡର ରିଜିଓନାଲ୍ ବିଜନେସ୍ ମ୍ୟାନେଜର୍ ନରେନ୍ଦ୍ର ଶ' ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା କମିଶନରେଟ ପୁଲିସର ଡେପୁଟି କମାଣ୍ଡାଣ୍ଟ ଲଳିତେନ୍ଦୁ ମହାନ୍ତି ମଧ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ଜୟ ଓଡ଼ିଶା'ର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ କହିଥିଲେ ଯେ ତୃପ୍ତି ଅଟୋ ୱାର୍ଲ୍ଡ ରାଇଡର୍ସ ପରି ରାଜ୍ୟର ଅନ୍ୟାନ୍ୟ ବିଜନେସ୍ ହାଉସ୍‌ମାନେ ଏଭଳି ରକ୍ତଦାନ ଶିବିର ଆୟୋଜନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟରେ ରକ୍ତ ଅଭାବ କାରଣରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇପାରିବ। ଏ ଦିଗରେ 'ଜୟ ଓଡ଼ିଶା' ସବୁ ପ୍ରକାର ସହଯୋଗ ଯୋଗାଇଦେବ ବୋଲି ଶ୍ରୀ ସାମନ୍ତରାୟ କହିଥିଲେ। ରୟାଲ ଏନଫିଲଡ ରାଇଡର୍ସ ଓଡ଼ିଶା ଇନ୍‌ଚାର୍ଜ ଚନ୍ଦନ ଗୋରେଇ ଶିବିର ପରିଚାଳନା କରିଥିଲେ।




# ୧୪ ଜିଲ୍ଲା ମନ୍ତ୍ରୀଶୂନ୍ୟ, କେବେ ହେବ ସମ୍ପ୍ରସାରଣ ?

**ଭୁବନେଶ୍ୱର,୨୨।୬:** ଓଡ଼ିଶାର ପ୍ରାୟ ଅଧା ଜିଲ୍ଲାର ପ୍ରତିନିଧିତ୍ୱ ରାଜ୍ୟ ମନ୍ତ୍ରିମଣ୍ଡଳରେ ନାହିଁ। କେଉଁ ଜିଲ୍ଲାରୁ କେହି ମନ୍ତ୍ରୀ ନାହାନ୍ତି ତେଣୁ ସେହି ଜିଲ୍ଲାର ଅନେକ ବିଜେପି ଓ ସ୍ୱାଧୀନ ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ଆଶା ରଖିବା ସ୍ୱାଭାବିକ। ଏହାଛଡ଼ା ବର୍ଷକର ରିପୋର୍ଟ କାର୍ଡ ଆଧାରରେ ଓ ସାଙ୍ଗଠନିକ ଦୃଷ୍ଟିକୋଣରୁ କେତେକ ମନ୍ତ୍ରୀଙ୍କୁ ବଦଳାଇ ସେମାନଙ୍କ ସ୍ଥାନରେ ନୂଆ ମନ୍ତ୍ରୀ ନେବା ଲାଗି ମଧ୍ୟ ଆଶାୟୀମାନେ ଯୁକ୍ତି ବାଢୁଛନ୍ତି।

ଏବେ କଟକ, କେନ୍ଦ୍ରାପଡ଼ା, ନୟାଗଡ଼, ବୌଦ୍ଧ, କନ୍ଧମାଳ, ବାଲେଶ୍ୱର, ଅନୁଗୁଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବରଗଡ଼, ନୂଆପଡ଼ା ଆଦି ଜିଲ୍ଲାରେ ପ୍ରତିନିଧିତ୍ୱ ମନ୍ତ୍ରିମଣ୍ଡଳରେ ନାହାନ୍ତି। ଖୋର୍ଦ୍ଧା, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର ଆଦି ଜିଲ୍ଲାର ପ୍ରତିନିଧି ମନ୍ତ୍ରିମଣ୍ଡଳରେ ରହିଥିଲେ ମଧ୍ୟ ଏହି ଜିଲ୍ଲାଗୁଡ଼ିକରେ ଆଉ ଅନେକ ବିଧାୟକଙ୍କ ନାଁ ମଧ୍ୟ ରାଜନୈତିକ ସ୍ତରରେ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାରେ ରହିଛି। ଗତ ସରକାର ସମୟରେ ବିରୋଧୀଦଳ ନେତା ଥିବା ଜୟନାରାୟଣ ମିଶ୍ରଙ୍କୁ ବିଜେପି ସରକାରରେ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ଜୟନାରାୟଣ ପୂର୍ବରୁ ବିଜେଡି-ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ରହିଥିଲେ। ଏବେ ରାଜ୍ୟ ମନ୍ତ୍ରିମଣ୍ଡଳରେ ଯେଉଁ ୧୬ ଜଣ ସଦସ୍ୟ ଅଛନ୍ତି ସେମାନଙ୍କ ଭିତରୁ କେବଳ କନକବର୍ଦ୍ଧନ ସିଂହଦେଓଙ୍କର ପୂର୍ବରୁ ମନ୍ତ୍ରୀ ଭାବେ ଅଭିଜ୍ଞତା ଥିବା ବେଳେ ଅନ୍ୟ ୧୫ ଜଣ ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଛନ୍ତି।



ପ୍ରଚଳିତ ପରମ୍ପରା ଅନୁଯାୟୀ, ବିଧାନସଭା ମୋଟ ସଦସ୍ୟ ସଂଖ୍ୟାର ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ସଦସ୍ୟ ରହିପାରିବେ। ଅବଶ୍ୟ ଏହି ପ୍ରଥାକୁ ପୂର୍ବରୁ ଅନେକବାର ଉଲ୍ଲଂଘନ କରାଯାଇଛି। ରାଜ୍ୟ ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭ ଥିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୨ ଜଣ ପର୍ଯ୍ୟନ୍ତ ପ୍ରଥା ଅନୁଯାୟୀ ମନ୍ତ୍ରିମଣ୍ଡଳରେ ରହିପାରିବେ। ୨୦୨୪ ଜୁନ୍ ୧୨ ତାରିଖରେ ଗଢ଼ାଯାଇଥିବା ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୧୬ ଜଣ ମନ୍ତ୍ରୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଅଛନ୍ତି। ଶପଥ ଗ୍ରହଣ ଉତ୍ସବ ସମୟରେ ମନ୍ତ୍ରିମଣ୍ଡଳରେ ସାମିଲ ପାଇଁ ଯେଉଁମାନଙ୍କ ନାଁ ଆଲୋଚିତ ହେଉଥିଲା, ସେମାନଙ୍କ ଭିତରେ କଣ୍ଟାବାଞ୍ଜିରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଥିବା ଲକ୍ଷ୍ମଣ ବାଗଙ୍କ ନାମ ଚର୍ଚ୍ଚାରେ ଥିଲା। ଏମିତିକି ଗଣମାଧ୍ୟମରେ ବି ତାଙ୍କ ନାମ ମନ୍ତ୍ରିମଣ୍ଡଳ ତାଲିକାରେ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ଲକ୍ଷ୍ମଣ ବାଗଙ୍କୁ ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣରେ ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡି ଓ କଂଗ୍ରେସ ଛାଡ଼ି ଯେଉଁମାନେ ବିଜେପିରେ ଯୋଗଦେଇ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି, ସେମାନଙ୍କ ଭିତରୁ ଜଣଙ୍କୁ ବି ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯାଇନାହିଁ। ଏହାଛଡ଼ା ଯେଉଁ ୩ ଜଣ ସ୍ୱାଧୀନ ବିଧାୟକ ବର୍ତ୍ତମାନର ସରକାରକୁ ସମର୍ଥନ ଦେଉଛନ୍ତି ଏବଂ ଅତୀତରେ ବିଜେପି ସହ ଯୋଡ଼ି ହୋଇଥିଲେ, ସେମାନଙ୍କୁ ବି ମନ୍ତ୍ରିମଣ୍ଡଳରେ ନିଆଯିବାର ସମ୍ଭାବନା ରହିଛି। ବିଜେପି ସରକାର ମହିଳାମାନଙ୍କ ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିବା ବେଳେ ମନ୍ତ୍ରୀ ପରିଷଦରେ କେବଳ ଜଣେ ମହିଳା ସଦସ୍ୟା ଅଛନ୍ତି। ରାଜ୍ୟ ଜନସଂଖ୍ୟାର ପ୍ରାୟ ଅଧା ମହିଳା ହୋଇଥିବା ଏବଂ କେନ୍ଦ୍ର ସରକାର ସଂସଦ ଓ ବିଧାନସଭା ପାଇଁ ମହିଳାଙ୍କ ଲାଗି ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଆଇନ୍ ପ୍ରଣୟନ କରିଥିବା ବେଳେ ଓଡ଼ିଶା ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣ ସମୟରେ ଅଧିକ ସଂଖ୍ୟକ ମହିଳାଙ୍କୁ ପ୍ରତିନିଧିତ୍ୱ ମିଳିପାରେ।

ଗୋଟିଏ ଗୋଟିଏ ଜିଲ୍ଲାରୁ ଏବେ ଏକାଧିକ ମନ୍ତ୍ରୀ ଥିବା ବେଳେ ଆଉ କେତେକ ଜିଲ୍ଲାରୁ ଆଦୌ କେହି ମନ୍ତ୍ରୀ ନାହାନ୍ତି। ଏହି ପରିପ୍ରେକ୍ଷୀରେ ୨୧ଟି ଯାକ ସଂସଦୀୟ କ୍ଷେତ୍ରରୁ ଜଣେ ଜଣେ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ରଖାଗଲେ କ୍ଷେତ୍ର ପ୍ରତିନିଧିତ୍ୱ ସମତୁଲ ରହିବ ଓ ଆଗାମୀ ସମ୍ପ୍ରସାରଣରେ ପଛୁଆବର୍ଗ, ମହିଳା ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇ ମନ୍ତ୍ରିମଣ୍ଡଳରେ କିଛି ସଦସ୍ୟଙ୍କୁ ଦଳ ସାଙ୍ଗଠନିକ କାର୍ଯ୍ୟରେ ଲଗାଇପାରେ। (ତଥ୍ୟ)

# ବଦଳୁଛି ରାଜନୀତିର ଗଣିତ

ରାଜନୀତିରେ କିଛି ସ୍ଥାୟୀ ନୁହେଁ। ସବୁ ବେଳେ ସମୀକରଣ ବଦଳିବା ଏହାର ଧର୍ମ। କେହି କାହାର ସ୍ଥାୟୀ ଶତ୍ରୁ ବା ମିତ୍ର ନୁହଁନ୍ତି। ଯିଏ ଆଜି ଶାସକ ଦଳର କଟୁ ସମାଲୋଚକ, ସିଏ କାଲି ପ୍ରଶଂସା କରିପାରେ। ବିରୋଧୀ ଦଳରେ ଥାଇ ମଧ ଅନେକ ଶାସକ ଦଳ ସପକ୍ଷରେ କହିବା ଏବଂ ଶାସକ ମେଣ୍ଟରେ ଥାଇ ସରକାରଙ୍କୁ ସମାଲୋଚନା କରିବା ଏକ ନିୟମିତ ପ୍ରକ୍ରିୟା। ତେଣୁ କେତେବେଳେ କିଏ କାହାର ହାତ ଧରିବ ସେକଥା ଆକଳନ କରିବା କଷ୍ଟକର। ଜାତୀୟ ରାଜନୀତିରେ ଏବେ ଦୁଇଟି ମୁଖ୍ୟ ଜାତୀୟ ଦଳର ନେତୃତ୍ୱରେ ଚାଲିଥିବା ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗୋଟିଏ ହେଲା ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ଯାହା ପୂର୍ବରୁ ୟୁପିଏ ନାମରେ ପରିଚିତ ଥିଲା। ଇଣ୍ଡିଆ ବ୍ଲକରେ ବାମପନ୍ଥୀ ମେଣ୍ଟ ସାମିଲ ରହିଛି। ଆଉ କିଛି ଦଳ ଉଭୟ ମେଣ୍ଟରୁ ସମଦୂରତା ବଜାୟ ରଖିଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା କମ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବେର ଶିରୋମଣି ଅକାଲି ଦଳ, ତେଲେଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢ଼ୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ଏକଲା ଚଲୋ ନୀତିରେ ଚାଲିଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ମେଣ୍ଟକୁ ମମତା ହେୟଜ୍ଞାନ କରୁଛନ୍ତି। ସେହିପରି ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେଣ୍ଟ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ବୁଝାମଣା ଥିଲେ ମଧ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। କିଛି ମାସ ତଳେ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ବା ମହାୟୁତି ବିପୁଳ ବିଜୟ ହାସଲ କରିଥିଲା। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେଣ୍ଟର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖପାକରେ ମଧ ନାହାଁନ୍ତି। କେନ୍ଦ୍ରରେ ମଧ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ। ତେଣୁ ସଂଖ୍ୟା ଦୃଷ୍ଟିରୁ କମ ହେଲେ ବି ଶିବସେନା ନେତା ଏକନାଥ ସିନ୍ଦେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ ବାସ୍ତବତା ହେଲା ମହାରାଷ୍ଟ୍ରବାସୀ ବିଜେପି ନେତୃତ୍ୱାଧିନ ଏନଡିଏ ସପକ୍ଷର ରାୟ ଦେଇଥିଲେ। ଏକନାଥ ସିନ୍ଦେଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାକୁ ମହାୟୁତି ସପକ୍ଷରେ ଜନମତ ଯାଇନଥିଲା। ବିଜୟରେ ସିନ୍ଦେଙ୍କ ଭୂମିକା ମହତ୍ୱପୂର୍ଣ୍ଣ ଥିଲା ଏକଥାକୁ ଅସ୍ୱୀକାର କରାଯାଇପାରିବନି। କିନ୍ତୁ ମେଣ୍ଟର ବୃହତ୍ତମ ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବାର ଯଥାର୍ଥତା ଥିଲା। ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ମହାରାଷ୍ଟ୍ରରେ ସେ ଜଣେ ଲୋକପ୍ରିୟ ନେତା ଏବଂ ତାଙ୍କ ପୂର୍ବ ମୁଖ୍ୟମନ୍ତ୍ରୀତ୍ୱ ବେଶ ସଫଳ ହୋଇଥିଲା। ସେଥିପାଇଁ ୨୦୧୯ରେ ମହାରାଷ୍ଟ୍ରରେ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା। ଉଦ୍ଧବ ଠାକରେଙ୍କ ଖଳ ବୁଦ୍ଧିରେ ଏନଡିଏ ନିର୍ବାଚନ ଜିତିବା ସତ୍ତ୍ୱେ ସରକାର ଗଠନ କରିପାରିଲାନି ସତ୍ୟ, ମାତ୍ର ଜନମତ ଦେବେନ୍ଦ୍ର ଫଡ଼ନାବିଶଙ୍କ ସପକ୍ଷରେ ଯାଇଥିଲା। ଗତ ନିର୍ବାଚନରେ ମହାୟୁତିର ବିଜୟ ପରେ କିଏ ହେବ ମୁଖ୍ୟମନ୍ତ୍ରୀ, ସେଥିନେଇ ବେଶ କିଛି ଦିନ କସରତ ଚାଲିଲା। ସିନ୍ଦେ କିଛି ଦିନ ନିଜ ଗାଁରେ ଯାଇ ଜ୍ୱର ହୋଇଛି ବୋଲି କହି ଲୁଚିଲେ। ଶେଷରେ ବିବାଦ ତୁଟିଲା ଏବଂ ଫଡ଼ନାବିଶ ହେଲେ ମୁଖ୍ୟମନ୍ତ୍ରୀ। ଅତୀତରେ ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ଥିଲେ, କିନ୍ତୁ ସିନ୍ଦେ ସରକାରରେ ସେ ଉପ-ମୁଖ୍ୟମନ୍ତ୍ରୀ ହେଲେ। ଏବେ ଫଡ଼ନାବିଶ ସରକାରରେ ସିନ୍ଦେ ହୋଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏଥିରେ କିଛି ଅସୁବିଧା ନାହିଁ। ମେଣ୍ଟ ରାଜନୀତିରେ ଏଭଳି କିଛି ସାଲିସ କରିବାକୁ ପଡ଼ିବ। ଏହା ହେଉଛି ମେଣ୍ଟ ଧର୍ମ। ନଚେତ ମେଣ୍ଟ ତିଷ୍ଠିବ ନାହିଁ। ଶିବସେନା ପାଇଁ ବିଜେପି ଅନେକ ତ୍ୟାଗ ସ୍ୱୀକାର କରିଛି। ଏବେ ସିନ୍ଦେଙ୍କ ପାଳି ଋଣ ପରିଶୋଧ କରିବାର। ସରକାର ଗଠନ ପରଠାରୁ ମହାୟୁତିରେ କିଛି ନା କିଛି ବିବାଦ ଲାଗି ରହିଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ସହ ଅଜିତ ପାୱାରଙ୍କ ଏନସିପି ଏବଂ ବିଜେପି ନେତାଙ୍କ ମତାନ୍ତର ଲାଗି ରହିଛି। ଏବେ ସିନ୍ଦେ କହିଛନ୍ତି ଯେ, ମହାୟୁତିରେ କୌଣସି ମତଭେଦ ବା ଅଂଶୀଦାର ଦଳ ମଧ୍ୟରେ ବିଭେଦ ନାହିଁ। ତାଙ୍କୁ ଏଭଳି ସ୍ପଷ୍ଟିକରଣ କାହିଁକି ଦେବାକୁ ପଡ଼ିଲା? ଗଣମାଧମରେ ଏଭଳି କିଛି ଖବର ପ୍ରକାଶ ପାଇବା ପରେ ସେ ଏହାର ସ୍ପଷ୍ଟିକରଣ ଦେଇଛନ୍ତି। ନିଆଁ ନଥିଲେ ଧୂଆଁ ବାହାରେ ନାହିଁ। ମହାୟୁତିରେ କିଛି ନା କିଛି ଆଭ୍ୟନ୍ତରୀଣ ବିବାଦ ନିଶ୍ଚିତ ଭାବେ ରହିଛି। ଆଶା ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏଥିରେ ହସ୍ତକ୍ଷେପ କରିବେ ଏବଂ ବିବାଦର ସମାଧାନ ଶୀଘ୍ର ହୋଇଯିବ। ଏନଡିଏରେ ସିନ୍ଦେଙ୍କୁ ଯଥେଚ୍ଚ ସମ୍ମାନ ଏବଂ ସ୍ୱୀକୃତି ମିଳିଛି। ତାଙ୍କୁ କେହି ଅବମାନନା କରୁ ନାହାଁନ୍ତି। ତଥାପି ସେ କାହିଁକି ଅସନ୍ତୁଷ୍ଟ ରହୁଛନ୍ତି ତାହା ବିସ୍ମୟଜନକ। ଫଡ଼ନାବିଶ ସରକାର ଶିବସେନାର ସମର୍ଥନ ଉପରେ ନିର୍ଭର କରୁନି। ମେଣ୍ଟରୁ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓହରିଗଲେ ମଧ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ସଂଖ୍ୟା ରହିଛି। ତେଣୁ ସରକାର ପ୍ରତି ବିପଦ ନାହିଁ। କିନ୍ତୁ ମେଣ୍ଟରୁ ଏକ ପ୍ରମୁଖ ଅଂଶୀଦାର ଦଳ ଓହରିଯିବା ଦ୍ୱାରା ମହାୟୁତିର ବିଶ୍ୱସନୀୟତା ପ୍ରତି ଆଞ୍ଚ ଆସିବ। ଲୋକେ ଯେଉଁ ଭରସାରେ ମହାୟୁତି ସପକ୍ଷରେ ରାୟ ଦେଇଥିଲେ ତାହା ତୁଟିଯିବ। ଏହା ଜନତାଙ୍କ ପ୍ରତି ଧୋକା ହେବ। ଅତୀତରେ ଉଦ୍ଧବ ଠାକରେ ଯେଉଁ ଭୁଲ କରିଥିଲେ, ସିନ୍ଦେ ସେହି ଭୁଲର ପୁନରାବୃତ୍ତି କରିବେ ନାହିଁ ବୋଲି ବିଶ୍ୱାସ। ତାଙ୍କ ଦଳର ଏତେ ସଂଖ୍ୟାରେ ବିଧାୟକ ଜିତିଛନ୍ତି କେବଳ ମେଣ୍ଟ ସପକ୍ଷରେ ରାୟ ଯୋଗୁଁ। ଏହାକୁ ସେ ଭୁଲିଯିବା ଅନୁଚିତ। ମହାୟୁତିରେ ବିଭେଦ କଂଗ୍ରେସ ନେତୃତ୍ୱାଧିନ ଏମଭିଏ ପାଇଁ ପୁନର୍ବାର ସୁଯୋଗ ସୃଷ୍ଟି କରିପାରେ। ତେଣୁ ବିଭେଦ ତୁଟାଇବାକୁ ଫଡ଼ନାବିଶଙ୍କ ସହ ଅମିତ ଶାହା ଏବଂ ଜେ ପି ନଡ୍ଡା ତୁରନ୍ତ ପ୍ରୟାସ କରିବା ଉଚିତ। ଯଦି ମହାୟୁତି ସୁଦୃଢ଼ ରହିବ ତେବେ ଏମଭିଏ ଦୁର୍ବଳ ହେବ। ନଚେତ ଏମଭିଏ କ୍ଷମତାକୁ ଫେରିବାକୁ ଅଧିକ ସମୟ ଲାଗିବ ନାହିଁ। ଦେବେନ୍ଦ୍ର ଫଡ଼ନାବିଶ ଜଣେ ଦକ୍ଷ ଏବଂ ପରିପକ୍ୱ ନେତା। ସେ ସବୁ କଥା ସମ୍ଭାଳି ନେବେ ବୋଲି ବିଶ୍ୱାସ।

# କ୍ଷେତ୍ରେ କ୍ଷେତ୍ରେ ଜଗନ୍ନାଥଙ୍କ ସଂସ୍କୃତି ଓ ଲୀଳା



**ଉମା ଶଙ୍କର ପ୍ରସାଦ**

ଓଡ଼ିଶାର ସଂସ୍କୃତି କହିଲେ-ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ବୁଝାଏ। କୋଟି କୈବଲ୍ୟର ନାଥ କହିଲେ ଜଗନ୍ନାଥନଙ୍କୁ ବୁଝାଏ। ତୀର୍ଥ କହିଲେ ଶ୍ରୀକ୍ଷେତ୍ର ପୁରୀକୁ ବୁଝାଏ। ଭରସା କହିଲେ ଜଗା ବଳିଆର ଭୁଜକୁ ବୁଝାଏ। ଶ୍ରୀକ୍ଷେତ୍ର ମଉଡ ମଣି ଯାହାର ଭରସା ତା'ର ବିପଦ ନଥାଏ। ସିଏ ଯାହାର ସମ୍ପଦ ତା'ର କ୍ଷୟ ନଥାଏ। ଜଗନ୍ନାଥ ଯାହାର ଗର୍ବ- ତାର ପତନ ନଥାଏ। ସେହି ନୀଳକନ୍ଦର ନାଥ, ପତିତ ପାବନ ବିଭିନ୍ନ କ୍ଷେତ୍ରରେ ନିଜର ଲୀଳା ଖେଳା ଭିଆଇବା ସହ ଭକ୍ତ ଓ ଭଗବାନ ଏକାକାର ହୋଇଥାନ୍ତି। ଓଡ଼ିଶାର ସୀମାନ୍ତବର୍ତ୍ତୀ ମୟୁରଭଞ୍ଜ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ସମ୍ପ୍ରତି ରାଜ୍ୟର ସର୍ବବୃହତ ଜିଲ୍ଲା। ଅତୀତରେ ଏହି ଜିଲ୍ଲା ଏକ ଦୀର୍ଘ ପରିସୀମାଭୁକ୍ତ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ପ୍ରତିଷ୍ଠା ଲାଭ କରିଥିଲା। ଭଞ୍ଜବଂଶ ଶାସନାଧୀନ ଥିବା ସମୟରେ ଏହି ଅଞ୍ଚଳରେ ଜଗନ୍ନାଥ ସଂସ୍କୃତି ପ୍ରତି ଭଞ୍ଜ ଶାସକ ମାନେ ଆକୃଷ୍ଟ ହୋଇ ସେଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ରଥଯାତ୍ରା ଭାବେ ପ୍ରତିଷ୍ଠା କରିଥିଲେ। ଅନାର୍ଯ୍ୟ ଏବଂ ଆର୍ଯ୍ୟ ସଂସ୍କୃତିର ସମନ୍ୱୟରେ ସୃଷ୍ଟି ହୋଇଥିବା ମୟୁରଭଞ୍ଜର ବାରିପଦା ଠାରେ ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ। ଆବାହମାନ କାଳରୁ ଘାତ ପ୍ରତିଘାତ ଦେଇ ବିଭିନ୍ନେ କ୍ଷେତ୍ରରେ ଜଗନ୍ନାଥ ସଂସ୍କୃତି ଅକ୍ଷୁର୍ଣ୍ଣ ରହି ସମଗ୍ର ବିଶ୍ୱରେ ଏକ ମହାନ ସଂସ୍କୃତି ଭାବେ ପ୍ରତିଷ୍ଠା ଅର୍ଜନ କରି ପାରିଛି। ଏହି ପ୍ରବହମାନ ସଂସ୍କୃତି ଅନେକ ଝଡ ଝଞ୍ଜା ଓ ଆନ୍ଦୋଳନାତ୍ମକ ଭାବେ ବିଭିନ୍ନ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିବା ଲକ୍ଷ କରାଯାଏ। ଗଙ୍ଗବଂଶ ରାଜତ୍ୱ ସମୟରେ ଉତ୍କଳପ୍ରଦେଶରେ ବିଭିନ୍ନ ଗଡ଼ଜାତରେ ସାମନ୍ତ ରାଜାମାନେ ରାଜୁତି କରୁଥିଲେ।

ଏହାର ପରବର୍ତ୍ତୀ କାଳରେ ପୁରୀ ଜଗନ୍ନାଥ ମନ୍ଦିର ଅନୁକରଣରେ ଯେଉଁ ଗଡ଼ଜାତ ମାନଙ୍କରେ ଶ୍ରୀଜଗନ୍ନାଥ ମନ୍ଦିର ମାନ ପ୍ରତିଷ୍ଠା କରା ଯାଇଥିଲା ତନ୍ମଧ୍ୟରୁ ସୁପ୍ରସିଦ୍ଧ ବାରିପଦା ଶ୍ରୀଜଗନ୍ନାଥ ମନ୍ଦିର ( ହରି ବଳଦେବଜୀଉ ମନ୍ଦିର) ଅନ୍ୟତମ। ମୟୁରଭଞ୍ଜର ଭଞ୍ଜ ଶାସକ ମାନେ ଶୈବ ଓ ଶକ୍ତି ଉପାସକ ଥିଲେ। କିନ୍ତୁ ୧୩୨୫ ଖ୍ରୀଷ୍ଟାବ୍ଦରେ ସୁଲତାନ ଫିରୋଜ ତୁଗଲୋକଙ୍କ ଓଡ଼ିଶା ଆକ୍ରମଣ ସମୟରେ ତତ୍କାଳୀନ ରାଜଧାନୀ ଖିଚିଂକୋଟ। ବର୍ତ୍ତମାନର ଖିଚିଂକୁ ଧ୍ୱଂସ କରିଦେଇଥିଲେ। ସେଠାରେ ଥିବା ଏକାଧିକ ସୁନ୍ଦର ମନ୍ଦିର ଗୁଡିକ ମଧ ନଷ୍ଟ କରି ଦେଇଥିଲେ। ଭଞ୍ଜ ରାଜାମାନେ ଅଳ୍ପ କିଛିଦିନ ପାଇଁ ବହଳଦା ଏବଂ ପରେ ହରିପୁର ଠାରେ ମୟୁରଭଞ୍ଜର ରାଜଧାନୀ ସ୍ଥାପନ କରିଥିଲେ। ତତ୍କାଳୀନ ମହାରାଜ ବୈଦ୍ୟନାଥ ଭଞ୍ଜଙ୍କ ସମୟରେ ରାଜଧାନୀ ହରିପୁରକୁ ବାରିପଦା ସ୍ଥାନାନ୍ତରିତ କରାଯିବାର ଜଣାଯାଏ। ଏହି ସମୟରୁ ମୟୁରଭଞ୍ଜରେ ଜଗନ୍ନାଥ ଧର୍ମଧାରାର ପ୍ରବାହ ଆରମ୍ଭହୋଇଥିବା ଅନୁମାନ କରାଯାଏ। ବୈଦନାଥ ଭଞ୍ଜ ୧୫୫୬ ରୁ ୧୬୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ବାରିପଦା ଶ୍ରୀ ଜଗନ୍ନାଥ ମନ୍ଦିର ୧୫୭୫ ମସିହା ବେଳକୁ ସମ୍ପୂର୍ଣ୍ଣ ନିର୍ମିତ ହୋଇଥିବାର ପ୍ରମାଣ ମନ୍ଦିରର ପୂର୍ବ ପ୍ରାଚୀରର ଉତ୍ତର କୋଣରେ ଥିବା ଏକ ଅଭିଲେକରୁ ଜଣାପଡ଼ିଥାଏ। ମୟୁରଭଞ୍ଜର ରାଜବଂଶ ମାନେ ବୈଷ୍ଣବ ସନ୍ୟାସୀ ମାନଙ୍କର ସାନ୍ନିଧ ଲାଭ କରିଥିଲେ। ଶ୍ରୀ ଚୈତନ୍ୟ ଦେବ ଓ ତାଙ୍କର ଶିଷ୍ୟ ରସିକ ରାୟ ଅନ୍ୟତମ। ଉଭୟେ ହରିପୁର ଗଡ଼ରେ ଅବସ୍ଥାନ କରିଥିବା ଜଣାଯାଏ। ଏହି ହରିପୁରଠାରେ ନିର୍ମିତ ରସିକ ରାୟ ମନ୍ଦିର ଏହି ସନ୍ୟାସୀ ମାନଙ୍କର ଆଗମନର ଏକ ପ୍ରାମାଣିକ ସ୍ମୃତି ବହନ କରିଥାଏ। ରାଜା ବୈଦନାଥଙ୍କର ଏକମାତ୍ର ପୁତ୍ର ଜଗନ୍ନାଥଙ୍କ ପ୍ରସାଦରୁ ପ୍ରାପ୍ତ ହୋଇଥିବାରୁ ତାଙ୍କର ଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଅନୁରକ୍ତି ସୂଚନା ମିଳେ। ଏତଦ୍ ବ୍ୟତୀତ ବାରିପଦା ଜଗନ୍ନାଥ ମନ୍ଦିରର ସ୍ଥାପନା ସମ୍ପର୍କରେ ଅନେକ କିମ୍ବଦନ୍ତିକ ଆଧାତ୍ମିକ ମତବାଦ ଶୁଣିବାକୁ ମିଳିଥାଏ। ଅନେକ ଲୋକକଥା ଓ ବିଶ୍ୱାସ କିମ୍ବଦନ୍ତୀରେ ପରିଣତ ହୋଇଥାଏ। ଏକଦା ମହାରାଜା ବୈଦ୍ୟନାଥ ଭଞ୍ଜ ପୁରୀ ନୀଳାଚଳ ଧାମ ଶ୍ରୀକ୍ଷେତ୍ରକୁ ନୀଳାଦ୍ରୀନାଥ ଜଗନ୍ନାଥ ଙ୍କୁ ଦର୍ଶନ ପାଇଁ ଯାଇଥିଲେ। ତତ୍କାଳୀନ ଗଜପତି ମହାରାଜା ବୈଦ୍ୟନାଥଙ୍କୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ମୋଟା ଅଙ୍କର ମାହାସୁଲ ଦାବି କରିଥିଲେ। କିନ୍ତୁ ସେହି ସମୟରେ



ବୈଦ୍ୟନାଥଙ୍କ ନିକଟରେ ଯଥେଷ୍ଟ ଅର୍ଥ ନଥିଲା। ଏଣୁ ସେ ଅପମାନ ବୋଧକରି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ି ସେହିଭଳି ଏକ ମନ୍ଦିର ନିର୍ମାଣ ପାଇଁ ଜଗନ୍ନାଥଙ୍କୁ ଗୁହାରି କରିଥିଲେ। ଭକ୍ତ ବିନୋଦିଆ ଜଗନ୍ନାଥ ମହାରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେଇଥିଲେ ବାରିପଦା ଠାରେ ଥିବା ଜୈନ ତୀର୍ଥ ଏବଂ ବୌଦ୍ଧ ତୀର୍ଥଙ୍କର ସମାଧି ପୀଠ ନିକଟରେ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ। କିନ୍ତୁ ଅନେକ ସଂସ୍କୃତି ବିଶାରଦ ମାନଙ୍କ ମତରେ ଏହା ଶାସ୍ତ୍ର ବିରୋଧୀ। ସ୍କନ୍ଦ ପୁରାଣ ମତରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱୟଂ ଜଗନ୍ନାଥ କହିଛନ୍ତି " କ୍ଷଣମାତ୍ର ପରିତେଜ୍ୟ ନଗଚ୍ଛାମି କଦାଚନ" ପୁରୁଷୋତ୍ତମ କ୍ଷେତ୍ର ଜଗନ୍ନାଥଙ୍କ ଚରଚର ଭୂମି, ସେ ଶ୍ରୀକ୍ଷେତ୍ରକୁ କ୍ଷଣକ ପାଇଁ ମଧ ଛାଡି ଯିବେ ନାହିଁ ବୋଲି ସ୍କନ୍ଦ ପୁରାଣରେ ବାଖ୍ୟା ଅଛି। ବାରିପଦା ରଥଯାତ୍ରା ୪୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଏବଂ ପୁରୀ ଜଗନ୍ନାଥ ମନ୍ଦିର ର ସମସ୍ତ ନିତି ସଂସ୍କୃତି ପରମ୍ପରା ଭଳି ଏଠାରେ ପାଳନ ହେଉଥିଲା। ଏ ସମସ୍ତ ନିୟମ ଓ ନୀତି ବାରିପଦା ଠାରେ ଏକ ଦ୍ୱିତୀୟ ଜଗନ୍ନାଥ ମନ୍ଦିର 'ବାଣିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ପୂର୍ବର ଥିବା କିଛି ନୀତି ନିୟମକୁ ପରିବର୍ତ୍ତନ କରାଯାଇଥିବା କେତେକ ବୟୋବୃଦ୍ଧ ଧାର୍ମିକ ବ୍ୟକ୍ତିମାନେ ବିଶ୍ୱାସ କରନ୍ତି।

**ଶ୍ରୀବାଣିଆ ଜଗନ୍ନାଥ ମନ୍ଦିର:** ପ୍ରାୟ ୩୦୦ ବର୍ଷର ପୁରାତନ ଶ୍ରୀବାଣିଆ ଜଗନ୍ନାଥ ମନ୍ଦିର ନିର୍ମାଣରେ ମଧ ଅନେକ ରହସ୍ୟମୟ କିମ୍ବଦନ୍ତି ରହିଛି। 'ଶ୍ରୀବାଣିଆ ଜଗନ୍ନାଥ' ମନ୍ଦିର ମୟୁରଭଞ୍ଜର ତତ୍କାଳୀନ ରାଜା ଶ୍ରୀନାଥ ଭଞ୍ଜଙ୍କ ରାଣୀ ସ୍ୱାମୀଙ୍କ ପ୍ରେରଣାରେ ନିର୍ମାଣ କରାଇଥିଲେ। ଶ୍ରୀନାଥ ଭଞ୍ଜଙ୍କ ପତ୍ନୀ ମଧ ଜଣେ ପରମ ବିଷ୍ଣୁଭକ୍ତ ଥିଲେ। ଶୁଣାଯାଏ ମହାରାଜା ଶ୍ରୀନାଥ ଭଞ୍ଜ ପୁରୀ ଶ୍ରୀକ୍ଷେତ୍ର ଦର୍ଶନରେ ଯାଇଥିବା ସମୟରେ ପୁରୀରେ କେତେକ ଜଗନ୍ନାଥ ସେବକ ଓ ପଣ୍ଡିତଙ୍କ ସାନ୍ନିଧ କରି ଉକ୍ତ ସ୍ଥାନରେ ସ୍କନ୍ଦ ପୁରାଣ ବର୍ଣ୍ଣିତ ଉକ୍ତିକୁ ଅସ୍ୱୀକାର କରି ଶ୍ରୀ ଜଗନ୍ନାଥ ଙ୍କୁ ବାରିପଦାକୁ ମାତ୍ର ଘନ୍ଟାଏ ପାଇଁ ଯିବାକୁ ଅଧିଆ ପଡ଼ିଥିଲେ। ଭକ୍ତ ଭାବରେ ବନ୍ଧା ଜଗନ୍ନାଥ ସାଲବେଗର କରୁଣ ଡାକରେ ରଥ ଅଟକାଇ ଦିଅନ୍ତି, ହାତ ନଥାଇ ମଧ ଦାସିଆ ବାଉରୀର ନଡିଆକୁ ଶ୍ରୀହସ୍ତ ପ୍ରସାରି ନେଇଥାନ୍ତି, ପାଦ ନଥାଇ ମଧ ବଳରାମ ଦାସଙ୍କ ବାଲି ରଥ ଖୁ ବିଜେ କରିଥାନ୍ତି, ପରିବା ବିକାଳି ଭକ୍ତିମତି ମହିଳାର ଭାବ ଗଦ ଗଦ କଣ୍ଠରୁ ଗୀତ ଗୋବିନ୍ଦ ଶୁଣିବା ପାଇଁ ବାଇଗଣ ବାଡିକୁ ଯାଇ ପାରନ୍ତି ସେ ବାରିପଦା କାହିଁକି ନଆସିବେ? ଉହାପ୍ରଭୁ ଶ୍ରୀନାଥ ଭଞ୍ଜଙ୍କୁ ଆଦେଶ ଦେଇ କହିଥିଲେ ଯେ, ରଥଯାତ୍ରାର ଗୋଟିଏ ଦିନ ପରେ ଗୋଟିଏ ମୁହୂର୍ତ୍ତ ବା କ୍ଷଣ ପାଇଁ ସେ ବାରିପଦା ଯିବେ। ଶ୍ରୀଜଗନ୍ନାଥ ରଥ ଉପରେ ଅବସ୍ଥାନ ସମୟରେ "ବାମନ ଅବତାର" ରେ ଥାନ୍ତି। ଏ ସଂକ୍ରାନ୍ତରେ ଏକ ସଂସ୍କୃତ ଉକ୍ତିକୁ ଏଠାରେ ଉପସ୍ଥାପନା କରାଯାଇପାରେ ଯାହାହେଲା "ରଥାରୁଢଂ ଦୃଷ୍ଟ୍ୱା ନୟନ / ସଭଙ୍ଗ ବାମନ ତନୁଂ-- ପରାଂମୁକ୍ତିଂ ଲୋକ ବିଗତ / କଲୁଷ ଯାନ୍ତି ମହତୀମା" ଶ୍ରୀ ଜଗନ୍ନାଥ ଙ୍କ ହୁକୁମ ଏବଂ ଉପରୋକ୍ତ ଉକ୍ତ ଅନୁସାରେ ଶ୍ରୀନାଥ ଭଞ୍ଜ ଜଗନ୍ନାଥଙ୍କ ଏହି ରୂପରେ ଏକ ମନ୍ଦିର ନିର୍ମାଣ କରିଥିଲେ। ଅଦ୍ୟାବଧି ବାରିପଦାର ନିର୍ମିତ ଦ୍ୱିତୀୟ ଜଗନ୍ନାଥ ମନ୍ଦିର "ବାଣିଆ ଜଗନ୍ନାଥ" ମନ୍ଦିର ଭାବରେ ପ୍ରସିଦ୍ଧି ଲାଭ କରିଛି। ବାଣିଆ ଅର୍ଥ ବାମନ। ପୁରୀ ରଥ ଯାତ୍ରାର ଗୋଟିଏ ଦିନ ପରେ ଏହିଠାରେ ରଥଯାତ୍ରା ଆରମ୍ଭ ହୋଇଥିବାର ଜନରବ କହେ।

**ଏହି ରଥର ନିର୍ମାଣ ଶୈଳୀ ଓ ପରମ୍ପରା:** ପୁରୀ ମନ୍ଦିର ଅନୁକରଣରେ ନିର୍ମିତ ମନ୍ଦିର ଦୁଇଟି ପରମ୍ପରା ଶୈଳୀ ଅନୁସାରେ ରେଖାଶୈଳୀ ଉପରେ ବିମାନ ଓ ଜଗମୋହନ ମଣ୍ଡପ ନିର୍ମିତ। ରଥ ନିର୍ମାଣ ପରମ୍ପରା ଓ ଶୈଳୀ ପୁରୀ ରଥାନୁଯାୟୀ ଶାସ୍ତ୍ରୀୟ ମତରେ ନିର୍ମିତ ହୋଇଥାଏ। ପୁରୀ ରଥ ବାରିପଦା ରଥ ତୁଳନାରେ ସାମାନ୍ୟ ବଡ। ବାରିପଦା ନନ୍ଦିଘୋଷ ରଥର ଉଚ୍ଚତା ୩୬ ଫୁଟ ୨ ଇଞ୍ଚ, ଲମ୍ବା ୪୧ ଫୁଟ ୩ ଇଞ୍ଚ ଏବଂ ଓସାର ୪୦ ଫୁଟ ୭ ଇଞ୍ଚ। ଏଥିରେ ୧୬ ଟି ଚକ ଏବଂ ୮ଟି ଅଖ ଅଛି। ନନ୍ଦିଘୋଷ ରଥରେ ଲାଗିଥିବା କଳସର ଉଚ୍ଚତା ୫ ଫୁଟ ୧୦ ଇଞ୍ଚ। ରଥର ମୋଟ ଉଚତା ୪୨ ଫୁଟ। ତାଳଧ୍ୱଜ ରଥର ଉଚ୍ଚତା ୩୪ ଫୁଟ ୨ ଇଞ୍ଚ, ଚଉଡା ୩୯ ଫୁଟ ୩ ଇଞ୍ଚ ଏବଂ ଏବଂ ଲମ୍ବା ୪୦ ଫୁଟ ୩ ଇଞ୍ଚ ଏବଂ କଳସର ଉଚ୍ଚତା ୫ ଫୁଟ ୮ ଇଞ୍ଚ ମିଶାଇ ଏହି ରଥର ମୋଟ ଉଚ୍ଚତା ୩୯ ଫୁଟ ୧୦ ଇଞ୍ଚ। ଏଥିରେ ୧୪ ଟି ଚକ ଓ ୭ ଟି ଅଖ ଥାଏ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଉଚ୍ଚତା ୩୩ ଫୁଟ ୨ ଇଞ୍ଚ ଓସାର ୩୭ ଫୁଟ ୪ ଇଞ୍ଚ ଏବଂ ଲମ୍ବା ୩୮ ଫୁଟ ୫ ଇଞ୍ଚ। ଖଳସର ଉଚ୍ଚତା ୫ ଫୁଟ ୪ ଇଞ୍ଚ।

**ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳା ଟାଣିବା ପରମ୍ପରା:** ୧୯୭୫ ମସିହା ଠାରୁ ଅଦ୍ୟାବଧି ଆଜକୁ ୫୦ ବର୍ଷ ବର୍ଷ ଧରି ମହିଳା ମାନଙ୍କ ରଥଟଣା ପରମ୍ପରା ଗଡ଼ି ଆସୁଅଛି। ତତ୍କାଳିନ ଜିଲ୍ଲାପାଳ ବିବେକ ପଟ୍ଟନାୟକ ମହିଳାଙ୍କ ପାଇଁ ୩ଟି ଦଉଡିରୁ ଗୋଟିଏ ଦଉଡି ଟାଣିବାର ବ୍ୟବସ୍ଥା କରିଥିଲେ। ମାତ୍ର ରଥ ଟାଣିବା ସମୟରେ ବିଭିନ୍ନ ଅପ୍ରୀତିକର ପରିସ୍ଥିତି ତଥା ଦଳାଚକଟା ହେବାରୁ ପରବର୍ତ୍ତୀ ଜିଲ୍ଲାପାଳ ଡି. ଏନ. ପାଢ଼ୀ କେବଳ ମହିଳା ମାନେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟାଣିବାର ବ୍ୟବସ୍ଥା କରିଥିଲେ ଯାହା ଆଜିପର୍ଯ୍ୟନ୍ତ ପାଳନ ହୋଇ ଆସୁଛି।

**ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋବାଇଲ୍: ୬୩୭୦୬ ୭୫୫୬୨**

# ନିର୍ବାଚନରେ ସ୍ୱଚ୍ଛତା



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଭାରତ ପରି ଏକ ବିଶାଳ ଗଣତାନ୍ତ୍ରୀକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରୀୟାର ସୁଖ୍ୟାତି ଏହାର ସବୁଠାରୁ ମୁଖ୍ୟ ଗୌରବ ଭାବେ ରହିଆସିଛି। କିନ୍ତୁ ଦେଶରେ ଭାରତର ନିର୍ବାଚନ କମିଶନ (ଇସିଆଇ) ବିବାଦ ମୁକ୍ତ ନୁହେଁ, ଏହା ଯେ କେହି ସ୍ୱୀକାର କରିବେ। ତେବେ ଏଣିକି ଦେଶର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର ଗୁଡିକରେ ଶତପ୍ରତିଶତ ୱେବକାଷ୍ଟିଂ ବାଧତାମୂଳକ କରିବା ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତିର ଉଦ୍ଦେଶ୍ୟ ଏହାର ସୁଖ୍ୟାତିକୁ ଆହୁରି ସୁଦୃଢ଼ କରିବା ନେଇ ସଂକେତ ପ୍ରଦାନ କରେ। ଏହାକୁ ଏକ ଆଭ୍ୟନ୍ତରୀଣ ପଦକ୍ଷେପ ବୋଲି ସରକାରୀ ଭାବେ ବର୍ଣ୍ଣନା କରାଯାଇଥିବା ଏହାର ସମୟକୁ କଦାପି ଉପେକ୍ଷା କରାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବ୍ୟାପକ ର୍‌ଯାଗିଂ ହୋଇଥିବା ନେଇ ହୋଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ଇସିଆଇ ଏହି ନିଷ୍ପତି ନେଇଥିବା ମନେହୁଏ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବ୍ୟାପକ ର୍‌ଯାଗିଂ ହୋଇ ଥିବା ନେଇ ବିରୋଧ ଦଳ ନେତା ରାହୁଳ ଗାନ୍ଧୀ ଅଭିଯୋଗ କରିବା ସହ ଇସିଆଇଙ୍କ ନିରପେକ୍ଷତା ଉପରେ ମଧ ପ୍ରଶ୍ନ ଉଠାଇଥିଲେ। ଏଥିଲାଗି ରାହୁଳ ତିନୋଟି କାରଣ ଦର୍ଶାଇଥିଲେ। ନିର୍ବାଚନ କମିଶନ ମଧ ଅଭିଯୋଗର ସ୍ପଷ୍ଟୀକରଣ ରଖିଥିଲେ। ତେବେ ସେ ଯାହା ହେଉ ନା କାହିଁକି, ଇସିଆଇର ଶତପ୍ରତିଶତ ୱେବକାଷ୍ଟିଂ ନିଷ୍ପତି କେବଳ ରାଜନୈତିକ ଦୋହଲାଇ ପ୍ରତିରକ୍ଷାମୂଳକ ନୁହେଁ, କିନ୍ତୁ ନିର୍ବାଚନ ପ୍ରକ୍ରୀୟାରେ ଏହାର ଆବଶ୍ୟକତା ବହୁ ପୂର୍ବରୁ ଥିଲା। ନିର୍ବାଚନରେ ସ୍ୱଚ୍ଛତା ନେଇ ବୈଷୟିକ ବିଦ୍ୟା ଦୀର୍ଘ ଦିନରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଭୂମିକା ନିର୍ବାହ କରି ଆସୁଥିବା ବେଳେ ତଥାପି ଭାରତରେ ଏହା ତାଳିପକା, ଚୟନାତ୍ମକ ଏବଂ ସାଂକେତି ଭାବେ ରହିଛି। ଏହି ପଦକ୍ଷେପ ଦ୍ୱାରା ଇସିଆଇ ଆନୁଷ୍ଠାନିକ ଭାବରେ ନିର୍ବାଚନ ପ୍ରକ୍ରିୟା ତଦାରଖ ପାଇଁ ପ୍ରୟାରତ ରହିଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ ସତର୍କ ନଜର ଜାଲିଆତିକୁ ଠାବ କରିବା ସହ ଉଭୟ ଭୋଟଦାତା ଏବଂ ରାଜନୈତିକ ଦଳମାନଙ୍କୁ ସ୍ୱଚ୍ଛତା ନେଇ




ଆଶ୍ୱସ୍ତ କରିପାରିବ। କହିବା ବାହୁଲ୍ୟ ଯେ, ଇସିଆଇଙ୍କ ଏଭଳି ନିଷ୍ପତିର ମହତ୍ୱ ସର୍ବବ୍ୟାପକତା ଉପରେ ପର୍ଯ୍ୟବେସିତ ତେବେ ଭୋଟ ଗ୍ରହଣ କେନ୍ଦ୍ରରେ ୱେବ କାଷ୍ଟିଂ ଆମ ଦେଶରେ ନୂଆ ନୁହେଁ। ଏହା ସୀମିତ ସଂଖ୍ୟକ କେତେକ ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ରରେ କାର୍ଯ୍ୟକାରୀ ହୋଇଥିଲା। ଏହାର ସଂଖ୍ୟା ଅତି ନଗଣ୍ୟ ଥିଲା। କେବଳ ରାଜନୈତିକ ହିଂସାକାଣ୍ଡ ଦୃଷ୍ଟିରୁ ସମ୍ବେଦନଶୀଳ ବୁଥ ଗୁଡିକରେ ଭୋଟ ଗ୍ରହଣର ୱେବ କାଷ୍ଟିଂ କରାଯାଇଥିଲା। କମିଶନଙ୍କ ନିଷ୍ପତି ଯୋଗୁଁ ଏବେ ଦେଶର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରର ୱେବକାଷ୍ଟିଂ କରାଯିବ, ଯାହା ମତଦାନ ପ୍ରକ୍ରୀୟାରେ ଚିତ୍ର ଉତୋଳନ କରିବ। ଏହି ୱେବ କାଷ୍ଟିଂ ସହ ଇଂଟରନେଟର ସଂଯୋଗ କରାଯାଇ ସାର୍ବଜନୀନ କରାଯିବ। ଯେଉଁଠାରେ ଇଂଟରନେଟ ବ୍ୟବସ୍ଥା ନଥିବ, ସେବାରେ ବିକଳ୍ପ ବ୍ୟବସ୍ଥା ସ୍ୱରୁପ ମତଦାନ ପ୍ରକ୍ରୀୟାର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି କରାଯିବ। ତେବେ ନିର୍ବାଚନ କମିଶନଙ୍କ ଏହି ବ୍ୟବସ୍ଥା କ'ଣ ନିର୍ବାଚନ କମିଶନଙ୍କ ନିରପେକ୍ଷତା ପ୍ରମାଣିତ କରିପାରିବ? ଅବା ଭୋଟଦାତା ଓ ରାଜନୈତିକ ଦଳମାନଙ୍କ ମନରୁ ର୍‌ଗିଂ, ମ୍ୟାଚ ଫିକ୍ସିର ସନ୍ଦେହ ଦୂର କରିବାରେ ସମର୍ଥ ହେବ? ଏହା ସତ୍ୟ ଯେ, ଜନସାଧାରଣ ଓ ରାଜନୈତିକ ଦଳମାନଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ ବତର୍ମାନ ସୁଦ୍ଧା କୌଣସି ବୈଷୟିକ ବିଦ୍ୟା ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ଡିଜିଟାଲ ଯୁଗରେ ଶତ ପ୍ରତିଶତ ୱେବ କାଷ୍ଟିଂ କେବଳ ଜନସାଧାରଣ ଓ ରୋଜନୈତିକ ଦଳମାନଙ୍କ ପାଇଁ ଆଶ୍ୱସ୍ତି ତଥା ଆତ୍ମପ୍ରତ୍ୟୟ ଆଣିବାରେ ସହାୟକ ହୋଇପାରେ। ଏହା ସତ୍ୟ ଯେ, ଆମ ଦେଶରେ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଭୋଟିଂ ମେସିନ (ଇଭିଏମ)ରେ ଭୋଟ ଗ୍ରହଣ ହେଉଥିବା ବେଳେ ଏବଂ ଇତିମଧ୍ୟରେ ୧୦ଟି ସାଧାରେଣ ନିର୍ବାଚନ ଅତିବାହିତ ହୋଇଥିବା ସତ୍ତ୍ୱେ ଇଭିଏମ ସନ୍ଦେଶ ମୁକ୍ତ ନୁହେଁ କି ବିବାଦ ମୁକ୍ତ ନୁହେଁ। ପୁନର୍ବାର ଦେଶରେ ଭୋଟ କାଗଜ ପ୍ରଚଳନ ପାଇଁ ଦାବି ଉଠୁଛି। କିନ୍ତୁ ଏହା ନିସନ୍ଦେହ ଯେ, ଡିଜିଟାଲ ଯୁଗରେ ସ୍ୱଚ୍ଛ, ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଇସିଆଇଙ୍କ ନିଷ୍ପତି ଏକ ଯଥାର୍ଥ ପଦକ୍ଷେପ। ତେବେ ପ୍ରକୃତ ପରୀକ୍ଷା ହେଉଛି ସ୍ୱଚ୍ଛତାର କାର୍ଯ୍ୟକାରିତା, ସତର୍କ ନଜର ଏବଂ ଜନସାଧାରଣଙ୍କ ବିଶ୍ୱାସ, ଆସ୍ଥା।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ମହାକାଶର ରହସ୍ୟ ଓ ଜୀବନର ସନ୍ଧାନ



**ଡକ୍ଟର ଲକ୍ଷ୍ମଣ ସାହୁ**

ବିଶ୍ୱ ସୃଷ୍ଟି ହେବା ଦିନଠାରୁ ମହାକାଶ ଏକ ରହସ୍ୟମୟ ବିଷୟ ହୋଇ ରହିଛି। ଯଦିଓ ମଣିଷ ଚନ୍ଦ୍ର, ମଙ୍ଗଳ ଓ ଅନ୍ୟାନ୍ୟ ଗ୍ରହରେ ପହଞ୍ଚିଛି। ତଥାପି ପୃଥିବୀ ବ୍ୟତୀତ ଅନ୍ୟ ଆଶ୍ଚର୍ଯ୍ୟଜନକ ଘଟଣା ଓ ଜୀବନର ସମ୍ଭାବନାର ଗଭୀରତା ଜାଣିବା ଓ ତାକୁ ବୁଝିବା ପାଇଁ ସମୟ ଲାଗିବା ଆଗରୁ ଉଡ଼ନ୍ତା ପାତ୍ର ଓ ଏଲିଏନ୍ ବିଷୟରେ ଅନେକ ପ୍ରକାରର କାହାଣୀ ଶୁଣାଯାଏ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ମହାକାଶର ରହସ୍ୟ ରୋମାଞ୍ଚରେ ପରିପୂର୍ଣ୍ଣ। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବନ ଅଛି କି ? ଏହି ସମ୍ପର୍କରେ ଏକ ନୂତନ ଆବିଷ୍କାର ମହାକାଶ ବିଜ୍ଞାନ ଜଗତକୁ ଏକ  ପ୍ରକାର ଆଶାର ଆଲୋକ ଦେଇଛି। ପ୍ରକୃତରେ ଷାଠିଏ ଦଶକରେ ଆଣ୍ଟାର୍କଟିକାର ଗବେଷଣା କେନ୍ଦ୍ରର ରେଡିଓ ଆଣ୍ଟେନା ରିସିଭର ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ଶୁଣିଥିଲା। ଯାହାକୁ 'କୋରସ୍ ତରଙ୍ଗ' କୁହାଯାଏ। ଏହି ଶବ୍ଦଗୁଡ଼ିକ ନାସାର ଯୁଗ୍ମ ମହାକାଶଯାନ 'ଆଲାନ୍ ପ୍ରୋବ୍ସ'ର ରେଡିଏସନ୍ ବେଲ୍ଟରେ ମଧ ଶୁଣାଯାଉଥିଲା। ପରେ ୨୦୧୫ ମସିହାରେ ନାସାର ଏକ ଉପଗ୍ରହ ମଧ ଏପରି ତରଙ୍ଗ ରେକର୍ଡ କରିଥିଲା। ଏପରି ରହସ୍ୟମୟ ଶବ୍ଦ, ରେଡିଓ ସିଗନାଲ, ଭାସମାନ ପାଣିର ଏକ ବିଶାଳ ଜଳଭଣ୍ଡାର ଦେଖିବା, ମହାକାଶଚାରୀମାନେ ଗୋଟିଏ ଦିନରେ ଅନେକ ଥର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବା ପ୍ରକୃତରେ ରୋମାଞ୍ଚକର ହୋଇପାରେ। ବୈଜ୍ଞାନିକମାନେ ଏହି ରହସ୍ୟଗୁଡ଼ିକୁ ବୁଝିବା ପୂର୍ବରୁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ନିକ୍କୁ ମଧୁସୂଦନ ଆଶ୍ଚର୍ଯ୍ୟଜନକ ଆବିଷ୍କାର ଓ ତଥ୍ୟ ସହିତ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ତାଙ୍କର ଆବିଷ୍କାର ସାରା ବିଶ୍ୱରେ ଆଲୋଚନା ହେଉଛି। ତାଙ୍କ ଦଳ ଏପରି ରହସ୍ୟ ପ୍ରକାଶ କରୁଛି, ଯାହା ଅତି ପୁରୁଣା ଅଟେ। ପୃଥିବୀଠାରୁ ବହୁତ ଦୂରରେ ଏକ ବାହ୍ୟ ଗ୍ରହ ମିଳିଛି, ଯାହାକୁ କେ ୨- ୧୮ବି ( K2-18B ) ନାମ ଦିଆଯାଇଛି। ଏହା ନେପଚ୍ୟୁନ୍ ଠାରୁ ଛୋଟ। ଏକ ଲାଲ ତାରା ମଧ ମିଳିଛି, ଯାହା ଆକାର ଓ ବସ୍ତୁତ୍ୱରେ ସୂର୍ଯ୍ୟ ଠାରୁ ବହୁତ ଛୋଟ, ଥଣ୍ଡା ଓ ଦେଖିବାକୁ କମଳା ରଙ୍ଗର। ଏପରି ତାରା ସବୁଠାରୁ ସାଧାରଣ ଓ ଦୀର୍ଘକାଳୀନ। କେମ୍ବ୍ରିଜ୍ ଜ୍ୟୋତିର୍ବିଜ୍ଞାନୀ ପ୍ରଫେସର ମଧୁସୂଦନ ଓ ତାଙ୍କ ଦଳ ପାଖରେ ଏତେ ଦୃଢ଼ ପ୍ରମାଣ ଅଛି ଯେ ସେଠାରେ ଏପରି ଅଣୁର ସଙ୍କେତ ଥିଲା, ଯାହା ଏପର୍ଯ୍ୟନ୍ତ କେବଳ ପୃଥିବୀରେ ସମ୍ଭବ ବୋଲି ଭାବୁଥିଲା। ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏଗୁଡ଼ିକ କେବଳ ସାଧାରଣ ଜୀବାଣୁ ଦ୍ୱାରା ଉତ୍ପାଦିତ। କେ୨-୧୮ବି ( K2-18B) ଆକାରରେ ପୃଥିବୀଠାରୁ ଅଢ଼େଇ ଗୁଣ ବଡ଼ ଓ ୭୦୦ ଟ୍ରିଲିୟନ ମାଇଲ୍ ଦୂରରେ। ଏହା ମଧ ଏପରି ଏକ ବାହ୍ୟ ଗ୍ରହ ଯାହା ଅନ୍ୟ ପିଣ୍ଡ ପରି ଘୂରି ବୁଲୁଛି। ଗବେଷଣା ଓ  ଅଧ୍ୟୟନ ସମୟରେ ଏହା ଜଣାପଡ଼ିଲା ଯେ ଦୂର ସ୍ଥାନର ସେହି ପରିବେଶରେ ଥିବା ଦୁଇଟି ଅଣୁ ମଧ୍ୟରୁ ଗୋଟିଏରେ ରାସାୟନିକ ଛାପ ଅଛି, ଯାହା ଏପରି ପୃଥିବୀ-ରାସାୟନର ବୈଶିଷ୍ଟ୍ୟଗୁଡ଼ିକୁ ଦର୍ଶାଏ। ଏଥିରେ ଏହାର ମୌଳିକ କିମ୍ବା ସର୍ବବ୍ୟାପୀ ଯୌଗିକଗୁଡ଼ିକ ମଧ ଅନ୍ତର୍ଭୁକ୍ତ। ସେସବୁ ଗଠନର ବିଶେଷତ୍ୱ ହେଉଛି ଯେ ଏଗୁଡ଼ିକ କେବଳ ଉଦ୍ଭିଦ ଓ ପ୍ଲାଙ୍କଟନ୍ ଅର୍ଥାତ୍ କୀଟପତଙ୍ଗ ମଧ୍ୟରେ ପାରସ୍ପରିକ କ୍ରିୟା ଦ୍ୱାରା ଗଠିତ। ସ୍ୱାଭାବିକ ଭାବରେ ଦେଖିବାକୁ ଗଲେ ଏହା ବିନା ସେଠାରେ ଜୀବନ ରହିବା ସମ୍ଭବ ହେବ ନାହିଁ। ସେଥିପାଇଁ ବିଶ୍ୱ ଏହି ଗବେଷଣା କିମ୍ବା ଆବିଷ୍କାର ପାଇଁ ଅଧିକ ମାତ୍ରାରେ ଉତ୍ସାହିତ।

ନାସାର ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ମାଧ୍ୟମରେ ୧୨୦ ଆଲୋକ ବର୍ଷ ଦୂରରେ ଅବସ୍ଥିତ। ଏହି ବାହ୍ୟ ଗ୍ରହର ଆବିଷ୍କାର ଅଧିକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିବାର ସମ୍ଭାବନା ଯଥେଷ୍ଟ ଅଛି। ଗବେଷକମାନେ ଏଠାରେ ଡାଇମିଥାଇଲ୍ ସଲଫାଇଡ୍ (DMS) ନାମକ ଏକ ଗ୍ୟାସ୍ ପାଇଛନ୍ତି। ଏହି ଗ୍ୟାସ୍ କେବଳ ଜୈବିକ ପ୍ରକ୍ରିୟା ମାଧ୍ୟମରେ ପୃଥିବୀରେ ଗଠିତ ହୁଏ। ଏହା ସୂଚାଇ ଦିଏ ଯେ ସେହି ଗ୍ରହରେ ଜୀବନର ପ୍ରବଳ ସମ୍ଭାବନା ଅଛି। ଏହି ରାସାୟନିକଏକ ଜୈବ ଯୌଗିକ ଯାହା ଦହନଶୀଳ, ରଙ୍ଗହୀନ ଓ ତରଳ। ଏହା ପେଟ୍ରୋଲିୟମ୍ ବିଶୋଧନ ଓ ଇଥିଲିନ୍ ଉତ୍ପାଦନ ଭଳି ଅନେକ ଶିଳ୍ପ ପ୍ରକ୍ରିୟାର ଏକ ଉପଯୋଗୀ ରାସାୟନିକ ପଦାର୍ଥ।

କିଛି ଗବେଷଣାରେ ଏହାକୁ ଏଲିଏନ୍ ଜୀବନର ସଙ୍କେତ ଭାବରେ ଗ୍ରହଣ କରାଯାଇଛି। ଏହାର ପ୍ରାମାଣିକ କାରଣ ଅଛି। କାରଣ ଏହା କେବଳ ପୃଥିବୀରେ ଜୀବିତ ପ୍ରାଣୀମାନଙ୍କ ଦ୍ୱାରା ଉତ୍ପାଦିତ ହୁଏ। ଏହି ଆବିଷ୍କାର ଏପରି ଗ୍ରହଗୁଡ଼ିକର ରହସ୍ୟ ଉନ୍ମୋଚନ କରିବାକୁ ମଧ ଅପେକ୍ଷା କରିଛି। ଯେଉଁଠାରେ ଏକ ସମୁଦ୍ର ପରି ଏକ ବୁଡ଼ି ରହିଥିବା ପରିବେଶ ଓ ହାଇଡ୍ରୋଜେନ୍ ଭରପୂର ବାୟୁମଣ୍ଡଳ ଅଛି। ଜ୍ୟୋତିର୍ବିଜ୍ଞାନୀ ପ୍ରଫେସର ମଧୁସୂଦନଙ୍କ ଆବିଷ୍କାର, ଗ୍ରହର ବାୟୁମଣ୍ଡଳ, ଗଠନ ଓ ଏଥିରେ ଜୀବନର ସମ୍ଭାବନା ଉପରେ କେନ୍ଦ୍ରିତ ବାସ୍ତବତା ଓ ବୈଜ୍ଞାନିକ ଆଧାରକୁ ଶକ୍ତି ଦେଇଛି। ଯାହା ଏପର୍ଯ୍ୟନ୍ତ ସମସ୍ତ କଳ୍ପନା ଓ ପୌରାଣିକ କଥାଠାରୁ ଭିନ୍ନ ଅଟେ। ପ୍ରଫେସର ମଧୂସୁଦନ ୱଡବଡଙ୍ଗ'ହାଇସିଆନ୍ ୱାର୍ଲ୍ଡ' ଶବ୍ଦଟି ପ୍ରସ୍ତାବ ଦେଇଥିଲେ, ଯାହାର ଅର୍ଥ ହେଉଛି ଏପରି ଗ୍ରହଗୁଡ଼ିକରେ ହାଇଡ୍ରୋଜେନ୍ ଯୁକ୍ତ ବାୟୁମଣ୍ଡଳ ଓ ତରଳ ଜଳର ମହାସାଗର ଅଛି। ଅନ୍ୟ ବୈଜ୍ଞାନିକମାନେ ମଧ ବିଶ୍ୱାସ କରନ୍ତି ଯେ ଏପରି ଗ୍ରହରେ ସୂକ୍ଷ୍ମ ଜୀବମାନେ ବଞ୍ଚି ରହିବା ସମ୍ଭବ। ଏହି ଆବିଷ୍କାର ଉପରେ ଏକ ନିଷ୍କର୍ଷରେ ପହଞ୍ଚିବା ପାଇଁ ଆହୁରି ଦୁଇ-ତିନି ବର୍ଷ ଲାଗିପାରେ। ବିଶ୍ୱ ଏହାକୁ ଉତ୍ସାହର ସହିତ ଅପେକ୍ଷା କରି ରହିଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପ୍ରୟୋଗଶାଳାରେ, ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ମଧୁସୂଦନ ସେହି ଜଟିଳ ଓ ଅସମାହିତ ପ୍ରଶ୍ନର ସମାଧାନ କରିବାରେ ବ୍ୟସ୍ତ ରହୁଛନ୍ତି। ଯାହାର ଉତ୍ତର ମଣିଷ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ଏହି ପ୍ରଶ୍ନ ସର୍ବଦା ଉଠାଯାଇଛି ଯେ ଏଲିଏନ୍ ପ୍ରକୃତରେ ଅଛନ୍ତି କି ? ବାସ୍ତବରେ ମନେହୁଏ ଏହି ଆବିଷ୍କାର ଏକ ଜଟିଳ ଓ ଅସମାହିତ ରହସ୍ୟକୁ ପ୍ରକାଶ କରିପାରିବ। ଏବେ ପ୍ରଫେସର ମଧୁସୂଦନଙ୍କ ଆବିଷ୍କାର ସାରା ବିଶ୍ୱରେ ଆଲୋଚନା ହେଉଛି। ପ୍ରକୃତରେ  କହିବାକୁ ଗଲେ ଏହା ଦର୍ଶାଉଛି ଯେ ଭାରତରେ ପ୍ରତିଭାର କଦାପି ଅଭାବ ନାହିଁ। ଯାହା ଅଭାବ ଅଛି ତାହା ହେଉଛି ସେମାନଙ୍କୁ ଉନ୍ନତ କରିବା ଓ ମସ୍ତିଷ୍କ ନିଷ୍କାସନକୁ ବନ୍ଦ କରିବା। ମହାକାଶରେ ଜୀବନର ସମ୍ଭାବନା ବିଷୟରେ ପୂର୍ବରୁ ମଧ ଆବିଷ୍କାରର ଦାବି କରାଯାଇଛି। ୨୦୧୫ ମସିହାରେ ନାସା ଭୂତଳ ଜଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସାହାଯ୍ୟରେ ଆକଳନ କରିଥିଲା ଯେ ମଙ୍ଗଳ ଗ୍ରହର ପୁରାତନ ସମୁଦ୍ରରେ ପୃଥିବୀର ଆର୍କଟିକ୍ ମହାସାଗର ଅପେକ୍ଷା ଅଧିକ ପାଣି ଥିଲା। ପ୍ରାୟ ୩୦୦ କୋଟି ବର୍ଷ ପୂର୍ବେ ଏହି ସମୁଦ୍ର ଅଦୃଶ୍ୟ ହୋଇଯାଇଥିଲା। ଏହାର ପ୍ରାୟ ୮୭ ପ୍ରତିଶତ ଜଳ ହଜି ଯାଇଥିଲା, ଏହା ସମ୍ଭବ ଯେ ଏହି ପାଣି ଖଣିଜ ପଦାର୍ଥରେ ମିଶିଯାଇଥିଲା, କିମ୍ବା ମହାକାଶକୁ ଉଡ଼ି ଯାଇଥିଲା। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେଉଁଠାରେ ପାଣି ଅଛି, ସେଠାରେ ଜୀବନର ଅଧିକ ସମ୍ଭାବନା ଅଛି। ଗତ ବର୍ଷ ଆମେରିକୀୟ ମହାକାଶ ସଂସ୍ଥା ନାସାହ ଜେମ୍ସ ୱେବ୍ ଟେଲିସ୍କୋପ ମାଧ୍ୟମରେ ଆଉ ଏକ ବାହ୍ୟ ଗ୍ରହ ଆବିଷ୍କାର କରିଥିଲା। ବୈଜ୍ଞାନିକମାନେ ଏହି ଗ୍ରହର ନାମ ଏଲଏଚଏସ ୧୧୪୦ବି ରଖିଛନ୍ତି। ଏହି ଗ୍ରହରେ ପାଣି ଓ ପୃଥିବୀ ଭଳି ଅବସ୍ଥାର ସଙ୍କେତ ମଧ ଅଛି। ସେହିପରି ହାୱାଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଗୋଟିଏ ଦଳ ସେମାନଙ୍କ ଗବେଷଣା ଅଧ୍ୟୟନରେ ଦାବି କରିଛନ୍ତି ଯେ ଶନି ଗ୍ରହର ସବୁଠାରୁ ବଡ଼ ଚନ୍ଦ୍ର ଟାଇଟାନର ଉପର କଠିନ ପୃଷ୍ଠ ତଳେ ମିଥେନ ପୋତି ହୋଇନାହିଁ। ଏପର୍ଯ୍ୟନ୍ତ ଅଧ୍ୟୟନରେ ଏହାକୁ ପୃଥିବୀ ପରେ ଏକମାତ୍ର ଆର୍ଦ୍ର ସ୍ଥାନ ବୋଲି ବିବେଚନା କରାଯାଉଛି। ଯେଉଁଠାରେ ବାୟୁମଣ୍ଡଳ ରହିଛି। ଏପରିକି ନଦୀ, ହ୍ରଦ ଓ ସମୁଦ୍ର ଆକାରରେ ତରଳ ପଦାର୍ଥ ରହିଛି। ଏହି ଅଧ୍ୟୟନରୁ ଟାଇଟାନରେ କୌଣସି ପ୍ରକାରର ଜୀବନ ରହିଥିବାର ସମ୍ଭାବନା ବୃଦ୍ଧି ପାଇଛି...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪,**
**ମୋବାଇଲ୍: ୯୦୪୦୧୫୧୪୭୫**

ଟ୍ରମ୍ପ୍‌ଙ୍କ ନଜରରେ ଭାରତର ୭ ରାଜ୍ୟ ଅସୁରକ୍ଷିତ

# ସତର୍କ କରାଇଲା ବିଦେଶ ମନ୍ତ୍ରଣାଳୟ, ଓଡ଼ିଶା ବି ସୂଚୀରେ ସାମିଲ୍



ନୂଆଦିଲ୍ଲୀ,୨୨।୬: ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ହଠାତ ଭାରତ ପାଇଁ ତା'ର ଭାରତ ଆସୁଥିବା ନାଗରିକଙ୍କ ସକାଶେ ଯାତ୍ରା ନିର୍ଦ୍ଦେଶାବଳୀ ଜାରି କରିଛି। ଏଥିରେ ଭାରତର ୭ଟି ରାଜ୍ୟକୁ ଯାଉଥିଲେ ଆମେରିକୀୟମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଭାରତର ଏହିସବୁ ରାଜ୍ୟରେ ଦିନକୁ ଦିନ ଅପରାଧ, ବଳାତ୍କାର ଓ ଆତଙ୍କବାଦୀ ଆକ୍ରମଣ ଘଟଣା ବଢୁଥିବା କାରଣରୁ ଏପରି ପରାମର୍ଶ ଦିଆଯିବା ସହ କେତେକ ଅଞ୍ଚଳରେ ମହିଳାଙ୍କ ପ୍ରତି ଅଧିକ ବିପଦ ରହିଥିବା ଦର୍ଶାଯାଇଛି। ଆମେରିକା ସରକାରଙ୍କ ସୂଚୀରେ ଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏହାଛଡ଼ା ଆମେରିକା ସରକାର ସେଠାକାର ନାଗରିକମାନଙ୍କୁ ଜମ୍ମୁ-କଶ୍ମୀର, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ମେଘାଳୟର କେତେକ ସ୍ଥାନକୁ ଯିବାକୁ ବାରଣ କରିଛନ୍ତି।

ଉକ୍ତ ମାର୍ଗଦର୍ଶିକାରେ କୁହାଯାଇଛି, "ବଳାତ୍କାର ଭାରତରେ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଅପରାଧମାନଙ୍କ ମଧ୍ୟରୁ ଅନ୍ୟତମ। ପର୍ଯ୍ୟଟନ ସ୍ଥାନ ଏବଂ ଅନ୍ୟ ଅଞ୍ଚଳରେ ଯୌନ ଆକ୍ରମଣ ଭଳି ହିଂସାତ୍ମକ ଅପରାଧ ଘଟୁଛି। ଆତଙ୍କବାଦୀମାନେ ବିନା ପୂର୍ବ ସୂଚନାରେ ଆକ୍ରମଣ କରିପାରନ୍ତି। ସେମାନେ ପର୍ଯଟନ ସ୍ଥାନ, ପରିବହନ କେନ୍ଦ୍ର, ବଜାର, ଶପିଂ ମଲ୍ ଏବଂ ସରକାରୀ ସ୍ଥାନଗଡିକୁ ଟାର୍ଗେଟ କରନ୍ତି।" ଏହା ମଧ୍ୟ କୁହାଯାଇଛି ଯେ ଆମେରିକା ସରକାରଙ୍କ ପାଖରେ ଗ୍ରାମାଞ୍ଚଳରେ ଆମେରିକୀୟ ନାଗରିକମାନଙ୍କୁ ଜରୁରୀ ସେବା ପ୍ରଦାନ କରିବାର ସାମର୍ଥ୍ୟ ସୀମିତ। ଏହି ଅଞ୍ଚଳ ପୂର୍ବୀ ମହାରାଷ୍ଟ୍ର ଏବଂ ଉତ୍ତର ତେଲଙ୍ଗାନାରୁ ପଶ୍ଚିମ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବ୍ୟାପିଛି।

ଭାରତରେ ବଳାତ୍କାର ଦ୍ରୁତ ଗତରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ଅନ୍ୟତମ ବୋଲି ଆମେରିକା ଉଲ୍ଲେଖ କରିଛି। ପର୍ଯ୍ୟଟନସ୍ଥଳୀ ଓ ଅନ୍ୟାନ୍ୟ ସ୍ଥାନରେ ହିସାଂତ୍ମକ ଅପରାଧ ଘଟୁଥିବା ଆମେରିକା କହିଛି। ମାର୍ଗଦର୍ଶିକାରେ ମହିଳାମାନଙ୍କୁ ବିଶେଷ ଭାବେ ରାତିରେ ଏକାକୀ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ପୂର୍ବରୁ ମଧ୍ୟ ଗତ ୨୦୧୯ ଓ ୨୦୨୧ରେ ଆମେରିକା ଦୂତାବାସ ମହିଳା ନିରାପତ୍ତା ନେଇ ସମାନ ସତର୍କତା ଜାରି କରିଥିଲା। ସଦ୍ୟ ନିର୍ଦ୍ଦେଶିକାରେ ଆହୁରି କୁହାଯାଇଛି ଯେ ଯାତ୍ରୀମାନେ ସାଟେଲାଇଟ ଫୋନ ବା ଜିପିଏସ୍ ଡିଭାଇସ ସାଙ୍ଗରେ ନ ଆଣିବା ଉଚିତ, କାରଣ ଏହା ଭାରତରେ ବେଆଇନ ଏବଂ ଏଥିସକାଶେ ୨ ଲକ୍ଷ ଡଲାର୍ ପର୍ଯ୍ୟନ୍ତ ଜୋରିମାନା କିମ୍ବା ଜେଲ ଦଣ୍ଡ ହୋଇପାରେ। ନିର୍ଦ୍ଦେଶିକାରେ କେତେକ ଅଞ୍ଚଳକୁ 'ଯାତ୍ରା ନ କରିବା' (ଲେବଲ-୪) ଶ୍ରେଣୀରେ ରଖାଯାଇଛି। ଏହା ମଧ୍ୟରେ ଜମ୍ମୁ ଓ କଶ୍ମୀର, ଭାରତ-ପାକିସ୍ତାନ ସୀମାରୁ ୧୦ କିଲୋମିଟର ମଧ୍ୟରେ ଥିବା ଅଞ୍ଚଳ, ବିହାର, ଝାଡଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ ଓ ମେଘାଳୟର କେତେକ

# ଖଲିସ୍ତାନୀ ଆତଙ୍କୀ କାନାଡା ପାଇଁ ବିପଦ: ସିଏସ୍ଆଇଏସ୍

ନୂଆଦିଲ୍ଲୀ, ୨୨।୬ : ଭାରତର ନିରନ୍ତର ଚାପ ପରେ, କାନାଡାର ଏକ ଗୁପ୍ତଚର ସଂସ୍ଥା ସିଏସ୍ଆଇଏସ୍ ଖଲିସ୍ତାନୀ ଉଗ୍ରବାଦୀଙ୍କ ବିରୋଧରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଖଲିସ୍ତାନୀ ଉଗ୍ରବାଦୀମାନେ କାନାଡା ପାଇଁ ବିପଦ। ଭାରତ ସବୁବେଳେ କହିଆସୁଛି ଯେ କାନାଡାରେ ବସିଥିବା କିଛି ଶିଖ ବିଚ୍ଛିନ୍ନତାବାଦୀ ଭାରତ ବିରୁଦ୍ଧରେ ଭୁଲ କାମ କରନ୍ତି। ଏବେ କାନାଡା ମଧ୍ୟ ଏହାକୁ ଗ୍ରହଣ କରିଛି। ଏହି ରିପୋର୍ଟ ୧୮ ଜୁନରେ ଆସିଥିଲା। ସେହି ଦିନ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଜି୭ ଶିଖର ସମ୍ମିଳନୀରେ ସାକ୍ଷାତ କରିଥିଲେ। ସେଠାରେ, ଉଭୟ ନେତା ଏକାଠି ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ସେମାନଙ୍କର ସମ୍ପର୍କକୁ ମଜବୁତ କରିବେ। ଏବେ କାନାଡାର ନିଜସ୍ୱ ରିପୋର୍ଟ ଏହାକୁ ସତର୍କ ରହିବାକୁ ବାଧ୍ୟ କରିଛି।



ଭାରତ ପକ୍ଷରୁ, ପ୍ରଧାନମନ୍ତ୍ରୀ ମୋଦି ସବୁବେଳେ କାନାଡାରେ ଖଲିସ୍ତାନବାଦୀଙ୍କ ପ୍ରସଙ୍ଗ ଉଠାଇ ଆସିଛନ୍ତି। ସେ କାନାଡା ସରକାରଙ୍କୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ତଥାପି, ଟ୍ରୁଡୋ ସରକାର ପ୍ରତ୍ୟେକ ଥର ଏହାକୁ ଅଣଦେଖା କରିଥିଲେ, କିନ୍ତୁ ସରକାର ପରିବର୍ତ୍ତନ ହେବା ମାତ୍ରେ ଭାରତର ଚାପ କାମରେ ଆସିଲା। ଭାରତର ନିରନ୍ତର ଚାପ ପରେ, କାନାଡାର ଗୁଇନ୍ଦା ସଂସ୍ଥା ସିଏସ୍ଆଇଏସ୍ ତଦନ୍ତ ଆରମ୍ଭ କରିଥିଲା ଏବଂ ତା'ପରେ ସତ୍ୟାସତ୍ୟ ବାହାରକୁ ଆସିଲା। ୧୯୮୦ ଦଶକର ମଧ୍ୟଭାଗରୁ, କାନାଡାରେ ରହୁଥିବା କିଛି ଲୋକ ଭାରତରେ ପଞ୍ଜାବ ଭିତରେ ଖଲିସ୍ତାନ ନାଁରେ ଏକ ପୃଥକ ଦେଶ ସୃଷ୍ଟି କରିବାକୁ ଚାହୁଁଛନ୍ତି। ସିଏସ୍ଆଇଏସ୍ ରିପୋର୍ଟ ଅନୁଯାୟୀ, ଏହି ଲୋକମାନେ ରାଜନୈତିକ କାରଣରୁ ହିଂସା କରନ୍ତି।

ଗତ କିଛି ବର୍ଷ ମଧ୍ୟରେ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କ ସାମାନ୍ୟ ଖରାପ ହୋଇଥିଲା। ବିଶେଷକରି ଯେତେବେଳେ ଜଷ୍ଟିନ୍ ଟ୍ରୁଡୋ କାନାଡାର ପ୍ରଧାନମନ୍ତ୍ରୀ ଥିଲେ। ୨୦୨୩ ରେ କାନାଡାରେ ହରଦୀପ ସିଂହ ନିଜ୍ଜର ନାମକ ଜଣେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ଟ୍ରୁଡୋ ଖୋଲାଖୋଲି ଭାବରେ କହିଥିଲେ ଯେ ଏହି ହତ୍ୟାକାଣ୍ଡରେ ଭାରତର ହାତ ଥାଇପାରେ। କିନ୍ତୁ ଭାରତ ଏହି ଅଭିଯୋଗକୁ ଭୁଲ ବୋଲି କହିଥିଲା। ଭାରତ କହିଛି ଯେ ଟ୍ରୁଡୋ ପ୍ରମାଣ ବିନା ଅଭିଯୋଗ କରୁଛନ୍ତି। ସେ ଏହାକୁ ମିଥ୍ୟା ଏବଂ ଭିତ୍ତିହୀନ ଅନୁମାନ ବୋଲି କହିଥିଲେ। କାନାଡାରେ ଶିଖ ଜନସଂଖ୍ୟା ୨% ରୁ ଟିକିଏ ଅଧିକ। ପୂର୍ବ ସରକାରଗୁଡ଼ିକ ଶିଖମାନଙ୍କୁ ଖୁସି ରଖିବା ପାଇଁ ଏହି ଉଗ୍ରବାଦୀମାନଙ୍କୁ 'ସ୍ୱାଧୀନତା ସଂଗ୍ରାମୀ' ବୋଲି କହୁଥିଲେ। ସେମାନେ ଏହା ମଧ୍ୟ କହୁଥିଲେ ଯେ ଏହି ଲୋକମାନଙ୍କର ଭାରତ ବିରୁଦ୍ଧରେ କହିବାର ଅଧିକାର ଅଛି କାରଣ ଏହା ଅଭିବ୍ୟକ୍ତିର ସ୍ୱାଧୀନତା।

ସିଏସ୍ଆଇଏସ୍‌ର କହିବା କଥା ହେଲା, ପିଏମ୍‌ଭିଇ ହେଉଛି ଏକ ବିଚାରଧାରା ଯାହା ହିଂସାକୁ ପ୍ରୋତ୍ସାହିତ କରେ। ଏହାର ଉଦ୍ଦେଶ୍ୟ ହେଉଛି ନୂତନ ରାଜନୈତିକ ବ୍ୟବସ୍ଥା ସୃଷ୍ଟି କରିବା କିମ୍ବା ବର୍ତ୍ତମାନର ବ୍ୟବସ୍ଥାକୁ ପରିବର୍ତ୍ତନ କରିବା। ସିଏସ୍ଆଇଏସ୍ ଅନୁଯାୟୀ, ପିଏମ୍‌ଭିଇ ଅର୍ଥ ହେଉଛି "ବର୍ତ୍ତମାନ ବ୍ୟବସ୍ଥାରେ ନୂତନ ରାଜନୈତିକ ବ୍ୟବସ୍ଥା କିମ୍ବା ନୂଆ ନିୟମ ସୃଷ୍ଟି କରିବା ପାଇଁ ହିଂସାକୁ ବ୍ୟବହାର କରିବା।" ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କିଛି ଲୋକ ଶାନ୍ତିପୂର୍ଣ୍ଣ ଭାବରେ ଖଲିସ୍ତାନକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ, କିଛି ଲୋକ ଅଛନ୍ତି ଯେଉଁମାନେ ହିଂସା ବ୍ୟବହାର କରୁଛନ୍ତି। ଏହି 'ଖଲିସ୍ତାନୀ ଉଗ୍ରବାଦୀ'ମାନେ କାନାଡାକୁ ନିଜର ଆଧାର ବନାନ୍ତି ଏବଂ ଭାରତରେ ହିଂସା ପ୍ରସାର କରିବା, ଟଙ୍କା ସଂଗ୍ରହ କରିବା ଏବଂ ହିଂସାକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା କରନ୍ତି।

# ଇସ୍ରାଏଲ ଉପରେ ଇରାନ୍‌ର ମିସାଇଲ ମାଡ଼



ତେହେରାନ, ୨୨।୬ : ଆମେରିକାର ଆକ୍ରମଣ ପରେ ପୁଣି ଅଷ୍ଟା ଭାର୍ଜି ଛିଡା ହୋଇଛି ଇରାନ। ବର୍ତ୍ତମାନ ଇସ୍ରାଏଲ ଉପରେ ରହିଛି ଇରାନର ନଜର। ଯାହା ନୂଆ ମୋଡ ନେବାରେ ଲାଗିଛି। ଇସ୍ରାଏଲ-ଇରାନ ଯୁଦ୍ଧରେ ହସ୍ତକ୍ଷେପ କରିଛି ଆମେରିକା। ଯାହାର ପ୍ରତିଶୋଧ ନେବାକୁ ଯାଇ ଇରାନ୍ ଆକ୍ରମଣାତ୍ମକ ସାଜିଛି। ରାତାରାତି ଇସ୍ରାଏଲ ଉପରେ ମିସାଇଲ ମାଡ଼ କରିଛି ଇରାନ। ମିଳିଥିବା ସୂଚନାନୁଯାୟୀ, ଆମେରିକା ଅଯଥାରେ ଇରାନ୍-ଇସ୍ରାଏଲ ଯୁଦ୍ଧରେ ପଶିଛି। ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ଇତିହାସର ସବୁଠାରୁ ସଫଳ ସାମରିକ ଆକ୍ରମଣ କରିଛି। ଟ୍ରମ୍ପ କହିଛନ୍ତି, 'ଫୋର୍ଡୋ ଚାଲିଗଲା।' ଏଥିସହ ବାରମ୍ବାର ଚେତାବନୀ ଦେଉଛନ୍ତି ଟ୍ରମ୍ପ। ଏଥିରେ ହିଂସାତ୍ମକ ହୋଇ ଇରାନ ଇସ୍ରାଏଲକୁ ଟାର୍ଗେଟ୍ କରିଛି। ଏପଟେ ଇରାନ ଏବେ ପ୍ରତି ଆକ୍ରମଣ ଆରମ୍ଭ କରିଛି। ତେଲ ଅଭିଭକୁ ଟର୍ଗେଟ କରିଛି ଇରାନ୍। ରାତାରାତି ଇସ୍ରାଏଲ ଉପରେ ମିସାଇଲ ମାଡ଼ କରିଛି ଇରାନ୍।ଇ ସ୍ରାଏଲୀ ପ୍ରତିରକ୍ଷା ବାହିନୀ ଲୋକମାନଙ୍କୁ ସୁରକ୍ଷିତ ରହିବାକୁ କହିଛି। ଏହାଛଡ଼ା ଏୟାରସ୍ପେସକୁ ମଧ୍ୟ ବନ୍ଦ କରିଛି ଇସ୍ରାଏଲ। ଦୁଇ ଦେଶ ମଧ୍ୟରେ ୯ ଦିନ ଧରି ଯୁଦ୍ଧ ଚାଲୁ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଅଦ୍ୟାବଧି ଯୁଦ୍ଧବିରତି ନେଇ କୌଣସି ସୂଚନା ମିଳିପାରିନାହିଁ।

'ଦୃଶ୍ୟମ' ଷ୍ଟାଇଲରେ ହତ୍ୟା

# ବୋହୂକୁ ମାରି ଘର ବାହାରେ ପୋତିଦେଲେ ଶାଶୁଘର ଲୋକ



ହରିଆଣା, ୨୨।୬ : ଆଉ ଏକ ବଧୂ ହତ୍ୟା । ଦୁଇବର୍ଷ ତଳେ ବିବାହ କରିଥିବା ନବବଧୂକୁ ହତ୍ୟା କରି ମୃତଦେହକୁ ଘର ସାମ୍ନା ଗଳିରେ ପୋତିଦେଇଥିଲେ ଶାଶୁଘର ଲୋକ । ହରିଆଣାର ଫରିଦାବାଦର ଏକ ଘର ଆଗ ରାସ୍ତାରେ ଥିବା ୧୨ ଫୁଟ ଗାତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମହିଳା ଜଣକ ଘର ଛାଡ଼ି କେଉଁଆଡ଼େ ପଳାଇ ଯାଇଛନ୍ତି ବୋଲି ପୂର୍ବରୁ ତାଙ୍କ ଶାଶୁଘର ଲୋକ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ସେମାନଙ୍କୁ ଗିରଫ କରିଛି । ଖବର ମୁତାବକ, ଉତ୍ତର ପ୍ରଦେଶର ଶିକୋହାବାଦର ବାସିନ୍ଦା ୨୪ ବର୍ଷୀୟା ତନୁଙ୍କର ବିବାହ ଫରିଦାବାଦରେ ହୋଇଥିଲା । ତନୁ ୨୦୨୩ରେ ଫରିଦାବାଦର ରୋଶନ ନଗରର ବାସିନ୍ଦା ଅରୁଣଙ୍କୁ ବିବାହ କରିଥିଲେ। ତନୁ ରାଜପୁତ ୧୦ମ ଯାଏ ପାଠ ପଢିଥିବା ବେଳେ ଅରୁଣ ମଧ୍ୟ ତାଙ୍କ ବାପାଙ୍କ ଦୋକାନରେ କପଡା ଦୋକାନରେ କାମ କରୁଥିଲେ । ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗୁଥିଲା । ଯେବେ ପାଟିତୁଣ୍ଡ ଲା.ଗେ ତା ପରେ ତନୁ ବାପଘରକୁ ଚାଲିଯାଉଥିଲେ। ତେବେ ୨୩ ଏପ୍ରିଲରେ ତନୁଙ୍କ ଶଶୁର ଘର ଲୋକ ବୋହୂ କୁଆଡେ ଚାଲିଯାଇଛି ବୋଲି ବାପ ଘରକୁ ଫୋନ କରି କହିଥିଲେ। ଏହାପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ମିଳିବା ପରେ ପୋଲିସ ନିଖୋଜ ମାମଲା ଦାୟର କରିଥିଲା । କିନ୍ତୁ ମହିଳାଙ୍କୁ କେଉଁଆଡେ ମଧ୍ୟ ପାଇନଥିଲା । ଏହାପରେ ପୋଲିସକୁ ସନ୍ଦେହ ହୋଇଥିଲା । ତେଣୁ ପୋଲିସ ତନୁଙ୍କ ଶାଶୁଘର ପାଖାପାଖି ଖୋଜିଥିଲା । ପ୍ରାୟ ଦୁଇ ମାସ ପୂର୍ବରୁ ବର୍ଜ୍ୟଜଳ ପାଇଁ ଡ୍ରେନ୍ ନିର୍ମାଣ ପାଇଁ ଏହି ଅଞ୍ଚଳ ଖୋଳାଯାଇଥିଲା ବୋଲି ପଡ଼ୋଶୀମାନେ ପୋଲିସକୁ କହିଥିଲେ । ଆଉ ଏକ କଂକ୍ରିଟ୍ ରାସ୍ତା ଦେଖି ସନ୍ଦେହ କରିଥିଲା । ଆଉ ରାଜମିସ୍ତ୍ରୀକୁ ପଚାରିବା ପରେ ସତ ସାମ୍ନାକୁ ଆସିଥିଲା । ପୋଲିସ ମାଟି ତଳୁ ମୃତଦେହ ବାହାର କରି ମୃତ୍ୟୁର ସଠିକ୍ ସମୟ ଏବଂ କାରଣ ଜାଣିବା ପାଇଁ ଏହାକୁ ଫୋରେନସିକ୍ ପରୀକ୍ଷା ପାଇଁ ପଠାଯାଇଛି। ପୋଲିସ ଅନୁଯାୟୀ, ତନୁଙ୍କ ସ୍ୱାମୀ, ଶଶୁର, ଶାଶୂ ଏବଂ ଅନ୍ୟ ଜଣେ ନିକଟ ସମ୍ପର୍କୀୟ ମାମଲାରେ ହେପାଜତରେ ଅଛନ୍ତି । ତନୁଙ୍କ ଭଉଣୀ ପ୍ରୀତି ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଉଣୀ ୨୦୨୩ ମସିହାରେ ବିବାହ ପରେ ମାନସିକ ଏବଂ ଶାରୀରିକ ନିର୍ଯାତନାର ଶିକାର ହୋଇଥିଲେ ।

# ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ, ୨୨।୬ : ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମତଦାନ ତାଲିକାରେ ସଂଶୋଧନ ବେଳେ ଘରକୁ ଘର ଯାଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସୂଚନାନୁସାରେ , ଅନେକ ସିଭିଲ ସୋସାଇଟି ସଙ୍ଗଠନ, ରାଜନୀତିକ ଦଳ ଓ ଅନ୍ୟ ଲୋକମାନେ ଭୋଟରଙ୍କ ତାଲିକାରେ ନାମକୁ ସାମିଲ କରିବା ଓ ହଟାଇବା ଉପରେ ପ୍ରଶ୍ନ ଉଠାଇ ଥିଲେ। ନିର୍ବାଚନ କମିଶନ ଉପରେ ବିଜେପିର ସାହାଯ୍ୟ କରିବା ନେଇ ମଧ୍ୟ ଅଭିଯୋଗ ଲଗାଯାଇ ଥିଲା। ଏହି ସ୍ଥିତିରେ ବିହାର ନର୍ବାଚନ ପୂର୍ବରୁ ଇସିଆଇ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଧିକାରୀଙ୍କ କହିବାନୁସାରେ , ପୂରା ପ୍ରକ୍ରିୟାର ପାଳନ କରିବା ଏବଂ ନିୟମ ମୁତାବିକ ନାମକୁ ସାମିଲ କରିବା ଓ ହଟାଇବା ପରେ ମଧ୍ୟ ନିର୍ବାଚନ କମିଶନଙ୍କ ଉପରେ ଗୁରୁତର ଅଭିଯୋଗ ଲଗାଯାଇ ଥାଏ। କଂଗ୍ରେସ ସମେତ ଅନେକ ଦଳ କମିଶନ ଉପରେ ବିଜେପିର ସାହାଯ୍ୟ କରିବା ପାଇଁ ତଥ୍ୟରେ ହେରଫେର କରୁଥିବା ଅଭିଯୋଗ କରିଛନ୍ତି।

# ମାଓବାଦୀଙ୍କ ସହ କୌଣସି ଆଲୋଚନା ହେବନି



ନୂଆଦିଲ୍ଲୀ, ୨୨।୬ : କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ରବିବାର ଛତିଶଗଡ଼ ପହଞ୍ଚି ନକ୍ସଲବାଦ ସମାପ୍ତ କରିବାର ନିଜର ସଂକଳ୍ପକୁ ପୁଣି ଦୋହରାଇଛନ୍ତି। ସେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ମାଓବାଦୀଙ୍କ ସହ କୌଣସି ଆଲୋଚନା କରାଯିବ ନାହିଁ। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କ ମୂଳପୋଛ କରିବାର ଡେଡଲାଇନରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଶାହ ସଙ୍କେତ ଦେଇଛନ୍ତି। ନକ୍ସଲବାଦ ବିରୋଧରେ ଅଭିଯାନ ବର୍ଷା ଅର୍ଥାତ ମୌସୁମୀ ସିଜିନରେ ଜାରି ରହିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରବିବାର ଛତିଶଗଡ଼ର ନ୍ୟୁ ରାୟପୁର ଅଟଳ ନଗରରେ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଫରେନ୍ସିକ ବିଜ୍ଞାନ ପ୍ରୟୋଗଶାଳାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଏଥର ତ ମୌସୁମୀ ଋତୁରେ ବି ମାଓବାଦୀଙ୍କୁ ଶାନ୍ତି ମିଳିବ ନାହିଁ। କାରଣ ସେମାନଙ୍କ ବିରୋଧରେ ଅଭିଯାନ ବର୍ଷାରେ ବି ଜାରି ରହିବ। ନିଜ ସମ୍ବୋଧନରେ ଶାହ ମାଓବାଦୀଙ୍କୁ କେବଳ ଗୋଟିଏ ବିକଳ୍ପ ଦେଇଛନ୍ତି। ନକ୍ସଲଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ବିକାଶର ଯାତ୍ରାରେ ସାମିଲ ହେବାକୁ ଅପିଲ୍ କରିଛନ୍ତି। ଏହା ସହିତ ନକ୍ସଲଙ୍କ ସହ କୌଣସି ପ୍ରକାରର ଆଲୋଚନା କରିବାକୁ ମନା କରି ଦେଇଛନ୍ତି। ନକ୍ସଲଙ୍କ ସହ ଆଲୋଚନାର କୌଣସି ଆବଶ୍ୟକତା ନାହିଁ।ନକ୍ସଲ ହତିଆର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ସେ ନକ୍ସଲଙ୍କୁ ଆତ୍ମ ସମର୍ପଣ କରି ସରକାରଙ୍କ ଆତ୍ମ ସମର୍ପଣ ନୀତିର ଲାଭ ନେବାକୁ ଅପିଲ୍ କରିଛନ୍ତି। ଏମିତି ହେଲେ ମୁଁ ସେମାନଙ୍କୁ ହୃଦୟରୁ ସ୍ୱାଗତ କରିବି। ମୁଁ ସେହି ସମସ୍ତ ଲୋକଙ୍କୁ ଭରସା ଦେବାକୁ ଚାହୁଁଛି ଯେ, ଛତିଶଗଡ଼ ସରକାର ଓ କେନ୍ଦ୍ର ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାକୁ ଯେ କୌଣସି ସ୍ଥିତିରେ ବି ପୂରା କରାଯିବ। ସବୁ ପ୍ରକାରର ସହଯୋଗ ଦେବାକୁ ଚେଷ୍ଟା କରିବୁ।

# ଆମେରିକା ଆକ୍ରମଣ ପରେ ସାମ୍ନାକୁ ଆସିଲା ମୋଦିଙ୍କ ପ୍ରଥମ ପ୍ରତିକ୍ରିୟା



ନୂଆଦିଲ୍ଲୀ,୨୨।୬: ଇରାନ ଉପରେ ଆମେରିକା ଆକ୍ରମଣ କରିବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଫୋନ୍‌ରେ କଥା ହୋଇ ପ୍ରଧାନମନ୍ତ୍ରୀ ବର୍ତ୍ତମାନର ପରିସ୍ଥିତି ବିଷୟରେ ଆଲୋଚନା କରିବା ସହ ଚିନ୍ତା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ 'X'ରେ ଏକ ପୋଷ୍ଟ କରି ଇସ୍ରାଏଲ-ଇରାନକୁ ଉତ୍ତେଜନା ହ୍ରାସ କରିବା ଏବଂ ପାରସ୍ପରିକ ଆଲୋଚନା କରିବାକୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ତୁରନ୍ତ ଉତ୍ତେଜନା ହ୍ରାସ କରିବା ସହ କୂଟନୀତି ମାଧ୍ୟମରେ ସମାଧାନ କରିବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଭାରତ ସର୍ବଦା ବିଶ୍ୱାସ କରେ ଯେ, ଆଲୋଚନା ଏବଂ କୂଟନୀତି ହେଉଛି ଯେକୌଣସି ସଙ୍କଟର ସମାଧାନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ମାସୁଦ ପେଜେଶକିୟାନଙ୍କ ସହ କଥାବାର୍ତ୍ତା ଏପରି ଏକ ସମୟରେ ହୋଇଛି ଯେତେବେଳେ ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ ଉପରେ ବୋମାମାଡ଼ କରିଛି। ଯାହାକୁ ନେଇ ଏବେ ସାରା ବିଶ୍ୱର ନଜର ଏହି ଘଟଣା ପ୍ରତି ରହିଛି।

# ଆମେରିକା ବିରୋଧରେ ୫ ଦେଶ ଏକାଠି !



ନୂଆଦିଲ୍ଲୀ/ତେହେରାନ,୨୨।୬: ଆମେରିକାର ସାମ୍ପ୍ରତିକ ସାମରିକ କାର୍ଯ୍ୟାନୁଷ୍ଠାନ, ବିଶେଷତଃ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ପରେ ବିଶ୍ୱରେ ଏକ ବଡ଼ ମୋଡ଼ ଆସିଛି। ଏହି ପରିପ୍ରେକ୍ଷୀରେ ପାଞ୍ଚଟି ଦେଶ ଆମେରିକା ବିରୋଧରେ ଏକଜୁଟ ହୋଇ ଏକ ବଡ଼ ଘୋଷଣା କରିଛନ୍ତି, ଯାହା ଆନ୍ତର୍ଜାତୀୟ ସ୍ତରରେ ତୀବ୍ର ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଇରାନ,ଚାଇନା, ରୁଷିଆ, ଉତ୍ତର କୋରିଆ ଏବଂ କ୍ୟୁବା ଆମେରିକାର ଏହି ଆକ୍ରମଣାତ୍ମକ ନୀତି ବିରୋଧରେ ଏକ ମୋର୍ଚ୍ଚା ଗଠନ କରିଛନ୍ତି। ଏହି ଦେଶଗୁଡ଼ିକ ଆମେରିକାର ଏକତରଫା ସାମରିକ କାର୍ଯ୍ୟକୁ ନିନ୍ଦା କରିଛନ୍ତି ଏବଂ ଏହାକୁ ଆନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତା ପାଇଁ ଏକ ବଡ଼ ବିପଦ ବୋଲି ଅଭିହିତ କରିଛନ୍ତି। ଏକ ମିଳିତ ବିବୃତିରେ ଏହି ଦେଶଗୁଡ଼ିକ ଆମେରିକା ବିରୋଧରେ ଅର୍ଥନୈତିକ ଓ ରାଜନୈତିକ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରୁଥିବା ସୂଚନା ଦେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଇରାନର ୩ଟି ପରମାଣୁ କେନ୍ଦ୍ରଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନଉପରେ ବଡ଼ ଧରଣର ବୋମା ବର୍ଷା କରିଛି। ଟ୍ରମ୍ପ ସୋସିଆଲ ମିଡିଆରେ ଦାବି କରିଛନ୍ତି ଯେ, ସମସ୍ତ ଯୁଦ୍ଧବିମାନ ନିରାପଦରେ ଫେରିଛି ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନଷ୍ଟ କରାଯାଇଛି। ଏହି ଆକ୍ରମଣକୁ ଇରାନ ଏକ ଆନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି ଅଭିହିତ କରି କଡ଼ା ପ୍ରତିଶୋଧ ନେବାକୁ ଚେତାବନୀ ଦେଇଛି। ଏହି ପାଞ୍ଚ ଦେଶର ମୋର୍ଚ୍ଚା ଆମେରିକା ବିରୋଧରେ ଏକ ମିଳିତ ରାଜନୈତିକ ଓ ଅର୍ଥନୈତିକ ଜୋଟ ଗଠନ କରିବାକୁ ଯୋଜନା କରୁଛି। ସୂଚନା ଅନୁଯାୟୀ, ଏହି ଦେଶଗୁଡ଼ିକ ଆମେରିକା ଉପରେ ଅର୍ଥନୈତିକ ନିବନ୍ଧନ ଲଗାଇବା, ବାଣିଜ୍ୟିକ ସମ୍ପର୍କ ହ୍ରାସ କରିବା ଏବଂ ଆନ୍ତର୍ଜାତୀୟ ମଞ୍ଚରେ ଆମେରିକାକୁ ଏକଘରେଇ କରିବାକୁ ଚେଷ୍ଟା କରିପାରେ। ଏହା ସହିତ, ଇରାନ ଏବଂ ତା'ର ସହଯୋଗୀ ଦେଶମାନେ ସାମରିକ ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରୁଥିବା ଜଣାପଡ଼ିଛି। ସଂଯୁକ୍ତ ରାଷ୍ଟ୍ରର ମହାସଚିବ ଆନ୍ତୋନିଓ ଗୁଟେରେସ ଏହି ଆକ୍ରମଣକୁ ନିନ୍ଦା କରି ସମସ୍ତ ପକ୍ଷକୁ ଶାନ୍ତି ଓ ସଂଯମ ରକ୍ଷା କରିବାକୁ ଅପିଲ କରିଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆମେରିକାର ଏହି ପଦକ୍ଷେପକୁ ସ୍ୱାଗତ କରିଛି।

# ଶାହରୁଖଙ୍କ ମନ୍ନତରେ ବିଏମ୍‌ସି-ଜଙ୍ଗଲ ବିଭାଗର ଯାଞ୍ଚ୍



ମୁମ୍ବାଇ ୨୨।୦୬: ଯାଞ୍ଚ୍ ପରିସରକୁ ଆସିଛି ବଲିଉଡ୍ ବାଦଶାହ ଶାହରୁଖଙ୍କ ବଙ୍ଗଳା ମନ୍ନତ । ଗତ ଶୁକ୍ରବାର ମୁମ୍ବାଇର ବାନ୍ଦ୍ରା ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ସ୍ଥିତ ମନ୍ନତରେ ନିର୍ମାଣ ସମ୍ବନ୍ଧୀୟ ଯାଞ୍ଚ୍ ହୋଇଛି । ବିଏମ୍‌ସି ଟିମ୍ ଓ ଜଙ୍ଗଲ ବିଭାଗ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି । ରିପୋର୍ଟ ଅନୁସାରେ, ଶାହରୁଖଙ୍କର ଏହି ବଙ୍ଗଳା ସମୁଦ୍ର କୂଳରେ ଅବସ୍ଥିତ । ତଟୀୟ ନିୟମ କ୍ଷେତ୍ରର (ସିଆର୍‌ଜେଡ୍)ର ନିୟମ ଉଲ୍ଲଂଘନ ଅଭଯୋଗରେ ଏହାର ଯାଞ୍ଚ୍ କରାଯାଇଛି । ମନ୍ନତ ଏକ ଐତିହ୍ୟ ସମ୍ପତ୍ତି। ଏଥିରେ ଏକ ମୁଖ୍ୟ ବଙ୍ଗଳା ଏବଂ ତା' ପଛରେ ଏକ ବହୁମହଲାବିଶିଷ୍ଟ ଅଟ୍ଟାଳିକା ରହିଛି । ଏବେ ଆନେକ୍ସ ବିଲ୍ଡିଂରେ ଦୁଇଟି ଅତିରିକ୍ତ ମହଲାର ନିର୍ମାଣ କାମ ଚାଲିଛି। ଶାହରୁଖ ଓ ତାଙ୍କ ପରିବାର ଏବେ ନିକଟସ୍ଥ ଅନ୍ୟ ଏକ ସ୍ଥାନରେ ରହୁଛନ୍ତି । ଯାଞ୍ଚ୍ ଟିମ୍‌କୁ ମନ୍ନତର ଜଣେ କର୍ମଚାରୀ କହିଛନ୍ତି, ଅଟ୍ଟାଳିକା ନିର୍ମାଣ ସମ୍ପର୍କିତ ସମସ୍ତ ମଞ୍ଜୁରି ପୂର୍ବରୁ ନିଆଯାଇଛି । ଦସ୍ତାବିଜ ମଧ୍ୟ ଖୁବ୍‌ଶୀଘ୍ର ଦାଖଲ କରାଯିବ ।ଅନ୍ୟପକ୍ଷେ, ଶାହରୁଖଙ୍କ ମ୍ୟାନେଜର ପୂଜା ଦଦଲାନୀ କହିଛନ୍ତି, କୌଣସି ଅଭିଯୋଗ ନାହିଁ। ନିର୍ଦ୍ଧାରିତ ନିର୍ଦ୍ଦେଶାନୁସାରେ ନିର୍ମାଣ କାମ ଚାଲିଛି । ଜଙ୍ଗଲ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଅଭିଯୋଗ ପରେ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ସେହି ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଯିବ। ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ଜଙ୍ଗଲ ବିଭାଗର ଅନୁରୋଧରେ ସେମାନେ ମନ୍ନତରେ ପହଞ୍ଚିଥିଲେ ।

# ବିହାରରେ ନିର୍ମାଣ ହେବ ସୀତାଙ୍କ ଭବ୍ୟ ମନ୍ଦିର



ପାଟନା, ୨୨।୬ : ବିହାରରେ ନିର୍ମାଣ ହେବ ସୀତା ମା' ଙ୍କ ଭବ୍ୟ ମନ୍ଦିର। ଏମିତି ଘୋଷଣା କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ମାତା ସୀତାଙ୍କ ଜନ୍ମସ୍ଥଳୀ ସୀତାମାଢ଼ିରେ ନିର୍ମାଣ ହେବ ଏହି ମନ୍ଦିର । ଅଯୋଧ୍ୟା ଢ଼ାଞ୍ଚାରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ । ଏଥିସହ ମନ୍ଦିର ନିକଟବର୍ତ୍ତି ଅଞ୍ଚଳରେ ମଧ୍ୟ ଅନେକ ଧାର୍ମିକ ଓ ସାଂସ୍କୃତିକ ସ୍ଥାନର ବିକାଶ କରାଯିବ । ମନ୍ଦିରର ସମ୍ପୂର୍ଣ୍ଣ ଡିଜାଇନ ପ୍ରସ୍ତୁତ ସରିଛି । ପାରମ୍ପରିକ କଳା ଓ ସ୍ଥାପତ୍ୟ ଶୈଳୀରେ ମନ୍ଦିର ନିର୍ମାଣ କରାଯିବ । ଏହି ମନ୍ଦିର ନିର୍ମାଣ ଦ୍ୱାରା ରାଜ୍ୟରେ . କେବଳ ଧାର୍ମିକ ବିକାଶ ଘଟିବ ନାହିଁ, ଏହା ଦ୍ୱାରା ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଲୋକଙ୍କ ରୋଜଗାରେ ବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି। ମନ୍ଦିରର ଡିଜାଇନ ମଧ୍ୟ ସେୟାର କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଖୁବ ଶୀଘ୍ର ମନ୍ଦିର ପାଇଁ ଏକ ଟ୍ରଷ୍ଟ ଗଠନ କରାଯିବ । ଟ୍ରଷ୍ଟ ଗଠନ ପରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

# ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଭାରତର ମାଷ୍ଟରଷ୍ଟ୍ରୋକ୍

ନୂଆଦିଲ୍ଲୀ,୨୨।୬: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ସାରା ବିଶ୍ୱରେ ତୈଳ ବଜାରରେ ହଇଚଇ ସୃଷ୍ଟି କରିଛି। କିନ୍ତୁ ଏହି ସମୟରେ ଭାରତ ରୁଷିଆରୁ ତୈଳ ଆମଦାନୀ ବୃଦ୍ଧି କରି ମଧ୍ୟପ୍ରାଚ୍ୟର ଅନେକ ବଡ଼ ଦେଶକୁ ପଛରେ ପକାଇଛି। ଜୁନରେ, ଭାରତ ରୁଷିଆରୁ ରେକର୍ଡ ପରିମାଣର ତେଲ କିଣିଛି, ଯାହା ସାଉଦି ଆରବ ଏବଂ ଇରାକ ଭଳି ଦେଶରୁ ପ୍ରାପ୍ତ ତେଲ ଅପେକ୍ଷା ଅଧିକ।

ବିଶ୍ୱ ବ୍ୟାପାରର ତଥ୍ୟ ଦେଖୁଥିବା କମ୍ପାନୀ କେପିଲର୍‌ର ତଥ୍ୟ ଅନୁସାରେ, ଜୁନରେ, ଭାରତ ପ୍ରତିଦିନ ରୁଷିଆରୁ ୨୦-୨୨ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଏହା ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ। ମେ ମାସରେ, ଏହି ସଂଖ୍ୟା ପ୍ରତିଦିନ ୧୯.୬ ଲକ୍ଷ ବ୍ୟାରେଲ ଥିଲା। ବିଶେଷ କଥା ହେଉଛି ଯେ ଭାରତ ରୁଷିଆରୁ ଏତେ ତେଲ କିଣିଥିଲା ଯେ ଏହା ଇରାକ, ସାଉଦି ଆରବ, UAE ଏବଂ କୁଓ୍ୱେତରୁ ପ୍ରାପ୍ତ ମୋଟ ତେଲ ପରିମାଣଠାରୁ ଅଧିକ ହୋଇଗଲା। ଜୁନ ମାସରେ, ଭାରତ ମଧ୍ୟପ୍ରାଚ୍ୟରୁ ପ୍ରତିଦିନ ପ୍ରାୟ ୨୦ ଲକ୍ଷ ବ୍ୟାରେଲ ତେଲ ନେଇଥିଲା, ଯାହା ମେ ତୁଳନାରେ କମ।

ରୁଷିଆ ସହିତ, ଭାରତ ମଧ୍ୟ ଆମେରିକାରୁ ତୈଳ ଆମଦାନୀରେ ବୃଦ୍ଧି କରିଛି। ଜୁନ ମାସରେ ଭାରତ ଆମେରିକାଠାରୁ ପ୍ରତିଦିନ ୪.୩୯ ଲକ୍ଷ ବ୍ୟାରେଲ ତେଲ କିଣିଥିଲା, ଯାହା ମେ ମାସରେ ହୋଇଥିବା ୨.୮୦ ଲକ୍ଷ ବ୍ୟାରେଲ ତୁଳନାରେ ବହୁତ ଅଧିକ। ଅର୍ଥାତ ଭାରତ ଏହାର ତୈଳ କ୍ରୟକୁ ଆହୁରି ମଜବୁତ କରିବା ପାଇଁ ରୁଷିଆ ଏବଂ ଆମେରିକା ଉଭୟଙ୍କ ଉପରେ ବାଜି ଲଗାଇଥିଲା। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ତୈଳ ବଜାରରେ ଉତ୍ତେଜନା ସୃଷ୍ଟି କରିଛି, କିନ୍ତୁ ଏପର୍ଯ୍ୟନ୍ତ ତୈଳ ଯୋଗାଣ ଉପରେ




କୌଣସି ବଡ଼ ପ୍ରଭାବ ପଡ଼ିନାହିଁ। ଜୁନ ୧୩ ତାରିଖରେ ଇସ୍ରାଏଲ ଇରାନର ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିଥିଲା, ଯାହାର ଜବାବରେ ଆମେରିକା ରବିବାର ଇରାନର ତିନୋଟି ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିଥିଲା। ଏହି ସମୟରେ, ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଧମକ ଦେଇଛି, ଯାହା ବିଶ୍ୱର ୨୦% ତୈଳ ଏବଂ ଏଲ୍ଏନ୍‌ଜି ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ଭାରତ ଏହାର ୪୦% ତେଲ ଏବଂ ଏହାର ଅଧା ଗ୍ୟାସ ଆମଦାନୀ ପାଇଁ ଏହି ମାର୍ଗ ଉପରେ ନିର୍ଭର କରେ।

ଭାରତ ବିଷୟରେ କହିବାକୁ ଗଲେ, ଭାରତ ସରକାର ଗତ ଦୁଇ ବର୍ଷ ମଧ୍ୟରେ ଏହାର ତେଲ ଆମଦାନୀ ରଣନୀତିକୁ ବହୁତ ସ୍ମାର୍ଟ କରିଛି। ରୁଷୀୟ ତେଲ ଶସ୍ତା ହେବା ଯୋଗୁ ୨୦୨୨ ଫେବୃଆରୀରେ ୟୁକ୍ରେନ ସଙ୍କଟ ପରଠାରୁ ଭାରତ ରୁଷିଆରୁ ଆମଦାନୀ ବୃଦ୍ଧି କରିଛି। ପୂର୍ବରୁ ଭାରତର କେବଳ ୧% ତେଲ ରୁଷିଆରୁ ଆସୁଥିଲା, ଯାହା ଏବେ ୪୦-୪୪% ପହଞ୍ଚିଛି। ରୁଷିଆ ତେଲ ହର୍ମୁଜ ପ୍ରଣାଳୀ ଦେଇ ଆସେ ନାହିଁ, ବରଂ ସୁଏଜ କେନାଲ, କେପ ଅଫ ଗୁଡ ହୋପ କିମ୍ବା ପ୍ରଶାନ୍ତ ମହାସାଗର ଦେଇ ଆସେ।

ସୁମିତ ରିଟୋଲିଆଙ୍କ ଅନୁସାରେ, ଭାରତର ତୈଳ ରଣନୀତି ଏବେ ବହୁତ ନମନୀୟ ହୋଇଯାଇଛି। ଯଦି ମଧ୍ୟପ୍ରାଚ୍ୟରେ ତୈଳ ଯୋଗାଣ ହ୍ରାସ ପାଏ, ତେବେ ଭାରତ ରୁଷିଆ, ଆମେରିକା, ନାଇଜେରିଆ, ଆଙ୍ଗୋଲା ଏବଂ ବ୍ରାଜିଲ ଭଳି ଦେଶରୁ ତେଲ ନେଇପାରିବ, ଯଦିଓ ଏହାକୁ ଅଧିକ ପରିବହନ ଖର୍ଚ୍ଚ କରିବାକୁ ପଡିବ। ବର୍ତ୍ତମାନ ପାଇଁ, ଭାରତ ରୁଷଆ ଏବଂ ଆମେରିକାରୁ ତେଲ ବୃଦ୍ଧି କରି ଏହାର ଶକ୍ତି ସୁରକ୍ଷାକୁ ଆହୁରି ମଜବୁତ କରିଛି।

**ପ୍ରଥମ ଟେଷ୍ଟ**

# ବୁମ୍‌ରାଙ୍କୁ ୫ ୱିକେଟ୍‌ର ସଫଳତା: ଭାରତ ୯୬ ରନ୍‌ରେ ଆଗୁଆ




**ଲିଡ୍‌ସ,୨୨।୬:** ଚଳିତ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ୯୬ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଇନିଂସରେ ଦଳ ୪୭୧ ରନ୍ କରିବା ପରେ ଘରୋଇ ଦଳର ପ୍ରଥମ ଇନିଂସକୁ ୪୬୫ ରନ୍‌ରେ ସୀମିତ ରଖି ୫ ରନ୍‌ରେ ଆଗୁଆ ରହିଥିଲା। ଏହାପରେ ତୃତୀୟ ଦିନର ଅନ୍ତିମ ସେସନ୍‌ରେ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ୨ଟି ୱିକେଟ୍ ବିନିମୟରେ ୯୧ ରନ୍ କରିଛି। ଦଳକୁ ପ୍ରଥମ ଇନିଂସରେ ଅଗ୍ରଣୀ ଦେବାରେ ପ୍ରମୁଖ ପେସର୍ ଜସପ୍ରୀତ୍ ବୁମରାଙ୍କ ୫ ୱିକେଟ୍‌ର ସଫଳତା ମୁଖ୍ୟ ଭୂମିକା ନିର୍ବାହ କରିଛି। ବୁମ୍ରା ୨୪.୪ ଓଭର୍‌ରେ ୮୩ ରନ୍ ବ୍ୟୟ କରି ଏହି ସଂଖ୍ୟକ ୱିକେଟ୍ ନେଇଥିବା ବେଳେ ଏହା ତାଙ୍କ କ୍ୟାରିୟର୍‌ର ବିଦେଶ ମାଟିରେ ଦ୍ୱାଦଶ ଥର ପାଇଁ ୫ କିମ୍ବା ତା'ଠାରୁ ଅଧିକ ୱିକେଟ୍ ନେଇଛନ୍ତି।

ଗତକାଲିର ଖେଳ ଶେଷ ବେଳକୁ ଇଂଲଣ୍ଡ ୩ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା। ଓଲି ପୋପ୍ ୧୦୦ ଓ ହ୍ୟାରୀ ବ୍ରୁକ୍ ଶୂନରେ ଅପରାଜିତ ରହିଥିଲେ। ଏହିଠାରୁ ଉଭୟ ଆଜିର ଖେଳ ଆରମ୍ଭ କରିଥିଲେ। ପୋପ୍ ୧୦୬ ରନ୍ କରି ଆଉଟ୍ ହେବା ପରେ ବ୍ରୁକ୍ ଓ ଜୋ ରୁଟ୍‌ଙ୍କ ମଧ୍ୟରେ ପଞ୍ଚମ ୱିକେଟ୍‌ରେ ୫୧ ରନ୍‌ର ଭାଗୀଦାରୀ ହୋଇଥିଲା। ରୁଟ୍ ୨୮ ରନ୍‌ରେ ଆଉଟ୍ ହେବା ଫଳରେ ଏହି ଯୋଡ଼ି ଭାଙ୍ଗିଥିଲା। ପରେ ବ୍ରୁକ୍ ବଳିଷ୍ଠ ବ୍ୟାଟିଂ କରି ୯୯ ରନ କରିଥିବା ବେଳେ ଜେମି ସ୍ମିଥ୍ ୪୦, କ୍ରିସ୍ ଓକ୍ସ ୩୮, ବ୍ରାଇଡନ୍ କାର୍ସ ୨୨ ରନ୍ କରିଥିଲେ। ଫଳରେ ଦଳ ମାତ୍ର ୫ ରନ୍‌ରେ ପଛୁଆ ରହିଥିଲା। ଭାରତ ପକ୍ଷରୁ ବୁମ୍‌ରାଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ ସିରାଜ୍ ୨ଟି ୱିକେଟ୍ ନେଇଥିଲେ।

ସେହିପରି ଭାରତର ଦ୍ୱିତୀୟ ଇନିଂସରେ ଅଧିନାୟକ ଶୁବମାନ ଗିଲ୍‌ଙ୍କ ସ୍ଥାନରେ ଲୋକେଶ ରାହୁଲ୍‌ଙ୍କ ସହ ଇନିଂସ ଆରମ୍ଭ କରିଥିଲେ ଯଶସ୍ୱୀ ଜୈସ୍ୱାଲ୍। କିନ୍ତୁ ସେ ମାତ୍ର ୪ ରନ୍‌ରେ ଆଉଟ୍ ହେବା ପରେ ପ୍ରଥମ ଇନିଂସରେ ଶୂନରେ ଆଉଟ୍ ହୋଇଥିବା ସାଇ ସୁଦର୍ଶନ ୩୦ ରନ୍ କରିଥିଲେ। ତେବେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ରାହୁଲ୍ ୪୭ ଓ ଗିଲ୍ ୬ ରନ୍‌ରେ ଅପରାଜିତ ଥିଲେ। ଇଂଲଣ୍ଡ ପକ୍ଷରୁ କାର୍ସ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

# ଭୁବନେଶ୍ୱର-କଟକ ଫାଇନାଲ୍ ମୁକାବିଲା

**୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍**

କଟକ,୨୨।୬ (ସଂଚାର ବ୍ୟୁରୋ): ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍‌ର ଫାଇନାଲରେ ଭୁବନେଶ୍ୱର-ଏ' ଓ କଟକ-ଏ' ମୁହାଁମୁହିଁ ହେବେ। ବାରବାଟୀ ଷ୍ଟାଡିୟମ୍‌ରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ଭୁବନେଶ୍ୱର-ଏ' ଓ ସୁନ୍ଦରଗଡ଼ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରେ ଭୁବନେଶ୍ୱର-ଏ' (ଡି/ଏଲ୍)ରେ ୬ରନ୍‌ରେ ବିଜୟୀ ହୋଇଛି। ଭୁବନେଶ୍ୱର ୧୨୧ ରନ୍‌ରେ ଅଲଆଉଟ୍ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ରନ୍ କରିଥିଲେ। ସୁନ୍ଦରଗଡ଼ର ଓମ୍ ବେହେରାଙ୍କୁ ୬ ୱିକେଟ୍ ମିଳିଥିଲା। ଜବାବରେ ସୁନ୍ଦରଗଡ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ୍ ବିନିମୟରେ ୬୫ରନ୍ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ଶେଷକୁ ଡିଏଲ୍‌ଏସ୍ ପଦ୍ଧତିରେ ଭୁବନେଶ୍ୱର-ଏ'କୁ ବିଜୟୀ ଘୋଷଣା କରାଯାଇଥିଲା। ୧୫ରନ୍ ବିନିମୟରେ ୩ ୱିକେଟ୍ ନେଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। କଟକ-ଏ' ଓ ଭୁବନେଶ୍ୱର-ବି' ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକ୍‌ଆଉଟ୍ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ'କୁ ବିଜୟୀ ଘୋଷିତ କରାଯାଇଛି।

**ଅଲ୍‌ଓଡ଼ିଶା ଓପନ୍ ୬ରେଡ୍ ସ୍ନୁକର୍**

# ଫାଇନାଲ୍‌ରେ ଆଶୁତୋଷ



ଭୁବନେଶ୍ୱର, ୨୨।୬ (ସଂଚାର ବ୍ୟୁରୋ): ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ସଂଘ (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ଭିଷ୍ଟେଜ୍ କ୍ଲବ୍‌ଠାରେ ଚାଲିଥିବା ଫାଲକନ୍ ଅଲ୍‌ଓଡ଼ିଶା ଓପନ୍ ୬ରେଡ୍ ସ୍ନୁକର ପ୍ରତିଯୋଗିତାର ଫାଇନାଲ୍‌ରେ ଓଡ଼ିଶା କ୍ୟୁ ସ୍ପୋର୍ଟସର ଅନ୍ୟତମ ସଫଳ ତାରକା ଆଶୁତୋଷ ପାଢ଼ୀ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ରାକେଶ ରୋଶନ ପ୍ରଧାନ ଓ ନିଶାନ୍ତ ବିଶ୍ୱାଳଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ର ବିଜେତାଙ୍କୁ ଭେଟିବେ। ରବିବାର ଏହି ମ୍ୟାଚ୍ ଖେଳାଯିବା ସହ ଫାଇନାଲ୍ ମଧ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ୍‌ରେ ଆଶୁତୋଷ ୫-୨ରେ ଚିରାଗ ଅରୋରାଙ୍କୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ। ଶନିବାର ଖେଳାଯାଇଥିବା ଚାରିଟିଯାକ କ୍ୱାର୍ଟର ଫାଇନାଲ୍‌ରେ ଆଶୁତୋଷ ୪-୦ରେ ସିଦ୍ଧାର୍ଥ ସେନଙ୍କୁ, ନିଶାନ୍ତ ବିଶ୍ୱାଳ ୪-୦ରେ ସୁଦୀପ୍ତ ଦାଶଙ୍କୁ, ରାକେଶ ରୋଶନ ପ୍ରଧାନ ୪-୧ରେ ଅଲତାଫ ଅଲୀଙ୍କୁ ଏବଂ ଚିରାଗ ଅରୋରା ୪-୨ରେ ଜ୍ଞାନ ଦାସଙ୍କୁ ହରାଇଥିଲେ।

## ଭାରତୀୟ ମହିଳା ହକି ଦଳ ପରାସ୍ତ

ନୂଆଦିଲ୍ଲୀ, ୨୨।୬: ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପୀୟ ପର୍ଯ୍ୟାୟରେ ଭାରତୀୟ ମହିଳା ହକି ଦଳ ଶନିବାର ଶୋଚନୀୟ ପରାଜୟ ବରଣ କରିଛି। ୧୭ଟି ପେନାଲ୍ଟି କର୍ଣ୍ଣର ଦେଖିବାକୁ ମିଳିଥିବା ଏହି ମ୍ୟାଚ୍‌ରେ ଘରୋଇ ବେଲଜିୟମଠାରୁ ୧-୫ ଗୋଲ୍‌ରେ ପରାଜିତ ହୋଇଛି। ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ଦୀପିକା ଦେଇଥିଲେ। ତାଙ୍କ ଷଷ୍ଠ ମିନିଟ୍ ଗୋଲ୍ ମଧ ମ୍ୟାଚ୍‌ର ପ୍ରଥମ ଗୋଲ୍ ଥିଲା। ତେବେ ଭ୍ରମଣକାରୀ ଦଳର ଖୁସି ସେତିକିରେ ସୀମିତ ରହିଥିଲା। ବେଲ୍‌ଜିୟମ ଏହା ପରେ ଘନଘନ ଆକ୍ରମଣ କରି ଗୋଲ୍ ଉପରେ ଗୋଲ୍ ଲଦି ଚାଲିଥିଲା। ହେଲେନ ବ୍ରାସୁଏର ଦୁଇଟି (୩୭,୫୫), ଲୁସି ବ୍ରାଏନ (୪୧), ଆମ୍ବ୍ରେ ବାଲେନଘେନ (୫୪) ଓ ଚାର୍ଲୋଟ୍ ଏଙ୍ଗଲବର୍ଗ (୫୮) ଗୋଟିଏ ଲେଖାଏଁ ଗୋଲ୍ ଦେଇ ବେଲଜିୟମକୁ ସହଜ ବିଜୟ ଉପହାର ଦେଇଥିଲେ। ଏହି ଦଳର ସମସ୍ତ ଗୋଲ୍ ପେନାଲ୍ଟି କର୍ଣ୍ଣରରୁ ଆସିଥିଲା। ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରରୁ କିନ୍ତୁ ଦଳ କୌଣସି ଫାଇଦା ଉଠାଇ ପାରି ନଥିଲା।

# ଜାତୀୟ ସନ୍ତରଣ ପାଇଁ ଓଡ଼ିଶା ଦଳ



ଭୁବନେଶ୍ୱର, ୨୨।୬ (ସଂଚାର ବ୍ୟୁରୋ): କଳିଙ୍ଗ ଷ୍ଟାଡିୟମ୍ ଆକର୍ଷଣୀୟ ଆକ୍ୱାଟିକ୍ ସେଣ୍ଟର୍‌ରେ ରବିବାରଠାରୁ ଆରମ୍ଭ ହେଉଥିବା ୭୮ତମ ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷିତ ହାଇଛି। ଓଡ଼ିଶାରୁ ୧୪ ଜଣିଆ ଦଳ (୭ ମହିଳା, ୭ ପୁରୁଷ) ମନୋନୀତ ହୋଇଛନ୍ତି। ତେବେ ତାରକା ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ପ୍ରଧାନ ପୁଲ୍ ଓ ପୋଡିୟମ୍‌ରେ ଚମକ ଦେଖାଇବେ ବୋଲି ବିଶ୍ୱାସ କରାଯାଉଛି। ଚତୁର୍ଥ ଥର ପାଇଁ ଓଡ଼ିଶାରେ ଜାତୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହେଉଛି। ସକାଳ ୧୦.୩୦ରୁ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଅପରାହ୍ଣ ରେ ଏହା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବ। ଭାରତୀୟ ସନ୍ତରଣ ମହାସଂଘ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମଧ୍ୟରେ ହୋଇଥିବା ବୁଝାମଣାପତ୍ର କାରଣରୁ ଲଗାତାର ଭାବେ ଓଡ଼ିଶା ଏହାକୁ ଆୟୋଜନ କରୁଛି। ପ୍ରାୟ ୪୦୦ ଖେଳାଳି ଓ ୧୦୦ ଅଫିସିଆଲ୍ ଏହି ୫ ଦିନିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗତ ଥର ଐତିହାସିକ ସଫଳତା ପାଇଥିବା ଓଡ଼ିଶା ଖେଳାଳିମାନେ ଏଥର ଅଧିକ ପଦକ ଜିତିବା ଆଶାରେ ରହିଛନ୍ତି।

**ଓଡ଼ିଶା ମହିଳା ଦଳ:** ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଧନଭୀ ଭୌମିକ, ଆଂଶିକା ଆରାଧନା ସାହୁ, ଆୟୁଶ୍ରୀ ଦତ୍ତ। **ଓଡ଼ିଶା ପୁରୁଷ ଦଳ:** ଅନମୋଲ୍ ମହାନ୍ତି, ଶୁଭ୍ରାନ୍ତୋ ପାତ୍ର, ନବୀନ ଶର୍ମା, ଅଂଶୁମାନ ବଶିଷ୍ଠ, ଆୟୁଷ ଆର୍ଯ୍ୟମାନ ବଡୁ, ସାଇ ସ୍ୱରୂପ ସ୍ୱାଇଁ, ଜଗଜିତ ପ୍ରଧାନ।

# ଓଡ଼ିଶା ଚେସ୍‌ରେ ସାତ୍ତ୍ୱିକଙ୍କ ନୂଆ ଇତିହାସ

**୯ ବର୍ଷରୁ କମ୍ ଜାତୀୟ ଚେସ୍ ଜିତିବାରେ ପ୍ରଥମ ଓଡ଼ିଆ**



ଭୁବନେଶ୍ୱର, ୨୨।୬ (ସଂଚାର ବ୍ୟୁରୋ): ବହୁ ବର୍ଷ ପରେ ଓଡ଼ିଶାକୁ ମିଳିଛି ଜାତୀୟ ଚେସ୍ ମୁକୁଟ। ହରିୟାଣାର ଗୁରୁଗ୍ରାମ୍‌ରେ ଶନିବାର ଶେଷ ହୋଇଥିବା ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ଓପନ୍ ବର୍ଗରେ ବିଜେତା ହୋଇଛନ୍ତି ଭୁବନେଶ୍ୱରର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲ୍‌ର ଏହି ଛାତ୍ର ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୧୧ ରାଉଣ୍ଡରୁ ୧୦ ପଏଣ୍ଟ ସହ ଅପ୍ରତିଦ୍ୱନ୍ଦ୍ୱୀ ବିଜେତା ହୋଇଛନ୍ତି। ୧୧ ରାଉଣ୍ଡରୁ ସେ ୯ଟି ସିଧାସଳଖ ବିଜୟ ହାସଲ କରିଥିବାବେଳେ ଦୁଇଟି ରାଉଣ୍ଡ (ଅଷ୍ଟମ ଓ ଦଶମ)ରେ ଗେମ୍ ଡ୍ର' ରଖିଥିଲେ। ପଞ୍ଜାବର ଆକ୍ରିଶ ଗୁପ୍ତାଙ୍କୁ ହରାଇ ଆରମ୍ଭ କରିଥିବା ଅଭିଯାନ ଶେଷରେ ଶନିବାର ଅନ୍ତିମ ରାଉଣ୍ଡ୍‌ରେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ହରାଇଥିଲେ। ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ପଦାର୍ପଣ କରିଥିବା ସାତ୍ତ୍ୱିକଙ୍କଠାରୁ ପଞ୍ଚମ ରାଉଣ୍ଡ୍‌ରେ ହାରିଥିବା କର୍ଣ୍ଣାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ୯.୫ ପଏଣ୍ଟ ସହ ଉପବିଜେତା ଏବଂ ଶୀର୍ଷମାନ୍ୟତାପ୍ରାପ୍ତ ତେଲେଙ୍ଗାନାର ଅବଦୁଲ୍ଲା ଦିବିଥ ରେଡ୍ଡୀ ୮.୫ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଅବଦୁଲାଙ୍କୁ ସାତ୍ତ୍ୱିକ ସପ୍ତମ ରାଉଣ୍ଡ୍‌ରେ ପରାସ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଆଇସିଏଫ୍ ଇଭେଣ୍ଟ କମିଟି ମୁଖ୍ୟ ରଂଜନ ମହାନ୍ତି ଯୋଗଦେଇ ଆଉ ଏକ ଓଡ଼ିଆ ସ୍ପର୍ଶ ବି ରଖିଥିଲେ।

ସାତ୍ତ୍ୱିକଙ୍କ ସଫଳତା ଓଡ଼ିଶା ଚେସ୍‌ରେ ନୂଆ ଉନ୍ମାଦନା ଭରିଦେଇଛି। ବିଶେଷ କରି ବୟସ ବର୍ଗରେ ଏହା ନୂଆ ଇନ୍ଧନ ଯୋଗାଇବ ବୋଲି ବିଶ୍ୱାସ ଆସିଛି। ଓଡ଼ିଶା ଚେସ୍ ଇତିହାସରେ କେବେ କୌଣସି ଖେଳାଳି ଜାତୀୟ ୯ ବର୍ଷରୁ ବର୍ଗରେ ବିଜେତା ହୋଇ ନଥିଲେ। ଓଡ଼ିଶାର ଦୁଇ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ଓ ରାକେଶ କୁମାର ଜେନା ଯଥାକ୍ରମେ ୨୦୦୭ ଓ ୨୦୧୦ରେ ଜାତୀୟ ୯ ବର୍ଷରୁ କମ୍ ବର୍ଗରେ ଉପବିଜେତା ହୋଇଥିଲେ। ଅନ୍ୟ ୩ ଜଣ ଖେଳାଳି ସୁମିତ କୁମାର ବାନାର୍ଜୀ (୨୦୦୩), ଉତ୍କଳ ରଂଜନ ସାହୁ (୨୦୦୫), ରୁଦ୍ରାକ୍ଷ ପରିଡ଼ା (୨୦୧୧) ତୃତୀୟ ସ୍ଥାନରେ ରହିଥିଲେ। ଏପରିକି ମହିଳା ବର୍ଗରେ ବି ଏହି ଗୌରବ କୌଣସି ଓଡ଼ିଆକୁ ମିଳିନାହିଁ। ଦୁଇ ଜଣ ଖେଳାଳି ରତମ୍ଭରା ବିଧାର (୨୦୧୦) ଓ ଅନ୍ୱେଷା ମିଶ୍ର (୨୦୧୧) କେବଳ ଉପ ବିଜେତା ହୋଇପାରିଥିଲେ। ସାତ୍ତ୍ୱିକ ଗୁରୁଗ୍ରାମ ଗସ୍ତ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ଜିଲ୍ଲା ଓ ରାଜ୍ୟ ପ୍ରତିଯୋଗିତା ଜିତିଥିଲେ। ୨୦୨୩ରେ ରାଜ୍ୟ ୭ ବର୍ଷରୁ କମ୍ ବିଜେତା ଏବଂ ୨୦୨୪ ଓ ୨୦୨୫ରେ ରାଜ୍ୟ ୯ ବର୍ଷରୁ କମ୍ ପ୍ରତିଯୋଗିତା ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲେ। ଭୁବନେଶ୍ୱରର କିଙ୍ଗ୍‌ସ ଚେସ୍ ଏକାଡେମିରେ ବିଶ୍ୱଜିତ ରାୟଙ୍କଠାରୁ ଗୋଟି ଚାଳନା ଶିଖିଥିବା ସାତ୍ତ୍ୱିକ କିନ୍ତୁ ୨୦୨୪ରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ବିଶ୍ୱ କପ୍ ୮ ବର୍ଷରୁ କମ୍ ବର୍ଗରେ କାଂସ୍ୟ ଏବଂ ଇଟାଲିରେ ଅନୁଷ୍ଠିତ ଫିଡେ ବିଶ୍ୱ କ୍ୟାଡେଟ୍ ପ୍ରତିଯୋଗିତାର ସମାନ ବୟସ ବର୍ଗରେ ରୌପ୍ୟ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ।

ସାତ୍ତ୍ୱିକଙ୍କୁ ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସତ୍ୟରଂଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, କିଙ୍ଗ୍ସ ଚେସ୍ ଏକାଡେମିର ପ୍ରଶିକ୍ଷକ ବିଶ୍ୱଜିତ ରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଅପରାହ୍ଣ ରେ ସାତ୍ତ୍ୱିକଙ୍କ ମୁକୁଟ ବିଜୟ ନିଶ୍ଚିତ ହେବା ପରଠାରୁ ତାଙ୍କ ନିକଟକୁ ମଧ ଅଭିନନ୍ଦନର ସୁଅ ଛୁଟିଛି। ଟ୍ରପିଲ୍ ସି ଚେସ୍ କ୍ଲବ୍ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର ବିକ୍ରମ ବିଶ୍ୱାଳ, ନିଖିଳ ଓଡ଼ିଶା କାର୍ଯ୍ୟକାରୀ କମିଟି ସଦସ୍ୟ ପଦ୍ମିନୀ ସିଂହ, ରିତେଶ ରଥ, ଅନ୍ତର୍ଜାତୀୟ ଅର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ପ୍ରମୁଖ ମଧ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଲିସ୍...

ସେଥିପ୍ରତି ଦୃଷ୍ଟି ନ ଦେଇ ଭାରତ ଓ ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ପ୍ରତି ଟ୍ରମ୍ପ୍ ସରକାର ଯେଭଳି ମନ୍ତବ୍ୟ ଦେଇଛନ୍ତି, ତାହା ଗ୍ରହଣୀୟ ନୁହେଁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ତେବେ ରାଜ୍ୟରେ ନୂଆ ସରକାର ଗଠନ ପରେ ପୁଲିସ୍ ପ୍ରଶାସନରେ ବ୍ୟାପକ ଅଦଳବଦଳ କରିଥିଲେ ମଧ୍ୟ ତା'ର ସେଭଳି କୌଣସି ପ୍ରଭାବ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପରେ ପଡୁଥିବା ଲକ୍ଷ୍ୟ କରାଯାଇପାରୁନାହିଁ। ଗତ କିଛିଦିନ ଧରି କଂଗ୍ରେସ ଏହାକୁ ମୁଖ୍ୟ ପ୍ରସଙ୍ଗ କରିବା ସହ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲା। ମୁଖ୍ୟ ବିରୋଧୀ ଦଳ ବିଜେଡି ମଧ୍ୟ ଲଗାତାର ଭାବେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାରେ ଲାଗିଛି। ଏହାରି ଭିତରେ ଏବେ ଆମେରିକା ସରକାରଙ୍କ ବୟାନ ରାଜ୍ୟ ପୁଲିସକୁ କାଠଗଡ଼ାରେ ଛିଡା କରାଇଥିବା ବେଳେ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ନେଡ଼ିଗୁଡ଼ କହୁଣିକୁ ବହିଯିବ ଏବଂ ବିରୋଧୀଙ୍କୁ ସମାଲୋଚନା କରିବାକୁ ଅଧିକ ମଉକା ମିଳିଯିବ, ଏହା କହିବା ବାହୁଲ୍ୟ ମାତ୍ର।

## ସମୁଦ୍ରରେ...

ଟ୍ରଲର ଇଲିସି ମାଛ ସନ୍ଧାନରେ ଯାଇଥିଲେ। କିନ୍ତୁ ମାଛ ମାରି କୂଳକୁ ଫେରୁଥିବା ସମୟରେ ଅଚାନକ ସମୁଦ୍ରରେ ବଡ଼ ବଡ଼ ଢେଉଆସିବା ଫଳରେ ଉଭୟ ଟ୍ରଲର୍ ଓଲଟିପଡ଼ିଥିଲା। ଫଳରେ ସେଥିରେ ଥିବା ୨୯ ଜଣ ମତ୍ସ୍ୟଜୀବୀ ବୁଡ଼ିଯାଇଥିଲେ। କିନ୍ତୁ ଖବର ପାଇ ଅନ୍ୟ ଏକ ଟ୍ରଲର ଦେବଦୂତ ସାଜି ଉକ୍ତ ମତ୍ସ୍ୟଜୀବୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ଗତ ଶୁକ୍ରବାର ପଶ୍ଚିମବଙ୍ଗର ନାମଖାନାର ଖେୟାଘାଟରୁ ଇଲସା ମାଛ ଧରିବା ପାଇଁ ସେମାନେ ଟ୍ରଲର ବାହାରିଥିଲେ ଏବଂ ଗତକାଲି ଫେରୁଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିଲେ।

## ଧରା ପଡ଼ିଲା...

ପ୍ରତିଶତ ଲୋକ ଶୌଚାଳୟ ବ୍ୟବହାର କରୁଛନ୍ତି। ୮୫ ପ୍ରତିଶତ ଗାଁକୁ ପକ୍କା ରାସ୍ତା ଥିବା ବେଳେ ୫୦ ପ୍ରତିଶତ ଗାଁରେ ୫ କିଲୋ ମିଟରରେ ରହିଛି ବ୍ୟାଙ୍କ ଏବଂ ୬୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ଟେଲିଫୋନ ବ୍ୟବହା କରୁଛନ୍ତି। ସେହିଭଳି ଗ୍ରାମାଞ୍ଚଳରେ ୩୯.୫ ପ୍ରତିଶତ ଲୋକ ବ୍ୟବହାର କରୁଛନ୍ତି ଇଣ୍ଟରନେଟ।

୨୪ ବର୍ଷର ଶାସନରେ ବିଜେଡି ଓଡିଶାକୁ ବହୁ ପଛକୁ ଠେଲିଦେଇଥିବା ଅଭିଯୋଗ କରିଛି ବିଜେପି। ଯାହାକୁ ନେଇ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ଭିଜନ ୨୦୩୬ ଓ ୨୦୪୭। କିନ୍ତୁ ଗତ ୨୪ ବର୍ଷରେ ଯାହା ହୋଇପାରିଲାନି ତାହା ଆଉ ୧୧ ବର୍ଷରେ ସମ୍ଭବ ହେବ କି ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ତେବେ ସରକାର ୨୦୪୭ ସୁଦ୍ଧା ରାଜ୍ୟରୁ ସଂପୂର୍ଣ୍ଣ ଦାରିଦ୍ର୍ୟ ମୁକ୍ତି ଓ ୫୦ ହଜାରରୁ ଅଧିକ ଗାଁରେ ମୌଳିକ ସୁବିଧା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଥିବା ବେଳେ ଆଜିଯାଏଁ ଲୋକଙ୍କ ପାଖରେ ସର୍ବନିମ୍ନ ମୌଳିକ ସୁବିଧା ପହଞ୍ଚି ନପାରିବା ଉଦ୍‌ବେଗଜନକ। ଆଉ ଏହାରି ଭିତରେ ଗାଁରେ ମଧ୍ୟ ସହର ପରି ସୁବିଧା ଯୋଗାଇ ଦେବାକୁ ସରକାରଙ୍କ ଯୋଜନା କେତେ ଫଳପ୍ରଦ ହେଉଛି ତାହା ଦେଖିବାର କଥା ।

## ସହଯୋଗ...

ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକ୍ ଅଧିକୃତ କଶ୍ମୀର (ପିଓକେ) ଓ ପାକିସ୍ତାନର ଏକାଧିକ ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଦେଇଥିଲା। ପରେ ଉଭୟ ଦେଶ ମଧ୍ୟରେ ୩ ଦିନ କାଳ ସମ୍ମୁଖ ଯୁଦ୍ଧ ହୋଇଥିଲା, ଯେଉଁଥିରେ ପାକିସ୍ତାନର ସର୍ବାଧିକ କ୍ଷତି ହୋଇଥିଲା।

## ଫୋକସ୍‌ରେ...

ଭକ୍ତମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ୨୭୫ଟି ଏଆଇ ପରିଚାଳିତ କ୍ୟାମେରା ଲଗାଯିବ ବୋଲି ସୂଚନା ଦେଇଛନ୍ତି ଡିଜି ଶ୍ରୀ ଖୁରାନିଆ। ସେ କହିଛନ୍ତି ଯେ ଚଳିତ ବର୍ଷର ରଥଯାତ୍ରା ସମୟରେ ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ, ଯେଉଁଥିରେ ୧୦ ହଜାର ସୁରକ୍ଷାକର୍ମୀ ମୁତୟନ ରହିବେ। କୁଇକ୍ ରେସ୍‌ପନ୍ସ ଟିମ୍ ଓ ଡ୍ରୋନ୍‌ର ସହାୟତା ବି ନିଆଯିବ। ତା'ଛଡ଼ା ଜଳପଥରେ କୌଣସି ପ୍ରକାର ଅସାମାଜିକ ତତ୍ତ୍ୱର ପ୍ରବେଶକୁ ରୋକିବା ସକାଶେ ସମୁଦ୍ର ତଟରେ କୋଷ୍ଟଗାର୍ଡଙ୍କୁ ମୁତୟନ କରାଯିବ ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ସେହିପରି ଭକ୍ତମାନଙ୍କୁ କୌଣସି ପ୍ରତିକୂଳ ପରିସ୍ଥିତିରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସକାଶେ ୬୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୬୪ ଆମ୍ବୁଲାନ୍ସ, ୨୬୫ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଖୁରାନିଆ କହିବା ସହ ରଥଯାତ୍ରା ସମୟରେ ୩୭୮ ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ଦାୟିତ୍ୱରେ ରହିବେ ଏବଂ ଏମ୍ସର ବିଶେଷଜ୍ଞ ଡାକ୍ତର ସେବା ଯୋଗାଇଦେବେ ବୋଲି ସୂଚନା ଦେଇଛନ୍ତି।

## ଏନକାଉଣ୍ଟରରେ...

ଏହି ମାଓ ସଂଗଠନରେ ସାମିଲ ଥିଲେ । ଯିଏ କି ଗାଁ ସ୍କୁଲରେ ରୋଷେୟା ଭାବେ କାମ କରୁଥିଲେ । ଏହା ସହିତ ସେ ଜାତୀୟ ଉଦ୍ୟାନରେ ସଦସ୍ୟ ଭାବେ ମଧ୍ୟ ପରିଗଣିତ ହୋଇଥିଲେ । ତାଙ୍କୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦରମା ଦିଆଯାଇଥିଲା। ଜଣେ ସରକାରୀ କର୍ମଚାରୀ କିଭଳି ଭାବରେ ଆତଙ୍କବାଦୀ ସଂଗଠନରେ ସାମିଲ ହେଲେ ସେନେଇ ବର୍ତ୍ତମାନ ତଦନ୍ତ ଚାଲିଛି ।

ଅନ୍ୟପଟେ ପୋଲିସ ଏହି ମାମଲାକୁ ତଦନ୍ତ କରିବା ସହ ସେପ୍ରକାର ସଂଗଠନ ସହିତ ସମ୍ପର୍କ ଭୋଗିବାକୁ ନିବେଦନ କରିଛି। ଯାହା ଅଞ୍ଚଳର ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପାଇଁ ବିପଦ ନୁହେଁ, ବରଂ ବ୍ୟକ୍ତିର ଜୀବନ ଏବଂ ଭବିଷ୍ୟତକୁ ମଧ୍ୟ ବିପଦରେ ପକାଇଥାଏ ।

## ବରଗଡ଼କୁ...

ଡାଇରିଆ ସଂକ୍ରମଣ ବ୍ୟାପିଥିଲା। ଧୀରେ ଧୀରେ ଉକ୍ତ ଜିଲ୍ଲାଗୁଡ଼ିକରେ ସ୍ଥିତିରେ ସୁଧାର ଆସିଥିଲେ ବି ଏବେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଭିନ୍ନ ସ୍କୁଲ ଓ କଲେଜ ବନ୍ଦ ରହିଛି। କେତେକ ରୋଗୀ ଏବେବି ଚିକିତ୍ସାଧୀନ ଥିବାବେଳେ ଆଉ କେତେ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯାଜପୁରରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମାଡ଼ିବାରେ ଲାଗିଥିବାବେଳେ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଆଜି ପୁରୀ ଜିଲ୍ଲାର ଗୋପ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ୨୦ ଜଣ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେମାନେ ମହାଲପଡା, ପୟରା, ଅଣ୍ଡରା ଇଚ୍ଛାପୁର, ରାହଙ୍ଗରଡ଼ା ଓ ଏରବଙ୍ଗ ପଞ୍ଚାୟତର ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡାଇରିଆ ବ୍ୟାପିବା ପରେ ମେଡିକାଲ ପକ୍ଷରୁ ଗାଁ ଗାଁ ବୁଲି ସଚେତନ କରାଯିବା ସହ ଆଶା କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଘରେ ଘରେ ଓଆର୍‌ଏସ୍, ଜିଙ୍କ ଓ ବଟିକା ବାଣ୍ଟୁଛନ୍ତି। ସେହିପରି ଡାଇରିଆର ମୁକାବିଲା ପାଇଁ ଗୋପ ମେଡିକାଲରେ ମେଡିକାଲ ଅଫିସର, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଡାଇରିଆ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ରହିଥିବା ଗୋପ ମେଡିକାଲ ଅଫିସର ଡା ଜସ୍ମିନ ଆଫରୋଜ କହିଛନ୍ତି। ସେହିପରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ନୟାହାଟ, କୋଣାର୍କ, ଛଇତନା, ଆମ୍ବିଲିଘଣା, ନାଗପୁର, ବାଙ୍ଗୁରୀଗାଁ, ବଡ଼ତରା ଓ କୁଆଁପଡା ଆଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ବ୍ୟାପକ ପରିମାଣର ଔଷଧ ମହଜୁଦ ରଖାଯିବା ସହ ସଂକ୍ରମିତଙ୍କ ଚିକିତ୍ସା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଡା. ଆଫରୋଜ୍ କହିଛନ୍ତି। ସେହିପରି ଡାଇରିଆ ସଂକ୍ରମିତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇଦେବା ସକାଶେ ସମସ୍ତେ ପ୍ରସ୍ତୁତ ଥିବା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଭୁ ପ୍ରସାଦ ନାୟକ କହିଛନ୍ତି।

## ଗୁରୁ ଯେମିତି...

ସ୍ୱାମୀଙ୍କୁ ଜଣାଇଥିଲେ ବି ସେ ଏହାକୁ ହାଲୁକା ଭାବେ ନେଉଥିଲେ। ଘଟଣା ଦିନ ସନ୍ଧ୍ୟାରେ ଘରେ କେହି ନଥିବା ସୁଯୋଗ ନେଇ ତାପସ ଉକ୍ତ ମହିଳାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ମହିଳା ଜଣଙ୍କ ପାଟି କରିବାରୁ ଗାଁଲୋକ ଓ ତାଙ୍କ ସ୍ୱାମୀ ଏକାଠି ହୋଇଯିବାରୁ ଖସି ପଳାଇଥିଲେ ତାପସ। ଏନେଇ ବାଲିଚନ୍ଦ୍ରପୁର ପୁଲିସ ୪୨/୧୮ରେ ମାମଲା ରୁଜୁ କରି ମହିଳାଙ୍କର ବୟାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସିଆରପିସିର ୧୬୪ ଧାରାରେ ରେକର୍ଡ ମଧ୍ୟ କରାଯାଇଥିଲା।

ପୁଲିସ କିନ୍ତୁ ଏହି ଘଟଣାରେ ଦୀର୍ଘଦିନ ଧରି ଅଭିଯୁକ୍ତ ତାପସଙ୍କୁ ଗିରଫ କରିନଥିଲା। ସେ ସମୟରେ ତଦନ୍ତକାରୀ ଅଧିକାରୀ ୨୦୧୮ ଏପ୍ରିଲ ୨୦ ତାରିଖରେ କୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ଦର୍ଶାଇଛନ୍ତି ଯେ ସେ ବହୁବାର ସରପଞ୍ଚ ତାପସଙ୍କୁ ଗିରଫ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ତାଙ୍କ ଗାଁ କିମ୍ବା ଆଖପାଖ ଗାଁରେ ନଥିଲେ। ନିଜସ୍ୱ ବିଶ୍ୱସ୍ତ ସୂତ୍ରରୁ ତଦନ୍ତ ସମୟରେ ସେ ଜାଣିବାକୁ ପାଇଥିଲେ ଯେ ସରପଞ୍ଚ ଜଣଙ୍କ ବେଶ ରଙ୍ଗୀଲା ମିଜାଜ୍‌ର। ନିଜ ଅଞ୍ଚଳ ଓ ଆଖପାଖ ଗାଁର ବହୁ ନାବାଳିକା ଓ ମହିଳା ତାଙ୍କ ଯୌନ ପିପାସାର ଶିକାର ହୋଇଛନ୍ତି। କିନ୍ତୁ ସେତେବେଳେ ତାପସ ସରକାରୀ ଦଳ ସମର୍ଥିତ ସରପଞ୍ଚ ଥିବାରୁ କେହି ତାଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ କରିପାରୁନଥିଲେ। ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବାରୁ ମହିଳା ଓ ସ୍ୱାମୀଙ୍କୁ କିଛି ଅସମାଜିକ ବ୍ୟକ୍ତି ବାରମ୍ବାର ଫୋନରେ ଧମକ ଦେବା ସହ ଜୀବନରେ ମାରିଦେବାକୁ ବି ଉଦ୍ୟମ କରିଥିଲେ। ଭୟରେ କିଛିଦିନ ମଧ୍ୟରେ ପରିବାର ସହ ମହିଳା ଜଣଙ୍କ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଥିଲେ। ତେଣୁ ତାପସଙ୍କୁ ଜାମିନ ନଦେବାକୁ ନିଜେ ତଦନ୍ତକାରୀ ଅଧିକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ତେବେ ଏହି ମାମଲାର ତଦନ୍ତ ଏବେ କେଉଁ ସ୍ଥିତିରେ ଅଛି ତାହା ଅସ୍ପଷ୍ଟ। ତାପସ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ନା ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଏବେ ବି ବିଚାରାଧୀନ ରହିଛି, ସେନେଇ ବି କିଛି ଜଣାପଡିନାହିଁ। ହେଲେ ଏଭଳି ଜଣେ ଯୌନପିପାସୁ, ଦୁରାଚାରୀ ଓ ରଙ୍ଗୀଲା ନେତାଙ୍କୁ ବିଜେଡି ବଡ଼ଚଣା ବ୍ଲକ୍ ସଭାପତି ଦାୟିତ୍ୱ ଦେଇଛି। ତାଙ୍କ ନେତୃତ୍ୱରେ ଦଳର ମହିଳା ନେତ୍ରୀ ଓ ଗାଁଗହଳିର ମହିଳା କେମିତି ସୁରକ୍ଷିତ ରହିବେ ବୋଲି ସବୁଠି ପ୍ରଶ୍ନ ଉଠିଛି।

## ସରିଲା ...

'ଏକ୍ସ'ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସୂଚନା ଦେଇଥିଲେ। ନବୀନ ତାଙ୍କ ପୋଷ୍ଟରେ ଲେଖିଥିଲେ ଯେ ସେ ସର୍ଭାଇକାଲ ଆର୍ଥାଇଟିସ୍‌ର ଚିକିତ୍ସା ପାଇଁ ମୁମ୍ବାଇ ଯାଉଛନ୍ତି। ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ ଶୁଭେଚ୍ଛା କାମନା କରିଥିଲେ।

ନବୀନ ଆହୁରି ଲେଖିଥିଲେ, ସେ ଶୀଘ୍ର ସୁସ୍ଥ ହୋଇ ଫେରି ଓଡ଼ିଶାର ସମସ୍ତଙ୍କ ସେବା ଜାରି ରଖିବାକୁ ଅପେକ୍ଷା କରିଛି। ଏହି ପୋଷ୍ଟ ମାଧ୍ୟମରେ ସେ ନିଜର ସ୍ୱାସ୍ଥ୍ୟଗତ ଅବସ୍ଥା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବା ସହ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଖବର ଓଡ଼ିଶାରେ ନବୀନଙ୍କ ଅନୁଗାମୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରି ଅନେକ ସମର୍ଥକ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି। ନବୀନଙ୍କ ଅସ୍ତ୍ରୋପଚାର ପୂର୍ବରୁ ଆଜି ମା ବିରଜାଙ୍କ ପାଖରେ ଚଣ୍ଡିପାଠ କରାଯାଇଥିବା ବେଳେ ହିଂଜିଳିରେ ୧୦୮ ହନୁମାନ ଚାଲିଶା ପଢ଼ାଯାଇଥିଲା। ସେହିପରି ଶ୍ରୀଲିଙ୍ଗରାଜଙ୍କ ପାଖରେ ଅଖଣ୍ଡ ଦୀପ ମଧ୍ୟ ବସାଇଥିଲେ ତାଙ୍କ ଅନୁଗାମୀ।

**ଆରମ୍ଭ ହେଲା ସିନିୟର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିୟନସିପ୍**

# ପ୍ରଥମ ଦିନରେ ସ୍ୱର୍ଣ୍ଣ ପଦକ ଜିତିଲେ ସୃଷ୍ଟି



**ଭୁବନେଶ୍ୱର ,୨୨।୬(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ପ୍ରତିଯୋଗିତା (ସନ୍ତରଣ ପ୍ରତିଯୋଗିତା) ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତା ଜୁନ୍ ୨୨ ତାରିଖ ଠାରୁ ଆରମ୍ଭ ହୋଇ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ସ୍ୱିମିଙ୍ଗ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ୭ଜଣ ପୁରୁଷ ଓ ୭ ଜଣ ମହିଳା ସର୍ବମୋଟ୍ ୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆଜି ପ୍ରଥମ ଦିନରେ ଓଡ଼ିଶାର କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟ ୧୦୦ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଜି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଓଡ଼ିଶାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସୁନାମ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି। ଏଥିସହିତ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ସନ୍ତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଦିନରେ ୧୩ ଟି ଜିଲ୍ଲାରେ ୧୩ଟି ସୁଇମିଙ୍ଗ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଆମ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ସନ୍ତରଣରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ପ୍ରେସିଡେଣ୍ଟ ଆର.ଏନ ଜୟପ୍ରକାଶ, ଏସିଆନ୍ ଆକ୍ୱାଟିକ୍ ଫେଡ଼େରେସନ୍‌ର ଭାଇସ୍ ପ୍ରେସିଡେଣ୍ଟ ବିରେନ୍ଦ୍ର ନାନାବତୀ, ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ମୋନାଲ ଚୋକ୍ସି, ଓଡ଼ିଶା ଷ୍ଟେଟ ସ୍ୱିମିଙ୍ଗ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ଗୋଲାପମଣି ମହାନ୍ତ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




## ନବୀନଙ୍କ ଆରୋଗ୍ୟ ପାଇଁ ମା' ମଙ୍ଗଳାଙ୍କ ପାଖରେ ସମୂହ ଦୀପଦାନ

**କାକଟପୁର/ଅସ୍ତରଙ୍ଗ, ୨୨।୬ (ସଂଚାର ବ୍ୟୁରୋ) :** ସାଢେ ୪କୋଟି ଓଡିଶା ବାସୀ ମୋର ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୨୪ବର୍ଷ ଧରି ନିଜ ପରିବାରର ଲୋକ ମାନଙ୍କ ପାଇଁ ସମର୍ପିତ ଭାବରେ କାମ କରି ଆସିଛନ୍ତି। ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନ ଙ୍କ ରବିବାର ଦିନ ସଫଳ ଅସ୍ତ୍ରୋପଚାର ହୋଇସାରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କ ସୁସ୍ଥ ଓ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ନିକଟରେ ରବିବାର ସନ୍ଧ୍ୟା ରେ ପୂଜାର୍ଚ୍ଚନା ସହ ଶତାଧିକ ବିଜୁ ପ୍ରେମୀ,ନବୀନ ପ୍ରେମୀ ଓ ସାଧାରଣ ଜନତା ଏକତ୍ରିତ ହୋଇ ଦୀପଦାନ କରି ମଙ୍ଗଳ ମନାସିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡିଶା ଆସି ଲୋକଙ୍କ ସେବା ଜାରୀ ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଏଥିରେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ,୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ ଜୋନ ଜିଲ୍ଲାପରିଷଦ ବନିତା ବେହେରା, ୬ନଂ ଜୋନ ଜିଲ୍ଲାପରିଷଦ ଜୋସ୍ନା ରାଣୀ ଦଳାଇ, ୭ନଂ ଜୋନ ଜିଲ୍ଲାପରିଷଦ ସଂଯୁକ୍ତା ଦୀକ୍ଷିତି, କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ ନାୟକ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ରୁଦ୍ର ପ୍ରସାଦ ଲେଙ୍କା, ପୂର୍ବତନ ସରପଞ୍ଚ ଭିମସେନ ସ୍ୱାଇଁ, ବିଶ୍ୱଜିତି ଦାଶ ପ୍ରମୁଖ ସାମିଲ ହୋଇଥିଲେ।

## ନବୀନଙ୍କ ପାଇଁ ଦୀପ ଜାଳିଲେ ଶୁଭେଚ୍ଛୁ



**ନୟାଗଡ଼, ୨୨।୬ (ସଂଚାର ବ୍ୟୁରୋ) :** ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ବିଭିନ୍ନ ସ୍ଥାନରେ ଦୀପ ପ୍ରଜ୍ଜ୍ୱଳନ କରିଛନ୍ତି ଶୁଭେଚ୍ଛୁ ଓ ସମର୍ଥକ। ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ ସାମିଲ ହୋଇ ନୟାଗଡର ଆରାଧ୍ୟ ଦେବୀ ମା ଦକ୍ଷିଣକାଳୀ ମନ୍ଦିରରେ ଦୀପ ପ୍ରଜ୍ଜ୍ୱଳନ କରିଛନ୍ତି । ସମାନଭାବେ ଦଶପଲ୍ଲା ମହାବୀର ମନ୍ଦିର ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଛି । ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁଙ୍କ ସମେତ ଅନେକ ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସାମିଲ ହୋଇ ସାମୁହିକ ଦୀପଦାନ କରିଛନ୍ତି । ସେହିପରି ନୂଆଗାଁ ବ୍ଲକ, ଭାପୁର ବ୍ଲକରେ ମଧ ଶୁଭେଚ୍ଛୁ ସମର୍ଥକ ମାନେ ଏକଜୁଟ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ନବୀନଙ୍କ ଆରୋଗ୍ୟକାମନା କରି ମନସୁରବାବାଙ୍କ ପୀଠରେ ଚାଦର ଅର୍ପଣ



**କେନ୍ଦ୍ରାପଡ଼ା, ୨୨।୬ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ହଜରତ ସୟଦ ମନସୁର ସାହା ବାବାଙ୍କ ପୀଠସ୍ଥଳୀରେ ରବିବାର ଚାଦର ଅର୍ପଣ କରାଯାଇଛି । ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ସେକ ଇନାୟତ(ଚନ୍ଦନ)ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ବିଜେଡି ନେତା ରଞ୍ଜିତ କୁମାର ସାହୁ, ମୁକ୍ତାର ଖାଁ, ସେକ ନିଜାମୁଦ୍ଦିନ, କାଉନସିଲରଙ୍କ ପ୍ରତିନିଧି ସେକ ଚାନ୍ଦ, କାଉନସିଲରଙ୍କ ପ୍ରତିନିଧି ସେକ ନସିମୁଦ୍ଦିନ, ସେକ କାଲୋ, ସେକ ମୁସ୍ତକିମ, ସେକ ସାନ୍, ସାବିର ହୋସେନ, ସେକ ଟିପୁ ସୁଲତାନ, ସେକ କାସିମ, ସେକ ରୋହିତ, ସେକ ମୋତି, ସେକ ବାସା, ସେକ ସାବିର, ସେକ ହଲିମ, ସେକ ଇମୋ, ସେକ ସୁଫିଆନ ପ୍ରମୁଖ ଶତାଧିକ ବିଜେଡି ସମର୍ଥକ ଯୋଗଦେଇ ହଜରତ ସୟଦ ମନସୁର ସାହା ବାବାଙ୍କ ପୀଠରେ ଚାଦର ଚଢ଼ାଇବା ସହ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାମୁହିକ ପ୍ରାର୍ଥନା କରିଥିଲେ ।

# ଠିକାଦାରର ମନମାନୀରେ ଚାଲିଛି ପଥର ପ୍ୟାକିଂ କାମ

### ନିଘୋଡ ନିଦ୍ରାରେ ଜଳସମ୍ପଦ ମନ୍ତ୍ରୀ





**ଡେରାବିଶ, ୨୨।୬ (ସଂଚାର ବ୍ୟୁରୋ) :** ବନ୍ୟାରୁ ସ୍ଥାନୀୟ ଲୋକ ମାନଙ୍କୁ ସୁରକ୍ଷା ଦେବା ପାଇଁ ଲୁଣା ନଦୀ ଦୁଇ ପାର୍ଶ୍ୱ ଦୁର୍ବଳ ଥିବା ପଠାକୁ ପଥରଦ୍ୱାରା ଆଛାଦିତ କରାଯାଉଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇ ଆସୁଥିବା ବେଳେ ଉକ୍ତ ଦୁର୍ନିତି ଆଭାସ ମାହାଙ୍ଗା ବିଧାୟକଙ୍କ ହସ୍ତଗତ ହେଲା ପରେ ବିଧାୟକ କାର୍ଯ୍ୟସ୍ଥଳ ପରିଦର୍ଶନରେ ଆସି ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ପାଣିଗ୍ରାହିଙ୍କୁ ସର୍ବ ସମ୍ମୁଖରେ ତାଗିଦ୍ କରିଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ଜଣେ କର୍ତ୍ତବ୍ୟନିଷ୍ଠ ବିଧାୟକଙ୍କୁ ଖାତିର ନକରି ଏବେବି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଠିକାଦାର ତାର ମନମାନିରେ ନିମ୍ନ ମାନର ସାମଗ୍ରିରେ କରୁଥିବା ବେଳେ ସହକାରି ନିର୍ବାହ ଯନ୍ତ୍ରୀ ବିକାଶ ନାମରେ ଲକ୍ଷ ଲକ୍ଷ ଟଙ୍କା ମୋଟା ଅଙ୍କର ପିସି ନେଇ ଏବେ ନିଘୋଡ଼ ନିଦରେ ଶୋଇଥିବା କଥା ଏବେ ବାରି ହେଉଛି। କାର୍ଯ୍ୟସ୍ଥଳରେ କେହି ବିଭାଗୀୟ ଅଧିକାରୀ ନ ଥିବାରୁ ମନମୁଖୀ କାର୍ଯ୍ୟକରୁଛି ଠିକାଦାର।

ଯାହାର ଜ୍ୱଳନ୍ତ ଉଦାହରଣ ଲୁଣା ନଦୀ ବାମ ପାର୍ଶ୍ୱ ଖଲେଶ୍ୱର ମହାଦେବ ମନ୍ଦିର ସନ୍ନିକଟରେ ନଦୀପଠା ଅତି ଦୁର୍ବଳ ଥିବା ସ୍ଥଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ଉକ୍ତ ସ୍ଥାନରେ ପଥର ଦ୍ୱାରା ପ୍ୟକିଂ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଛି। ଠିକାଦାର ଜଣଙ୍କ ତାର ମନମାନିରେ ପଥର ପ୍ୟକିଂ କାର୍ଯ୍ୟ କରିଚାଲିଛି। ବଡ ବଡ ପଥର ଖଞ୍ଜାଯିବା ବଦଳରେ ଖଞ୍ଜା ଯାଇଛି ଛୋଟ ଛୋଟ ମେଟାଲ ପଥର। ଖଞ୍ଜା ଯାଇଥିବା ପଥର ସ୍ଥାୟୀତ୍ୱକୁ ନେଇ ଉଠିଛି ପ୍ରଶ୍ନ। ନଦୀରେ ପାଣି ହେଲେ ପଥର ଗୁଡ଼ିକ ରହିବ ନାଁ ପାଣିରେ ଭାସିଯିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିବା ସହ ଏହି ପଥର ପ୍ୟାକିଂ ଅଗାମୀ ବର୍ଷା ଋତୁରେ ଭୁଷୁଡି ପଡିବା ଥୟ ବୋଲି ସାଧାରଣରେ କୁହାଯାଉଛି। ତେବେ ଏଥିପ୍ରତି ଜଳ ସମ୍ପଦ ବିଭାଗ ମନ୍ତ୍ରୀ, ସଚିବ ମହୋଦୟ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଂଚଳବସୀ। କାମର ସଠିକ ତଦାରଖ ନ କରାଗଲେ ଅଂଚଳବାସୀ କାମ ବନ୍ଦ କରିବେ ବୋଲି ପ୍ରକାଶ କରିଛନ୍ତି।

### ଗଞ୍ଜାମର ୨୮ ଅପରାଧୀଙ୍କ ଘରେ ଲାଗିଲା ଲଟ୍‌କା

## ହାଜର ନହେଲେ ବାଜ୍ୟାପ୍ତ ହେବ ସମ୍ପତ୍ତି



**ବ୍ରହ୍ମପୁର, ୨୨।୬ (ସଂଚାର ବ୍ୟୁରୋ) :** ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଫେରାର ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଘର ବାହାରେ ଲଟକା ଜାରି କରାଯାଇଛି । କୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ ଅପରାଧୀ ମାନେ ହାଜର ହେଉ ନାହାନ୍ତି । ଏଣୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା । ଏହା ସତ୍ତ୍ୱେ ସେମାନେ କୋର୍ଟରେ ହାଜର ହୋଇ ନଥିଲେ । ଏଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଲଟ୍‌କା ପ୍ରକ୍ରିୟା ଜାରି ରହିଛି । ଏହି କ୍ରମରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଛତ୍ରପୁର, ଭଞ୍ଜନଗର, ପୁରୁଷୋତ୍ତମପୁର ଓ ଆସିକା ପୋଲିସ ସବ୍‌ଡିଭିଜନ ଅଧୀନରେ ଥିବା ଥାନା ଗୁଡ଼ିକର ୨୮ ଜଣ ଅପରାଧୀଙ୍କ ଘର ବାହାରେ ଲଟ୍‌କା ଜାରି କରାଯାଇଛି । ସେଥିମଧରୁ ଭଞ୍ଜନଗର ଥାନା ଅଞ୍ଚଳରେ ୪ ଜଣ ଅପରାଧୀଙ୍କ ଘରେ ବାହାରେ ଲଟ୍‌କା ଲଗାଯାଇଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ୨ ଜଣ, ବେଲଗୁଣ୍ଠା ଥାନା ଅଞ୍ଚଳରେ ୨ ଜଣ, ତାରସିଂ ଥାନା ଅଞ୍ଚଳରେ ୨ ଜଣ, ଗାଙ୍ଗପୁର ଥାନା ଅଞ୍ଚଳରେ ୫ ଜଣ, ବୁଗୁଡ଼ା ଥାନା ଅଞ୍ଚଳରେ ୩ ଜଣ, ପୋଲସରା ଥାନା ଅଞ୍ଚଳରେ ୩ ଜଣ, ଛତ୍ରପୁର ଥାନା ଅଞ୍ଚଳରେ ୪ ଜଣ, ପୁରୁଷୋତ୍ତମପୁର, ରମ୍ଭା ଓ ଖଲ୍ଲିକୋଟ ଥାନା ଅଞ୍ଚଳରେ ଜଣେ ଲେଖାଏଁ ଅପରାଧୀଙ୍କ ଘର ବାହାରେ ଲଟ୍‌କା ଜାରି କରଯାଇଛି । ଠିକ୍ ସମୟରେ ଅପରାଧୀ ମାନେ କୋର୍ଟରେ ହାଜର ନହେଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍ କରାଯାଇଛି । ଆଗକୁ ମଧ ଏଭଳି ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି ।

## ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର କୁପରିଣାମ ନେଇ ସଚେତନତା ଶୋଭାଯାତ୍ରା

**ବୋରିଗୁମ୍ମା, ୨୨।୬ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଳି ପଞ୍ଚାୟତରେ ବିଷାକ୍ତ ମଦ ନିବାରଣ ରଥ ପହଞ୍ଚି ମଦ ନିବାରଣର ସଚେତନତା ବାର୍ତ୍ତା ବାଣ୍ଟିଛି । ସରକାରଙ୍କ ପକ୍ଷରୁ ଆସିଥିବା ବିଷାକ୍ତ ମଦ ନିବାରଣ ରଥକୁ ସ୍ଥାନୀୟ ପ୍ରଶାସନଙ୍କ ନେତୃତ୍ୱରେ ସ୍ୱାଗତ କରିବା ସହ ଉଦଘାଟନ କରାଯାଇଛି। ବୋରିଗୁମ୍ମା ଅବକାରୀ ବିଭାଗର ଏଏସଆଇ ସନୁ ସେଠିଆ, ନୀଳାମ୍ବର ପୂଜାରୀ, ଉମର ଫାରୁକ, ବିଶ୍ୱଜିତ ପ୍ରଧାନ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ , ଆଇସିଡିଏସ ବିଭାଗର ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ମିଶନ ଶକ୍ତି କର୍ମୀ,ବୋରିଗୁମ୍ମା ସ୍ୱୟଂ ସହାୟିକା ଗୋଷ୍ଠୀ, କୁମୁଳି ପିଇଓ ସମିତି ସଭ୍ୟଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବିଷାକ୍ତ ମଦ ନିବାରଣ ରଥର ମୂଳ ଲକ୍ଷ୍ୟ ହେଲା ନିଜ ନିଜ ଅଞ୍ଚଳ ମାନଙ୍କରେ ନିଶା ମୁକ୍ତ କରିବା। ଏହା ସହ ବିଷାକ୍ତ ମଦକୁ କିପରି ବିରୋଧ କରି ନିଜ ନିଜ ଅଞ୍ଚଳକୁ ଏହା ଠାରୁ ଦୂରେଇ ରଖିବା ସେ ନେଇ ଜନସାଧାରଣ ଶପଥ ପାଠ କରିଥିଲେ । ଏହି ବିଷାକ୍ତ ମଦ ନିବାରଣ ରଥ ବୋରିଗୁମ୍ମା ବ୍ଲକ ଅଧୀନରେ ଥିବା ପଞ୍ଚାୟତରେ ପହଞ୍ଚି ସଚେତନତାର ବାର୍ତ୍ତା ପହଞ୍ଚାଇବ ବୋଲି ବୋରିଗୁମ୍ମା ଅବକାରୀ ବିଭାଗ ଅଧିକାରୀ ଶ୍ରୀ ବିଶ୍ୱଜିତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।



## ବେଆଇନ ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବାଲିଅନ୍ତା, ୨୨।୬ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ବେଆଇନ ବାଲି ଚାଲାଣ ମାମଲାରେ ଆଜି ଜଣେ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା ରାଜେସ ଗୋଛି । ତେବେ କୋର୍ଟରେ ରାଜେସ ଜାମିନ ଖାରଜ ହୋଇଯିବାରୁ ତାକୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି। ଗତକାଲି ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡାଙ୍କ ନେତୃତ୍ୱରେ ପୁଲିସ ଟିମ ମହାତ୍ମା ସେତୁ ଉପରେ ଚଢ଼ଉ କରି ଥାନା ହଂସପାଳ ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱା ଜବତ କରିଥିଲା । ପୁଲିସ ଗାଡି କାଗଜ ପତ୍ର ଏବଂ ବାଲି ଚାଲାଣ ୱାଇ ଫର୍ମ ଯାଞ୍ଚ କରିବାରେ ଚାଳକ ଏନେଇ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ପାରିନଥିଲା । ପୁଲିସ ଗାଡି ଜବତ କରିବା ସହ ରାଜେସକୁ ଗିରଫ କରିଥିଲା ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ନୟାଗଡ଼, ୨୨।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଲାଠିପଡ଼ା ନିକଟସ୍ଥ ସାମନ୍ତରାପୁର ଗ୍ରାମରେ ଆଜି ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ସଦରଥାନ ଅନ୍ତର୍ଗତ ଖଣ୍ଡୁଗାଁ ଗ୍ରାମର ଆରତ ଦାଶଙ୍କ ପୁଅ ଭଞ୍ଜନ ଦାଶ। ସେ ଜଣେ ବ୍ୟକ୍ତିଙ୍କ ୱାରିଂ କାମ କରିବାକୁ ସାମନ୍ତରାପୁର ଗ୍ରାମକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ଆଘାତ ଲାଗିବା ପରେ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇଟାମାଟି ଥାନା ପୁଲିସ ଅଭିଯୋଗ ପାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରଯାଇଛି।

## ଆବେଦନର ବର୍ଷକ ପରେ ବି ଭତ୍ତା ପାଇବାରୁ ବଞ୍ଚିତ ନରେନ୍ଦ୍ର

**ବାଲିଅନ୍ତା, ୨୨।୬ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଜିଲ୍ଲା, ବାଲିଅନ୍ତା ବ୍ଲକ, ବାଲିଅନ୍ତା ଗ୍ରାପ ଅଧୀନ ଅଣ୍ଡିଲୋ ଗ୍ରାମର ନରେନ୍ଦ୍ର ବେହେରା( ୬୧ ) ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ। ସେ ୨୦୨୪ ମସିହା ଫେବୃଆରୀ ୨୮ରେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଅନଲାଇନରେ ଆବେଦନ କରିଥିଲେ। ଆବେଦନର ୧ବର୍ଷ ୪ମାସ ଇତିମଧ୍ୟରେ ବିତିଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ଉକ୍ତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିନାହାନ୍ତି। ଭତ୍ତା ନ ପାଇ ନରେନ୍ଦ୍ର ବହୁ ଦୁଃଖ କଷ୍ଟରେ ଜୀବନ ଯାପନ କରୁଛନ୍ତି। ଆଶାକରେ ଜିଲ୍ଲା ପ୍ରଶାସନ ଭତ୍ତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବେ।

### ବଢ଼ୁଛି ଜ୍ୱର ଓ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

# ଗାଁ ଗାଁ'ରେ ଫାଇଦା ଉଠାଉଛନ୍ତି କ୍ୱାକ

**ଗ୍ରାମାଞ୍ଚଳରେ ଇଞ୍ଜେକ୍ସନ ଫୋଡୁଛନ୍ତି ଅନଭିଜ୍ଞ ବ୍ୟକ୍ତି**

**ଚେଇଁ ଶୋଇଛି ସ୍ୱାସ୍ଥ୍ୟ ବିଭାଗ**



**କାକଟପୁର/ଅସ୍ତରଙ୍ଗ, ୨୨।୬ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଫାଇଦା ଉଠାଉଛନ୍ତି କ୍ୱାକ ଓ ଅନଭିଜ୍ଞ ଔଷଧ ବ୍ୟବସାୟୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ପ୍ରତ୍ୟେକ ଗ୍ରାମରେ କିଛି ଅନଭିଜ୍ଞ ବ୍ୟକ୍ତି ଫାର୍ମାସିଷ୍ଟ ପାଠ ନ ପଢ଼ି ଗାଁ ଛକରେ ଏକ କ୍ୟାବିନି ପକାଇ ଔଷଧ ବିକ୍ରି କରିବା ସହ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି। ଡକ୍ଟରଙ୍କ ଭଳି ରୋଗୀ ଚିହ୍ନଟ କରୁଛନ୍ତି। ରୋଗ ଚିହ୍ନଟ ନ ହୋଇ ରୋଗୀଙ୍କୁ ଫୋଡୁଛନ୍ତି ଇଞ୍ଜେକ୍ସନ ଓ ଦେଉଛନ୍ତି ଔଷଧ। ଏବେ ବର୍ଷାଋତୁକୁ ନେଇ ଗାଁ ଗାଁରେ ଜ୍ୱର ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ଶୋଷଣ କରିବାରେ ଲାଗି ପଡିଛନ୍ତି ଗାଁ ଗାଁରେ ଥିବା କ୍ୱାକ୍।

କିଛି ବର୍ଷ ପୂର୍ବେ ପାଟସୁନ୍ଦର ଅଂଚଳରେ ଜଣେ ବ୍ୟକ୍ତି ଏକ ଛୋଟ ଶିଶୁକୁ ଭୁଲ ଇଞ୍ଜେକ୍ସନ ଦେଇ ମାରିଦେବା ଘଟଣା ପୂର୍ବରୁ ଅସ୍ତରଙ୍ଗ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ଯାହାକି ୨ ମାସ ତଳେ ଏ ସବୁ ଔଷଧ ଦୋକାନରେ ଇଞ୍ଜେକ୍ସନ ଦେବାକୁ ବନ୍ଦ କରିବା ଉପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କଡା ଆଭିମୁଖ୍ୟ ଗ୍ରହଣ କରିଛି। ସମସ୍ତ ସିଡ଼ିଏମ୍‌ଓଙ୍କୁ ଚିଠି ଲେଖିବା ସହ ଔଷଧ ଦୋକାନ ଗୁଡିକରେ ଏ ସବୁ ଅଭ୍ୟାସ ବନ୍ଦ କରିବା ଉପରେ ନିର୍ଦ୍ଦେଶ ରହିଛି। ହେଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏହି ନିର୍ଦ୍ଦେଶନାମା ଫାଇଲିରେ ଚାପି ହୋଇ ରହିବା ଭଳି ମନେ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଛି ତାଲିମ୍ ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ଓ ଆବଶ୍ୟକ ମେଡିକାଲ ସୁବିଧା ଥିବା ସ୍ଥାନରେ ଇଞ୍ଜେକ୍ସନ ଦେବା ଉଚିତ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ନିର୍ଦ୍ଦିଷ୍ଟ କିଛି ଔଷଧ ଦୋକାନରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ବର୍ଷା ଦିନ ସତ୍ତ୍ୱେ ଗ୍ରାମାଞ୍ଚଳରେ ଜ୍ୱର ଓ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହାର ଫାଇଦା ଉଠାଉଛନ୍ତି ଗ୍ରାମାଞ୍ଚଳର କ୍ୱାକ ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ଅଧୀନ ନଈଗୁଆଁ, ଆଳସାହି, ନଗର, ପୋଟଳ ଛକ, ସରିପୁର, ନୂଆଗଡ, ତାଳଦା କେନ୍ଦ୍ରାପଟି, ପାଟଳଦା, କଣମଣ ଆଦି ସ୍ଥାନ ମାନଙ୍କରେ ଭଡା ଘର କିମ୍ବା କ୍ୟାବିନି ପକାଇ ଅନଭିଜ୍ଞ ଡକ୍ଟର ଔଷଧ ବିକ୍ରି କରିବା ସହ ଇଞ୍ଜେକ୍ସନ ଦେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ କିମ୍ବା ଡ୍ରଗସ ବିଭାଗ ପକ୍ଷରୁ ଏମାନଙ୍କ ଉପରେ କୌଣସି ଧରପଗଡ ହେଉନଥିବା ହେତୁ ଦିନକୁ ଦିନ ଏହି ବ୍ୟବସାୟ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଚାଲିଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ଏ ଦିଗରେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଦାବୀ ହେଉଛି।

## ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ

**● ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ମୃତଦେହ ଉଦ୍ଧାର**



**ନାଉଗାଁ, ୨୨।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ପଞ୍ଚାୟତର ଚକୁଳି ଗ୍ରାମ ଏକ ଇଟା ଫାକ୍ଟ୍ରି ନିକଟରେ ଏକ ଗଛରେ ଜଣେ ବିବାହିତା ମହିଳା ନିଜ ଲୁଗା ବେକରେ ବାନ୍ଧି ହୋଇ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ଥାନାକୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ପହଁଚିରେ ତଦନ୍ତ କରୁଥିବା ଦେଖାଯାଇଛି। ଖବର ପ୍ରସାରିତ ହେବା ପରେ ଉକ୍ତ ମହିଳା ଜଣଙ୍କ ଛତିଆନା ଗ୍ରାମର ଜଟାଧାରୀ ସାହୁଙ୍କ ଝିଅ ବୋଲି ଜଣାଯାଇଥିଲା। ମୃତ ମହିଳାଙ୍କ ଦାଦା ରବୀନ୍ଦ୍ର ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ବଡଭାଇଙ୍କ ଝିଅ ବବିତା ସାହୁ ୨୦୨୦ ମସିହାରେ ପୁରୀ ଜିଲ୍ଲା ନିମାପଡ଼ା ଚାଉଳିଆବସ୍ତ ଗ୍ରାମର ନବଘନ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଦୁଇ ବର୍ଷ ପରେ ବବିତାଙ୍କ ସ୍ୱାମୀ ମଦ ପିଇ ବବିତାଙ୍କ ଉପରେ ଅକଥନୀୟ ନିର୍ଯ୍ୟାତନା ଦେଉଥିଲେ। ତେଣୁ ବବିତା ତାଙ୍କ ୪ ବର୍ଷର ପୁଅକୁ ଆଣି ନିଜ ବାପ ଘରେ ରହୁଥିଲେ। ବବିତାଙ୍କ ବାପା ଦୀର୍ଘ ଦେଢ଼ ମାସ ହେବ ମୃତ୍ୟୁବରଣ କରିବା ପରେ ବବିତା ପୁନର୍ବାର ଶାଶୁ ଘରକୁ ଯାଇ ରହିଥିଲେ। ବବିତାର ଶାଶୁ ଶୁକ୍ରବାର ରାତିରୁ ବବିତା ଘରକୁ ଆସି ନଥିବା କହିଥିଲେ। ଉକ୍ତ କଥା ଶୁଣିବା ପରେ ରବୀନ୍ଦ୍ର ଶନିବାର ଏସଂକ୍ରାନ୍ତରେ ନିମାପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ରବିବାର ସକାଳୁ ତାଙ୍କ ଝିଅ ଏକ ଗଛରେ ନିଜ ଲୁଗା ବେକରେ ବନ୍ଧା ହୋଇ ଝୁଲୁଥିବା ଦେଖିବାକୁ ମିଳିଥିଲା।

## ଆଣ୍ଟିକରପ୍ସନ ଜାତୀୟ ସମ୍ମିଳନୀରେ ଯୋଗଦେବେ ଡ଼କ୍ଟର ସୁନାକର ବେହେରା

**ଜଗତସିଂହପୁର, ୨୨।୬ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ଆଡ଼ଭୋକେଟ ଡ଼କ୍ଟର ସୁନାକର ବେହେରା ଆସନ୍ତା ୨୩ ତାରିଖ ସୋମବାର ଦିନ ପଶ୍ଚିମ ମୁମ୍ବାଇ ବୋରିଭାଲି ଠାରେ ଆୟୋଜିତ ହେଉଥିବା ନ୍ୟାସନାଲ ଆଣ୍ଟିକରପ୍ସନ ସମ୍ମିଳନୀରେ ଓଡିଶାରୁ ଯୋଗଦେଉଛନ୍ତି। ଡ଼କ୍ଟର ସୁନାକର ବେହେରା ମାନନୀୟ ଜିଲ୍ଲାପାଳଙ୍କ ଦ୍ୱାରା ଜଗତସିଂହପୁର ଜିଲ୍ଲା ସବଡ଼ିଭିଜନାଲ ଭିଜିଲାନ୍ସ କମିଟିର ସଦସ୍ୟ ଭାବେ ମନୋନୀତ ହୋଇ ଜିଲ୍ଲାର ସାମାଜିକ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉଠାଇବା ସହିତ ଜନସାଧାରଣ ମାନଙ୍କ ବିଭିନ୍ନ ସାମାଜିକ ଓ ମୌଳିକ ଅଧିକାର ପାଇଁ ସର୍ବଦା ଚେଷ୍ଟାକରି ଆସିଛନ୍ତି।ସେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସରକାରୀ ଏବଂ ବେସରକାରୀ ସାମାଜିକ ଅନୁଷ୍ଠାର ସହିତ ଜଡିତ ରହି ସାମାଜିକ କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗୀକୃତ କରିଥିବାରୁ ଜଣେ ସମାଜସେବୀ ଭାବେ ଜଗତସିଂହପୁର କାହିଁକି ଓଡ଼ିଶାରେ ମଧ ଜଣେ ବିଶିଷ୍ଟ ସମାଜସେବୀ ଭାବେ ବେସ ପରିଚିତ ହୋଇପାରିଛନ୍ତି।ସେ ନିଜ ଜୀବନଙ୍କୁ ସମାଜସେବାରେ ସମର୍ପିତ କରିବାସହ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ନିଜକୁ ପୂର୍ଣ୍ଣ ସମର୍ପଣ ହିଁ ତାଙ୍କୁ ସୁଖ,ଶାନ୍ତି ଓ ଦିବ୍ୟ ଆନନ୍ଦ ଆଣି ଦେଇଅଛି ବୋଲି ଅଭିବ୍ୟକ୍ତ କରିଛନ୍ତି।



**AFFIDAVIT**

By virtue of an affidavit sworn before Executive Magistrate, Mahakalpara 806/2025 Date:20.05.2025

I am Amar Swain, D/o- Rosy Swain, of At - Bahar Subala, Po-Nantar, Via- Mahakalpara, p.s-Mahakalpara. dist-kendrapara. pin-754224 Odisha declare that I have changed my daughter name from Rosy Swain to Rojoy Swain. Henceforth, The name shall be known as Rojoy Swain for all purposes.

## ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା

**ରାଜନଗର, ୨୨।୬ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ମହୁଲିଆ ଗାଁରେ ଗତକାଲି ରାତିରେ ଭୟାବହ ଅଗ୍ନିକାଣ୍ଡରେ ୬ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ମଧରାତ୍ରି ପ୍ରାୟ ୨ଟା ବେଳେ ଘଟିଥିବାରୁ ପିନ୍ଧିଥିବା ଡ୍ରେସକୁ ଛାଡିଦେଲେ ଆଉ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ସୂଚନା ମୁତାବକ ଗତକାଲି ରାତିରେ ମହୁଲିଆ ଗାଁର ପ୍ରମୋଦ ବେହେରା, ପ୍ରଶାନ୍ତ ବେହେରା, ଅଳକା ବେହେରାଙ୍କ ପରିବାର ଲୋକେ ଘରେ ଶୋଇଥିଲେ। ରାତି ପ୍ରାୟ ୨ ଘଟିକା ସମୟରେ ନିଆଁ ଧାସରେ ନିଦ ଭାଙ୍ଗି ଯିବାରୁ ଘର ଜଳୁଥିବା ଦେଖିଥିଲେ। ନିଦ ଭାଙ୍ଗିବା ବେଳକୁ ଘର ୫୦ ପ୍ରତିଶତରୁ ଅଧିକ ଜଳି ସାରିଥିଲା। ପରିବାର ଲୋକେ ଜୀବନ ବଞ୍ଚାଇ କୌଣସି ପ୍ରକାରେ ବାହାରି ଆସିଥିଲେ। ଚାହୁଁ ଚାହୁଁ ୩ ପରିବାରର ୬ ବଖରା ଘର ଜଳି ପାଉଁଶ ହୋଇ ଯାଇଥିଲା। ଆଖି ଆଗରେ ଧାନ, ଚାଉଳ, ସମସ୍ତ ଆସବାସ ପତ୍ର, ଟଙ୍କା ଓ ଝିଅ ବାହାଘର ପାଇଁ ରଖିଥିବା ସୁନା ପୋଡି ପାଉଁଶ ହୋଇ ଯାଇଥିଲା ପଡୋଶୀଙ୍କ ଘରେ ବିପନ୍ନ ପରିବାର ଆଶ୍ରୟ ନେଇଛନ୍ତି।



**OFFICE OF THE PRINCIPAL**

**Womens Degree College, Paralakhemundi**

**Dist - Gajapati, 761200**

**No : 135/WDC/2025, Date - 17/06/2025**

The Women's Degree College, Paralakhemundi from hereby invites sealed tenders eligible vendors for the supply and installation of the IT equipments at Womens' Degree College, Paralakhemundi. The details regarding the tender and technical specification with brief have been published in the Gajapati District Website i.e **gajapati.odisha.gov.in**
Tender Document is available in the Office of the Women's Degree College, Paralakhemundi during College hour except holidays. The interested vendors will deposit EMD money Rs.1000/- (Demand Draft in favour of Principal Women's Degree College, Paralakhemundi, Odisha), which is refundable and have to submit the details on or before 30 June 2025 at college address by Speed Post / Courier.

**Principal**
**Womens Degree College,**
**Paralakhemundi**




## ବାହାଘର ପରେ ଝାଡୁ ଧରିଲେ



ବାହାଘର ପରେ ଏବେ ଝାଡୁ ଯୋଗ। ଏଣିକି ଘର ଭଳି ରାଜ୍ୟକୁ ପୂରା ସଫା କରିବେ। ଯୁବନେତା ପ୍ରଦୀପ ମାଝି ନିକଟରେ ହାତକୁ ଦୁଇ ହାତ ହେଲା ପରେ ତାଙ୍କର ଏଭଳି ଯୋଗ ପଡିଥିବା ଆଲୋଚନା ହେଉଛି। କଂଗ୍ରେସର ଏହି ପୂର୍ବତନ ସାଂସଦ ହାତ ଦଳରେ ଥିବାବେଳେ ଶାସକଦଳ ବିଜେଡିକୁ ନାକରେ ପାଣି ପିଆଉଥିଲେ। ଏହାପରେ ବେଳ କାଳ ଉଣ୍ଡି ବିଜେଡିରେ ମିଶିଗଲେ। ହେଲେ ସେଠାରେ ଉଧେଇ ପାରିଲେ ନାହିଁ। ସେତେବେଳେ ପ୍ରଦୀପଙ୍କୁ ନେଇ ନାନା କଥା ଶୁଣାଗଲା। ପ୍ରଦୀପଙ୍କ ବାଟରେ ରମେଶ ବ୍ରଦର୍ଶ କଣ୍ଟା ବୋଲି ଅନେକ କହିଲେ। ତେବେ କିଛିଦିନ ଧରି ରାଜନୀତିରୁ ପ୍ରଦୀପ ଦୂରେଇ ରହିବାପରେ ସମସ୍ତେ ଭାବିଥିଲେ ସିଏ ପୁଣି ନିଜର ପୁରୁଣା ଦଳ କଂଗ୍ରେସକୁ ଫେରିବେ। କଂଗ୍ରେସ ପକ୍ଷରୁ ସେଭଳି ଇଶାରା ଦିଆଯାଇଥିଲା। ହେଲେ ଦେଖିଲା ବେଳକୁ ପ୍ରଦୀପ ଝାଡୁ ଦଳରେ ଯୋଗଦେଲେ। ମାନେ ଜାତୀୟ ଦଳ ଆପ୍‌ରେ। ଆପ୍‌ର ଚିହ୍ନ ଝାଡୁ ହୋଇଥିବାରୁ ପ୍ରଦୀପ ଏବେ ଝାଡୁ ଧରିଲେ ଓ ଏହା ବାହାଘରର ପ୍ରଭାବ ବୋଲି କୁହାଯାଉଛି। ତେବେ କଂଗ୍ରେସରେ ଥିବାବେଳେ ପ୍ରଦୀପ ଯେଭଳି ନବରଙ୍ଗପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ କମ୍ପାଉଥିଲେ ଏବେ ହାତରେ ଝାଡୁଧରି ପୂର୍ବ ଅବତାରକୁ ଫେରୁଛନ୍ତି ନା କେବଳ ଘର ଓଳାରେ ସୀମିତ ରହୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

## ସୋଫିଆଙ୍କ ଦିଲ୍ଲୀ ବାଣ



କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ରାଜନୀତିରେ ନୂଆ ହୋଇଥିଲେ ବି ରାଜ୍ୟ ସରକାରଙ୍କୁ ପୁରୁଣା ଷ୍ଟାଇଲ୍‌ରେ ଝଟ୍‌କା ଦେଇଛନ୍ତି। ଖୋଦ ପ୍ରଧାନମନ୍ତ୍ରୀ ଓଡିଶା ଆସିଥିବାବେଳେ ସୋଫିଆ ଦିଲ୍ଲୀରେ ତାଙ୍କ ବାଟ ଓଗାଳିବାକୁ ଚେଷ୍ଟା କରିଛନ୍ତି। ପୂର୍ବରୁ ରାଜ୍ୟ ରାଜନୀତିରେ ଏଭଳି କେବେ ଦେଖାଯାଇନଥିଲା। ଏଥର କିନ୍ତୁ ସୋଫିଆ ତାହା କରି ଦେଖାଇଛନ୍ତି। ଓଡିଶାରେ ମହିଳାଙ୍କ କଥା କହିଲେ ସରକାରଙ୍କ ଉପରେ ସେଭଳି କିଛି ପ୍ରଭାବ ପଡୁନଥିବାରୁ ସୋଫିଆ ଏଥର ସିଧା ଦିଲ୍ଲୀରେ ଯାଇ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସାଙ୍ଗରେ ତାରାଙ୍କ ଘରଣୀ ମିନାକ୍ଷୀଙ୍କୁ ବି ନେଇଛନ୍ତି। ଦିଲ୍ଲୀରେ ତ କଂଗ୍ରେସର ମହିଳା ନେତ୍ରୀଙ୍କର ଅଭାବ ନାହିଁ। ତେଣୁ ସେଠାରେ ଭଲ ସାମ୍ବାଦିକ ସମ୍ମିଳନୀଟିଏ କଲେ। ଏଥିରୁ ସୋଫିଆ ଦୁଇଟି ଲାଭ ପାଇଥିବା କୁହାଯାଉଛି। ଦିଲ୍ଲୀ ସାମ୍ବାଦିକ ସମ୍ମିଳନୀର ଖବର ଉଭୟ ଓଡିଶା ଓ ଦିଲ୍ଲୀରେ ଜୋରଦାର ପ୍ରକାଶ ପାଇବା ସହିତ ସୋଫିଆ ବି ଜାତୀୟ ଗଣମାଧ୍ୟମରେ ତାଙ୍କର ପ୍ରଦର୍ଶନର ସୁଯୋଗ ପାଇଲେ। ରାଜନୈତିକ ପରିବାରରୁ ଆସିଥିବା ସୋଫିଆ ତାଙ୍କର ନିଆରା ପ୍ରତିବାଦ ସହିତ ଉଚ୍ଚକୋଟୀର କଥାବାର୍ତ୍ତା ପାଇଁ ସର୍ବଦା ଚର୍ଚ୍ଚାରେ ଥିବାବେଳେ ଏଥର କିନ୍ତୁ ତାଙ୍କର ପାରିଲାପଣକୁ ଜାତୀୟ ଗଣମାଧ୍ୟମ ଆଗରେ ରଖିବାର ସୁଯୋଗ ପାଇଲେ। ଆଗକୁ ସୋଫିଆଙ୍କ ଗତି କୁଆଡେ ତାହା ଉପରେ ଏବେ କଂଗ୍ରେସିଆଙ୍କ ସହିତ ରାଜ୍ୟବାସୀଙ୍କର ନଜର ରହିଛି।

## ଦେବୀଙ୍କ ମୁଣ୍ଡରେ ସୁନା କଳସ



ବିଜେଡିର ବରିଷ୍ଠ ନେତା ହେଲେ ଦେବୀ ପ୍ରସାଦ ମିଶ୍ର। ତାଙ୍କ ମୁଣ୍ଡରେ ଏବେ ହାତୀ ସୁନାକଳସ ଢାଳିଥିବା କୁହାଯାଉଛି। ବିଜେଡିର ରାଜନୈତିକ ବ୍ୟାପାର କମିଟିରେ ସ୍ଥାନ ପାଇନଥିବା ଦେବୀ ଏବେ ଦଳର ସର୍ବେସର୍ବା। ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯିବା ସମୟରେ ଦେବୀଙ୍କୁ ବିଜେଡି ଦାୟିତ୍ୱ ଧରାଇଦେଇ ଯାଇଛନ୍ତି। ତେବେ ଦେବୀ କିଭଳି ଭାବେ ଦଳକୁ ସମ୍ଭାଳିବେ ତାହାକୁ ନେଇ ଏବେ ଦଳ ଭିତରେ ଚାପା ଗୁଞ୍ଜରଣ ଦେଖା ଦେଇଛି। କାରଣ ଗତ ନିର୍ବାଚନରେ ଦେବୀ ହାରିଛନ୍ତି। ଏହି ହାରିବା ପଛରେ କିଏ ଥିଲେ ତାହା ସମସ୍ତେ ଜାଣିଛନ୍ତି। ନିର୍ବାଚନରେ ହାରିବା ପରଠାରୁ ଦେବୀଙ୍କୁ ଦଳରେ ଏକ ପ୍ରକାର କୋଣଠେସା କରି ରଖିଥିଲେ। ହେଲେ ହଠାତ୍ ଦେବୀଙ୍କ ଉପରେ ଭାଗ୍ୟ ପ୍ରସନ୍ନ ଭଳି ଦଳର ଦାୟିତ୍ୱ ମିଳିଛି। ହେଲେ ଏହି ଦାୟିତ୍ୱ କେବଳ ନାମ୍ କି ବାସ୍ତେ ବୋଲି କିଛି କର୍ମୀ କହୁଛନ୍ତି। ଯେହେତୁ ଲଣ୍ଡନ ଗସ୍ତ ସମୟରେ ନବୀନ କାହାକୁ ଦାୟିତ୍ୱ ଦେଇନଥିଲେ ଓ ସେ ଯିବାପରେ ରାଜ୍ୟରେ ଯାହା ହୋଇଥିଲା ତାହାକୁ ଏବେ ବି ସେ ଭୁଲିପାରି ନାହାନ୍ତି। ତେଣୁ ଏଥର କାଳେ କିଛି ଅଘଟଣ ଘଟିବ ସେଥିପାଇଁ ଦେବୀଙ୍କ ମୁଣ୍ଡରେ ସୁନା କଳସ ଥୋଇ ନବୀନ ଓଡିଶା ଛାଡିଛନ୍ତି। ତେବେ ଦେବୀ କେତେଦିନ କଳସ ମୁଣ୍ଡାଇ ଚାଲିବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

## ନିଜକୁ ରୋକି ପାରିଲେନି ମହାଲିଙ୍ଗ



ରାଜ୍ୟର ଅନ୍ୟତମ ପାୱାରଫୁଲ୍ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ କାଳରେ ନିଜକୁ ରୋକି ପାରିଲେନି। ରାସ୍ତା ଉପରେ ଆଦିବାସୀ କଳାକାରଙ୍କ ସହିତ ଉଦଣ୍ଡ ନୃତ୍ୟ କଲେ। ସେହି ନାଚ ପାଇଁ ଏବେ ତାଙ୍କୁ ସୋସିଆଲ ମିଡିଆରେ ଜୋରଦାର ଟ୍ରୋଲ ହେବାକୁ ପଡୁଛି। ମୋଦୀଙ୍କ ରାଲି ପାଇଁ ରାଜଧାନୀରେ ଠାଆକୁ ଠା ବିଭିନ୍ନ ନାଚଗୀତର ଆାୟୋଜନ ହୋଇଥିଲା। କେଉଁଠି ସମ୍ବଲପୁରୀ ତ ଆଉ କେଉଁଠି ଆଦିବାସୀ ନାଚ। ମନ୍ତ୍ରୀ ବି ରାଲିର ତଦାରଖ ଦାୟିତ୍ୱରେ ଥାନ୍ତି। ବେକରେ ଫିତା ପକାଇ କଳିଙ୍ଗ ଷ୍ଟାଡିୟମ ନିକଟରେ ପହଞ୍ଚିବାବେଳେ ସେଠାରେ ମାଦାଳର ତାଳେ ତାଳେ ଆଦିବାସୀଙ୍କ ନାଚ ଚାଲିଥିଲା। ମନ୍ତ୍ରୀ ଅଟକିବା ପରେ ତାଙ୍କ ପାଦ ଧିରେ ଧିରେ ହଲିଲା। ପରେ ଆଉ କିଏ ସମ୍ଭାଳେ। ନୃତ୍ୟରତ ଆଦବାସୀଙ୍କ ହାତରୁ ହରିଆରଟିଏ ଆଣି ଧରି ନାଚ ଆରମ୍ଭ କରିଲେ। ବାଜାର ତାଳେ ତାଳେ ମନ୍ତ୍ରୀଙ୍କ ନାଚ ଦେଖି ପାଖରେ ଥିବା ଅନ୍ୟମାନେ ବି ଅଣ୍ଟା ହଲାଇଲେ। ଆଖି ପିଛୁଆଳେ ମନ୍ତ୍ରୀଙ୍କ ନାଚ ଗଣମାଧମରେ ଭାଇରାଲ ହେଲା। ତେବେ ମନ୍ତ୍ରୀଙ୍କ ନାଚ ଦେଖିବା ପରେ ହଇଜା ସମୟରେ ମନ୍ତ୍ରୀ କିଭଳି ନାଚି ପାରିଲେ ବୋଲି ଅନେକ ପ୍ରଶ୍ନକରିବା ସହିତ ମହାଲିଙ୍ଗଙ୍କୁ ଟ୍ରୋଲ କରିବାରେ ଲାଗିଛନ୍ତି। ତେବେ ମନ୍ତ୍ରୀଙ୍କ ସପକ୍ଷବାଦୀଙ୍କ କହିବାକଥା ଯେ ମନ୍ତ୍ରୀଙ୍କ ଡାଇରିଆ ମୁକାବିଲା ପାଇଁ 'ବ୍ରେକ୍ ଡାଇରିଆ' ଅଭିଯାନ ଚଳାଇଛନ୍ତି। ଏହି ଗାଡି ବୁଲିବାପରେ ଡାଇରିଆ ବ୍ରେକ୍ ମାରିବ। ମନ୍ତ୍ରୀ ହେଉଛନ୍ତି ପଶ୍ଚିମ ଓଡିଶାର। ତେଣୁ ମାଦାଳ, ଦୁଲଦୁଲି ବାଜା ଶବ୍ଦ ଶୁଣି ଟିକେ ନାଚିଦେଲେ। ଏଥିରେ ଏତେଟା ଟ୍ରୋଲ କରିବା ନିନ୍ଦୁକ ମାନଙ୍କର କାମ।

## ରଙ୍ଗିନ୍ ରିପୋର୍ଟ କାର୍ଡକୁ ନେଇ ମନ୍ତ୍ରୀ ଚିନ୍ତାରେ




ବର୍ଷପୂର୍ତ୍ତି ଅବସରରେ ଏବେ ଜଣଙ୍କ ପରେ ଜଣେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବିଭାଗରେ ବର୍ଷକ ଭିତରେ ହୋଇଥିବା ସଫଳତାର ରିପୋର୍ଟକାଡ ଧରାଉଛନ୍ତି। ଏହାକୁ ଅନେକ ବହି ଆକାରରେ ଛପାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିବାର ସଚିତ୍ର ଖବର ପ୍ରକାଶ ପାଉଛି। ହେଲେ ଦୁଇଜଣ ମନ୍ତ୍ରୀ ଏଭଳି ରିପୋର୍ଟ କାର୍ଡକୁ ନେଇ ଚିନ୍ତାରେ ପଡିଛନ୍ତି। ଜଣେ ମନ୍ତ୍ରୀଙ୍କ ବିଭାଗର ବାବୁମାନେ ପୁସ୍ତକ ଦାୟିତ୍ୱ ନେଇ ପୁସ୍ତକଟିଏ ତିଆରି କରିଛନ୍ତି। ବର୍ଷକର ସଫଳତାକୁ ସଚିତ୍ର ଛପାଇଛନ୍ତି। ଏଥିରେ କୁଆଡେ ହେବା ନହେବା ସବୁ ରହିଛି। ତେଣୁ ପୁସ୍ତକଟିକୁ ଦେଖିଲା ପରେ ମନ୍ତ୍ରୀ ଏହାକୁ ବଜାରକୁ ଛାଡିବେ କି ନାହିଁ ସେହି ଚିନ୍ତାରେ ରହିଛନ୍ତି। କାରଣ ମୁଖ୍ୟମନ୍ତ୍ରୀଙ୍କୁ ଦେଇ ଫଟୋ ଉଠାଇଦେଲେ ଚଳିବ। ହେଲେ ଯଦି ପୁସ୍ତକଟି ପ୍ରେସ୍ ହାତରେ ପଡିଲା ତେବେ ସବୁ ସରିଯିବ। ଖୋଜି ଖୋଜି ଛିଦ୍ର ବାହାର କରି ଲେଖିବେ। ଆଉ ଜଣେ ମନ୍ତ୍ରୀ କିନ୍ତୁ ଏବେ ଏଡିଟିଂରେ ବ୍ୟସ୍ତ ଅଛନ୍ତି। ବାହାରକୁ ଯିବା ପୂର୍ବରୁ କୌଣସି ପ୍ରକାରେ ସ୍ଥିତିର ସୁଧାର ପାଇଁ ଲାଗି ପଡିଛନ୍ତି। ତେବେ ଦୁଇ ମନ୍ତ୍ରୀ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ରିପୋର୍ଟକାର୍ଡ ଦେବା ସହିତ ଯେଭଳି ଏଥିରେ କୌଣସି ଅତିରଞ୍ଜିତ କଥା ନରୁହେ ତାହା ଉପରେ ଦୃଷ୍ଟି ଦେଉଛନ୍ତି। ଏଣେ ଜଣଙ୍କ ପରେ ଜଣେ ମନ୍ତ୍ରୀ ରିପୋର୍ଟକାର୍ଡ ଦେଉଥିବାରୁ ସେଥିରେ କ'ଣ ସବୁ ରଖିଛନ୍ତି ତାହା ପାଇବାପାଇଁ ସାମ୍ବାଦିକମାନେ ବି ଲାଗିପଡିଥିବା ଲକ୍ଷ୍ୟ କାରାଯାଉଛି।

# ରଥଯାତ୍ରା ସମୟରେ ଚାଲିବ ୩୬୫ ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ପୁରୀଠାରେ ଆୟୋଜିତ ହେବାକୁଥିବା ରଥଯାତ୍ରା ଉତ୍ସବ ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ଯାହା ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଏବଂ ପଲାସା, ଛତିଶଗଡ଼ର ଜଗଦଲପୁର ଓ ଗୋଣ୍ଡିଆ ଏବଂ ପଶ୍ଚିମବଙ୍ଗର ସାନ୍ତ୍ରାଗାଛି (କୋଲକାତାକୁ ସଂଯୋଗ କରିବ। ପୂର୍ବତଟ ରେଳପଥ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟଗୁଡ଼ିକର ତୀର୍ଥଯାତ୍ରୀ ଏବଂ ପରିଦର୍ଶକଙ୍କ ସୁଗମ ଯାତ୍ରା ସୁନିଶ୍ଚିତ ପାଇଁ ବ୍ୟାପକ ବ୍ୟବସ୍ଥା କରିଛି। ରଥଯାତ୍ରା ୨୦୨୫ ସମୟରେ ନିୟମିତ ଚଳାଚଳ କରୁଥିବା ଟ୍ରେନ ବ୍ୟତୀତ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚଳାଚଳ କରିବ। ଏହି ଚଳାଚଳ ସମୟରେ ରଥଯାତ୍ରା ମହୋତ୍ସବର ପ୍ରମୁଖ ଦିନଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯିବ। ରାଜ୍ୟର ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ସହ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, ଛତିଶଗଡ଼ର ଜଗଦଲପୁର ଓ ଗୋଣ୍ଡିଆ ପଶ୍ଚିମବଙ୍ଗର ସାନ୍ତ୍ରାଗାଛି/ କଲିକତା ସହ ଏହି ଟ୍ରେନ ସେବା ସଂଯୋଗ କରିବ।

ଏହି ସେବା ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରୁ ପୁରୀ ଯିବାଆସିବା କରୁଥିବା ଭକ୍ତଙ୍କ ଯାତ୍ରାକୁ ସୁଗମ କରିବ। ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଓ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଚଳିତ ବର୍ଷ ଗତ ବର୍ଷର ରଥଯାତ୍ରା ବ୍ୟବସ୍ଥା ତୁଳନାରେ ଅଧିକ ଉନ୍ନତ ରହିଛି। କାରଣ ଗତ ବର୍ଷ ରଥଯାତ୍ରା ସମୟରେ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୩୬୪କୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ସଂଖ୍ୟା ସହ ପୂର୍ବତଟ ରେଳପଥ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଆଧ୍ୟାତ୍ମିକ ପର୍ବ ସମୟରେ ସମସ୍ତ ଭକ୍ତଙ୍କ ପାଇଁ ନିରାପଦ, ଆରାମଦାୟକ ଓ ଦକ୍ଷ ଯାତ୍ରା ସୁବିଧା ପ୍ରଦାନ ଦିଗରେ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଯାତ୍ରୀମାନଙ୍କୁ ସରକାରୀ ରେଳ ପୋର୍ଟାଲ ମାଧ୍ୟମରେ ସମୟସୂଚୀ ଓ ଉପଲବ୍ଧତା ଯାଞ୍ଚ କରିବାକୁ ଏବଂ ରଥଯାତ୍ରା ମହୋତ୍ସବ ସମୟରେ ସାର୍ବଜନୀନ ଘୋଷଣା ମାଧ୍ୟମରେ ଟ୍ରେନ ଚଳାଚଳ ସମ୍ବନ୍ଧରେ ସଠିକ ସୂଚନା ପ୍ରାପ୍ତ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆଜି ମୁଖ୍ୟମନ୍ତ୍ରୀ ଆସ୍କା ଗସ୍ତ

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସ୍କା ଗସ୍ତ କରିବେ। ଗଞ୍ଜାମ ଜିଲ୍ଲାକୁ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବା ବେଳେ ଏଥିସକାଶେ ଜିଲ୍ଲାରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାର ଯୁବଶକ୍ତିଙ୍କ ଦିଗ ମାର୍ଗଦର୍ଶନ କରିବେ। ମୁଖ୍ୟମନ୍ତ୍ରୀ ଗସ୍ତ ସମ୍ପର୍କରେ ମିଳିଥିବା ସୂଚନାନୁସାରେ, ଶ୍ରୀ ମାଝୀ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୯ଟା ବେଳେ ଆସ୍କାସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିବେ। ସେଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଯୁବ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେବେ। ପରେ ମୁଖ୍ୟମନ୍ତ୍ରୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଯୋଗଦେବେ ବୋଲି ଜଣାପଡ଼ିଛି।

## ଇସ୍କନକୁ ଗଜପତିଙ୍କ ତାଗିଦା



■ ସେବାପୂଜା କରିବ ତ ପରମ୍ପରାକୁ ସମ୍ମାନ ଦିଅ
■ ମିଠାକୁ ମହାପ୍ରସାଦ କହିବା ଗ୍ରହଣୀୟ ନୁହେଁ

ପୁରୀ,୨୨।୬(ସଂଚାର ବ୍ୟୁରୋ): ଦୀଘା ଜଗନ୍ନାଥ ମନ୍ଦିରରେ ମିଠାକୁ ମହାପ୍ରସାଦର ଆଖ୍ୟା ଦେଇ ଘରେ ଘରେ ବାଣ୍ଟିବା ପ୍ରସଙ୍ଗରେ କଡା ପ୍ରତିକ୍ରିୟା ରଖିଚନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଇସ୍କନକୁ ଯଦି ସେବାପୂଜା କରିବାର ଅଛି ତେବେ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ମାନିବାକୁ ପଡିବ। ଇସ୍କନ କେଉଁଭଳି ମିଠାକୁ ମହାପ୍ରସାଦ କହୁଛି ସେନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଗଜପତି। ସେହିଭଳି ସେ ଇସ୍କନର ଅଦିନିଆ ରଥଯାତ୍ରା ନେଇ ମଧ୍ୟ ଆପତ୍ତି ଉଠାଇଛନ୍ତି। ଭାରତ ବର୍ଷରେ ବାରମ୍ବାର ଇସ୍କନ ସଂସ୍ଥା ସହ ଆଲୋଚନା ପରେ ସେମାନେ ରାଜି ହୋଇଛନ୍ତି ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ। କିନ୍ତୁ ବିଦେଶରେ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ଯେଉଁ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି ସେତେ ପର୍ଯ୍ୟନ୍ତ ବନ୍ଦ ହେବନାହିଁ। ୨୦୨୪ରେ ଗଜପତିଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ତରଫରୁ ଶାସ୍ତ୍ରୀୟ ମତ ରଖାଯାଇଥିଲା। ପରେ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପଣ୍ଡିତମାନେ ଶାସ୍ତ୍ର ଆଧାରିତ ମତ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନର ପୂର୍ଣ୍ଣାଙ୍ଗ ମତ ପାଇଲା ପରେ ସେମାନେ ଅଦିନିଆ ରଥଯାତ୍ରା ବନ୍ଦ କରିବେ ବୋଲି ଆଶା ରଖିଛନ୍ତି ଗଜପତି ମହାରାଜା। ପରମ୍ପରା ଅନୁଯାୟୀ ରଥଯାତ୍ରା କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସେହିପରି ଶ୍ରୀଜଗନ୍ନାଥଙ୍କୁ ନେଇ ଅପସଂସ୍କୃତି ଓ ତ୍ରୁଟିଯୁକ୍ତ ତଥ୍ୟ ଦୂର ପାଇଁ ଶ୍ରୀଜଗନ୍ନାଥ ପ୍ରଶାସନର ସାଂସ୍କୃତିକ ସବ କମିଟିକୁ ପୁନଃ କ୍ରିୟାନ୍ୱିତ କରାଯିବ। ସମଗ୍ର ଦେଶରେ ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ଆୟୋଜନ କରାଯିବ ଯାହା ଦ୍ୱାରା ଆଜି ଓ ଆସନ୍ତାକାଲିର ପିଢ଼ିମାନେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଜାଣିପାରିବେ ବୋଲି ଗଜପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ପୁଅ ଠେଙ୍ଗାମାଡ଼ରେ ବାପାର ମୃତ୍ୟୁ

ନୂଆପଡ଼ା,୨୨।୬(ସଂଚାର ବ୍ୟୁରୋ): ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା ଅନ୍ତର୍ଗତ କୁରୁମୁଣ୍ଡା ଗାଁରେ। ମୃତକ ଜଣଙ୍କ ୬୦ ବର୍ଷୀୟ ପବନ ସିଂ ବରିହା ବୋଲି ଜଣାପଡ଼ିଛି। ଶନିବାର ମଧ୍ୟାହ୍ନରେ କୁରୁମୁଣ୍ଡାରେ ଉଭୟ ବାପା ପବନ ଓ ପୁଅ ତୁଳାରାମ ଚାଷ ଜମିରେ ଥିବା ସମୟରେ ସେମାନଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଭୀଷଣ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ନିଶାସକ୍ତ ପୁଅ କାଠ ଫାଳିଆରେ ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ହିଁ ପବନଙ୍କର ମୃତ୍ୟୁ ହୋଇଯାଇଥିଲା। ତୁଳାରାମ ଚାଷଜମିରେ ବାପା ପବନଙ୍କ ମୃତଦେହକୁ ଛାଡ଼ି ଘରକୁ ଚାଲିଆସିଥିଲା। ଆଜି ପୂର୍ବାହ୍ନରେ ବେଲଟୁକୁରି ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ପବନଙ୍କ ମୃତଦେହକୁ ଉଦ୍ଧାର କରିବା ସହ ତୁଳାରାମ (୩୬)କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ବେଲଟୁକୁରି ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଚଳାଇଛି।

● ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

## ପୂର୍ବାଞ୍ଚଳ ଡିଆଇଜିଙ୍କ ତଦନ୍ତ ଆରମ୍ଭ



ଭଦ୍ରକ,୨୨।୬(ସଂଚାର ବ୍ୟୁରୋ): ଭଦ୍ରକ ଚରମ୍ପା ଅଞ୍ଚଳରେ ଜନୈକ ବ୍ୟବସାୟୀଙ୍କୁ ଗତକାଲି ଗୁଳିମାଡ଼ ହୋଇଥିବା ବେଳେ ଆଜି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତକାଲି ରାତିରେ ବେଲମୂଳାରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ଆଜି ଘଟଣାସ୍ଥଳରେ ଡ. ନାଏକଙ୍କ ସହ ଏସପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ମଧ୍ୟ ପହଞ୍ଚି ଯାଞ୍ଚ କରିଥିବା ଜଣାପଡ଼ିଛି। ପରେ ସେମାନେ ଗୁଳିକାଣ୍ଡର ଶିକାର ହୋଇଥିବା ବ୍ୟବସାୟୀଙ୍କ ଘରେ ପହଞ୍ଚି ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ଏଥିସହ ଗୁଳିକାଣ୍ଡ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ଓ ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ମଧ୍ୟ ପୁଲିସ୍ ଅଧିକାରୀମାନେ ଯାଞ୍ଚ କରିଥିବା ଜଣାପଡ଼ିଛି। ଟଙ୍କା ଲୁଟ୍ କିମ୍ବା ପୂର୍ବ ଶତ୍ରୁତାରୁ ଏପରି ଗୁଳିକାଣ୍ଡ ହୋଇଥିବା ନେଇ ଅନୁମାନ କରାଯାଉଥିବା ବେଳେ ସଠିକ୍ କାରଣ ସମ୍ପର୍କରେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଡ. ନାଏକ କହିଛନ୍ତି।

## ବିମାନବନ୍ଦରରୁ ଆଫଗାନ ନାଗରିକ ଗିରଫ




ଜାଲ୍ ପାସ୍‌ପୋର୍ଟ ସହ ୫୦ ହଜାର ଟଙ୍କା ଜବତ

ଭୁବନେଶ୍ୱର,୨୨।୬(ସଂଚାର ବ୍ୟୁରୋ): ନକଲି ପାସପୋର୍ଟ ଅଭିଯୋଗରେ ଆଜି ଜଣେ ଆଫଗାନିସ୍ତାନ ନାଗରିକଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ନାଗରିକ ଜଣଙ୍କ ମହମ୍ମଦ ୟୁସୁଫ ବୋଲି ଜଣାପଡ଼ିଥିବା ବେଳେ ସେ ଦୁବାଇରୁ ଆସୁଥିବା ବେଳେ ଭୁବନେଶ୍ୱରରେ ଧରାପଡ଼ିଛନ୍ତି। ପଚରାଉଚରା ସମୟରେ ଶ୍ରୀ ୟୁସୁଫ୍ କଟକରେ ବିଭିନ୍ନ ପ୍ରକାର ନକଲି ପରିଚୟପତ୍ର ଆଧାରରେ ରହୁଆସୁଥିଲେ। ଗତ ୨୦ ତାରିଖରେ ଅଭିଯୁକ୍ତ ୟୁସୁଫ୍ ଦୁବାଇରୁ ଇଣ୍ଡିଗୋ ଫ୍ଲାଇଟ୍ ନଂ.୬ଇ-୧୪୮୮ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କ ବିରୋଧରେ କୋଲକାତା ବିମାନବନ୍ଦର ପ୍ରାଧିକରଣ ପକ୍ଷରୁ ଏକ ଲୁକ୍‌ଆଉଟ୍ ସର୍କୁଲାର ମଧ୍ୟ ଜାରି ହୋଇଥିବା ବେଳେ ଏହା ଆଧାରରେ ଶ୍ରୀ ୟୁସୁଫ୍‌ଙ୍କୁ ଚିହ୍ନଟ କରାଯାଇପାରିଛି। ଇମିଗ୍ରେସନ ଯାଞ୍ଚ ସମୟରେ ବିମାନବନ୍ଦର କର୍ମଚାରୀମାନେ ତାଙ୍କ ପାସପୋର୍ଟରେ କେତେକ ଅସଙ୍ଗତି ଥିବା ଦେଖିବାକୁ ପାଇଥିଲେ। ଫଳରେ ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତାଙ୍କ ପାଖରୁ ଏୟାରପୋର୍ଟ ଥାନା ଯାଞ୍ଚ କରି କେତେକ ନକଲି ଡକ୍ୟୁମେଣ୍ଟ ସହ ନଗଦ ୫୦ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି।

## ମହିଳାଙ୍କୁ ଛୁରାମାଡ଼, ଏମ୍‌କେସିଜିରେ ଭର୍ତ୍ତି



ଖଲ୍ଲିକୋଟ, ୨୨।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଜନୈକା ମହିଳାଙ୍କୁ ଛୁରାମାଡ଼ ହୋଇଛି। ଆକ୍ରମଣର ଶିକାର ହୋଇଥିବା ମହିଳା ଜଣଙ୍କ କନ୍ଧ ତରେଇଙ୍କ ସ୍ତ୍ରୀ ଗେଲି ତରେଇ (୫୦) ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଗେଲି ପରିସ୍ରା କରିବା ପାଇଁ ବାହାରକୁ ଯାଇଥିବା ସମୟରେ ପୂର୍ବରୁ ସେଠାରେ କେତେକ ଦୁର୍ବୃତ୍ତ ଛକି ରହିଥିଲେ। ସେମାନେ ଗେଲିଙ୍କୁ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଗେଲିଙ୍କ ଦୁଇ ହାତ ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଖଲ୍ଲିକୋଟ ମେଡିକାଲକୁ ନେଇଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତର ତାଙ୍କୁ ଏମ୍‌କେସିଜିକୁ ନେବାକୁ ପରାମର୍ଶ ଦେଇଥିଲେ।

## ଧର୍ମ ବଦଳାଇଲେ, ତଥାପି ଖାଇଲେ ଧୋକା



ଅନୁଗୁଳ,୨୨।୬(ସଂଚାର ବ୍ୟୁରୋ): ପ୍ରେମିକାଙ୍କ ପାଇଁ ଧର୍ମ ବଦଳାଇଦେଲେ ପ୍ରେମିକ। କିନ୍ତୁ ଏହା ସତ୍ତ୍ୱେ ବି ଉକ୍ତ ପ୍ରେମିକାଙ୍କ ଘର ଲୋକେ ତାଙ୍କୁ ଧୋକା ଦେଇଥିବା ଅଭିଯୋଗ କରିଛନ୍ତି ପ୍ରେମିକ। ଏନେଇ ସେ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। କଟକ ଜିଲ୍ଲାର ଜଗତାନନ୍ଦ ନାଏକ ଏପରି କିଛି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଗତ ୨୦୧୭ରେ ଅନୁଗୁଳ ସହରର ଜନୈକା ମୁସଲିମ୍ ଯୁବତୀଙ୍କୁ ସେ ପ୍ରେମ କରୁଥିଲେ। ଏପରିକି ସେମାନେ ଲିଭ୍ ଇନ୍‌ରେ ରହିବା ସହ ଗତ ୨୦୨୩ରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରେମିକାଙ୍କ ପରିବାର ଲୋକେ ତାଙ୍କୁ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ଘରକୁ ଯିବାକୁ ବାରଣ କରିଥିଲେ। ଶେଷରେ ଚଳିତ ବର୍ଷ ସେ ପ୍ରେମିକାଙ୍କ ଘର ଲୋକଙ୍କ ଚାପରେ ଖ୍ରୀଷ୍ଟଧର୍ମ ଛାଡ଼ି ଇସଲାମ୍ ଧର୍ମ ମଧ୍ୟ ଗ୍ରହଣ କରିଥିଲେ। ଏପରିକି ସେ ନିଜ ପରିବାର ଲୋକଙ୍କଠାରୁ ବି ଦୂରେଇ ଯାଇଥିଲେ। କିନ୍ତୁ ଏତେସବୁ କରିବା ପରେ ମଧ୍ୟ ପ୍ରେମିକାଙ୍କ ପରିବାର ଲୋକେ ବିବାହ ନ କରାଇ ବିଭିନ୍ନ ଉପାୟରେ ତାଙ୍କ ଭାବାବେଗ ସହ ଖେଳିଥିବା ଜଗତାନନ୍ଦ ଅଭିଯୋଗ କରିଛନ୍ତି। ଅବଶ୍ୟ ଉକ୍ତ ପ୍ରେମିକାଙ୍କ ବାପା ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ବିପଦ ସଙ୍କେତ ତଳେ ସୁବର୍ଣ୍ଣରେଖା ଜଳସ୍ତର



ବାଲେଶ୍ୱର, ୨୨।୬ (ସଂଚାର ବ୍ୟୁରୋ): ପାଣି କମିଛି, ଦୁର୍ଦ୍ଦଶା ବଢ଼ିଛି। ବିପଦ ସଙ୍କେତ ତଳେ ପ୍ରବାହିତ ସୁବର୍ଣ୍ଣରେଖା ଜଳସ୍ତର। ସୁବର୍ଣ୍ଣରେଖା ନଦୀର ଜଳସ୍ତର କମିଛି । ହେଲେ ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦଶା ବଢିଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଫଳରେ ଉତ୍ତର ବାଲେଶ୍ୱରର ୪ଟି ବ୍ଲକର ୨୧ଟି ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହୋଇରହିଛି। ବାଲିଆପାଳ ଏବଂ ଭୋଗରାଇ ବ୍ଲକ ଗାଁ ଦାଣ୍ଡରେ ୩ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ। ଫଳରେ ଲୋକେ ଜଳବନ୍ଦୀ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ୪ ଫୁଟ ପାଣି। ଲୋକେ ଦେଶୀ ଡଙ୍ଗା ସାହାଯ୍ୟରେ ଯାତାୟତ କରୁଛନ୍ତି। ପାଣିରେ ବୁଡି ରହିଛି ହଜାର ହଜାର ହେକ୍ଟର ଚାଷ ଜମି। ଘରେ ପାଣି ପଶିଯାଇଥିବାରୁ ଲୋକମାନେ ପିଲା ଛୁଆ ଧରି ନଦୀ ବନ୍ଧ ଏବଂ ରାସ୍ତା ଉପରେ ଆଶ୍ରୟ ନେଉଛନ୍ତି। ଲୋକଙ୍କ ନିକଟରେ ପ୍ରଶାସନିକ ବ୍ୟବସ୍ଥା ସଠିକ ଭାବରେ ପହଞ୍ଚି ପାରିନଥିବା ଅଭିଯୋଗ ହୋଇଛି। ଗତକାଲି ବନ୍ୟା ପାଣିରେ ଭାସି ନିଖୋଜ ଥିବା ଭୋଗରାଇ ବ୍ଲକ କୁହ୍ଲା ଗ୍ରାମର ନବକୃଷ୍ଣ ପିଲାଙ୍କ ପୁଅ ମହେଶ୍ୱର ପିଲାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ବନ୍ଯା ପ୍ରଭାବିତ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୧୦ ନୂଆ ସହରକୁ ଉଡ଼ିବ ବିମାନ

## ୨୦୩୦ ସୁଦ୍ଧା ହେବ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର

## ଉଡାନ୍‌ରେ ୨୦୩୬ ସୁଦ୍ଧା ୫ ବିମାନବନ୍ଦରର ବିକାଶ

## ରେଳ ନେଟୱର୍କ ଦୁଇଗୁଣା ବଢ଼ି ୬ ହଜାର କିମି ହେବ

**ଭୁବନେଶ୍ୱର, ୨୨।୬(ସଂଚାର ବ୍ୟୁରୋ):** ଓଡ଼ିଶା ଅର୍ଥନୀତିକୁ ଆଗକୁ ନେବା ସହିତ ଲୋକଙ୍କୁ ଉନ୍ନତ ଯାତାୟାତ ସୁବିଧା ଯୋଗାଇ ଦେବାଲାଗି ସରକାର ଭିଜନ ୨୦୩୬ ଏବଂ ୨୦୪୭ରେ ବ୍ୟାପକ ଯୋଜନା କରିଛନ୍ତି। ସଡ଼କ, ରେଳ, ଜଳମାର୍ଗ ଏବଂ ଆକାଶପଥରେ ଯୋଗାଯୋଗ ଭିତ୍ତିଭୂମିକୁ ବଢ଼ାଇବା ପାଇଁ ଏଥିରେ ନକ୍ସା ଅଙ୍କା ଯାଇଛି। ୨୦୪୭ ବେଳକୁ ରାଜ୍ୟରେ ଅତିକମ୍‌ରେ ୧୫ଟି ବିମାନବନ୍ଦର ସ୍ଥାପନ ହେବ। ପ୍ରତି ୧୦ ଲକ୍ଷ ଲୋକରେ ୫ ଲକ୍ଷରୁ ଅଧିକ ଲୋକ ଯେଭଳି ବିମାନରେ ଯାତ୍ରା କରିବେ ସେ ନେଇ ବ୍ୟବସ୍ଥା କରାଯିବ। ରାଜ୍ୟରେ ସଂପ୍ରତି ୫ଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ସେଗୁଡ଼ିକ ହେଲା ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ଉତ୍କେଲା। ଏଥିରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ହୋଇଥିବାବେଳେ ଅନ୍ୟ ୪ଟି ଡୋମେଷ୍ଟିକ୍ ବିମାନବନ୍ଦର। ୨୦୩୦ ବେଳକୁ ଭୁବନେଶ୍ୱର ବିମାନବନ୍ଦରର କ୍ଷମତା ପୂର୍ଣ୍ଣ ଉପଯୋଗ ହୋଇସାରିଥିବ। ଏହି ସମୟ ବେଳକୁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନ ଲକ୍ଷ୍ୟ ରଖାଯାଇଛି। ୨୦୩୬ ସୁଦ୍ଧା ଉଡାନ୍ ଯୋଜନାରେ ଅତିକମ୍‌ରେ ୫ଟି ବିମାନବନ୍ଦରର ବିକାଶ ହେବ ବୋଲି ଏଥିରେ କୁହାଯାଇଛି। ରାଜ୍ୟରେ ସଂପ୍ରତି ପ୍ରତି ୧୦ ଲକ୍ଷ ଲୋକରେ ୮୬ ହଜାର ଲୋକ ବିମାନରେ ଯାତ୍ରା କରୁଛନ୍ତି। କିନ୍ତୁ ଜାତୀୟସ୍ତରରେ ଏହି ସଂଖ୍ୟା ୨,୪୦,୦୦୦ ରହିଛି। ଆସନ୍ତା ୨୪ ମାସ ମଧ୍ୟରେ ଦେଶର ୧୦ଟି ଏବଂ ବିଦେଶର ୩ଟି ନୂଆ ସ୍ଥାନକୁ ସିଧାସଳଖ ବିମାନ ଓଡ଼ିଶାରୁ ଉଡ଼ିବ। ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଭିଜନ ଦସ୍ତାବିଜ୍‌ରେ କୁହାଯାଇଛି।




ସଡ଼କ ନେଟୱର୍କରେ ଓଡ଼ିଶା ଦେଶର ପଞ୍ଚମ ବୃହତ୍। ରାଜ୍ୟରେ ମୋଟ ୧ ଲକ୍ଷ ୩୦ ହଜାର କମିର ସଡ଼କ ନେଟୱର୍କ ରହିଛି। ୨୦୩୬ ସୁଦ୍ଧା ସବୁ ଗ୍ରାମପଞ୍ଚାୟତକୁ ସବୁଦିନିଆ ରାସ୍ତା ଉପଲବ୍ଧ ହେବ। ୨୦୩୦ ମସିହା ସୁଦ୍ଧା ପ୍ରାୟ ୭୫ ହଜାର କିମି ରାସ୍ତାର ଆଧୁନିକୀକରଣ କରାଯିବ। ଏଥିରେ ୩୦ ହଜାର କିମି ଗ୍ରାମୀଣ ରାସ୍ତା ରହିଛି। ସେହିଭଳି ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୩ କାମ ଶେଷ ହେବ ଏବଂ ଅତିକମ୍‌ରେ ୧୫ ହଜାର କିମି ସଡ଼କର ଆଧୁନିକୀକରଣ କରାଯିବ। ବସ୍, ମେଟ୍ରୋ ଏବଂ ଟ୍ୟାକ୍ସିରେ ଯାତ୍ରା ପାଇଁ ଏକକ ଟିକଟ ବ୍ୟବସ୍ଥା (ଏସ୍‌ଟିଏସ୍)କୁ ୨୦୩୦ ସୁଦ୍ଧା କାର୍ଯ୍ୟକାରୀ କରାଯିବ। ସବୁ ବସ୍ ଷ୍ଟାଣ୍ଡରେ ପର୍ଯ୍ୟାପ୍ତ ସଂଖ୍ୟାରେ ପାଇଖାନା ଓ ଅନ୍ୟାନ୍ୟ ସୁବିଧା ୨୦୩୦ ସୁଦ୍ଧା ରହିବ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ପ୍ରଯୁକ୍ତିର ସହାୟତା ନିଆଯିବ। ୨୦୩୦ ସୁଦ୍ଧା ପୁରୀ-ଭୁବନେଶ୍ୱର-କଟକ-ପାରାଦୀପ ମଧ୍ୟରେ ରାପିଡ ବସ୍ ଟ୍ରାଞ୍ଜିଟ ସିଷ୍ଟମ୍‌ର ବିକାଶ କରାଯିବ। ସଡ଼କରେ ବର୍ତ୍ତମାନ ବିଦ୍ୟୁତ ଯାନ/ବିକଳ୍ପ ଇନ୍ଧନରେ ଚାଳିତ ଯାନ ସଂଖ୍ୟା ଏବେ କମ୍ ରହିଛି। ମୋଟ ନୂଆ ଗାଡ଼ି ବିକ୍ରିରେ ଇଭି ପ୍ରାୟ ୭ ପ୍ରତିଶତ ଥିବାବେଳେ ୨୦୪୭ ବେଳକୁ ପାଖାପାଖି ୮୦ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ଯୋଜନା ହୋଇଛି। ଏଥିସହିତ ରାଜ୍ୟରେ ବର୍ତ୍ତମାନ ୩ ହଜାର କିମିର ରେଳ ନେଟୱର୍କ (ପ୍ରତି ବର୍ଗ କିମିରେ ୦.୦୪ କିମି) ରହିଛି। ତେଣୁ ଆସନ୍ତା ୨୨ ବର୍ଷ ମଧ୍ୟରେ ଏହାକୁ ଦୁଇଗୁଣା କରି ୬ ହଜାର କିମିକୁ ବଢ଼ାଇବା ପାଇଁ ଯୋଜନା ରହିଛି। ବନ୍ଦର ଜରିଆରେ ଦେଶରେ ହେଉଥିବା ମୋଟ ମାଲ ପରିବହନର ୧୩ ପ୍ରତିଶତ ସଂପ୍ରତି ଓଡ଼ିଶାର ବନ୍ଦରଗୁଡ଼ିକ ଜରିଆରେ ହେଉଛି। ୨୦୪୭ ସୁଦ୍ଧା ଏହାକୁ ୩୩ ପ୍ରତିଶତରେ ପହଞ୍ଚାଇବା ଲକ୍ଷ୍ୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ରେ ରଖାଯାଇଛି।

### ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ

## ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କରେ ରଖନି ସରକାରୀ ପାଣ୍ଠି

ଭୁବନେଶ୍ୱର, ୨୨।୬: ସରକାରଙ୍କ ବିଭିନ୍ନ ପ୍ରମୁଖ ଯୋଜନାରେ ସହଯୋଗ କରୁନାହାନ୍ତି। ଜମା ଅନୁପାତରେ ଋଣ ଆବଣ୍ଟନ କରୁନାହାନ୍ତି। ବାର୍ଷିକ ଋଣ ଲଗାଣ ମଧ ଧାର୍ଯ୍ୟ ଲକ୍ଷ୍ୟ ଛୁଉଁନି। ତେଣୁ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ଏବଂ ଆକ୍ସିସ ବ୍ୟାଙ୍କରେ କୌଣସି ସରକାରୀ ଜମା ଥିଲେ ତାକୁ ତୁରନ୍ତ ଅନ୍ୟତ୍ର ରଖ। ଏ ବ୍ୟାଙ୍କରେ ଜମାଖାତା ଯଥାଶୀଘ୍ର ବନ୍ଦ କରି ଅନ୍ୟ ସରକାରୀ ତାଲିକାଭୁକ୍ତ ବ୍ୟାଙ୍କରେ ପାଣ୍ଠି ରଖିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି ହୋଇଛି। ଅର୍ଥ ବିଭାଗ ସ୍ପଷ୍ଟ ଦର୍ଶାଇଛି, ଯଦି ଏ ୩ ବ୍ୟାଙ୍କରେ ସରକାରୀ ପାଣ୍ଠି ସ୍ଥାୟୀ ଜମା ଭାବେ ଥିବ ତେବେ ତାହା ବନ୍ଦ ହେବନି। ସରକାର ସୁଧ ହରାଇବେ। ମାତ୍ର ସ୍ଥାୟୀ ଜମାର ମିଆଦ ପୂରିବା ମାତ୍ରେ ଜମା ଟଙ୍କା ଉଠାଣ କରି ଅନ୍ୟ ବ୍ୟାଙ୍କରେ ବିଭାଗ ରଖିବ। ଏ ନିର୍ଦ୍ଦେଶକୁ ସମସ୍ତ ବିଭାଗ ତୁରନ୍ତ କାର୍ଯ୍ୟକାରୀ କରିବେ। ଏଥିରେ ସାମାନ୍ୟତମ ଅବହେଳାକୁ ବରଦାସ୍ତ କରାଯିବନି। ତେଣୁ ଚିଠି ପାଇବାମାତ୍ରେ ବିଭାଗଗୁଡ଼ିକ ଉପରୋକ୍ତ ୩ ବ୍ୟାଙ୍କରୁ ଜମା ପାଣ୍ଠି ଉଠାଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

## ବଜାରରେ କେଟିଏମ୍ ୩୯୦ ଆଡ୍‌ଭେଞ୍ଚର ଏକ୍ସ

ଭୁବନେଶ୍ୱର,୨୨।୬: ଦେଶର ପ୍ରମୁଖ ପ୍ରିମିୟମ ବାଇକ୍ ବ୍ରାଣ୍ଡ ତଥା କେଟିଏମ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ 'କେଟିଏମ୍ ୩୯୦ ଆଡ୍‌ଭେଞ୍ଚର ଏକ୍ସ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଆର୍‌ଏମ୍ ମୋଟର୍ସ ସମ୍ବଲପୁର ଶୋ'ରୁମ୍ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ବାଇକର୍ସ ଗ୍ରୁପ୍‌ର ସଦସ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏମ୍ ମୋଟର୍ସ ସମ୍ବଲପୁରର ମ୍ୟାନେଜର ଗୁରୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କେଟିଏମ୍ ୩୯୦ ଆଡ୍‌ଭେଞ୍ଚର ଏକ୍ସରେ ସମସ୍ତ ପ୍ରକାର ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ଫିଚର ଓ ଶକ୍ତିଶାଳୀ ଇଞ୍ଜିନ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଏହି ମଡେଲରେ ଏକ ବୃହତ୍ ତୈଳଟାଙ୍କି ( ଫୁ୍ଏଲ ଟ୍ୟାଙ୍କ ୧୪.୫ ଲି) ଏବଂ ଓଜନ (ଓ୍ବେଟ ୧୭୭ କେ.ଜି/କେ) ଓ ଗ୍ରାଉଣ୍ଡ କ୍ଲିଅରାନ୍ସ ୨୦୦ ଏମ୍‌ଏମ୍ ସାଙ୍ଗକୁ ୩୭୩ ସିସି ଇଞ୍ଜିନରେ ଏହି ମଡେଲ ପରିଚାଳିତ ହେଉଛି। ଏ ସମ୍ପର୍କରେ ଆର୍‌ଏମ୍ ମୋଟର୍ସ ସମ୍ବଲପୁରର ମ୍ୟାନେଜର ଗୁରୁଦେବ ପ୍ରଧାନ କହିଥିଲେ, ଆମେ ଆମ ଶୋ'ରୁମ୍‌ରେ ଅଲ୍ ନ୍ୟୁ କେଟିଏମ୍ ୩୯୦ ଆଡ୍‌ଭେଞ୍ଚର ଏକ୍ସକୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏହି ମଡେଲ ଯୁବବର୍ଗଙ୍କୁ ବେଶ୍ ଆକର୍ଷିତ କରୁଥିଲାବେଳେ ଲମ୍ବା ଯାତ୍ରା ଓ ପ୍ରାକୃତିକ ପରିବେଶପୂର୍ଣ୍ଣ ଅଞ୍ଚଳ (ଆଡ୍‌ଭେଞ୍ଚର ପ୍ଲେସ୍) ରେ ଉକ୍ତ ମଡେଲକୁ ଚଳାଇବାର ନିଆରା ମଜା ନେଇପାରିବେ। ଏହି ମଡେଲର ଏକ୍ସ ସୋରୁମ୍ ମୂଲ୍ୟ ୨ଲକ୍ଷ ୮୪ ହଜାର ୧୩୦ଟଙ୍କା।

## ଭାରତରେ କାହିଁକି ଫେଲ ୟୁରୋପର ତିନି ବଡ଼ କାର କମ୍ପାନୀ?

ନୂଆଦିଲ୍ଲୀ, ୨୨।୬: ୟୁରୋପର ପ୍ରମୁଖ ଅଟୋ ବ୍ରାଣ୍ଡ୍ ରେନଲଟ, ଭୋକ୍ସୱାଗନ ଏବଂ ସ୍କୋଡା ଭାରତୀୟ ବଜାରରେ ସେମାନଙ୍କର କାର ବିକ୍ରୟ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି, ଏହା ସତ୍ତ୍ୱେ, ସଫଳତା ହାସଲ ହେଉନାହିଁ। ଯାନବାହାନ ବିକ୍ରୟ ତଥ୍ୟ ଦର୍ଶାଉଛି ଯେ ଗତ ତିନି ଆର୍ଥିକ ବର୍ଷରେ ଭାରତୀୟ ବଜାରରେ ଏହି କମ୍ପାନୀଗୁଡ଼ିକର ବିକ୍ରୟ ହ୍ରାସ ପାଇଛି। ବିଶ୍ୱ ଅଟୋମୋବାଇଲ ଶିଳ୍ପକୁ ତଥ୍ୟ ଏବଂ ବିଶ୍ଳେଷଣ ପ୍ରଦାନ କରୁଥିବା କମ୍ପାନୀ ଜେଏଟିଓ ଡାଇନାମିକ୍ସ ଅନୁଯାୟୀ, ଭାରତୀୟ ବଜାରରେ ରେନଲଟର ବିକ୍ରୟ ସର୍ବାଧିକ ହ୍ରାସ ପାଇଛି। ୨୦୨୪-୨୫ରେ ଭାରତୀୟ ବଜାରରେ କମ୍ପାନୀର ବିକ୍ରୟ ୩୭୯୦୦ ୟୁନିଟକୁ ହ୍ରାସ ପାଇଛି। ୨୦୨୩-୨୪ରେ ଏହି ସଂଖ୍ୟା ୪୫୪୩୯ ୟୁନିଟ୍ ଏବଂ ୨୦୨୨-୨୩ରେ ୭୮୯୨୬ ୟୁନିଟ୍ ଥିଲା। ସେହିପରି, ୨୦୨୪-୨୫ରେ ଭାରତୀୟ ବଜାରରେ ସ୍କୋଡାର ବିକ୍ରୟ ୪୪,୮୬୬ ୟୁନିଟ୍ ଥିଲା। ଏହା ୨୦୨୩-୨୪ରେ ୪୪୫୨୨ ୟୁନିଟ୍ ତୁଳନାରେ ସାମାନ୍ୟ ଅଧିକ। ତଥାପି, ୨୦୨୨-୨୩ (୫୨୨୬୯) ୟୁନିଟ୍ ତୁଳନାରେ ବହୁତ କମ୍। ଅନ୍ୟପକ୍ଷରେ, ଭୋକ୍ସୱାଗନ୍ ବ୍ରାଣ୍ଡ ୨୦୨୪-୨୫ରେ ୪୨୨୩୦ ଯାନ ବିକ୍ରି କରିଥିଲା। ୨୦୨୩-୨୦୨୪ରେ କମ୍ପାନୀର ବିକ୍ରୟ ୪୩୧୯୭ ୟୁନିଟ୍ ଏବଂ ୨୦୨୨-



୨୦୨୩ରେ ୪୧୨୬୩ ୟୁନିଟ୍ ଥିଲା। ଜେଏଟିଓ ଡାଇନାମିକ୍ସ ଇଣ୍ଡିଆର ସଭାପତି ରବି ଜି ଭାଟିଆ କହିଛନ୍ତି, ରେନଲ୍ଟ, ସ୍କୋଡା ଏବଂ ଭୋକ୍ସୱାଗନ୍ ଭାରତରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଭାରତରେ ଏହି ବ୍ରାଣ୍ଡଗୁଡ଼ିକର ସଂଘର୍ଷର କାରଣ ବ୍ୟାଖ୍ୟା କରି ସେ କହିଛନ୍ତି, ପ୍ରାରମ୍ଭରେ, ଏହି ବ୍ରାଣ୍ଡଗୁଡ଼ିକ ସେଡାନ୍ - ଭେଣ୍ଟୋ, ରାପିଡ୍ ଏବଂ ସ୍କାଲା ଉପରେ ଅତ୍ୟଧିକ ଧ୍ୟାନ ଦେଇଥିଲେ। ଏହି କାରଣରୁ, ଦ୍ରୁତ-ବର୍ଦ୍ଧିଷ୍ଣୁ ସ୍ପୋର୍ଟସ୍ ୟୁଟିଲିଟି ଯାନ (SUV) ସେଗମେଣ୍ଟରେ ସେମାନଙ୍କର ପ୍ରବେଶ ସୀମିତ ଥିଲା। ଭାଟିଆ କହିଛନ୍ତି, ଏହା ସହିତ, ଏହି ବ୍ରାଣ୍ଡଗୁଡ଼ିକ ସେମାନଙ୍କର ଉତ୍ପାଦ ଲାଇନ୍ ପରିବର୍ତ୍ତନ କରିବାରେ ଧୀର ଥିଲେ। ଅନେକ ମଡେଲ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଲା। ସେମାନଙ୍କର ନେଟୱାର୍କ ପହଞ୍ଚିବା ମଧ ସୀମିତ ହୋଇଛି, ବିଶେଷକରି ଦ୍ୱିତୀୟ ଏବଂ ତୃତୀୟ ସ୍ତର ବଜାରରେ ଏହି ବ୍ରାଣ୍ଡଗୁଡ଼ିକ ଏକ ବୃହତ୍ ଗ୍ରାହକ ବର୍ଗ ପର୍ଯ୍ୟନ୍ତ ପହଞ୍ଚି ପାରିନାହାଁନ୍ତି। ଭାଟିଆ କହିଛନ୍ତି ଯେ ଏହା ବ୍ୟତୀତ, ଭାରତର ନିର୍ଦ୍ଦିଷ୍ଟ ଟିକସ ଗଠନ ମଧ ଏହି ବ୍ରାଣ୍ଡଗୁଡ଼ିକର ସମସ୍ୟାକୁ ବୃଦ୍ଧି କରିଛି। ଭାରତରେ ଚାରି ମିଟରରୁ କମ୍ ଯାନଗୁଡ଼ିକୁ ବହୁତ କମ୍ ଶୁଳ୍କର ସୁବିଧା ମିଳିଥାଏ। ଭାଟିଆ କହିଛନ୍ତି, ଏହା ଜାପାନ ଏବଂ ଦକ୍ଷିଣ କୋରିଆର ମୂଳ ଉପକରଣ ନିର୍ମାତା (OEM)ଙ୍କୁ ଲାଭ ପହଞ୍ଚାଇଛି, ଯେଉଁମାନେ ସୁଲଭ କମ୍ପାକ୍ଟ କାର ପାଇଁ ଜଣାଶୁଣା। ବିପରୀତରେ, ୟୁରୋପୀୟ ବ୍ରାଣ୍ଡଗୁଡ଼ିକ ପାରମ୍ପରିକ ଭାବରେ ବଡ଼ ମଡେଲ୍ ତିଆରି କରନ୍ତି ।

## ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପରିମାଣ ହ୍ରାସ

ନୂଆଦିଲ୍ଲୀ, ୨୨।୬: ଦେଶରେ ଚଳିତ ଆର୍ଥିକବର୍ଷ ଆରମ୍ଭରୁ ଜୁନ ୧୯ ତାରିଖ ମଧ୍ୟରେ ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧.୩୯ ପ୍ରତିଶତ ହ୍ରାସ ପାଇ ୪.୫୯ ଲକ୍ଷ କୋଟି ଟଙ୍କାରେ ରହିଛି। ସରକାରଙ୍କ ପକ୍ଷରୁ ଶନିବାର ପ୍ରକାଶିତ ତଥ୍ୟରେ ଏହା କୁହାଯାଇଛି। ଗତ ଆର୍ଥିକବର୍ଷର ଏହି ସମୟରେ ନିଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ରାଶି ୪.୬୫ ଲକ୍ଷ କୋଟି ଟଙ୍କାରେ ରହିଥିଲା। ଉପରୋକ୍ତ ଅବଧିରେ ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ରାଶି ୫.୪୫ ଲକ୍ଷ କୋଟି ଟଙ୍କା ରହିଥିଲା।

## ବିଦେଶୀ ମୁଦ୍ରା ଭଣ୍ଡାର ବଢ଼ିଲା

ମୁମ୍ବାଇ, ୨୨।୬: ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୭୦୦ ବିଲିଅନ ଡଲାର ନିକଟବର୍ତ୍ତୀ ହୋଇଛି। ଜୁନ ୧୩ରେ ଶେଷ ହୋଇଥିବା ସପ୍ତାହ ସୁଦ୍ଧା ବିଦେଶୀ ମୁଦ୍ରା ଭଣ୍ଡାରରେ ୨.୨୯୪ ବିଲିଅନ ଡଲାର ବୃଦ୍ଧି ଘଟି ୬୯୮.୯୫୦ ବିଲିଅନ ଡଲାରରେ ପହଞ୍ଚିଛି। ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଦେଶର ୧୧ ମାସର ଆମଦାନୀ ବିଲ୍ ଭରଣା ଏବଂ ପ୍ରାୟ ୯୬% ବିଦେଶୀ ଋଣ ପରିଶୋଧ କରିବା ପାଇଁ ଏହି ରାଶି ପର୍ଯ୍ୟାପ୍ତ।

## ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶରେ ଖୁବ୍‌ଶୀଘ୍ର ପରିବର୍ତ୍ତନ

**ନୂଆଦିଲ୍ଲୀ, ୨୨।୬:** ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶକ ଖୁବଶୀଘ୍ର ବଡ଼ ପରିବର୍ତ୍ତନ ଦେଖିପାରନ୍ତି । ବଜାର ନିୟାମକ ସେବି ମ୍ୟୁଚୁଆଲ୍ ଫଣ୍ଡ୍ ନିୟମର ବ୍ୟାପକ ସମୀକ୍ଷା କରୁଛି । ଫଳରେ ଏହାକୁ ଅଧିକ ନିବେଶ-କେନ୍ଦ୍ରୀତ ଓ ଉଦ୍ୟୋଗ ଅନୁକୂଳ କରାଯାଇପାରିବ। ସେବିର କାର୍ଯ୍ୟକାରୀ ନିର୍ଦ୍ଦେଶକ ମନୋଜ କୁମାର କହିଛନ୍ତି, 'ଆମେ ନିୟାମକ ସହ ସମସ୍ତ ହିତାଧିକାରୀଙ୍କ ପାଇଁ କାରବାରକୁ ସହଜ କରିବା ଲାଗି ମ୍ୟୁଚୁଆଲ୍ ଫଣ୍ଡ୍ ନିୟାମକ ଢାଞ୍ଚାର ସମୀକ୍ଷା କରୁଛୁ । ସମସ୍ତ ପକ୍ଷକାର କହିଛନ୍ତି ଯେ ଏହି କ୍ଷେତ୍ରକୁ ନିୟନ୍ତ୍ରିତ କରୁଥିବା ବର୍ତ୍ତମାନର ନିୟମ ଜଟିଳ ଓ ନିବେଶକଙ୍କ ଆବଶ୍ୟକତା ଓ ଉଦ୍ୟୋଗରେ ନୂତନତା ସହ ତାଳମେଳ ବଜାୟ ରଖିବା ପାଇଁ ସରଳୀକରଣ ଜରୁରି ।' ସେ କହିଛନ୍ତି, ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଓ ପ୍ରତିକ୍ରିୟା ଓ ପରାମର୍ଶ ନେବା ପାଇଁ ଡ୍ରାଫ୍ଟ ରୁଲ୍ ଜାରି କରାଯିବ । ପୁଞ୍ଜି ବଜାରକୁ ମଜଭୁତ କରିବା ପାଇଁ ସେବିର ରଣନୈତିକ ବ୍ଲୁ ପ୍ରିଣ୍ଟକୁ ସେ ରେଖାଙ୍କିତ କରିଛନ୍ତି। ଏଥିରେ ମ୍ୟୁଚୁଆଲ୍ ଫଣ୍ଡକୁ ସମାବେଶୀ ବିତ୍ତୀୟ ବିକାଶ ଓ ନିବେଶକ ସଂରକ୍ଷଣକୁ ପ୍ରୋତ୍ସାହିତ ଦେବା ପାଇଁ ମହତ୍ୱପୂର୍ଣ୍ଣ ସ୍ତମ୍ଭ ରୂପେ ସ୍ଥାପିତ କରାଯାଇଛି । ମ୍ୟୁଚୁଆଲ୍ ଫଣ୍ଡରେ ପରାମର୍ଶଦାତା କାର୍ଯ୍ୟକୁ ନିୟନ୍ତ୍ରିତ କରିବାକୁ ନିୟମର ଏକ ପରାମର୍ଶ ଡ୍ରାଫ୍ଟ ମଧ କରାଯାଇଛି । ମ୍ୟୁଚୁଆଲ୍ ଫଣ୍ଡ୍ କ୍ରାନ୍ତି ମାଧମରେ ଆଉ ଏକ ପରିବର୍ତ୍ତନ ଆସିବାକୁ ଯାଉଛି । ଭାରତର ମ୍ୟୁଚୁଆଲ ଫଣ୍ଡ୍ ଉଦ୍ୟୋଗର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ ୭୨ ଲକ୍ଷ କୋଟି ଟଙ୍କା ପାର୍ କରିଛି । ଏଥିରେ ମାସିକ ଏସ୍‌ଆଇପି ଯୋଗଦାନ ୨୮ ହଜାର କୋଟି ଟଙ୍କା ପହଞ୍ଚିଛି । ତେବେ ୧୪୦ କୋଟି ଜନସଂଖ୍ୟା ମଧ୍ୟରୁ ନିବେଶକଙ୍କ ସଂଖ୍ୟା କେବଳ ୫ କୋଟିରେ ସୀମିତ । ଗୁପ୍ତା, ହାରୋର ଅନ୍ୟତମ ଉପାଧକ୍ଷ ତାରିଣୀ ପ୍ରସାଦ ମହାନ୍ତି, କୋଷାଧକ୍ଷ ସୁଜିତ କୁମାର ମହାପାତ୍ର, ଯୁଗ୍ମ କୋଷାଧକ୍ଷ ପ୍ରଶାନ୍ତ କୁମାର ଜେନା, ଶ୍ରୀନିବାସ ସୁବୁଦ୍ଧି, ଦୀପକ ଏସ୍ ରାଥୋର୍, ଦେବାଶିଷ ପଟ୍ଟନାୟକ ଓ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍‌ର ଆସିଷ୍ଟାଣ୍ଟ୍ ଡାଇରେକ୍ଟର ନିମେଶିଖା ନଟରାଜନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟଙ୍କ ଘରେ ୨୫ ହଜାର ଟନ୍ ସୁନା

**ନୂଆଦିଲ୍ଲୀ, ୨୨।୬:** ଭାରତୀୟମାନେ ସୁନା ପ୍ରିୟ। ଦେଶର ମନ୍ଦିର ସମେତ ପରିବାରଗୁଡ଼ିକରେ ପ୍ରାୟ ୨୫ ହଜାର ଟନ୍ ସୁନା ଗଚ୍ଛିତ ରହିଛି। ଏହି ସୁନାର ବର୍ତ୍ତମାନ ମୂଲ୍ୟ ପ୍ରାୟ ୨.୪ ଲକ୍ଷ କୋଟି ଡଲାର ବୋଲି ୱାର୍ଲଡ ଗୋଲଡ୍ କାଉନସିଲ୍ ପକ୍ଷରୁ କୁହାଯାଇଛି। ୨୦୨୫-୨୬ରେ ଭାରତର ନାମମାତ୍ର ଜିଡିପିର ଏହା ପ୍ରାୟ ୫୬ ପ୍ରତିଶତ। ତେବେ ଭାରତର ମନ୍ଦିର ଓ

### ପାକ୍ ଅର୍ଥନୀତି ତୁଳନାରେ ୬ ଗୁଣା ଅଧିକ

ପରିବାରଗୁଡ଼ିକରେ ଗଚ୍ଛିତ ଥିବା ସୁନାର ମୂଲ୍ୟ ପଡ଼ୋଶୀ ପାକିସ୍ତାନ ଅର୍ଥନୀତିର ଆକାରଠାରୁ ୬ ଗୁଣା ଅଧିକ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ ପାକିସ୍ତାନର ଜିଡିପି ୨୦୨୪-୨୫ ଆର୍ଥିକବର୍ଷରେ ପ୍ରାୟ ୪୧୧ ବିଲିଅନ୍ ଡଲାର ରହିଛି। କେବଳ ସେତିକି ନୁହେଁ, ଭାରତୀୟ ପରିବାରଗୁଡ଼ିକରେ ମହଜୁଦ ଥିବା ସୁନାର ମୂଲ୍ୟ ଇଟାଲୀ ଏବଂ କାନାଡ଼ା ଭଳି ବିକଶିତ ଦେଶର ଜିଡିପି ତୁଳନାରେ ବି ଅଧିକ। ଇଟାଲୀର ଜିଡିପି ୨.୪ ଟ୍ରିଲିଅନ୍ ଡଲାର ଥିବାବେଳେ କାନାଡ଼ାର ଜିଡିପି ୨.୩୩ ଟ୍ରିଲିଅନ୍ ଡଲାର ରହିଛି।

ୟୁନିୟନ ବ୍ୟାଙ୍କ ଅଫ୍ ସ୍ୱିଜରଲାଣ୍ଡ୍‌ର ହିସାବ ଅନୁଯାୟୀ, ବଜାରରେ ସୁନା ମୂଲ୍ୟ ୨୦୧୯-୨୦ରୁ ଇତିମଧ୍ୟରେ ଦୁଇଗୁଣା ବଢ଼ିଛି। ଏଥିଯୋଗୁ ଭାରତୀୟ ପରିବାରଗୁଡ଼ିକର ସଂପତ୍ତି ବି ବଢ଼ିଯାଇଛି। ୨୦୨୬ ସୁଦ୍ଧା ସୁନା ମୂଲ୍ୟ ଆଉନ୍ସ ପିଛା ୩୫୦୦ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବିଶ୍ୱରେ ଉତ୍ତେଜନାମୂଳକ ଭୌଗୋଳିକ ରାଜନୈତିକ ପରିସ୍ଥିତି



ସହିତ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବାଣିଜ୍ୟ ଅସ୍ଥିରତା ପାଇଁ ସୁନା ଦର ବଢ଼ିବ ବୋଲି ଆକଳନ କରାଯାଇଛି। ଉଚ୍ଚମୂଲ୍ୟ ଯୋଗୁ ଭାରତର ସୁନା ଚାହିଦା ୨୦୨୫-୨୬ରେ କିଛିମାତ୍ରାରେ କମିବ। ନିଟ୍ ଆମଦାନୀ ୫୫ରୁ ୬୦ ବିଲିଅନ୍ ଡଲାର ବା ଜିଡିପିର ୧.୨ ପ୍ରତିଶତରେ ରହିବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ରେ ଭାରତର ସୁନା ଚାହିଦା ୭୨୫ ଟନ୍ ରହିବ। କିନ୍ତୁ ୨୦୨୬-୨୭ରେ ଏଥିରେ ଉନ୍ନତି ଘଟି ୮୦୦ ଟନ୍‌ରେ ପହଞ୍ଚିବ। ଅଷ୍ଟମ ବେତନ କମିସନ ସୁପାରିସ ଫଳରେ କର୍ମଚାରୀମାନଙ୍କୁ ଅଧିକ ୫୫ ବିଲିଅନ୍ ଡଲାର ଦରମା ମିଳିବ। ଏହାର ପ୍ରଭାବରେ ସୁନା ଚାହିଦା ବଢ଼ିବ ବୋଲି କୁହାଯାଇଛି। ଉଚ୍ଚମୂଲ୍ୟ ସତ୍ତ୍ୱେ ଭାରତର ସୁନା ଚାହିଦା ୨୦୨୪-୨୫ରେ ଉଚ୍ଚସ୍ତରରେ ରହିଥିଲା। ଭାରତରେ ଗ୍ରାହକଙ୍କ ଚାହିଦା ୭୮୨ ଟନ୍ ଥିଲା, ଯାହାକି କରୋନା ମହାମାରୀର ପୂର୍ବସ୍ଥିତିରେ ଥିବା ଚାହିଦା ତୁଳନାରେ ୧୫ ପ୍ରତିଶତ ଅଧିକ। ୨୦୨୪ରେ ଆମଦାନୀ ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରାଯିବା ଫଳରେ ସ୍ୱର୍ଣ୍ଣ ଦଣ୍ଡ ଏବଂ ମୁଦ୍ରାରେ ନିବେଶ ବାର୍ଷିକ ଭିତ୍ତିରେ ୨୫ ପ୍ରତିଶତ ବୃଦ୍ଧି ପାଇଛି। ଭାରତର ପରିବାରଗୁଡ଼ିକରେ ଏତେ ମାତ୍ରାରେ ସୁନା ଗଚ୍ଛିତ ଥିଲେ ମଧ ତାହାକୁ ମନିଟାଇଜେସନ୍ (ଅର୍ଥରେ ରୂପାନ୍ତର) ପାଇଁ ବ୍ୟବହାର କରିବାରେ କମ୍ ଉପଯୋଗ କରାଯାଉଛି। ବ୍ୟାଙ୍କ ଏବଂ ଅଣବ୍ୟାଙ୍କିଂ ପ୍ରତିଷ୍ଠାନଗୁଡ଼ିକର ଉଦ୍ୟମ ସତ୍ତ୍ୱେ ପରିବାରଗୁଡ଼ିକରେ ଗଚ୍ଛିତ ଥିବା ସୁନାର ୨ ପ୍ରତିଶତରୁ କମ୍ ଋଣ ପାଇଁ ବନ୍ଧକ ରଖାଯାଉଛି। ସୁନା ପ୍ରତି ଲୋକଙ୍କର ରହିଥିବା ଆବେଗିକ ବନ୍ଧନ କାରଣରୁ ଗୋଲ୍ଡ ମନିଟାଇଜେସନ୍ ସ୍କିମ୍ ଏବଂ ସଭରେନ୍ ଗୋଲ୍ଡ ବଣ୍ଡ୍ ସେତେଟା ସଫଳ ହେଉନାହିଁ। ଘରୋଇ ଭାବେ ବିଶ୍ୱରେ ଗଚ୍ଛିତ ରଖାଯାଇଥିବା ମୋଟ ସୁନା ମଧ୍ୟରୁ ୧୪ ପ୍ରତିଶତ ଭାରତୀୟ ପରିବାରଗୁଡ଼ିକରେ ରହିଛି। ଭାରତ ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଛି। ସୁନା ସହିତ ଭାରତୀୟ ପରିବାରଗୁଡ଼ିକର କେବଳ ଆବେଗିକ ସଂପର୍କ ନାହିଁ, ବରଂ ଏଥିପାଇଁ ସେମାନେ ଧନୀ ମଧ ହେଉଛନ୍ତି। ବିଶ୍ୱରେ ଅସ୍ଥିରତା ଲାଗି ରହିଥିବାବେଳେ ଭାରତୀୟମାନଙ୍କର ପୁରୁଣା ବିଶ୍ୱାସ ସେମାନଙ୍କୁ ଲାଭ ଦେଉଛି ବୋଲି ୟୁବିଏସ୍ ପକ୍ଷରୁ କୁହାଯାଇଛି।

### ସୁନା ରୂପା ଦର



ଆଜି ୨୭୦ ଟଙ୍କା ସୁନା ଦର ବୃଦ୍ଧି ହୋଇଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୩୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୦,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୩୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୭୫୦ ଓ ୯୨, ୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୨୦ , ୦୦୦ ଟଙ୍କା ହୋଇଛି।

### ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ନବୀନଙ୍କ ପାଇଁ ବିଜେଡ଼ିର ରୁଦ୍ରାଭିଷେକ ଏବଂ ଦୀପଦାନ

**ବିଞ୍ଝାରପୁର,୨୨।୬ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ଥିବାରୁ ସେ ମୁମ୍ବାଇକୁ ଚିକିତ୍ସା,ଅସ୍ତ୍ରୋପଚାର ଲାଗି ଯାଇଛନ୍ତି । ଦଳ ସଭାପତିଙ୍କ ସଫଳ ଅସ୍ତ୍ରୋପଚାର ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ଦେବାଦେବୀଙ୍କ ପୀଠରେ ଦୀପ ଦାନ ସହ ପୂଜା ଅର୍ଚ୍ଚନା କରିଛନ୍ତି ବିଜେଡ଼ିର ବିଧାୟିକା, ବିଧାୟକ ଓ କର୍ମୀମାନେ। ବିଞ୍ଝାରପୁରର ବିଧାୟିକା ପ୍ରମିଳା ମଲ୍ଲିକ ଶୈବପୀଠ ବରୁଣେଶ୍ୱର ପୀଠରେ ରୁଦ୍ରଭିସେକ କରିବା ସହ କର୍ମୀମାନେ ସମୂହ ଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ୍ ସଭାପତି ନନ୍ଦ କିଶୋର ସାମଲ, ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ଖଗେଶ୍ୱର ମହାନ୍ତି, ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ପାର୍ବତୀ ମଲ୍ଲିକ, କାର୍ତ୍ତିକ ଚନ୍ଦ୍ର ଧଳ, ଯୁବ ସଭାପତି ଦିଲ୍ଲୀପ କୁମାର ରାଉଳ, ବଟକୃଷ୍ଣ ନାୟକ, ମନୋଜ ସାମଲ, ପ୍ରଦୀପ କୁମାର ମହାନ୍ତି, ମୁକ୍ତିକାନ୍ତ ସାମଲ, ଛାତ୍ର ସଭାପତି ଲେଲିନ୍ କୁମାର ଦାସ୍, ଶ୍ୟାମସୁନ୍ଦର ବେହେରା, ଭାରତୀ କାଣ୍ଡି, ଅଶୋକ ସାହୁ, ଶୁଖରଞ୍ଜନ ପରିଡ଼ା, ଧ୍ରୁବଚରଣ ସେଠୀ, ସୁଶାନ୍ତ ରାଉତ ରାୟ, ସରୋଜ ସାମଲ ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଦୀପ ପ୍ରଦାନ କରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ନବୀନଙ୍କ ଶୁଭ ମନାସି ଜାନିଗୁଡାବାସୀଙ୍କ ପ୍ରଭୁଯୀଶୁଙ୍କ ନିକଟରେ ପ୍ରାର୍ଥନା



**ବୋରିଗୁମ୍ମା,୨୨।୬ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ଚିକିତ୍ସା ପାଇଁ ବମ୍ବେ ଯାଇଛନ୍ତି। ରବିବାର ତାଙ୍କର ଚିକିତ୍ସା ଆରମ୍ଭ ହେବ। ଆଜି ଜାନିଗୁଡା ବିଜେଡି ପକ୍ଷରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା ଏବଂ ବୋରିଗୁମ୍ମା ବ୍ଲକ ଜାନିଗୁଡ଼ା ସ୍ଥିତ ବେରସେଭା ଚର୍ଚ୍ଚରେ ପାଳକ ଏବଂ ବିଶ୍ୱାସୀ ଭାଇ ଭଉଣୀ ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକଙ୍କର ଆରୋଗ୍ୟ ଏବଂ ନବୀନ ବାବୁ ଶିଘ୍ର ସୁସ୍ଥ ହୋଇ ଫେରି ଆସନ୍ତୁ ବୋଲି ପ୍ରଭୁଯୀଶୁଙ୍କ ଚରଣତଳେ ପ୍ରାର୍ଥନା କରିଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଦୀପଦାନ



**ସୁନ୍ଦରଗଡ,୨୨।୬ (ସଂଚାର ବ୍ୟୁରୋ):** ଓଡିଶାର ଜନମାନସର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁମ୍ବାଇ ସ୍ଥିତ କୋକିଳାବେନ ଚିକିତ୍ସାଳୟରେ ଅସ୍ତ୍ରପୋଚାର ହୋଇଯାଇଛି। ଏହି ପରିପେକ୍ଷୀରେ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆଶୁଆରୋଗ୍ୟ କାମନା ନିମନ୍ତେ ବିଜୁ ଜନତା ଦଳର ନିର୍ଦ୍ଦେଶ କ୍ରମେ ଏବଂ ବିଜୁ ଜନତା ଦଳ ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବଣାଇଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଯଥାକ୍ରମେ ବଣାଇଁଗଡ ଦେଓଗାଁ ସ୍ଥିତ ବାବା ବାଣେଶ୍ୱର ମନ୍ଦିର, ଲହୁଣୀପଡ଼ା ସ୍ଥିତ ହନୁମାନ ମନ୍ଦିର, କୋଇଡା ସ୍ଥିତ ଜଗନ୍ନାଥ ମନ୍ଦିର, ସବଲାଙ୍ଗ ସ୍ଥିତ ଜଗନ୍ନାଥ ମନ୍ଦିର, ଯୋଡ଼ାବନ୍ଧ ସ୍ଥିତ ଜଗନ୍ନାଥ ମନ୍ଦିର, ଜରଡ଼ା ବୁଦେଲବହାଲ ସ୍ଥିତ ଶିବ ମନ୍ଦିରରେ ସାମୁହିକ ଭାବେ ଦୀପଦାନ ଏବଂ ଆଶୁଆରୋଗ୍ୟ ନିମନ୍ତେ ପ୍ରାର୍ଥନା ସଭା ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଣଜିତ କିସାନ, ଜିଲ୍ଲା ପରିଷଦ ଉପାଧକ୍ଷ କମଳ ଲାକ୍ରା,ବିରବିଚିତ୍ର ସେନ ନାୟକ, ଅଶୋକ ନାୟକ,ମଞ୍ଜୁଲତା କିସାନ, ଜୁଲିଆଣୀ କାନ୍ଦିର,ରଘୁନାଥ ସାହୁ,ଗୌତମ ବାରିକ, ରସୁଆଲ ଓରାମ, କରୁଣାକର ପାତ୍ର, ବାଣେଶ୍ୱର ସାହୁ, ପ୍ୟାରା ବାର୍ଲା, ଗୁରୁ ସ୍ୱାଇଁ, ଅଜୟ ନାୟକ,ବିନତି ବେହେରା, କେଦାର ମହାନ୍ତ, ଆଲୋକ ପଟେଲ, ଟିଟୁନ ଦାଶ, କୁଳମଣି ପ୍ରଧାନ,ପାର୍ଥସାରଥୀ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସ୍ଥାନରେ ହୋଇଥିବା ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ।

### ଟାଙ୍ଗପଦର ଗାଁ ପ୍ରତି ସରକାରଙ୍କ ଅବହେଳା କାହିଁକି ?

# ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ

**କଳାହାଣ୍ଡି,୨୨।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତର ଏକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗାଁ ହେଉଛି ପଟାଙ୍ଗପଦର। ୪୫ଟି ପରିବାର ରହୁଥିବା ଏହିଗାଁରେ ତିନି ଗୋଟି ପଡା ରହିଛି। ଦୁଇ ଗୋଟି ଆଦିବାସୀ ପଡା ରହିଥିବା ବେଳେ ଗୋଟିଏ ଦଳିତ ପଡା ରହିଛି। ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା ଓ ପାନୀୟ ଜଳ। ଲାଖବାହାଲି ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୫ କିମି ଦୂରରେ ଥିଲେ ମଧ ଅବହେଳିତ ହୋଇ ରହିଛି ଏହି ଗାଁ।

ମୁଖ୍ୟ ରାସ୍ତାଠାରୁ ୨ କି.ମି ଦୂର ମାଟି ରାସ୍ତାରେ ଯିବା ପରେ ସେଠାରୁ ପାଦ ଚଲା ଜମି ହିଡ ରାସ୍ତାରେ ପୁଣି ୩ କି.ମି ଗଲେ ଏହି ପଟାଙ୍ଗ ପଦର ଗାଁ ପଡ଼ିଥାଏ। ରାଜା ରାଜୁଡା ଅମଳରୁ ରହୁଥିବା ଆଦିବାସୀ ଗାଁକୁ ୪୫ଟି ମାଟିଘର ମଧରୁ ମାତ୍ର କିଛି ଲୋକଙ୍କୁ ମିଳିଛି ଆବାସ ଯୋଜନା ଗୃହ । ଗାଁରେ ଥିବା ୫ଟି ନଳକୂପ ମଧରୁ ଆଦିବାସୀ ପଡ଼ାରେ ଥିବା ୩ଟି ନଳକୂପରେ ସୋଲାର ପମ୍ପ ସଂଯୋଗ ପରେ ତାହା ୫ ବର୍ଷ ହେଲା ଅଚଳ ହୋଇ ରହିଥିବା ବେଳେ



ଅନ୍ୟ ୨ଟିରେ କମ ପରିମାଣରେ ପାଣି ବାହାରୁଛି। ତେଣୁ ଦେଢ଼ କିମି ଦୂର ଯାଇ ଗାଁ ନିକଟସ୍ଥ ଚାଷ ଜମି କଡ଼ରୁ ବାହାରୁଥିବା ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଖୋଲା ଆକାଶ ତଳେ ରହିଥିବା ଏହି ପାଣିକୁ ଛାଣିକି ଆଣି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଯାହା ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ଗାଁ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଆଜି ଯାଏ ଦେଖିନୁ ବୋଲି କହିଛନ୍ତି ଗାଁ ଲୋକେ। ଗାଁରେ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ୧୦ କି:ମି ଦୂର ବେନଗାଁ ଉଚ୍ଚ ବିଦ୍ୟାଳୟକୁ ଓ ୫ କିମି ଦୂର ଲାଖବାହାଲି ଉଚ୍ଚ ବିଦ୍ୟାଳୟକୁ ଯିବାକୁ ପଡିଥାଏ। କିନ୍ତୁ ପଟାଙ୍ଗ ପଦର ଓ ଲାଖବାହାଲି ମଝିରେ ଏକ ନାଳ ଥିବା ଯୋଗୁଁ ବର୍ଷା ଦିନେ ଅଧିକାଂଶ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ରହନ୍ତି। ସେହିପରି ଅଙ୍ଗନବାଡି କେନ୍ଦ୍ର ଗାଁରେ ନଥିବାରୁ ଗାଁର କୋମଳମତି ଶିଶୁ ମାନେ ୨ କି:ମି ଦୂର ନିକଟସ୍ଥ ସରଗୁଡା ଗାଁକୁ ଯିବାକୁ ପଡେ । ବର୍ଷା ଦିନେ ଗମନା ଗମନ ଅସମ୍ଭବ ଯୋଗୁଁ ପିଲାଙ୍କ ପାଠରେ ଡୋରି ବନ୍ଧା ହୁଏ।

କିଛି ଦିନ ହେଲା ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ରାସ୍ତାରେ ମାଟି ପକାଉଥିବା ଗାଁ ଲୋକେ କହିଛନ୍ତି। ଗାଁର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେବି ପ୍ରଶାସନ ପକ୍ଷରୁ ଗାଁକୁ ଦୃଷ୍ଟି ଦେଇନଥିବା ଯୋଗୁଁ ବର୍ଷ ବର୍ଷ ଧରି ଗାଁଟି ଅପହଞ୍ଚ ହୋଇ ରହିଯାଇଛି। ଯଦି ଗାଁ ସମସ୍ୟା ଦୂର ନ ହୁଏ ଆଗାମୀ ପଂଚାୟତ ନିର୍ବାଚନରେ ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର



**ବାଲିପାଟଣା,୨୨।୬ (ସଂଚାର ବ୍ୟୁରୋ):** ଷଣ୍ଢ ଆକ୍ରମଣରେ ଆଜି ଜଣେ ବୃଦ୍ଧ ଗୁରୁତର। ସୂଚନା ମୁତାବକ ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୁଆପୁର ଠାରେ ନିଜ ବାଡ଼ିରେ କାର୍ତ୍ତିକା ଭୋଇ (୭୦) ବାଇଗଣ ତୋଳୁଥିବା ସମୟରେ ହଠାତ ଷଣ୍ଢଟି ଆସି କାର୍ତ୍ତିକାଙ୍କୁ ଆକ୍ରମଣ କରିଥିଲା। କାର୍ତ୍ତିକା ପାଟି କରିବାରୁ ଗ୍ରାମବାସୀ ଆସି ଷଣ୍ଢକୁ ଘଉଡାଇ ଥିଲେ ଏବଂ ସଙ୍ଗେ ସଙ୍ଗେ କାର୍ତ୍ତିକାକୁ ଚିକିତ୍ସା ନିମନ୍ତେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ରେଫର୍ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ କାର୍ତ୍ତିକାଙ୍କର ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସହ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କ୍ୟାପିଟାଲ ହସ୍ପିଟାଲର ଡ଼ାକ୍ତର ସୂଚନା ଦେଇଛନ୍ତି। ଏଠାରେ ଲୋକ ମାନଙ୍କ ଅଭିଯୋଗ କ୍ରମେ ଷଣ୍ଢଟି ୧ବର୍ଷ ହେବ ପାଗଳ ହୋଇଯାଇଛି। ୧ବର୍ଷ ମଧରେ ଆଜି ପର୍ଯ୍ୟନ୍ତ ୭ଜଣରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଛି। ବନ ବିଭାଗ ଓ ବିଏମ୍ସିକୁ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ଏଟା ଆମ କାମ ନୁହେଁ ତମେ ବିଏମ୍ସିକୁ କୁହ କହି ସିଧା ସିଧା ମନା କରି ଦେଉଛି। ଯାହାକୁ ନେଇ ସାରା ଅଞ୍ଚଳରେ ଏକ ପ୍ରକାର ଅସନ୍ତୋଷ ଦେଖା ଦେଇଛି।

## ବେଣାପୁର ଓଭର ବ୍ରିଜ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଦାବି

**ଯାଜପୁର ରୋଡ଼,୨୨।୬ (ସଂଚାର ବ୍ୟୁରୋ):** କୋରେଇ ଅଂଚଳ ସିମା ଭିତରେ ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦ ଲମ୍ବିଛି। ଏହାର ୪ ଥାକିଆ ରାସ୍ତା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘ ଦିନ ଧରି ଚାଲୁ ରହିଛି । ଯାଜପୁର ରୋଡର ପ୍ରବେଶ ପଥ ବେଣାପୁର ବାଇପାସ ( ଜହ୍ନା ଛକ) ଠାରେ ନିର୍ମିତ ଓଭର ବ୍ରିଜ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜାତୀୟ ରାଜପଥ ଅଧିକାରୀ ଓ ଠିକା ସଂସ୍ଥାର ଦୁରଦୃଷ୍ଟି ଅଭାବରୁ ଆଜି ଏହା ଗମନାଗମନ ଯୋଗ୍ୟ ହୋଇ ପାରିନାହିଁ। ଆଜି କୋରେଇର ଯୁବନେତା ବିକ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଅଂଚଳବାସୀ ଏକତ୍ରିତ ହୋଇ ଏହି ଓଭର ବ୍ରିଜକୁ ତୁରନ୍ତ ଖୋଲିବା ପାଇଁ ପ୍ରଶାସନ ଓ ସରକାରଙ୍କ ପାଖରେ ଦାବି ରଖିଛନ୍ତି ।



କେନ୍ଦୁଝର, ଯୋଡ଼ା, ବଡ଼ବିଲ ଠାରୁ ଆରମ୍ଭ କରି ଏପଟେ ଭଦ୍ରକ, ବାଲେଶ୍ୱର, କଟକ ଓ ଭୁବନେଶ୍ୱରକୁ ଶହ ଶହ ଯାତ୍ରିବାହୀ ଗାଡି ଓ ମାଲବାହୀ ଭାରୀଯାନ ଏହି ରାସ୍ତାରେ ଯାତାୟାତ କରୁଛି । କଳିଙ୍ଗନଗର ଶିଳ୍ପାଂଚଳକୁ ଓ ଖଣି ଅଂଚଳରୁ କଂଚାମାଲ ମଧ ଏହି ରାସ୍ତା ଦେଇ ପରିବହନ ହେଉଥିବାରୁ ଓଭର ବ୍ରିଜ କାର୍ଯ୍ୟକ୍ଷମ ନହେବା ଫଳରେ ସର୍ଭିସ ରୋଡରେ ବହୁତ ଭିଡ଼ ପରିଲକ୍ଷିତ ହେଉଛି। ଯାହା ଫଳରେ ଯିବା ଆସିବାରେ ରାସ୍ତାରେ ଅଚଳବସ୍ଥା ସୃଷ୍ଟି ହୋଇ ଦୀର୍ଘ ସମୟ ଧରି ରାସ୍ତା ଜାମ ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ରାସ୍ତାରେ ପାଣି ଜମି ରହିବା ସହ ଏହି ବାଇପାସ ରାସ୍ତାରେ ଅନେକ ଦୁର୍ଘଟଣା ଘଟିବା ସହ ପ୍ରଣାହାନୀ ମଧ ଘଟିଛି। ଏହି ରାସ୍ତାରେ ଅନେକ ସମୟରେ ଚୋରି ଓ ରାହାଜାନୀ ଘଟଣା ଘଟୁଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀକରଣର ବ୍ୟବସ୍ଥା ସହ ଖୁବଶୀଘ୍ର ଏହି ରାସ୍ତାକୁ ଖୋଲି ଗମନାଗମନ ଉପଯୋଗୀ କରିବାକୁ ଅଂଚଳବାସୀଙ୍କ ସହ ଯୁବନେତା ଶ୍ରୀ ବିଶ୍ୱାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସରକାର, ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ନିକଟରେ ଦାବି ରଖିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ଚେତାବନୀ ଦେଇଛନ୍ତ।

## ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀ ଜୀଉଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବା ନିମନ୍ତେ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ପାତାଳି ଶ୍ରୀକ୍ଷେତ୍ରଠାରେ ଶ୍ରୀଜୀଉଙ୍କ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ବୈଠକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଚଳିତ ରଥଯାତ୍ରାକୁ ଯେପରି ସରସ ସୁନ୍ଦର ତଥା ବ୍ୟବସ୍ଥିତ ଭାବରେ ଅନୁଷ୍ଠିତ କରାଯାଇପାରିବ ସେଥିପାଇଁ ଉପସ୍ଥିତ ସମସ୍ତ ଟ୍ରଷ୍ଟ କମିଟି ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ, ବୁଦ୍ଧିଜୀବୀଙ୍କ ମତାମତ ଆହ୍ୱାନ କରିଥିଲେ। ବୈଠକରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଅଧକ୍ଷତା କରି ଘୋଷଯାତ୍ରାକୁ ସୁଚାରୁ ସମ୍ପାଦନ ପାଇଁ ସମସ୍ତଙ୍କ ସମନ୍ୱୟ ଓ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନ ଗହଳିକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ପିଇବା ପାଣିର ବିଶୋଧନ ତଥା ଖାଦ୍ୟ ପଦାର୍ଥର ମାନ ପରୀକ୍ଷା ଉପରେ ଆବଶ୍ୟକ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଐତିହାସିକ ତଥା ପୌରାଣିକ ପୃଷ୍ଠଭୂମି ସହ ଜଡିତ ପବିତ୍ର ପାବନ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଘୋଷଯାତ୍ରା ଅବସରରେ ଚଳିତ ମାସ ୨୬ ତାରିଖରେ ନବଯୌବନ ଦର୍ଶନ, ୨୭ ତାରିଖରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ। ଅପରାହ୍ନ ୨ ଘଟିକା ସମୟରେ ରଥ ଟଣା ହେବ। ୫ ତାରିଖରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ମାସ ୦୭ ତାରିଖରେ ଅଧରପଣା ଓ ୦୮ତାରିରେ ତିନି ଠାକୁରଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ। ଚଳିତ ବର୍ଷ ଜନସମାଗମକୁ ଦୃଷ୍ଟିରେ ରଖି ଜୀଉଙ୍କ ଘୋଷଯାତ୍ରାର ବିଭିନ୍ନ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ପାଳନ କରିବା ଉପରେ ବିଶେଷ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।



## ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ବୋରିଗୁମ୍ମା,୨୨।୬ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସ୍ଥିତ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଠାରେ ଆନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ"ପାଇଁ ଯୋଗ ସନ୍ଦେଶ ନେଇ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ତରଫରୁ ଏହି କାଯ୍ୟକ୍ରମ ମିଳିତ ଭାବେ ଆୟୋଜିତ ହୋଇଥିଲା। ଏହି କାଯ୍ୟକ୍ରମ ଉଦଘାଟନ ଅବସରରେ ଅତିଥି ରୂପେ ଗଭର୍ଣ୍ଣିଙ୍ଗ ବଡିର ସଭାପତି କେ. ନାଗରାଜ ଦୋରା ଏବଂ ବିଇଡିଟିର ସଭାପତି ରାମ ଚନ୍ଦ୍ର ପାଢ଼ୀ ଓ ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ନାୟକ ଓ ଅଧକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଭାବେ ତନ୍ମୟ କୁମାର ପ୍ରଧାନ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏନଏସଏସର ପୋଗ୍ରାମ ଅଫିସର ଡକ୍ଟର ସଦାଶିବ ତ୍ରିପାଠୀ ଓ ୟୁଥ ରେଡ଼କ୍ରସର କାଉନସିଲର ଶ୍ରୀମତୀ ସନ୍ତୋଷିନୀ ପାଢ଼ୀ ଙ୍କ ତତ୍ୱାବଧାନ ରେ କାଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶତାଧିକ ଛାତ୍ର ଛାତ୍ରୀ, ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଓ ବୋରିଗୁମ୍ମା ର ସ୍ଥାନୀୟ ଅଧିବାସୀମାନେ ଏହି କାଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

## ଆମ୍ବଗଡ଼ିଆରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ବୈଶିଙ୍ଗା,୨୨।୬ (ସଂଚାର ବ୍ୟୁରୋ):** ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଭଗବାନପୁର ବୈଠକ ବଙ୍ଗଳାରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯୋଗ ପ୍ରଶିକ୍ଷକ ଭାବରେ ପିଞ୍ଛାବଣିଆ ବୈଦିକ ଗୁରୁକୂଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜି ଯୋଗଦାନ କରି ଯୋଗ ପ୍ରଶିକ୍ଷଣ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର ଓ ଗଛ ମଣିଷ ରବୀନ୍ଦ୍ର ବେହେରା ଏବଂ ଉପଦେଷ୍ଟା ଭାବରେ ଚକ୍ରଧର ଆଚାର୍ଯ୍ୟ ଯୋଗଦାନ ଦେବା ସହ ଯୋଗ କରିବାର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ଅଶୋକ କୁମାର ଝା , ବାଦଲ ସାହୁ, ବିଜୟ କୁମାର ବାରିକ, ଟୁନା ଗିରି, ବିକାଶ ଦାସ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଏହି ଶିବିରକୁ ସଞ୍ଚାଳନ କରିଥିଲେ। ବିଶ୍ୱନାଥ ମହାନ୍ତ, ସଂଯୁକ୍ତା ମହାପାତ୍ର, ସସ୍ମିତା ମହାପାତ୍ର, ଜୟସ୍ମିତା ମହାପାତ୍ର, ଶୁଭଙ୍କର ମହାପାତ୍ର, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦାନ କରିବା ସହ ଯୋଗ ପ୍ରଶିକ୍ଷଣ ନେଇଥିଲେ । ଶେଷରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।




## ପୋକ୍ସୋ ଓ କିଶୋର ନ୍ୟାୟ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର,୨୨।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅଳସୁଧାସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧୀକରଣ ତରଫରୁ ପୋକ୍ସୋ ଆଇନ, କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ଓ ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ସହକାରୀ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପୋକ୍ସୋ ଆଇନ ଅନୁଯାଇ ଶିଶୁମାନଙ୍କ ସହ ହେଉଥିବା ଯୌନ ଅପରାଧ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଓଡିଶା ପୀଡ଼ିତା କ୍ଷତିପୂରଣ ଯୋଜନା କାର୍ଯ୍ୟକାରୀ ହେଉଅଛି । ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ କହିଥିଲେ ଯେ ଶିଶୁମାନଙ୍କ ସହ ଦୁଷ୍କର୍ମ କରୁଥିବା ୧୮ ବର୍ଷରୁ ଉର୍ଦ୍ଧ ଦୁଷ୍କର୍ମୀଙ୍କୁ ପୋକ୍ସୋ ଆଇନ ଅନୁଯାଇ ଫାଶୀ କିମ୍ବା ଆଜୀବନ ଦଣ୍ଡରେ ଦଣ୍ଡିତ କରାଯାଇ ଜୋରିମାନାର ମଧ ବ୍ୟବସ୍ଥା ଅଛି । ତେଣୁ ଯୁବପିଢ଼ିମାନେ ଏହି ଅପରାଧରୁ ନିବୃତ୍ତ ରହିବା ଉଚିତ । ସେହିପରି ସହକାରୀ ଆଇନ ସହାୟତା ପ୍ରତିରକ୍ଷା ଓକିଲ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ

## ୨୫ରେ ବେତନଟୀରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ବୈଶିଙ୍ଗା,୨୨।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ସାଧାରଣ ଲୋକଙ୍କ ଅଭାବ ଅଭିଯୋଗ ଶୁଣିବା ପାଇଁ ଜିଲ୍ଲାପାଳ ମହୋଦୟ ପ୍ରତି ମାସ ୪ଟି ସୋମବାରରେ ସବଡିଭିଜନ ସ୍ତରୀୟ ଜନଶୁଣାଣୀ ଶିବିର ଯଥା ବାରିପଦା, କପ୍ତିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଠାରେ କରିଥାନ୍ତି। ବେତନଟୀ ବ୍ଲକର ଉପାନ୍ତ ଅଞ୍ଚଳରୁ ସଦର ମହକୁମା ବାରିପଦା ଯିବା ପାଇଁ ୫୫/୬୦କିଲୋମିଟର ରାସ୍ତା ଅତିକ୍ରମ କରି ଯିବାକୁ ପଡିଥାଏ, ଫଳରେ ବହୁଲୋକ ଯାଇ ପାରନ୍ତି ନାହିଁ। ସେ ସବୁକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେତନଟୀ ଠାରେ ଏହି ଜନ ଶୁଣାଣି ଶିବିର ଆୟୋଜନର ନିର୍ଦ୍ଦେଶ ଦେଇଥିବା ଖବର ପାଇ ଅଞ୍ଚଳବାସୀ ନିଜ ଦୁଃଖ ଜଣାଇବା ପାଇଁ ଖୁସି ଥିବା ଜଣାଯାଇଛି। ଅଭିଯୋଗ ଶୁଣାଣି ପାଇଁ ବୁଧବାର ୨୫ ଜୁନ ଦିନ ଧାର୍ଯ୍ୟ କରଯାଇଛି। ଏହିଦିନ ୧୦ ଟା ଠାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଜିଲ୍ଲାପାଳ, ଏସ୍ପି, ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ ବଡ଼ସାହି ବ୍ଲକ୍ର ସମସ୍ତ ଅଧିକାରୀଙ୍କୁ ନେଇ ଏହି ଜନ ଶୁଣାଣି ଆୟୋଜିତ ହେବାକୁ ଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବୈଶିଙ୍ଗା ହୋଟେଲରୁ ଦୁଇ ଶିଶୁ ଶ୍ରମିକ ଉଦ୍ଧାର



**ବୈଶିଙ୍ଗା,୨୨।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇଜଣ ଶିଶୁଶ୍ରମିକଂକୁ ବୈଶିଙ୍ଗା ବଜାର ସ୍ଥିତ ସାହୁ ଫାଷ୍ଟ ଫୁଡ୍ରୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି ବୋଲି କହିଛନ୍ତି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ। ଏହି ଚଢ଼ାଉରେ ସହଯୋଗ କରିଥିଲେ ଯଶିପୁରର ସହକାରୀ ଶ୍ରମ ଅଧିକାରୀ ସୈମିତ୍ ମହାନ୍ତ ବସ୍ତିଏରିଆ ଡେଭଲପମେ କାଉନସିଲ ଏନଜିଓର ଅନ୍ୟ ସମସ୍ତ ସାଥି ବନସ୍ମିତା ନାୟକ, ଅଙ୍କିତା ବାରିକ୍ ଆଦି ସହଯୋଗ କରିଥିଲେ। ଉଦ୍ଧାର ହୋଇଥିବା ଦୁଇଜଣ ପିଲା ବଡ଼ସାହି ବ୍ଲକ ବଦଲିଗାଁ ଅଞ୍ଚଳର ବୋଲି ଜଣାପଡିଛି ।

## ଡେଲାଙ୍ଗରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



**ଡେଲାଙ୍ଗ,୨୨।୬ (ସଂଚାର ବ୍ୟୁରୋ):** ଯୋଗ କେବଳ ଏକ ବ୍ୟାୟାମ ନୁହେଁ। ଏହା ଶରୀର ଏବଂ ମନ ସହିତ ନିଜକୁ ସଶକ୍ତ କରିବାର ଏକ ପଦ୍ଧତି। ଆଜିର ଜୀବନ, ଯାହା ଏତେ ଦ୍ରୁତ ଗତିରେ ଚାଲିଛି, ପ୍ରତ୍ୟେକ ବ୍ୟକ୍ତି ଯୋଗକୁ ସେମାନଙ୍କର ଦୈନନ୍ଦିନ ଅଭ୍ୟାସରେ ସାମିଲ କରିବା ଉଚିତ। ୨୧ ଜୁନ ୨୦୨୫ ର ବିଷୟବସ୍ତୁ ହେଉଛି "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ।" ଏହି ବିଷୟବସ୍ତୁ ବ୍ୟକ୍ତିଗତ କଲ୍ୟାଣ ଏବଂ ଗ୍ରହର ସ୍ୱାସ୍ଥ୍ୟ ମଧରେ ଆନ୍ତରିକ ସଂଯୋଗକୁ ଗୁରୁତ୍ୱାରୋପ କରେ। ଯୋଗ କେବଳ ଆମ ଭିତରେ ନୁହେଁ ବରଂ ପ୍ରାକୃତିକ ବିଶ୍ୱ ସହିତ ଆମର ପାରସ୍ପରିକ କ୍ରିୟାରେ ମଧ ସନ୍ତୁଳନ ବଢ଼ାଏ। ଯୋଗ ଆମକୁ ଅପଚୟକୁ କମ କରିବା, ପ୍ରଦୂଷଣ ହ୍ରାସ କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଉତ୍ସାହିତ କରେ।

ଏହି ଅବସରରେ ସାଉରିଆ ପଞ୍ଚାୟତ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର, ଘନିପୁର ପଞ୍ଚାୟତ ସ୍ୱାସ୍ଥ୍ୟ କେନ୍ଦ୍ର, ଘୋରଡ଼ିଆ ନୋଡାଲ ହାଇ ସ୍କୁଲ, ରାଧାମୋହନ ଦେବ ଉଚ୍ଚ ବିଦ୍ୟାପୀଠ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମେକ୍ ଇନ ଇଣ୍ଡିଆ ଓ ମିଡ଼ିଆ ପରିବାର ସହଯୋଗ ରେ ଯୋଗ ପ୍ରଶିକ୍ଷକ ତୁଷାର ବଳିୟାରସିଂହ ପ୍ରଶିକ୍ଷଣ ପ୍ରଦାନ ସହ ବୃକ୍ଷ ରୋପଣ ଶୁଭାରମ୍ଭ କରିଥିଲେ । ଏଥିରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ଆଶା ଦିଦି, ଜିଆରଏସ, ଶିକ୍ଷକ ଶିକ୍ଷୟତ୍ରୀ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକ ଓ ଗ୍ରାମବାସୀ ସାମିଲ ହୋଇଥିଲେ।



# ସବୁଜ ଭାରତର ଅମ୍ଳାନ ରତ୍ନ




ଗତ ଶତାବ୍ଦୀର ଷଷ୍ଠ ଦଶକରେ ଚୀନ୍ ଓ ପାକିସ୍ତାନ ସହ ଯୁଦ୍ଧ ସାଙ୍ଗକୁ ଆମ ଦେଶରେ ଦେଖାଦେଇଥିବା ଘୋର ଆର୍ଥିକ ସଂକଟ ଦେଶର ବୁଦ୍ଧିଜୀବୀ ଓ ଦେଶ ନିର୍ମାତାମାନଙ୍କୁ ବ୍ୟସ୍ତବିବ୍ରତ କରିଦେଇଥିଲା। ସବୁଠୁ ଚିନ୍ତାଜନକ ଥିଲା ଖାଦ୍ୟ ସଂକଟ। ଖାଦ୍ୟାଭାବ ଯୋଗୁଁ ସମଗ୍ର ଦେଶବାସୀ ତ୍ରାହି ତ୍ରାହି ଡାକ ଛାଡ଼ିଥିଲେ। ଏଥିରୁ ମୁକୁଳିବା ପାଇଁ ଆଧୁନିକ ଜ୍ଞାନକୌଶଳକୁ ଆଦରି ଉଚ୍ଚ ଉତ୍ପାଦନକ୍ଷମ ବିହନର ସମୟୋଚିତ ବ୍ୟବହାର ପୂର୍ବକ ଦେଶରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ଜନସାଧାରଣଙ୍କୁ ଆଶ୍ୱସ୍ତ କରିଥିଲା। କୃଷି ଯନ୍ତ୍ରପାତି ସାଙ୍ଗକୁ ଜଳସେଚନ, ସାର ଓ କୀଟନାଶକର ପ୍ରୟୋଗ ଆଦିକୁ ଗ୍ରହଣ କରିଥିବା ସେହି ସବୁଜ ବିପ୍ଳବର ଜନକ ହେଉଛନ୍ତି ପ୍ରଖ୍ୟାତ କୃଷି ବିଜ୍ଞାନୀ ମାଙ୍କୋମ୍ବୁ ସାମ୍ବଶିବନ୍ ସ୍ୱାମୀନାଥନ୍ (ଏମ୍. ଏସ୍. ସ୍ୱାମୀନାଥନ୍)। ସେହି ମହାନ୍ ମନୀଷୀଙ୍କୁ ନିକଟରେ ଭାରତ ସରକାର ମରଣୋତ୍ତର ଭାବେ 'ଭାରତରତ୍ନ' ପ୍ରଦାନ କରିଛନ୍ତି।

୧୯୨୫ ଅଗଷ୍ଟ ୭ ତାରିଖରେ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଗତ କୁମ୍ବକୋନମ୍ ଠାରେ ଡାକ୍ତର ପିତା ଏମ୍.କେ. ଶାମ୍ବଶିବନ୍ ଓ ଗୃହିଣୀ ମାତା ପାର୍ବତୀ ଥାଙ୍ଗାମାଲ୍‌ଙ୍କ କୋଳମଣ୍ଡନ କରିଥିଲେ ଏମ୍ଏସ୍। ସ୍ଥାନୀୟ ବିଦ୍ୟାଳୟରୁ ମାଟ୍ରିକ୍ ଶିକ୍ଷା ପରେ ସେ ମହାରାଜା କଲେଜରୁ ଜୀବବିଜ୍ଞାନରେ ସ୍ନାତକ ଶିକ୍ଷା ସାରିଥିଲେ। କୃଷି ପ୍ରତି ଅହେତୁକ ଆକର୍ଷଣ ରହିଥିବାରୁ ସ୍ୱାମୀନାଥନ୍ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ କୃଷି ବିଜ୍ଞାନରେ ପୁଣି ସ୍ନାତକ ଡିଗ୍ରି ହାସଲ କରିଥିଲେ। ବେଙ୍ଗଲ ଦୁର୍ଭିକ୍ଷକୁ ଅଙ୍ଗେ ନିଭାଇଥିବା ଏହି କୃଷି ବିଜ୍ଞାନୀ ଦେଶର ଖାଦ୍ୟାଭାବ ଲଢ଼େଇରେ ଜୀବନକୁ ଉତ୍ସର୍ଗ କରିଦେବାକୁ ସଂକଳ୍ପ କରିଥିଲେ। ତେଣୁ ଦେଶ ସ୍ୱାଧୀନ ହେବା ପରେ ସେ ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ଯୋଗ ଦେଇ ଉଦ୍ଭିଦ ପ୍ରଜନନ ବିଜ୍ଞାନରେ ମନୋନିବେଶ କରିଥିଲେ। ଶସ୍ୟରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଜୀବକୋଷ ପ୍ରଜନନ ବିଜ୍ଞାନ (ସାଇଟୋଜେନେଟିକ୍ସ)ରେ ସ୍ନାତକୋତ୍ତର

**ଖାଦ୍ୟଶସ୍ୟ ଉତ୍ପାଦନରେ ବିଶେଷ ଅବଦାନ ପାଇଁ ସ୍ୱାମୀନାଥନଙ୍କୁ ୧୯୭୧ରେ ରମନ ମାଗ୍‌ସେସେ ସମ୍ମାନ, ୧୯୮୬ରେ ଆଲବର୍ଟ ଆଇନଷ୍ଟାଇନ୍ ବିଶ୍ୱ ବିଜ୍ଞାନ ସମ୍ମାନ, ୧୯୮୭ରେ ବିଶ୍ୱ ଖାଦ୍ୟ ସମ୍ମାନ, ୧୯୯୯ରେ ୟୁନେସ୍କୋ ଗାନ୍ଧୀ ସ୍ୱର୍ଣ୍ଣ ପଦକ ଓ ୨୦୦୦ରେ ଫ୍ରାଙ୍କଲିନ୍ ରୁଜଭେଲ୍ଟ ଫୋର୍ ଫ୍ରିଡମ୍ ସମ୍ମାନ ଆଦି ଆନ୍ତର୍ଜାତିକ ସମ୍ମାନ ମିଳିଥିଲା।**

ସାରି ୟୁନେସ୍କୋ ପକ୍ଷରୁ ଫେଲୋସିପ୍ ପାଇ ଉନ୍ନତ କିସମ ଆଳୁ ଉପରେ ଗବେଷଣା ଲାଗି ଆମେରିକା ଯାତ୍ରା କରିଥିଲେ। ସେଠାରୁ ଫେରି ସେ ୧୯୫୪ରୁ ଆଇଏଆର୍‌ଆଇରେ ଜଣେ ବୈଜ୍ଞାନିକ ଭାବରେ ନାନା ଗବେଷଣାରେ ଲିପ୍ତ ରହିଲେ। ଏହି ଅବସରରେ ନରମାନ୍ ବୋର୍ଲାଗଙ୍କ ସଂସ୍ପର୍ଶରେ ଆସି ଏମ୍ଏସ୍ ଭାରତୀୟ ମୃତ୍ତିକା ସହନଶୀଳ ବିଭିନ୍ନ କିସମର ବିହନ ବିକଶିତ କରିଥିଲେ। ବିଶେଷ କରି ଉତ୍ତର ଭାରତୀୟ କୃଷକଙ୍କ ମନରେ ଭରସା ଆଣି ସେ ଅତି ଅମଳକ୍ଷମ ଗହମକୁ ଲୋକପ୍ରିୟ କରାଇଥିଲେ। ତାଙ୍କରି ଉଦ୍ୟମରେ ଦେଶ ୧୯୭୦ ବେଳକୁ ମାତ୍ର ଚାରିଟି ଶସ୍ୟଋତୁରେ ଗହମ ଉତ୍ପାଦନକୁ ଦୁଇଗୁଣା କରିପାରିଥିଲା। ୧୯୭୯ରେ ସେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ମହାନିର୍ଦ୍ଦେଶକ ହେବା ସହ ୧୯୮୨ରେ ପ୍ରଥମ ଏସୀୟ ଭାବେ ଫିଲିପାଇନ୍ସ ସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ହୋଇଥିଲେ। ୨୦୦୪ରେ ସେ ଜାତୀୟ କୃଷକ ଆୟୋଗର ଅଧକ୍ଷ ନିଯୁକ୍ତ ହୋଇ କୃଷକଙ୍କ ଉପରେ ଜାତୀୟ ଯୋଜନା ପ୍ରଣୟନ କରିଥିଲେ, ଯାହା ଯୁବକମାନଙ୍କୁ କୃଷି ପ୍ରତି ବିଶେଷ ଆକର୍ଷିତ କରିଥିଲା। ୨୦୦୭ରେ ରାଜ୍ୟସଭାକୁ ମନୋନୀତ ହୋଇ ସେ ୨୦୧୧ର ମହିଳା ଚାଷୀ ନ୍ୟାଯ୍ୟ ଅଧିକାର ବିଲ୍ ଆଗତ କରିଥିଲେ। ଖାଦ୍ୟଶସ୍ୟ ଉତ୍ପାଦନରେ ବିଶେଷ ଅବଦାନ ପାଇଁ ସ୍ୱାମୀନାଥନଙ୍କୁ ୧୯୭୧ରେ ରମନ ମାଗ୍‌ସେସେ ସମ୍ମାନ, ୧୯୮୬ରେ ଆଲବର୍ଟ ଆଇନଷ୍ଟାଇନ୍ ବିଶ୍ୱ ବିଜ୍ଞାନ ସମ୍ମାନ, ୧୯୮୭ରେ ବିଶ୍ୱ ଖାଦ୍ୟ ସମ୍ମାନ, ୧୯୯୯ରେ ୟୁନେସ୍କୋ ଗାନ୍ଧୀ ସ୍ୱର୍ଣ୍ଣ ପଦକ ଓ ୨୦୦୦ରେ ଫ୍ରାଙ୍କଲିନ୍ ରୁଜଭେଲ୍ଟ ଫୋର୍ ଫ୍ରିଡମ୍ ସମ୍ମାନ ଆଦି ଆନ୍ତର୍ଜାତିକ ସମ୍ମାନ ମିଳିଥିଲା। ସେହିପରି ଦେଶ ଭିତରେ ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ସମ୍ମାନ, ଇନ୍ଦିରା ଗାନ୍ଧୀ ପୁରସ୍କାର ସମେତ ୧୯୬୭ରେ ପଦ୍ମଶ୍ରୀ, ୧୯୭୨ରେ ପଦ୍ମଭୂଷଣ ଓ ୧୯୮୯ରେ ପଦ୍ମବିଭୂଷଣ ଆଦି ସମ୍ମାନ ମିଳିଥିଲା। ୨୦୨୩ ସେପ୍ଟେମ୍ବର ୨୮ ତାରିଖରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ପରଲୋକ ହୋଇଥିଲା।



## ଛେଳି ବୁଝିପାରେ ମଣିଷର ମନୋଭାବ!

ମଣିଷ ସ୍ୱରକୁ ଶୁଣି ଛେଳିମାନେ ମଣିଷର ମନର ଭାବକୁ ବୁଝିପାରିଥା'ନ୍ତି ବୋଲି ଗବେଷକମାନେ ଜାଣିପାରିଛନ୍ତି। ବିଶେଷ କରି ଜଣେ ବ୍ୟକ୍ତି ଖୁସିରେ ବା ଦୁଃଖରେ ଅଛି ନା ବିରକ୍ତ ହେଉଛି, କଣ୍ଠସ୍ୱରରୁ ଛେଳିମାନେ ତାହା ଠଉରାଇପାରନ୍ତି। ମଣିଷ ପାଖରେ ଦୀର୍ଘ କାଳ ଧରି ଚଳପ୍ରଚଳ ହୋଇ ଆସିଥିବାରୁ ଛେଳିମାନେ ଏପରି ଦକ୍ଷତା ଆହରଣ କରିପାରିଛନ୍ତି ବୋଲି ହଂକଂ ସ୍ଥିତ ସିଟି ବିଶ୍ୱବିଦ୍ୟାଳୟର ଗବେଷକମାନେ ସ୍ପଷ୍ଟ କରିଛନ୍ତି। ସତେଇଶଟି ବିଭିନ୍ନ ପ୍ରଜାତି ଓ ବୟସର ଉଭୟ ମାଈ ଓ ଅଣ୍ଡିରା ପୋଷା ଛେଳିଙ୍କୁ ଏକ ଅନୁଧ୍ୟାନରେ ସାମିଲ କରାଯାଇଥିଲା। ମଣିଷମାନଙ୍କ କଣ୍ଠସ୍ୱରରୁ ସେମାନଙ୍କ ମନର ଭାବକୁ ତର୍ଜମା କରି ଛେଳିମାନେ ନିଜ ବୋବାଳିରେ ଅନୁରୂପ ପ୍ରତିକ୍ରିୟା ଦର୍ଶାଇଥା'ନ୍ତି ବୋଲି ଜଣାପଡ଼ିଥିଲା। ସେହିପରି କୁକୁର ଓ ଘୋଡ଼ାଙ୍କ ପରି ଛେଳିମାନେ ମଧ ମନୁଷ୍ୟର ମୁହଁର ଭାବକୁ ଚିହ୍ନିପାରିଥା'ନ୍ତି ବୋଲି ପୂର୍ବରୁ ହୋଇଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି। ତେବେ ମନୁଷ୍ୟର କଣ୍ଠସ୍ୱର ଦ୍ୱାରା ଛେଳି ପରି ନିରୀହ ପ୍ରାଣୀମାନେ କିପରି ପ୍ରଭାବିତ ହୋଇଥା'ନ୍ତି, ସେ ଦିଗରେ ଅଧିକ ଗବେଷଣା ଲୋଡ଼ା ବୋଲି ଏହି ଗବେଷକମାନେ କହିଛନ୍ତି।



## ନୂଆ ଶ୍ରେଣୀବିଭାଗ କଥା ଚିନ୍ତା କରୁଛନ୍ତି ବିଶେଷଜ୍ଞ

ସାଧାରଣତଃ ଘୂର୍ଣ୍ଣିବାତ୍ୟାଗୁଡ଼ିକର ବେଗ ଅନୁସାରେ ସେଗୁଡ଼ିକ ୧ରୁ ୫ ଯାଏ ଶ୍ରେଣୀଭୁକ୍ତ କରାଯାଇଥାଏ। ବାତ୍ୟାର ବେଗ ବଢ଼ିବା ସହ ତାହାର ଶ୍ରେଣୀ ମଧ ବଢ଼ିଥାଏ। ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଖୁବ୍ ଶକ୍ତିଶାଳୀ ବାତ୍ୟାର ଆଗମନ ଦେଖିବାକୁ ମିଳୁଛି। ତେଣୁ ବାତ୍ୟାଗୁଡ଼ିକର ବିଭକ୍ତୀକରଣ ପାଇଁ ଆଉ ଏକ ନୂଆ ଶ୍ରେଣୀ ଯୋଡ଼ିବା ପାଇଁ ପ୍ରମୁଖ ବାତ୍ୟା ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି। ୧୯୭୦ ମସିହାରୁ ବର୍ତ୍ତମାନ ଯାଏ ପ୍ରଚଳିତ 'ସାଫାୟାର-ସିମ୍ପସନ୍ ସ୍କେଲ' ନାମକ ମାନକରେ ବାତ୍ୟାଗୁଡ଼ିକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ଘଣ୍ଟା

**୨୦୧୩ରେ ଫିଲିଫାଇନ୍‌ସରେ ଧ୍ୱଂସ ରଚିଥିବା ଘୂର୍ଣ୍ଣିବାତ୍ୟା 'ହାଇୟାଁ'ରେ ପବନର ବେଗ ଥିଲା ଘଣ୍ଟା ପ୍ରତି ୧୯୫ ମାଇଲ୍। ସେହିପରି ମେକ୍ସିକୋରେ ୨୦୧୫ରେ ଦେଖାଯାଇଥିବା ଘୂର୍ଣ୍ଣିବାତ୍ୟା 'ପାଟ୍ରିସିଆ' ସମେତ ୨୦୧୬, ୨୦୨୦ ଓ ୨୦୨୧ରେ ଫିଲିପାଇନ୍‌ସରେ ଆସିଥିବା ବିଭିନ୍ନ ବାତ୍ୟାଗୁଡ଼ିକର ବେଗ ମଧ ପାଖାପାଖି ସେତିକି ରହିଥିଲା।**

ପ୍ରତି ୧୫୭ ମାଇଲ୍ ବା ତଦୂର୍ଦ୍ଧ୍ୱ ବେଗର ବାତ୍ୟାକୁ ଶୀର୍ଷତମ ବା ପଞ୍ଚମ ପର୍ଯ୍ୟାୟରେ ରଖାଯାଇଛି। ତେବେ ଏ ପ୍ରକାର ବାତ୍ୟା ଯଦିଓ ଅପେକ୍ଷାକୃତ କ୍ୱଚିତ୍ ଦେଖାଯିବା କଥା, ତେବେ ପାଣିପାଗରେ ଅହେତୁକ ପରିବର୍ତ୍ତନ ଯୋଗୁଁ ଏ ଧରଣର ବାତ୍ୟା ଏବେ ଅଧିକରୁ ଅଧିକ ଦେଖିବାକୁ ମିଳୁଛି। ସେହିପରି ସ୍ଥଳବିଶେଷରେ ଆଜିକାଲି ଅନୁଭୂତ ହେଉଥିବା ଏହି ପଞ୍ଚମ ପର୍ଯ୍ୟାୟ ବାତ୍ୟାଗୁଡ଼ିକର ବେଗ ଏତେ ଅଧିକ ରହୁଛି ଯେ, ସେଗୁଡ଼ିକୁ ଆଉ ଏକ ନୂଆ ପର୍ଯ୍ୟାୟ ଅର୍ଥାତ୍ ଷଷ୍ଠ ପର୍ଯ୍ୟାୟରେ ସ୍ଥାନିତ କରିବା ଦରକାର ହେଉଛି।

ପବନର ବେଗ ଘଣ୍ଟାକୁ ୧୫୭ ମାଇଲ୍‌ରୁ ୧୯୨ ମାଇଲ୍ ଯାଏ ରହୁଥିବା ବାତ୍ୟାଗୁଡ଼ିକୁ ପଞ୍ଚମ ଶ୍ରେଣୀରେ ରଖି ତାହାଠାରୁ ଅଧିକ ବେଗର ବାତ୍ୟାଗୁଡ଼ିକୁ ଷଷ୍ଠ ଶ୍ରେଣୀଭୁକ୍ତ କରିବା ଲାଗି ବାତ୍ୟା ଗବେଷକମାନେ ଚିନ୍ତା କରୁଛନ୍ତି। ତେଣୁ ପୂର୍ବର ପଞ୍ଚମ ଶ୍ରେଣୀ ବାତ୍ୟା ପରି ଏହି ଷଷ୍ଠ ଶ୍ରେଣୀ ବାତ୍ୟା ଏଣିକି କ୍ୱଚିତ୍ ଅନୁଭୂତ ହେବ ବୋଲି ସେମାନେ ଆକଳନ କରୁଛନ୍ତି। ଉଦାହରଣ ସ୍ୱରୂପ, ୨୦୧୩ରେ ଫିଲିଫାଇନ୍‌ସରେ ଧ୍ୱଂସ ରଚିଥିବା ଘୂର୍ଣ୍ଣିବାତ୍ୟା 'ହାଇୟାଁ'ରେ ପବନର ବେଗ ଥିଲା ଘଣ୍ଟା ପ୍ରତି ୧୯୫ ମାଇଲ୍। ସେହିପରି ମେକ୍ସିକୋରେ ୨୦୧୫ରେ ଦେଖାଯାଇଥିବା ଘୂର୍ଣ୍ଣିବାତ୍ୟା 'ପାଟ୍ରିସିଆ' ସମେତ ୨୦୧୬, ୨୦୨୦ ଓ ୨୦୨୧ରେ ଫିଲିପାଇନ୍‌ସରେ ଆସିଥିବା ବିଭିନ୍ନ ବାତ୍ୟାଗୁଡ଼ିକର ବେଗ ମଧ ପାଖାପାଖି ସେତିକି ରହିଥିଲା। ଏହି ସବୁ ବାତ୍ୟା ହିଁ ବିଶେଷଜ୍ଞମାନଙ୍କୁ ନୂତନ ଷଷ୍ଠ ପର୍ଯ୍ୟାୟ କଳ୍ପନା କରିବା ପାଇଁ ବାଧ କରିଛି। ଅପରପକ୍ଷେ, ୨୦୧୮ରେ ଆମେରିକାର ଭର୍ଜିନ୍ ଦ୍ୱୀପରେ ଦେଖାଦେଇଥିବା ଘଣ୍ଟା ପ୍ରତି ୧୮୫ ମାଇଲ୍ ପବନ ବେଗ ବିଶିଷ୍ଟ ବାତ୍ୟା 'ଇର୍ମା'କୁ କି ୨୦୧୯ରେ ବାହାମାରେ ଆସିଥିବା ସମାନ ବେଗର ବାତ୍ୟା 'ଦୋରିୟାଁ'କୁ ପୂର୍ବର ପଞ୍ଚମ ପର୍ଯ୍ୟାୟରେ ରଖିବାକୁ ସେମାନେ ମତ ଦେଇଛନ୍ତି। ଏହି ନୂତନ ବାତ୍ୟା ବିଭକ୍ତୀକରଣ ଦ୍ୱାରା ଲୋକଙ୍କୁ ନିର୍ଦ୍ଦିଷ୍ଟ ବାତ୍ୟାର ଆଗମନ ଓ ତାହାର ଭୟାବହତା ସମ୍ପର୍କରେ ସଠିକ୍ ସୂଚନା ଦେଇହେବ ବୋଲି ସେମାନେ ଆଶା ରଖିଛନ୍ତି।

# କୁଲଡ଼ିହାର ଜାଗ୍ରତ ପ୍ରହରୀ

ପରିବେଶର ସୁରକ୍ଷା ଏବେ ମଣିଷ ସମାଜ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଏହି ଆହ୍ୱାନକୁ ଦୃଢ଼ତାର ସହ ଗ୍ରହଣ କରିଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଧୀନ ପଞ୍ଚଲିଙ୍ଗେଶ୍ୱରର ମନୋରଂଜନ ଦାସ।

୪୪ ବର୍ଷୀୟ ମନୋରଂଜନଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ। ବଣପାହାଡ଼ ଘେରା ପଞ୍ଚଲିଙ୍ଗେଶ୍ୱରରେ ଜନ୍ମ ହୋଇଥିବା ମନୋରଂଜନ କେତେବେଳେ ପ୍ରକୃତି ପ୍ରେମରେ ପଡ଼ିଯାଇଛନ୍ତି, ସେ ନିଜେ ବି ଜାଣନ୍ତି ନାହିଁ। ଘର ଅପେକ୍ଷା ଅଧିକ ସମୟ ତାଙ୍କର କୁଲଡ଼ିହା ଅଭୟାରଣ୍ୟର

### ପରିବେଶ ଯୋଦ୍ଧା

ଜଙ୍ଗଲ ଭିତରେ କଟେ। ଜଙ୍ଗଲ ପ୍ରଦୂଷଣ, ଜଙ୍ଗଲ ନିଆଁ, ଜଙ୍ଗଲ କ୍ଷୟ ଏବଂ ପଶୁପକ୍ଷୀଙ୍କ ଅବାଧ ଶିକାର ସହିତ ସେ ୨୦ ବର୍ଷ ହେଲା ଲଢ଼ି ଆସୁଛନ୍ତି। ମନୋରଂଜନ ସବୁଦିନ ଜଙ୍ଗଲକୁ ଯାଆନ୍ତି। ସେଠାରେ ସେ ପଶୁପକ୍ଷୀଙ୍କ ଅବାଧ ବିଚରଣର ସୁବିଧାଅସୁବିଧା ପରଖନ୍ତି। ନିୟମ ଉଲ୍ଲଂଘନ କରି ପର୍ଯ୍ୟଟମାନେ

**ମନୋରଂଜନ ଜଣେ ୱାଇଲ୍‌ଡଲାଇଫ୍ ଫଟୋଗ୍ରାଫର ତଥା ପକ୍ଷୀ ଗବେଷକ। କୁଲଡ଼ିହା ଅଭୟାରଣ୍ୟରେ ୨୫୦ ପ୍ରଜାତିର ପକ୍ଷୀଙ୍କୁ ଠାବ କରିବାରେ ସେ ସକ୍ଷମ ହୋଇଛନ୍ତି।**

ଜଙ୍ଗଲରେ ପକାଇ ଦେଉଥିବା ପଲିଥିନ୍ ସହ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟିକାରୀ ବର୍ଜ୍ୟଗୁଡ଼ିକୁ ସେ ସଫା କରନ୍ତି। ଜଙ୍ଗଲରେ ଲାଗୁଥିବା ନିଆଁର ମୁକାବିଲା ପାଇଁ ସେ ସଦା ପ୍ରସ୍ତୁତ ଥାଆନ୍ତି। କାଠ ମାଫିଆଙ୍କ କବଳରୁ ଜଙ୍ଗଲକୁ ଏବଂ ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଦିଗରେ ମଧ ସେ ଜଣେ ଜାଗ୍ରତ ପ୍ରହରୀ ଭାବରେ କାମ କରନ୍ତି। ଏହି କାମରେ ତାଙ୍କୁ ସହଯୋଗ କରନ୍ତି ବନ କର୍ମଚାରୀ, ସ୍ଥାନୀୟ ଅଞ୍ଚଳବାସୀ, ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ। କେବଳ ଜଙ୍ଗଲକୁ ସୁରକ୍ଷା ଦେବା ନୁହେଁ, ସହଯୋଗୀଙ୍କ ସହ ମିଶି ମନୋରଂଜନ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ବୃକ୍ଷରୋପଣ ଅଭିଯାନ ମଧ ଚଳାଇଛନ୍ତି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସେ ବିଭିନ୍ନ ସ୍ଥାନରେ ସଚେତନତା ସଭା କରନ୍ତି। ଜଙ୍ଗଲର ଆବଶ୍ୟକତା ଓ ଉପକାର ବାବଦରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ପାଇଁ ମନୋରଂଜନ ବର୍ଷର ବିଭିନ୍ନ ସମୟରେ ନେଚର୍ କ୍ୟାମ୍ପ ଆୟୋଜନ କରୁଛନ୍ତି। ମନୋରଂଜନ ଜଣେ ୱାଇଲ୍‌ଡଲାଇଫ୍ ଫଟୋଗ୍ରାଫର ତଥା ପକ୍ଷୀ ଗବେଷକ। କୁଲଡ଼ିହା ଅଭୟାରଣ୍ୟରେ ୨୫୦ ପ୍ରଜାତିର ପକ୍ଷୀଙ୍କୁ ଠାବ କରିବାରେ ସେ ସକ୍ଷମ ହୋଇଛନ୍ତି।





# ପୁଣେରେ ମଶା ଝଡ଼ ଆତଙ୍କ

ନିକଟରେ ଜଣେ ବାୟୁସେନା ଅଧିକାରୀ ସାମାଜିକ ଗଣମାଧମ 'ଏକ୍ସ'ରେ ଛାଡ଼ିଥିବା ଏକ ଭିଡିଓ ପୁଣେବାସୀଙ୍କ ମନରେ କୌତୂହଳ ଓ ଆତଙ୍କ ଖେଳାଇଦେଇଛି। ଉକ୍ତ ଭିଡିଓରେ ମୁଥା ନଦୀ ଉପରେ ଏକ ମଶାପଲ ଖଣ୍ଡିଆଭୂତ ଆକାରରେ ଆକାଶକୁ ଉଠୁଥିବା ଦେଖାଯାଇଛି। ପୁଣେର କେଶବନଗର ଓ ଖରାଡ଼ି ପରି ନଦୀକୂଳିଆ ଇଲାକାରେ ଦେଖାଯାଇଥିବା ଏହି ମଶା ଝଡ଼ ଏକ ଘୂର୍ଣ୍ଣାୟମାନ ଟାୱାର ପରି ଜଣାପଡୁଥିଲା। ଏପରି ଘଟଣା ଯଦିଓ ଅଭୂତପୂର୍ବ ନୁହେଁ, ତେବେ ଏହି ଦୃଶ୍ୟ ସହରବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା। ସାମାଜିକ ଗଣମାଧମରେ ଏହା ବହୁଳ ପ୍ରଚାରିତ ହେବା ପରେ ସଂପୃକ୍ତ ଅଞ୍ଚଳକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଫା କରାଯାଇଛି। ପୂର୍ବରୁ ରୁଷିଆ ଓ ନିକାରାଗୁଆରେ ଅନୁରୂପ ଘଟଣା ଦେଖିବାକୁ ମିଳିଥିଲା। ଗତବର୍ଷ ଜୁନ୍‌ରେ ନିକାରାଗୁଆର

**ସାମାଜିକ ଗଣମାଧ୍ୟମରେ ଏହା ବହୁଳ ପ୍ରଚାରିତ ହେବା ପରେ ସଂପୃକ୍ତ ଅଞ୍ଚଳକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଫା କରାଯାଇଛି। ପୂର୍ବରୁ ରୁଷିଆ ଓ ନିକାରାଗୁଆରେ ଅନୁରୂପ ଘଟଣା ଦେଖିବାକୁ ମିଳିଥିଲା।**

କୋସିବୋଲ୍‌କା ହ୍ରଦ ଉପରେ ଏଭଳି ଏକ ଖଣ୍ଡିଆ ଭୂତ ଦେଖାଯାଇଥିଲା। ତେବେ ଉକ୍ତ ଘନ ମଶା ଝଡ଼ ଜନବସତି ଆଡ଼କୁ ମାଡ଼ି ଆସିବା ପରେ ତାହା ଅସଂଖ୍ୟ ମଶାପଲଙ୍କ ସମାହାର ବୋଲି ଜଣାପଡ଼ିଥିଲା। ପ୍ରଥମେ ତ ଲୋକେ ତାହାକୁ ଏକ ପ୍ରଳୟର ସଂକେତ ବୋଲି ଧରିନେଇଥିଲେ। ସେହିପରି ୨୦୨୧ରେ ରୁଷିଆର କାମଚାଟ୍କା ଉପଦ୍ୱୀପରେ ଶହ ଶହ ମିଟର ଲମ୍ବର ଏପରି 'ମଶା ଝଡ଼'ର ଆବିର୍ଭାବ ଲୋକଙ୍କୁ ଆତଙ୍କିତ କରିଦେଇଥିଲା। ତେବେ କୀଟ ବିଶେଷଜ୍ଞମାନଙ୍କ କହିବା କଥା ହେଲା, କୀଟମାନଙ୍କ ମିଳନ ଋତୁ ବେଳେ ସେମାନଙ୍କର ଏପରି ଘଞ୍ଚ ସମାବେଶ ଦେଖାଯାଇଥାଏ। ଏକ ମାଈ କୀଟ ଚାରିକଡ଼େ ପଲେ ପୁରୁଷ କୀଟ ଘେରି ରହିବାରୁ ଏପରି ହୋଇଥାଏ। ଏଥିରେ କୌଣସି ପ୍ରକାର ଅସ୍ୱାଭାବିକତା ନାହିଁ। ଅପରପକ୍ଷେ, ଉଡ଼ନ୍ତା କୀଟମାନଙ୍କର ଏପରି ଠୁଳ ହେବାଟା ଶିକାରୀ ପତଙ୍ଗ କି ପକ୍ଷୀମାନଙ୍କୁ ଶିକାର କରିବାର ସୁବିଧା ଯୋଗାଇ ସେମାନଙ୍କ ଗଣମୃତ୍ୟୁର କାରଣ ସାଜିଥାଏ।

# ଗୁପ୍ତେଶ୍ୱର ଓ ଧୋନ୍ଦ୍ରାଖୋଲ ଚତୁର୍ଥ ଜୈବବିବିଧ ଐତିହ୍ୟସ୍ଥଳ



ସଂପ୍ରତି କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଓ ଧୋନ୍ଦ୍ରାଖୋଲ ସଂରକ୍ଷିତ ଜଙ୍ଗଲକୁ ରାଜ୍ୟର ଚତୁର୍ଥ ଜୈବବିବିଧ-ଐତିହ୍ୟସ୍ଥଳ (ବିଏଚ୍ଏସ୍) ଭାବେ ଘୋଷଣା କରାଯାଇଛି। ଓଡ଼ିଶା ଜୈବ ବିବିଧତା ପରିଷଦ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଏହି ଜଙ୍ଗଲ ବହୁ ବିରଳ ଜୀବଜନ୍ତୁରେ ପରିପୂର୍ଣ୍ଣ ଏବଂ ଜୈବ ବିବିଧତାର ଏକ ସଂରକ୍ଷିତ ପରିସର। ଏହା ୨୮ ପ୍ରଜାତିର ସ୍ତନ୍ୟପାୟୀ, ୧୮ ଉଭୟଚର, ୧୮୮ ପକ୍ଷୀ, ୪୮ ସରୀସୃପ, ୧୪୧ ପ୍ରଜାପତି, ୪୫ ମାଛ, ୪୩ ରାତ୍ରିଚର କୀଟପତଙ୍ଗ, ୪୧ କଙ୍କି, ୩୦ ଛୋଟବଡ଼ ବୁଢ଼ିଆଣୀ, ୨୦ ଅମେରୁଦଣ୍ଡୀ ଓ ୬ ପ୍ରଜାତିର କଙ୍କଡ଼ାବିଛାଙ୍କ ବାସସ୍ଥାନ। ଉଲ୍ଲେଖଯୋଗ୍ୟ, ଗୁପ୍ତେଶ୍ୱର ଜଙ୍ଗଲରେ ବିରଳ ପ୍ରଜାତିର ମଗର, କାଙ୍ଗେର ଉପତ୍ୟକାରେ ଦେଖାଯାଉଥିବା ରକ୍ ଗେକୋ (ପାହାଡ଼ୀ ଝିଟିପିଟି ପ୍ରଜାତି), ସନ୍ତସନ୍ତିଆ ବୁଦାରେ ବାସ କରୁଥିବା ବେଙ୍ଗ ମଧ୍ୟ ଦେଖିବାକୁ ମିଳନ୍ତି। ଏଥିସହ ଏହା ଚୂଳିଆ ବାଜ, କଳାବାଜ, କୁମ୍ଭାଟୁଆ, କଳା କାଠହଣା, ପାହାଡ଼ୀ ଶାରୀ, କଷ୍ଟ୍‌ଫେଡ୍ ଆଦି ପକ୍ଷୀ ସମୁଦାୟଙ୍କ ଆଶ୍ରୟସ୍ଥଳୀ। ଦକ୍ଷିଣ ଓଡ଼ିଶାରେ ଦେଖାଯାଉଥିବା ମୋଟ ୧୬ ପ୍ରକାରର ବାଦୁଡ଼ି ପ୍ରଜାତି ମଧ୍ୟରୁ ଗୁପ୍ତେଶ୍ୱର ଜଙ୍ଗଲରେ ୮ ପ୍ରଜାତିର ବାଦୁଡ଼ି ଦେଖାଯା'ନ୍ତି। ଗୁପ୍ତେଶ୍ୱର ଜଙ୍ଗଲରେ ଦୁଇଟି ରାତ୍ରିଚର ପ୍ରଜାତି ସ୍ତନ୍ୟପାୟୀ ହିପୋସାଇଡ୍ରୋସ୍ ଗେଲେରିଟସ୍ ଓ ରାଇନୋଲୋଫସ୍ ରୁକ୍ସି (କଳା, ଧୂସର ଓ ଈଷତ୍ ହଳଦିଆ ବାଦୁଡ଼ି ପ୍ରଜାତିର ଛୋଟ ପକ୍ଷୀ) ଦେଖାଯା'ନ୍ତି। ଏହି ୨ ପ୍ରଜାତିର ପକ୍ଷୀ ଇଣ୍ଟରନ୍ୟାସନାଲ୍ ୟୁନିଅନ୍ ଫର୍ କଞ୍ଜର୍ଭେସନ୍ ଅଫ୍ ନେଚର୍ (ଆଇୟୁସିଏନ୍)ର ଆସନ୍ନ ଲୁପ୍ତପ୍ରାୟ ଶ୍ରେଣୀ ଅନ୍ତର୍ଭୁକ୍ତ ବୋଲି କହନ୍ତି ନେଚର୍ ଇନିସିଏଟିଭ୍ ଅନୁଷ୍ଠାନର ଶ୍ରୀକାନ୍ତ ଶେଖର ସାହୁ। ଏଥିସହ ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ପରିବେଶ ଆଇନ୍ ବିଶେଷଜ୍ଞ ଶଙ୍କର ପ୍ରସାଦ ପାଣି କହନ୍ତି, "୨୦୧୬ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଗୁପ୍ତେଶ୍ୱର ସଂରକ୍ଷିତ ଜଂଗଲରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଉପରେ ଦେଇଥିବା ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ପଲିଥିନ୍ ଓ ପ୍ଲାଷ୍ଟିକ୍ ନିଷେଧ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ନ କଲେ ଗୁପ୍ତେଶ୍ୱରର ଜୈବବିବିଧତା ଅଚିରେ ବିପଦପ୍ରବଣ ହୋଇପଡ଼ିବ।" ସେହିପରି କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ପ୍ରଫେସର ଶରତ କୁମାର ପଳିତା କହନ୍ତି, "ଗୁପ୍ତେଶ୍ୱର ଜୈବମଣ୍ଡଳ ହେଉଛି ଶୁଷ୍କ ପର୍ଣ୍ଣମୋଚୀ ଓ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ। ଏହି ସଂରକ୍ଷିତ ଜଙ୍ଗଲରେ ଆଦିମ ଦୁରୁଆ ଜନଜାତି ବାସ କରନ୍ତି। ଛତିଶଗଡ଼ରେ ସେମାନଙ୍କୁ ଜନଜାତିର ମାନ୍ୟତା ମିଳିଥିବା ବେଳେ ଏଠାରେ ଏହି ସମ୍ପ୍ରଦାୟଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେମାନଙ୍କୁ ଜନଜାତି ମାନ୍ୟତା ଦେଇ ତାଙ୍କର ଜୀବନଜୀବିକା ସୁରକ୍ଷିତ ରଖିପାରିଲେ ଗୁପ୍ତେଶ୍ୱର ଜୈବମଣ୍ଡଳ ମଧ୍ୟ ସୁରକ୍ଷିତ ରହିବ।"

# କାର୍ଯ୍ୟକାରୀ ହେଉନି ପିଏମ୍ ସୂର୍ଯ୍ୟଘର ଯୋଜନା

**ବେସରକାରୀ ସଂସ୍ଥା ପ୍ରତି ଭରସା ପାଉନି**

**ସବସିଡ଼ି ସତ୍ତ୍ୱେ ହିତାଧିକାରୀଙ୍କ ଅନାଗ୍ରହ**

**ପ୍ରଚାର, ପ୍ରସାର ଓ ସଚେତନତାର ଅଭାବ**



**କାକଟପୁର/ଅସ୍ତରଙ୍ଗ,୨୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରରେ ବିଜେପି ସରକାର ଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହୋଇପାରୁନି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ଙ୍କ ସୌରଶକ୍ତି ମାଧ୍ୟମରେ ମାଗଣା ବିଜୁଳି ପାଇବାର ସ୍ୱପ୍ନ ଧୀରେ ଧୀରେ ମିଳାଇବାରେ ଲାଗିଛି। ଦାୟିତ୍ୱରେ ଥିବା ବିଦ୍ୟୁତକରଣ କମ୍ପାନୀର ଏଥିପ୍ରତି ଅନାଗ୍ରହ ଓ ବେସରକାରୀ ସଂସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ, ଭରସା ପାଉ ନଥିବାରୁ ଏହି ଯୋଜନା ପ୍ରାୟ ସବୁ ଅଂଚଳରେ ଆଗକୁ ବଢ଼ି ପାରୁନି। ଫଳରେ ଡବଲ ଇଂଜିନ ସରକାର ସତ୍ତ୍ୱେ ଏହି କେନ୍ଦ୍ରୀୟ ଯୋଜନା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବିଫଳ ହୋଇଛି।

ଏହି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭଲ ସବସିଡ଼ି ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ନିଜ ନିଜ ଘର ଉପରେ ସୌର ପ୍ୟାନେଲ ବସାଇ ଅଳ୍ପ ଅର୍ଥ ବ୍ୟୟରେ ମାଗଣାରେ ବିଦ୍ୟୁତ ଶକ୍ତି ପାଇପାରିବେ। ଏହା ଦ୍ୱାରା ବିଜୁଳି ସଂଚୟ ଖର୍ଚ୍ଚ କମ୍ ଓ ଅନ୍ୟାନ୍ୟ ବହୁ ସୁବିଧା ରହିଛି। ସରକାରଙ୍କ ପକ୍ଷରୁ ଏ ନେଇ ବିଭିନ୍ନ ସମୟରେ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ମାଧ୍ୟମରେ ଅବଗତ କରାଯାଇଛି। କେତେକ ଆଗ୍ରହୀ ବ୍ୟକ୍ତି ଏଥିପାଇଁ ନାମ ପଞ୍ଜିକରଣ କରିଛନ୍ତି। ମାତ୍ର ହାତ ଗଣତି ଲୋକ ସୌର ପ୍ୟାନେଲ ବସାଇଛନ୍ତି। ଏହି ଯୋଜନା କୁ ସଫଳ କରିବା ପାଇଁ ବିଦ୍ୟୁତ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ କମ୍ପାନୀ ପକ୍ଷରୁ ଆଗ୍ରହୀ ଗ୍ରାହକଙ୍କୁ ଯେଭଳି ସୂଚନା ଦେବା କଥା ଏପରିକି ଏହାର ଭଲ ଦିଗ ଉପରେ ବିଶଦ ଭାବେ ବୁଝାଇବା କଥା ତାହା ହେଉନାହିଁ। ସରକାରୀ ନିୟନ୍ତ୍ରିତ ସଂସ୍ଥା ଆଗ୍ରହୀ ନଥିବା ବେଳେ ମାଳ ମାଳ ବେସରକାରୀ ସଂସ୍ଥା କିନ୍ତୁ ଏହି ଯୋଜନା ପାଇଁ ଆଗେଇ ଆସୁଛନ୍ତି। କିନ୍ତୁ ସେମାନେ ଲୋକଙ୍କୁ ସବସିଡ଼ି ବାବଦରେ ଯେତେ ବୁଝାଇଲେ ବି ସାଧାରଣ ଲୋକଙ୍କ ଭରସା ଜିତି ପାରୁନାହିଁ। ଗତ ୨୦୨୪ସାଧାରଣ ନିର୍ବାଚନରେ ବିଜେପି ପକ୍ଷରୁ ଯେଉଁ ୩ଶହ ୟୁନିଟ ମାଗଣା ସଂକ୍ରାନ୍ତରେ କୁହାଯାଇଥିଲା ତାହା ବାସ୍ତବରେ ଥିଲା ଏହି ସୌର ପ୍ରକଳ୍ପ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।ଲୋକ ସୌର ପ୍ରକଳ୍ପ ସ୍ଥାପନ କଲେ କିଭଳି ମାଗଣାରେ ବିଜୁଳି ପାଇବେ ତାହା ହିଁ କୁହାଯାଇଥିଲା। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିବା ଏବଂ ମାଗଣା ବିଜୁଳିକୁ ପ୍ରସଙ୍ଗ କରି ବିରୋଧୀ ଦଳ ବାରମ୍ବାର ସମାଲୋଚନା କରିବା ସତ୍ତ୍ୱେ କାହିଁକି ଏହି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ ସେଥିରେ ପ୍ରଶ୍ନ ଉଠିଛି। ସୌରଶକ୍ତି ମାଧ୍ୟମରେ ବିଜୁଳି ଉତ୍ପାଦନ କଲେ ନାନା ପ୍ରକାର ସୁବିଧା ନିଜ ପାଇଁ ଏବଂ ପରିବେଶ ପାଇଁ ମିଳିଥାଏ। ମାତ୍ର ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଲୋକେ ସୌରପ୍ରକଳ୍ପ ସ୍ଥାପନ କରିବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବୀ ହୋଇଛି।



## ଯୁବକବି ପ୍ରଶାନ୍ତ କୁମାର ନାଥଙ୍କ ପ୍ରଥମ କବିତା ପୁସ୍ତକ କାବ୍ୟାଞ୍ଜଳି ଉନ୍ମୋଚିତ

**ରାଜନଗର,୨୨।୬ (ସଂଚାର ବ୍ୟୁରୋ):** ରାଜନଗର ମାଟିର ତରୁଣ କବି ପ୍ରଶାନ୍ତ କୁମାର ନାଥଙ୍କ ପ୍ରଥମ କବିତା ସଂକଳନ 'କାବ୍ୟାଞ୍ଜଳି' ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଏହି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଗୀତିକାର ମୋହିତ ଚକ୍ରବର୍ତ୍ତୀ, ଅଭିନେତା ମୋହନ ମାଝିଥିଆ, ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ପ୍ରବଚକ ଡ଼. ଶ୍ରୀନିବାସ ଘଟୁଆରୀ, ଡା. ରମେଶ ଚନ୍ଦ୍ର ଦାସ, ଯୁବକବି ଦେବେନ୍ଦ୍ର ରାଉଳ ଓ ଗୀତିକାର କୁମାର ଲିଟନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ପୁସ୍ତକ ଉନ୍ମୋଚିତ କରିଥିଲେ। ଏହି ପୁସ୍ତକର ପ୍ରଚ୍ଛଦକୁ ରାଜନଗରର ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର କୁମାର ରାଉଳ ଡିଜାଇନ୍ କରିଛନ୍ତି। ସୂଚାନାଯୋଗ୍ୟ ଯେ ପ୍ରଶାନ୍ତ କୁମାର ନାଥ ଜଣେ ଜଣାଶୁଣା ଯୁବ ଗୀତିକାର, ଗାଳ୍ପିକ ଓ କବି। ତାଙ୍କର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗୀତ ଯେଉଁଥିରେ ଶ୍ରୀଚରଣଙ୍କ ସମେତ ଆଗଧାଡିର ବହୁ ଖ୍ୟାତନାମା କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଯାହାକି ତାଙ୍କୁ ସାରା ଓଡିଶାରେ ପରିଚିତ କରାଇପାରିଛି। ପ୍ରଶାନ୍ତ ନାଥ ଯୁବକବି ଭାବରେ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଏହି ପ୍ରଥମ ପୁସ୍ତକ ପ୍ରକାଶ ପରେ ସେ ଖୁସି ବ୍ୟକ୍ତ କରିଛନ୍ତି।

## ଅଲଭ୍ୟ ପୁସ୍ତକ ଉନ୍ମୋଚିତ




**ନୟାଗଡ଼,୨୨।୬ (ସଂଚାର ବ୍ୟୁରୋ):** ଜ୍ଞାନ ପ୍ରକାଶର ନବମ ବାର୍ଷିକ ଉତ୍ସବ ଓ ନେସନାଲ୍ କନଫରେନ୍ସ -୨୦୨୫ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜ୍ଞାନ ପ୍ରକାଶ ପତ୍ରିକା ଉନ୍ମୋଚନ ସହ ଆଦର୍ଶ ଶିକ୍ଷକ,ଲେଖକ ଓ କବି ଡକ୍ଟର ପ୍ରତାପ କୁମାର ପରିଡ଼ାଙ୍କର ପ୍ରଥମ କବିତା ସଂଙ୍କଳନ ଅଲଭ୍ୟ ପୁସ୍ତକ ଉନ୍ମୋଚନ ହୋଇଯାଇଛି ।ସମ୍ବର୍ଦ୍ଧନା ପର୍ବରେ ପ୍ରତାପ କୁମାର ପରିଡ଼ାଙ୍କୁ ଶିକ୍ଷା ଓ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ବ୍ୟଙ୍ଗକବି ଜ୍ଞାନ ହୋତା ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଫେସର ଲକ୍ଷ୍ମୀଧର ବେହେରା ସାର୍ ,କୋଠଘର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ ଓ ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ସମ୍ପାଦକ ଜ୍ଞାନଚାନ୍ଦ ଶତପଥୀ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଲା ଜରିଆରେ ନିଶାନିବାରଣ ସଚେତନତା



**ମାର୍ଶାଘାଇ,୨୨।୬ (ସଂଚାର ବ୍ୟୁରୋ):** ନିଶାନିବାରଣ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ମାର୍ଶାଘାଇ ବ୍ଲକର ବିଭିନ୍ନ ଅଂଚଳରେ ପାଲା ପରିବେଷଣ କରାଯାଇଛି । ବିଶିଷ୍ଟ ପାଲା ଗାୟକ ସୁରେନ୍ଦ୍ରନାଥ ଶତପଥୀ ଓ ସହଯୋଗୀଙ୍କ ଦ୍ୱାରା ଶନିବାର ମାର୍ଶାଘାଇ ବ୍ଲକର ମଣିକୁଣ୍ଡା ପଂଚାୟତର ଦରବଛା ଗ୍ରାମ ଛକ ଏବଂ ଅଙ୍ଗୁଲାଇ ଛକରେ ପାଲା ପରିବେଷଣ କରାଯାଇଥିଲା । ମାର୍ଶାଘାଇ ଅଂଚଳର ଅନ୍ୟତମ ପ୍ରସିଦ୍ଧ ମହିଳା ପାଲା ଗାୟିକା ସ୍ୱର୍ଣ୍ଣଲତା ଲେଙ୍କା, ଭାରତୀ ବେହେରା, ବୈକୁଣ୍ଠ ଦାଶ ମଧ୍ୟ ସେମାନଙ୍କ ସାଥିମାନଙ୍କୁ ସାଥୀକରି ବ୍ଲକ ର ବିଭିନ୍ନ ଅଂଚଳରେ ପାଲା ପରିବେଷଣ କରିଥିଲେ ।

## ଗଡିଲା ନିଶା ନିବାରଣ ସଚେତନତା ରଥ



**ନୟାଗଡ଼,୨୨।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅବକାରୀ ବିଭାଗ ଓ ପୌର ପରିଷଦ ଆନୁକୁଲ୍ୟରେ ନିଶା ନିବାରଣ ସଚେତନତା ରଥ ଉଦଘାଟନ କରାଯାଇଛି । ଏହି ସଚେତନତା ଶୋଭାଯାତ୍ରାକୁ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଉଦଘାଟନ କରିଥିଲେ । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ପୌର ପରିଷଦରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ଏସଆଇ ସୁଶାନ୍ତ ମହାପାତ୍ରଙ୍କ ସମେତ ପୌର ଓ ଅବକାରୀ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ ।

## ନାଉଗାଁ ବ୍ଲକରେ ଭୂମିହୀନ ସ୍ୱାର୍ଥ ସୁରକ୍ଷା କମିଟି ଗଠିତ

**ନାଉଗାଁ,୨୨।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଠଦାସ୍ଥିତ ଗାଦିବ୍ରହ୍ମ ପୀଠ ପରିସରରେ ସାମାଜିକ କର୍ମୀ ସୁବାସ ସ୍ୱାଇଁଙ୍କ ଅଧକ୍ଷତାରେ ଭୂମିହୀନ ସ୍ୱାର୍ଥ ସୁରକ୍ଷା କମିଟି ଗଠନ କରାଯାଇଛି। ଏହି କମିଟିରେ ନାଉଗାଁ, ତିରୁଣା, ଡାବର, ବାଂଶ, ଶିଖର ଆଦି ବିଭିନ୍ନ ପଞ୍ଚାୟତର ଭୂମିହୀନ ଜନସାଧାରଣମାନେ ଯୋଗ ଦେଇଥିଲେ। ପ୍ରଥମେ ବ୍ଲକରେ ଥିବା ଭୂମିହୀନମାନଙ୍କୁ ଏକତ୍ର କରି ସେମାନଙ୍କର ଥିବା ସମସ୍ୟା ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ବସନ୍ତ ଦାସ, ମନୋଜ କାଣ୍ଡୀ, ପ୍ରତାପ କାଣ୍ଡୀ, ନଟବର ଦାସ, ରୀତା ରାଉତ, ତଅପୋଇ ମଲ୍ଲିକ, ମକର ମୁଦୁଲି, ଗୋବିନ୍ଦ ବାଘ, ଶ୍ରୀଧର ମହନ୍ତ ଅରକ୍ଷିତ ନାୟକ, କପିଳ କାଣ୍ଡୀ, ବାବୁଲି ମଲ୍ଲିକ, ବସନ୍ତ କାଣ୍ଡୀ ଆଦି ଯୋଗ ଦେଇଥିଲେ।



## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା



**ମହାକାଳପଡ଼ା,୨୨।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟ ଠାରେ ଆଜି 'ସମାଜ' ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୯୭ ତମ ପବିତ୍ର ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତରୁଣ ପିଢ଼ି ର ଚିନ୍ତା ଓ ଚେତନାର ଅନନ୍ୟ ପରିପ୍ରକାଶ ପାଇଁ ଅଞ୍ଚଳର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଗୋପବନ୍ଧୁ ସ୍ମାରକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବକ୍ତୃତା ପ୍ରତିଯୋଗିତାର ବିଷୟ ବସ୍ତୁ ଥିଲା 'ଗୋପବନ୍ଧୁଙ୍କ ସ୍ୱପ୍ନର ଓଡିଶା ' । ଏହି ବକ୍ତୃତା ପ୍ରତିଯୋଗିତା ରେ ମୋଟ ୩୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ବିଜୟନଗର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ବୈଜୟନ୍ତୀ ରାଉତ ପ୍ରଥମ, ରାଜଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପ୍ରିୟଦର୍ଶିନୀ ମଲ୍ଲିକ ଦ୍ୱିତୀୟ ଓ ଜମ୍ବୁ ସ୍ଥିତ ଡିଆରପି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସସ୍ମିତା ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଏହି ଅବସରରେ ଆୟୋଜିତ ଉତ୍ସବ ରେ ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଜମ୍ବୁ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ,ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ସାମନ୍ତରାୟ, ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ, ଶିକ୍ଷାବିତ ନିରାକାର ଜେନା, କେଶବ ଚନ୍ଦ୍ର ପ୍ରାମାଣିକ, ନାରାୟଣ ପ୍ରସାଦ ପଣ୍ଡା, ରତ୍ନାକର ରାଉତ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋଜ ନନ୍ଦ, ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ଅମୀୟ ଚୌଧୁରୀ ପ୍ରମୁଖ ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ରେ ନିଜକୁ ଉତ୍ସର୍ଗୀକୃତ ହେବାକୁ ପରାମର୍ଶ ଦେଇ ଥିଲେ।




## ସୋନପୁର କଲେଜ ଆଲୁମିନୀ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

**ସୁବର୍ଣ୍ଣପୁର,୨୨।୬ (ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟର ଆଲୁମନି ସଂଘର କାର୍ଯ୍ୟକାରିଣୀ ବୈଠକ ଆଜି ସୋନପୁର କଲେଜ ପରିସରରେ ସଂଘର ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପାଇଁ ବ୍ୟାପକ ଆଲୋଚନା ପର୍ଯ୍ୟଲୋଚନା କରାଯାଇଥିଲା। ଆଗକୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିତୀ ନିର୍ଦ୍ଧାରଣ କରାଯିବା ସହ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆଲୁମିନୀ କମିଟି ର ବିଭିନ୍ନ କମିଟିର ସଦସ୍ୟ ମାନେ ମତାମତ ଦେଇଥିଲେ। ଏବଂ ପରେ ପରେ ପାଣ୍ଠି ସଂଗ୍ରହ ଉପରେ ବିଶେଷ ଭାବରେ ବିସ୍ତୃତ ଆଲୋଚନା ହୋଇଥିଲା। ମଞ୍ଚରେ ସଂଘର ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ସମ୍ପାଦକ ଭାରତ ଭୂଷଣ ଦାଶ ଙ୍କ ସହ ଉପଦେଷ୍ଟା ଶିତାଂଶୁ ଶେଖର ମିଶ୍ର ମଞ୍ଚାସିନ ଥିଲେ। ସଂଯୋଜକ ସୁଦାମ ଚରଣ ମିଶ୍ର ସଭାକୁ ପରିଚାଳନା କରିଥିବା ବେଳେ ଶାଶ୍ୱତ ମିଶ୍ର ଧନ୍ୟବାଦ୍ ଦେଇଥିଲେ। ଏଥିରେ ସମସ୍ତ ବ୍ଲକର କାର୍ଯ୍ୟକାରୀ ସଭାପତି ସମେତ କାର୍ଯ୍ୟକାରିଣୀ ସଦସ୍ୟ, ଉପଦେଷ୍ଟା କମିଟି, ସାମାଜିକ ଗଣମାଧମ, ଗଣମାଧମ, ସମ୍ମାନନୀୟ ସଭ୍ୟ, ଅର୍ଥନୈତିକ ବ୍ୟାପାର, ସ୍ୱତନ୍ତ୍ର କାର୍ଯ୍ୟଶକ୍ତି, ମହିଳା, ଆଇନ ପରାମର୍ଶ ଆଦି ସମସ୍ତ କମିଟି ଓ ଉପ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

**କାଗଜ କଲମରେ ନିଶ୍ଚିନ୍ତକୋଇଲି ବ୍ଲକରେ ଯୋଗ ଦିବସ**

## ଏକାଧିକ ପଞ୍ଚାୟତରେ ପାଳନ ହେଲାନି ଯୋଗ ଦିବସ



**ନିଶ୍ଚିନ୍ତକୋଇଲି,୨୨।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ପଞ୍ଚାୟତ ପାନୀୟଜଳ ବିଭାଗ ପକ୍ଷରୁ ଆଜି ଆନ୍ତର୍ଜାତିକ ଯୋଗଦିବସ ପାଳନ ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁସାରେ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ବ୍ଲକ୍ ଓ ପଞ୍ଚାୟତରେ ଯୋଗଦିବସ ପାଳନ ପାଇଁ ନିର୍ଦ୍ଦେଶ ଆସିଥିଲା। ଏଥି ନିମନ୍ତେ ପ୍ରତି ବ୍ଲକ୍ ପାଇ ୧୫ହଜାର ଟଙ୍କା ଓ ପ୍ରତି ପଞ୍ଚାୟତ ପାଇଁ ୨ହଜାର ଟଙ୍କା ଅର୍ଥ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବ୍ଲକ ପ୍ରଶାସନ ଓ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅବହେଳା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ୍ର ବହୁ ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇ ନଥିବା ଜଣାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ପଞ୍ଚାୟତର ଲୋକପ୍ରତିନିଧିଙ୍କୁ ହ୍ୱାଟ୍ସଆପରେ ଜଣାଇ ଦିଆଯାଇଥିଲା । ମାତ୍ର ଦାୟିତ୍ୱରେ ଥିବା ପିଇଓ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନଥିବାରୁ ଏକାଧିକ ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇ ନଥିବା ଜଣାଯାଇଛି।

ଏ ସଂପର୍କରେ କିଛି ସରପଞ୍ଚଙ୍କ ମତାମ ନେବାରୁ ଟଙ୍କା ପହଞ୍ଚି ନଥିବାରୁ ଯୋଗ ଦିବସ ପାଳିତ ହୋଇ ନଥିବା କହିଛନ୍ତି। ଏ ସଂପର୍କରେ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏ ସଂପର୍କରେ ସମସ୍ତ ପଞ୍ଚାୟତକୁ ଅବଗତ କରାଯାଇଥିଲା। କିନ୍ତୁ ଏହା ପାଳନ କରିବା ବାଧବାଧକତା ନୁହେଁ ବୋଲି କହିଥିବା ବେଳେ ଖୋଦ୍ ନିଶ୍ଚିନ୍ତକୋଇଲି ବ୍ଲକ ଅଫିସ ପରିସରରେ ବ୍ଲକ ସ୍ତରୀୟ ଯୋଗ ଦିବସରେ ମାତ୍ର ହାତ ଗଣତି କିଛି କର୍ମଚାରିଙ୍କ ସହିତ ଗ୍ରାମବାସୀ ଯୋଗ ଦେଇଥିବା ସ୍ଥଳେ ବନ୍ଦ କୋଠୋରୀରେ ଯୋଗ ପ୍ରାଣାୟମ କରାଯାଉଥିବା ଦେଖିବାକୁ ମିଳିଥିଲା ଯାହା ଯୋଗ ଦିବସକୁ ପରିହାସ ସଦୃଶ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ତେବେ ସରକାରକା ମାଲ୍ ଦରିଆମେ ଡ଼ାଲ୍ ନୀତିରେ ଏବେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସାସନ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅର୍ଥକୁ ପ୍ରକୃତରେ କାର୍ଯ୍ୟରେ ନଲଗାଇ ବାଟବଣା କରୁଥିବା କଥା ସାଧାରଣରେ କୁହାଯାଉଥିବା ବେଳେ ଏହାର ଉପରେ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

## ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା,୨୨।୬ (ସଂଚାର ବ୍ୟୁରୋ):** ସାଂସ୍କୃତିକ ଶିକ୍ଷାନୁଷ୍ଠାନ ଆଇନ କଲେଜ କଲୋନୀ ସ୍ଥିତ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଦିବସ ବ୍ୟାପି ଆୟୋଜିତ ଏହି ଉତ୍ସବର ଉଦ୍ଘାଟନୀ ପର୍ବ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଜୟ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ମୁଖ୍ୟ ଅତିଥି ରୂପେ ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ଉଦ୍ଘାଟନ କରିଥିବା ବେଳେ ଡେରାବିଶ ବିଡିଓ ନମିତା ବାରିକ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣାଙ୍ଗ ମଣିଷ ଗଠନରେ କଳା ସଂସ୍କୃତିର ଉପଯୋଗିତା ବିଷୟରେ କହିଥିଲେ । ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର, ଅଧ୍ୟାପିକା ଜୟଶ୍ରୀ ଜେନା ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ପାଦକ ମହେନ୍ଦ୍ର କୁମାର ପଟ୍ଟନାୟକ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାଧ୍ୟାପକ ମୋହନ ଜେନାଙ୍କ ଚତୁର୍ଦ୍ଦଶ ପୁସ୍ତକ "ମୋହନ ବଂଶୀ" ଉନ୍ମୋଚିତ ହୋଇଥିଲା । ପରେ ପରେ ଓଡିଶୀ ନାଚ, ଓଡିଶୀ ସଂଗୀତ, ତବଲା ବାଦନ, ଚିତ୍ରକଳା, ବକ୍ତୃତା ଆଦି ବିଭାଗରେ ଜିଲ୍ଲାର ବିଭିନ୍ନ କଳା ସଂସ୍କୃତି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଗୀତଜ୍ଞ ରାଜେନ୍ଦ୍ର କୁମାର ସ୍ୱାଇଁ, ପ୍ରାଧ୍ୟାପକ ପ୍ରଭାକର ମଲ୍ଲିକ, ନୃତ୍ୟଗୁରୁ ଜୟଶ୍ରୀ ଦାସ, ନୃସିଂହ ଚରଣ ମହାରଣା, ରଞ୍ଜନ କୁମାର ସାହୁ ପ୍ରମୁଖ ମୂଲ୍ୟାୟନ କରିଥିଲେ । ଅପରାହ୍ନରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଓଡିଶୀ ନୃତ୍ୟଗୁରୁ ରାଜଶ୍ରୀ ଚିନ୍ତକ ବେହେରା ମୁଖ୍ୟ ଅତିଥି, ସଂଗୀତ ନିର୍ଦ୍ଦେଶକ ଶରତ କୁମାର ନାୟକ ମୁଖ୍ୟବକ୍ତା ଓ ତବଲା ଗୁରୁ ସମୀରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବ୍ୟକ୍ତି, ଗୋଷ୍ଠୀ ତଥା ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ କଳା ସଂସ୍କୃତିର ଅମାପ ଶକ୍ତି ବିଷୟରେ ଅବତାରଣା କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋହନ ବଂଶୀ ନୃତ୍ୟ ନାଟିକା ପରିବେଶିତ ହୋଇଥିଲା । ଏଥିରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଆଦିକନ୍ଦ ରାଉଳ, ଆକାଶ ନାୟକ, ଅରବିନ୍ଦ ମିଶ୍ର, ରାମକୃଷ୍ଣ ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରବୀନ୍ଦ୍ର ପାତ୍ର, ପ୍ରଦୀପ ପରିଡ଼ା, ଦୀପକ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



## ଯୁବ ସମାଜସେବୀଙ୍କ ପରଲୋକ

**କାକଟପୁର/ଅସ୍ତରଙ୍ଗ,୨୨।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆଁ ଗ୍ରାମର ଯୁବ ସଂଗଠକ ଶ୍ରୀଯୁକ୍ତ ତପନ ସ୍ୱାଇଁଙ୍କ ୫୫ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହୀ ମିଷ୍ଟଭାଷୀ ସମାଜସେବୀ ଭାବରେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ପାଇ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ ଯାଇ ଶେଷ ଦର୍ଶନ କରିଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ଆଇଁସିଣିଆଁ ସ୍ଥିତ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିଥିଲେ। ଏଥି ସହିତ ଅସ୍ତରଙ୍ଗ ବ୍ଲକ କଂଗ୍ରେସ ନେତା ସୁକାନ୍ତ ମହାନ୍ତି, ଛୁରିଆନା ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ। ସ୍ଥାନୀୟ ଅଞ୍ଚଳ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇଥିଲେ। ତପନ ଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ,ପୁଅ, ଝିଅ, ଜ୍ୱାଇଁ ଙ୍କ ସହ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବ ସଂସ୍କାର କରାଯାଇଥିଲା। ପୁଅ ଜିତେନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ ।

## ନୂଆ ରୂପ ଓ ନୂଆ ଢଙ୍ଗରେ ଚଳିତ ବର୍ଷ ସଜେଇ ହେଉଛି ଅପେରା ଯାଜ୍ଞସେନି



**ଯାଜପୁର ରୋଡ଼,୨୨।୬ (ସଂଚାର ବ୍ୟୁରୋ):** ଆଗାମୀ ୨୦୨୫-୨୬ ଯାତ୍ରା ସିଜିନ ପାଇଁ ନୂଆ ରୂପ ନୂଆ ସାଜସଜ୍ଜା ଓ ନୂତନ କଳା କାରଙ୍କୁ ନେଇ ସଜେଇ ହୋଇଛି ଯାତ୍ରା ପାର୍ଟି "ଯାଜ୍ଞସେନି"। ଆଗାମୀ ସିଜିନ ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଥିବା ଦେଖିବାକୁ ମିଳୁଛି। ଆଗାମୀ ବର୍ଷ ପାଇଁ ତାର ଚାରି ଗୋଟି ନୂତନ ନାଟକକୁ ନେଇ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଂଚଳ ସ୍ଥିତ ଯଖପୁରା ଠାରେ ତାର ଆଖଡ଼ା ଶାଳରେ ରିଅଲସେଲ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଦର୍ଶକ ମାନଙ୍କ ଅକୁଣ୍ଠ ଭଲପାଇବା ଓ ଯାତ୍ରା କଳାକାର ମାନଙ୍କ ସହଯୋଗରେ ଏହି ଅନୁଷ୍ଠାନ ଆଗକୁ ପୂର୍ବ ପରି ନମ୍ବର ୱାନ ଯାତ୍ରା ଅନୁଷ୍ଠାନରେ ପରିଣତ ହେବ ବୋଲି ପ୍ରଯୋଜକ ଶ୍ରୀ ପ୍ରସଂଜିତ ନାୟକ କହିଛନ୍ତି। ଆଜି ପ୍ରଥମେ ପୂଜାର୍ଚ୍ଚନା କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଯାତ୍ରା ଦର୍ଶକ ମାନଙ୍କୁ ଓଡ଼ିଆ ସଂସ୍କୃତି,ଓଡ଼ିଆ ଭାଷା ଓ ଓଡ଼ିଆ ପରମ୍ପରାକୁ ଦୃଷ୍ଟିରେ ରଖି ଯାତ୍ରା କରିବା ସହିତ ଯାତ୍ରା ଅନୁଷ୍ଠାନ ପ୍ରତି ଦର୍ଶକ ମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସମସ୍ତ କଳାକାରଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଚାରି ଗୋଟି ନୂତନ ନାଟକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କଳାକାର ମାନେ ଆଶା ରଖିଥିବା କହିଛନ୍ତି । ଆଗାମୀ ଯାତ୍ରା ସିଜିନ ପାଇଁ ଦର୍ଶକ ମାନେ ଅପେରା ଯାଜ୍ଞସେନି'କୁ କେତେ ଭଲ ପାଇବା ଦେଉଛନ୍ତି ତାହା ଦେଖିବାର ବାକି ରହିଲା।